# ଧରିତ୍ରୀ
DHARITRI

ବ୍ରହ୍ମପୁର, ଗୁରୁବାର, ନଭେମ୍ବର ୧୫/୨୦୧୮ (୨୦ ପୃଷ୍ଠା+ ମନ ମିଜାଜ) | Berhampur, Thursday, November 15/ 2018 | ★★★

୧୪ ଶ ଭାଗ ୨୮୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ଦୀପାବଳି ପାଳିଲେ ଟ୍ରମ୍ପ**

ହ୍ୱାଇଟ୍ ହାଉସ୍‌ର ଓଭାଲ ଅଫିସରେ ମଙ୍ଗଳବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଆଲୋକର ପର୍ବ ଦୀପାବଳି ପାଳନ କରିଛନ୍ତି।

୦୨

୧୮

**ବସନ୍ତଙ୍କୁ ୬ ଉଇକେଟ୍ ସଫଳତା**

ଉତ୍ତରପ୍ରଦେଶ ବିପକ୍ଷରେ କିଟ୍ କ୍ରିକେଟ ଷ୍ଟାଡିୟମରେ ଚାଲିଥିବା ରଣଜୀ ଟ୍ରଫି ମ୍ୟାଚ୍‌ର ପ୍ରଥମ ଇନିଂସରେ ଓଡ଼ିଶା ଦ୍ରୁତ ବୋଲର ବସନ୍ତ ମହାନ୍ତି ୬ ଉଇକେଟ୍ ଅକ୍ତିଆର କରିଛନ୍ତି।



# ୧୧ରୁ ଶୀତ ଅଧିବେଶନ



ନୂଆଦିଲ୍ଲୀ,୧୪।୧୧(ପି.ଟି.)

ଆସନ୍ତା ଡିସେମ୍ବର ୧୧ରେ ପାଞ୍ଚ ରାଜ୍ୟରେ ବିଧାନସଭା ନିର୍ବାଚନ ଫଳାଫଳ ଘୋଷଣା ହେବା ସହିତ ପାର୍ଲାମେଣ୍ଟର ଶୀତକାଳୀନ ଅଧିବେଶନ ଆରମ୍ଭ ହେବ। ପାଖାପାଖି ମାସେ କାଳ ଗୃହକାର୍ଯ୍ୟ ଚାଲିବ। ଜାନୁୟାରୀ ୮ରେ ଅଧିବେଶନ ସମାପ୍ତ ହେବ ବୋଲି ସଂସଦୀୟ ବ୍ୟାପାର କ୍ୟାବିନେଟ କମିଟି (ସିସିପିଏ) ପକ୍ଷରୁ ମଙ୍ଗଳବାର ରାତିରେ ଏନେଇ ସୁପାରିସ ହୋଇଛି। ଏ ସମ୍ପର୍କରେ ବୁଧବାର ସରକାରୀ ସୂତ୍ରରୁ ସୂଚନା ମିଳିଛି। ଆଗକୁ ଲୋକ ସଭା ନିର୍ବାଚନ ଆସୁଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାର ଅମଳରେ ଏହା ହେବ ଶେଷ ପୂର୍ଣ୍ଣାଙ୍ଗ ଅଧିବେଶନ। ମଧ୍ୟପ୍ରଦେଶ, ରାଜସ୍ଥାନ, ଛତିଶଗଡ଼, ତେଲେଙ୍ଗାନା ଓ ମିଜୋରାମରେ ବିଧାନସଭା ନିର୍ବାଚନ ଲାଗି ଭାଜପା ☞ପୃଷ୍ଠା-୪

# ୬ ଲକ୍ଷ ଏସ୍ଏଚ୍‌ଜିଙ୍କୁ ସ୍ମାର୍ଟ ଫୋନ



ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭର ମହିଳା ଉଦ୍ୟୋଗୀ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି ।

**ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ**

■ **ମହିଳା ସଶକ୍ତୀକରଣରେ ରାଜ୍ୟର ବିକାଶ: ମୁଖ୍ୟମନ୍ତ୍ରୀ**

ଭୁବନେଶ୍ୱର,୧୪।୧୧(ବ୍ୟୁରୋ)

ମହିଳାମାନେ ହେବେ ଡିଜିଟାଲି ସଶକ୍ତ। ସୂଚନାପ୍ରଯୁକ୍ତି ବିଦ୍ୟାର ଭରପୂର ବିନିଯୋଗରେ ସେମାନେ ଆହୁରି ଦକ୍ଷ ହେବେ। ମହିଳାମାନେ ସଶକ୍ତହେଲେ ରାଜ୍ୟର ବିକାଶ ଦ୍ରୁତଗତିରେ ଆଗକୁ ଚାଲିବ। ଏଭଳି ଉଦ୍ଦେଶ୍ୟ ରଖି ରାଜ୍ୟ ସରକାର ଓଡ଼ିଶାର ୬ ଲକ୍ଷ ମହିଳା ସ୍ୱୟଂସହାୟକ ଗୋଷ୍ଠୀ(ଏସ୍ଏଚ୍‌ଜି)କୁ ସ୍ମାର୍ଟଫୋନ ଯୋଗାଇ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଏହାଦ୍ୱାରା ସେମାନେ ଡିଜିଟାଲି ସଶକ୍ତ ହୋଇପାରିବେ। ବୁଧବାର ଜନତା ମଇଦାନରେ ଅନୁଷ୍ଠିତ 'ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ'ର ମହିଳା ଉଦ୍ୟୋଗୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, କୌଣସି ପରିବାର, ସମାଜ, ରାଜ୍ୟ କିମ୍ବା ଦେଶ ମହିଳା ସଶକ୍ତୀକରଣ ବିନା କେବେ ହେଲେ ଆଗେଇପାରିବ ନାହିଁ। ୨୦୦୦ରେ ମୁଁ ଦାୟିତ୍ୱଗ୍ରହଣ କରିବା ପରେ ମୋ ସରକାର ମହିଳାଙ୍କ ଶକ୍ତିଶାଳୀ ଭୂମିକା ସମ୍ପର୍କରେ ସମ୍ପୂର୍ଣ୍ଣ ସଚେତନ ହୋଇଆସିଛନ୍ତି। ବିଶେଷକରି ପ୍ରତିକୂଳ ସାମାଜିକ, ଅର୍ଥନୈତିକ ସୂଚକାଙ୍କ ଥିବା ଓଡ଼ିଶା ଭଳି ରାଜ୍ୟରେ ମହିଳାମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଶିଶୁ କିମ୍ବା ମାତୃ ମୃତ୍ୟୁହାର, ହାରାହାରି ଆୟୁଷ ଅଥବା ମହିଳା ସାକ୍ଷରତା ଏ ସବୁ ଆମ ପାଇଁ କଷ୍ଟକର ଦାୟିତ୍ୱ ଥିଲା। ୨୦୦୧ରେ ମିଶନ ଶକ୍ତି କାର୍ଯ୍ୟକ୍ରମ ଆରମ୍ଭ କରାଗଲା। ଆଜି ଏହା ଏକ ବିରାଟ ଆନ୍ଦୋଳନରେ ପରିଣତ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ☞ପୃଷ୍ଠା-୪

# ବିବାହ ବନ୍ଧନରେ ଦୀପ୍‌ବୀର

ରୋମ୍/ନୂଆଦିଲ୍ଲୀ,୧୪।୧୧(ଆଇଏଏନ୍ଏସ୍)

ଇଟାଲୀର ପ୍ରାକୃତିକ ଦୃଶ୍ୟଭରା କୋମୋ ଲେକ୍ କୂଳରେ ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ୍ ଏବଂ ଅଭିନେତା ରଣବୀରଙ୍କ ମଧ୍ୟରେ ବୁଧବାର ଶୁଭ ପରିଣୟ ଅନୁଷ୍ଠିତ ହୋଇଛି। କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ପରିବାର ସଦସ୍ୟ ଓ ବନ୍ଧୁବାନ୍ଧବଙ୍କ ଉପସ୍ଥିତିରେ ଶୁଭ ସାହାନାଇ ବାଜି ହାତଗଣ୍ଠି ପଡ଼ିଥିଲା। ବୁଧବାର ବ୍ୟାଣ୍ଡ, ବାଜା, ବାରାତ୍ ପରେ ଦୀର୍ଘ ୬ବର୍ଷ ଧରି ଚାଲିଥିବା ଏହି ପ୍ରେମ କାହାଣୀ କ୍ଲାଇମେକ୍ସରେ ପହଞ୍ଚି ନୂଆ ମୋଡ଼ ନେଇଛି। ଏଥିସହ ଏହି ଯୋଡ଼ି ସବୁଦିନ ପାଇଁ ପରସ୍ପରର ଜୀବନସାଥୀ ହୋଇଯାଇଛନ୍ତି। ଦୁହିଁଙ୍କ ନିକଟକୁ ଏବେ ଅଭିନନ୍ଦନର ସୁଅ ଛୁଟିବାରେ ଲାଗିଛି।

ଦୀପିକା ଏବଂ ରଣବୀର 'ଗଲିଓଁ କି ରାସଲୀଲା ରାମ-ଲୀଲା' ଏବଂ 'ବାଜିରାଓ ମସ୍ତାନି' ଭଳି ଚଳଚ୍ଚିତ୍ରରେ କାମକରିବା ପରଠାରୁ ଉଭୟଙ୍କ ମଧ୍ୟରେ ଅନ-ସ୍କ୍ରିନ୍ କେମିଷ୍ଟ୍ରି ସୃଷ୍ଟି ହୋଇଥିଲା। ସେମାନେ ବିବାହ ଲାଗି ଉଭୟ ପରିବାର ସଦସ୍ୟଙ୍କ ସହିତ ଗତ ସପ୍ତାହରେ ଇଟାଲୀ ଗସ୍ତ କରିଥିଲେ। ☞ପୃଷ୍ଠା-୪



ବିବାହ ବନ୍ଧନରେ ରଣବୀର ଏବଂ ଦୀପିକା।

**ଆପଣଙ୍କ ଏହି କପି ସହିତ ପାଇବେ ମନ ମିଜାଜ**



**ହକର ଭାଇଙ୍କଠାରୁ ମାଗି ନିଅନ୍ତୁ**

**ଆଜିର ସମ୍ପାଦକୀୟ**

**କୁକୁଡ଼ା ମାଂସରେ ବିଷ**

**ଆଜିର ମନ୍ତବ୍ୟ**

" ପ୍ରତିଦିନ ପ୍ରତି ମୁହୂର୍ତ୍ତରେ ଶିଶୁଙ୍କୁ ହିଂସାରୁ ବଞ୍ଚାଇବା ଜରୁରୀ ।

– **କୈଳାସ ସତ୍ୟାର୍ଥୀ, ନୋବେଲ୍ ପୁରସ୍କାର ବିଜେତା**

**କିଛି ତଥ୍ୟ**

୨୦୧୬-୧୭ ଆର୍ଥିକ ବର୍ଷରେ ଭାରତ-ଆମେରିକା ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ୬୪.୫ ବିଲିୟନ ଡଲାର ଥିବାବେଳେ ଏହା ୨୦୧୭-୧୮ରେ ୭୪.୫ ବିଲିୟନ ଡଲାରକୁ ବୃଦ୍ଧି ଘଟିଛି।

– **ବାଣିଜ୍ୟ ମନ୍ତ୍ରଣାଳୟ**

# ଶିଶୁ ଦିବସରେ ନେତାଜୀ ଜୟନ୍ତୀ ଶିକ୍ଷା

ଗୋବିନ୍ଦପାଲି/ମାଥିଲି, ୧୪।୧୧ (ଡି.ଏନ୍.ଏ.)

ଶିକ୍ଷକ ଯଦି ନିଜେ ଏମିତି, ଆମ ଜିଲାର ପାଠପଢ଼ା କେମିତି। ଶିକ୍ଷା ଉପରେ ଧାରଣା ନ ଥିବା ଶିକ୍ଷକଙ୍କ ହାତରେ ଆଗାମୀ ଦିନର ଭବିଷ୍ୟତଙ୍କ ଭାଗ୍ୟ ରହିଛି। ମାଲକାନଗିରି ଜିଲାରେ ଏପରି ଏକ ଚିତ୍ର ବୁଧବାର ଦେଖିବାକୁ ମିଳିଛି। ଖଇରପୁଟ ବ୍ଲକ ସଦରର କାଦଗୁଡ଼ା ପ୍ରାଥମିକ ବିଦ୍ୟାଳୟରେ ଖୋଦ ଶିକ୍ଷକ ଛାତ୍ରୀଛାତ୍ରଙ୍କୁ ନେଇ ନେହେରୁ ଜୟନ୍ତୀ



ପରିବର୍ତ୍ତେ ନେତାଜୀ ଜୟନ୍ତୀ ଉପରେ ଅବଗତ କରାଇଛନ୍ତି।

ବୁଧବାର ଥିଲା ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଜନ୍ମ ଦିବସ ତଥା ଶିଶୁ ଦିବସ । ଏହି ଦିବସ ବିଭିନ୍ନ ବିଦ୍ୟାଳୟରେ ପାଳନ ହୋଇଥିଲା। ଖଇରପୁଟ ବ୍ଲକ ସଦର ଅନତି ଦୂରରେ ଥିବା କାଦଗୁଡ଼ା ବିଦ୍ୟାଳୟରେ ମଧ୍ୟ ଦାୟିତ୍ୱରେ ଥିବା ଶିକ୍ଷକ ଜଣକ ଶିଶୁ ଦିବସ ପାଳନ କରିଥିଲେ। ନେହେରୁଙ୍କ ଫଟୋ ଚିତ୍ରରେ ଠିକ୍ ଭାବେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। ମାତ୍ର ବ୍ଲାକବୋର୍ଡରେ ☞ପୃଷ୍ଠା-୪


NECC NATIONAL EGG CO-ORDINATION COMMITTEE | 14.11.2018 | Venco CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 58 | 103 | 113 |
| CTC | 59 | 105 | 115 |
| DKL | 60 | 106 | 116 |
| BDK | 60 | 106 | 116 |
| BLS | 60 | 106 | 116 |
| ANG | 62 | 109 | 119 |

*Conditions Apply

Eggs Retail Price- 51/-Dozen
Issued in the Interest of Consumers


# ବିଦ୍ୟୁତ୍ ଆଘାତରେ ପୁଣି ୨ ହାତୀ ମୃତ



ହେମାମୁରା ଗ୍ରାମ ନିକଟ ଧାନବିଲରେ ପଡ଼ିଥିବା ମୃତ ହାତୀ।

ବଇଣ୍ଡା,(ଡି.ଏନ୍.ଏ.)/ବାରିପଦା ଅଫିସ,୧୪।୧୧

ଗତ ୨୭ ତାରିଖରେ ଢେଙ୍କାନାଳ ଜିଲାର କମଳାଙ୍ଗ ଗ୍ରାମ ନିକଟରେ ବିଦ୍ୟୁତ୍ ସଂସ୍ପର୍ଶରେ ୭ ହାତୀଙ୍କ ମୃତ୍ୟୁ ଘଟିଥିଲା। ଏନେଇ ସାରା ଦେଶର ବିଭିନ୍ନ ମହଲରେ କ୍ଷୋଭ ପ୍ରକାଶ ପାଇଥିଲା। ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି) ନିଜ ଆଡୁ ମାମଲା ରୁଜୁ କରିବା ସହ ଏହାର ଏକ ଟିମ୍ ମଙ୍ଗଳବାର ତଦନ୍ତ କରିଛି। ଏହି ଘଟଣା ପ୍ରାଣୀପ୍ରେମୀଙ୍କୁ ଗଭୀର ମର୍ମାହତ କରିଥିବାବେଳେ ଗତ ପ୍ରାୟ ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଆଉ ଦୁଇଟି ଦନ୍ତା ହାତୀଙ୍କ ପ୍ରାଣଯାଇଛି ବିଦ୍ୟୁତ୍ ଆଘାତରେ। ଗୋଟିଏ ଘଟଣା ଘଟିଛି ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ହଣ୍ଡପା ରେଞ୍ଜ୍ ଅନ୍ତର୍ଗତ ହେମାମୁରା ଗ୍ରାମରେ। ସେଠାରେ ବାର୍‌ହା ପାଇଁ ବିଛାଯାଇଥିବା ବିଦ୍ୟୁତ୍ ଫାଶରେ ପଡ଼ି ମଙ୍ଗଳବାର ରାତିରେ ଏକ ଦନ୍ତାର ଜୀବନ ଯାଇଛି। ସେହିପରି ମୟୂରଭଞ୍ଜ ଜିଲା ବାରିପଦା ବନଖଣ୍ଡ ଦେଉଳି ରେଞ୍ଜ ଅନ୍ତର୍ଗତ ☞ପୃଷ୍ଠା-୪

## ହାତୀ ସୁରକ୍ଷା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ମାନେକା

ଭୁବନେଶ୍ୱର, ୧୪।୧୧(ବ୍ୟୁରୋ)

ରାଜ୍ୟରେ ହାତୀ ମୃତ୍ୟୁ ଘଟଣାକୁ ନେଇ କେନ୍ଦ୍ରମନ୍ତ୍ରୀ ମାନେକା ଗାନ୍ଧୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିଛନ୍ତି। ଢେଙ୍କାନାଳରେ ବିଦ୍ୟୁତ୍ ଆଘାତରେ ଏକକାଳୀନ ୭ ହାତୀ ମୃତ୍ୟୁ ଘଟଣା ଦେଶରେ ସର୍ବାଧିକ। ୨୦୧୧ରୁ ୨୦୧୭ ମଧ୍ୟରେ ଓଡ଼ିଶାରେ ୪୩୫ ହାତୀଙ୍କ ମୃତ୍ୟୁ ଘଟିଛି। ସେଥିମଧ୍ୟରୁ ୨୮ପ୍ରତିଶତ ବା ୧୨୪ଟି ହାତୀ ବିଦ୍ୟୁତ ଆଘାତରେ ମରିଛନ୍ତି। ପରିଚାଳନାଗତ ତ୍ରୁଟି ଓ ସମନ୍ୱୟ ଅଭାବରୁ ବହୁ ହାତୀ ମରୁଛନ୍ତି। ହାତୀ ମୃତ୍ୟୁ ରୋକିବାକୁ କେନ୍ଦ୍ର ସରକାର ଏ.କେ. ବିଶ୍ୱାଳ କମିଟି ଗଠନ କରିଥିଲେ। କମିଟି ବିଦ୍ୟୁତ ଆଘାତରୁ ହାତୀଙ୍କୁ ବଞ୍ଚାଇବା ପାଇଁ ବିସ୍ତୃତ ନିର୍ଦ୍ଦେଶାବଳୀ ଦେଇଥିଲେ। ☞ପୃଷ୍ଠା-୪

# ଆଇନଜୀବୀଙ୍କ ଆନ୍ଦୋଳନ ପ୍ରତ୍ୟାହୃତ

■ **ପୋଲିସର ନିଃସର୍ତ୍ତ କ୍ଷମାପ୍ରାର୍ଥନା**

■ **ଗଠନ କରାଯିବ ଉଚ୍ଚ କ୍ଷମତାସମ୍ପନ୍ନ କମିଟି**

କଟକ ଅଫିସ, ୧୪।୧୧

ଆଇନଜୀବୀ-ପୋଲିସ ବିବାଦରେ ମୁଣ୍ଡ ନୁଆଁଇଛି ପୋଲିସ। ହାଇକୋର୍ଟରେ ପୋଲିସ ନିଃସର୍ତ୍ତ କ୍ଷମାପ୍ରାର୍ଥନା ମାଗିଛି। ଏହାପରେ ଆଇନଜୀବୀମାନେ ଅଗଷ୍ଟ ୨୯ରୁ ଚଳାଇଥିବା କାର୍ଯ୍ୟବନ୍ଦ ଆନ୍ଦୋଳନରୁ ଓହରି ଯାଇଛନ୍ତି। ଗୁରୁବାରଠାରୁ ଆଇନଜୀବୀମାନେ କୋର୍ଟ କାର୍ଯ୍ୟରେ ଯୋଗଦେବେ ବୋଲି ବୁଧବାର ହାଇକୋର୍ଟ ବାର୍ ଆସୋସିଏଶନ ସାଧାରଣ ପରିଷଦ ବୈଠକରେ ନିଷ୍ପତ୍ତି ହୋଇଛି। ଫଳରେ ୭୭ ଦିନ ଧରି ଚାଲିଥିବା ଏହି ବିବାଦର ଅବସାନ ଘଟିଛି। ନ୍ୟାୟିକ ପ୍ରକ୍ରିୟା ଉପରେ ଆମର ଭରସା ବିଶ୍ୱାସ ଥିଲା ଏବଂ ରହିବ। ରାଜ୍ୟବାସୀଙ୍କ ବୃହତ୍ତର ସ୍ୱାର୍ଥକୁ ଗୁରୁତ୍ୱ ଦେଇ ଆନ୍ଦୋଳନ ପ୍ରତ୍ୟାହାର କରାଯାଇଥିବା କହିଛନ୍ତି ହାଇକୋର୍ଟ ବାର୍ ଆସୋସିଏଶନର ସମ୍ପାଦକ ସତ୍ୟବ୍ରତ ମହାନ୍ତି। ପୋଲିସ ନିଜର ଭୁଲ ସ୍ୱୀକାର କରିବା ପରେ ଆଉ ଉକ୍ତ ଘଟଣାକୁ ଅଧିକ ଲମ୍ୱାଇବା ଉଚିତ ହୋଇ ନ ଥାନ୍ତା ବୋଲି ସତ୍ୟବ୍ରତ କହିଛନ୍ତି।

ପୋଲିସ ମାଡ଼ର ଶିକାର ହୋଇଥିବା ଆଡଭୋକେଟ ଦେବୀପ୍ରସାଦ ପଟ୍ଟନାୟକଙ୍କ ପକ୍ଷରୁ ହାଇକୋର୍ଟରେ ଆଗତ ମାମଲାର ଶୁଣାଣି ବୁଧବାର ହୋଇଥିଲା। ବିଚାରପତି ଜଷ୍ଟିସ ସି.ଆର୍. ଦାସଙ୍କ ଇଜଲାସରେ ☞ପୃଷ୍ଠା-୪






"ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଦଳ ଜେଡିୟୁ ସହ ମେଣ୍ଟ ଭାଜପାକୁ ଦିନେ ମହଙ୍ଗା ପଡ଼ିବ। ଆଗାମୀ ଲୋକ ସଭା ନିର୍ବାଚନରେ ଗୈରିକ ଦଳ ନିଶ୍ଚୟ ଏହାର ପରିଣାମ ଭୋଗିବ।

-ଅରୁଣ କୁମାର, ଲୋକ ସଭା ଏମ୍‌ପି



## ସଂକ୍ଷେପରେ

### ବିଚ୍ଛିନ୍ନତାବାଦୀ ଆସିୟାଙ୍କ ନାଁରେ ଏନ୍‌ଆଇଏ ଚାର୍ଜଶିଟ



**ନୂଆଦିଲ୍ଲୀ,୧୪।୧୧(ପି.ଟି.):** ଭାରତ ବିରୋଧରେ ଛାୟାଯୁଦ୍ଧ ଚଳାଇଥିବା ପାକିସ୍ତାନର ଦୃଢ଼ ସମର୍ଥନକାରୀ ତଥା କଶ୍ମୀରୀ ବିଚ୍ଛିନ୍ନତାବାଦୀ ଆସିୟା ଆନ୍ଦ୍ରାବୀ ଦେଶ ବିରୋଧୀ ଅନେକ ଷଡ଼ଯନ୍ତ୍ରରେ ସାମିଲ ଅଛନ୍ତି। ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ବୁଧବାର ତାଙ୍କ ବିରୋଧରେ ଚାର୍ଜଶିଟ ଦାଖଲ କରିଛନ୍ତି। ଦୁଖ୍‌ତରନ୍-ଇ-ମିଲ୍ଲତ୍ ମୁଖ୍ୟ ଆସିୟାଙ୍କ ଦୁଇ ସହଯୋଗୀ ସୋଫି ଫେହମିଦା ଏବଂ ନାହିଦା ନସ୍‌ରିନ୍‌ଙ୍କ ନାମ ମଧ୍ୟ ଅଭିଯୋଗପର୍ଦ୍ଧରେ ରହିଛି। ଏମାନେ ଟୁଇଟର, ଫେସ୍‌ବୁକ, ୟୁଟ୍ୟୁବ ଏବଂ ଟିଭି ଚ୍ୟାନେଲରେ ଘୃଣା ସୃଷ୍ଟିକାରୀ ବାର୍ତ୍ତା ପ୍ରସାର କରୁଥିବା ଅଭିଯୋଗ ହୋଇଛି।

### ଇତିହାସର ଆଇନାରେ

### ନଭେମ୍ବର ୧୫ର ପ୍ରମୁଖ ଘଟଣା

୧୯୪୯ ନଭେମ୍ବର ୧୫ରେ ମହାତ୍ମା ଗାନ୍ଧୀଙ୍କ ହତ୍ୟାକାରୀ ନାଥୁରାମ୍ ଗଡ୍‌ସେ ଓ ତାଙ୍କ ସହଯୋଗୀ ନାରାୟଣ ଆପ୍‌ତେଙ୍କୁ ଫାଶୀ ଦିଆଯାଇଥିଲା। ନାଥୁରାମ୍ ଥିଲେ ପୁଣେର ଜଣେ ହିନ୍ଦୁ ଜାତୀୟତାବାଦୀ କର୍ମୀ। ଦେଶ ସ୍ୱାଧୀନତା ଲାଭ କରିବା ପରେ ଭାରତୀୟ ମୁସ୍‌ଲିମ୍‌ଙ୍କ ପ୍ରତି ଗାନ୍ଧିଜୀ ଏକତରଫା ବିଚାର କରୁଛନ୍ତି ବୋଲି ଦର୍ଶାଇ ସେ ତାଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ। ଏଥିରେ ଆପ୍‌ତେଙ୍କ ବ୍ୟତୀତ ଅନ୍ୟ ୬ ଜଣ ମଧ୍ୟ ସାମିଲ ହୋଇଥିଲେ। ୧୯୪୮ ଜାନୁୟାରୀ ୩୦ରେ ଗାନ୍ଧିଜୀ ଏକ ପ୍ରାର୍ଥନା ସଭାରେ ଯୋଗଦେବାକୁ ଯାଉଥିବାବେଳେ ନାଥୁରାମ୍ ଅତି ନିକଟରୁ ତାଙ୍କ ଛାତିକୁ ତିନୋଟି ଗୁଳି ଚଳାଇଥିଲେ। ଫଳରେ ଗାନ୍ଧିଜୀଙ୍କ ମୃତ୍ୟୁ ଘଟିଥିଲା। ଆପ୍‌ତେ ମଧ୍ୟ ଘଟଣାସ୍ଥଳରେ ଉପସ୍ଥିତ ଥିଲେ। ୧୯୪୯ ନଭେମ୍ବର ୮ରେ ଉଭୟ ନାଥୁରାମ୍ ଓ ଆପ୍‌ତେଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇ ମୃତ୍ୟୁ ଦଣ୍ଡାଦେଶ ଦିଆଯାଇଥିଲା।

୨୦୦୭ ନଭେମ୍ବର ୧୫ରେ ବାଂଲାଦେଶରେ ଘଟିଥିଲା ସାମୁଦ୍ରିକ ଝଡ଼ ସିଦରର ତାଣ୍ଡବ। ଏଥିରେ ପ୍ରାୟ ୫ ହଜାର ଲୋକଙ୍କ ମୃତ୍ୟୁ ଘଟିଥିଲା। ତା'ସହିତ ସୁନ୍ଦରବନରେ ଥିବା ବିଶ୍ୱର ସର୍ବବୃହତ୍ ହେନ୍ତାଳ ବନ ମଧ୍ୟ ଧ୍ୱଂସ ପାଇଥିଲା। ସେହିବର୍ଷ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଝଡ଼ ମଧ୍ୟରୁ ସିଦର ଥିଲା ଚତୁର୍ଥ। ଏହି ଝଡ଼ରେ ଘଣ୍ଟା ପ୍ରତି ୨୬୦ କି.ମି. ବେଗରେ ପବନ ବହିଥିଲା। ତା'ସହିତ ପ୍ରବଳ ବର୍ଷା ମଧ୍ୟ ହୋଇଥିଲା। ଫଳରେ ବହୁ ଘରଦ୍ୱାର ଭାଙ୍ଗିଯିବା ସହିତ ରାସ୍ତାଘାଟ, ଗମନାଗମନ, ବିଦ୍ୟୁତ୍ ସେବା, ଟେଲି ଯୋଗାଯୋଗ ଆଦି ବିପର୍ଯ୍ୟସ୍ତ ହୋଇପଡ଼ିଥିଲା।

## ଶ୍ରୀଲଙ୍କାରେ ଥମୁନି ରାଜନୈତିକ ସଙ୍କଟ

# ଆସ୍ଥା ଜିଣିଲେ ୱିକ୍ରମ୍‌ସିଂହେ

କଲମ୍ବୋ,୧୪।୧୧(ପି.ଟି.)



- ଶକ୍ତି ପରୀକ୍ଷାରେ ହାରିଲେ ରାଜପାକ୍ସେ
- ପରାଜୟ ସ୍ୱୀକାର କରିବାକୁ ପ୍ରଧାନମନ୍ତ୍ରୀ ନାରାଜ୍
- ୱିକ୍ରମ୍‌ସିଂହେଙ୍କୁ ୧୨୨ ଏମ୍‌ପିଙ୍କ ସମର୍ଥନ
- ରାଷ୍ଟ୍ରପତି ସିରିସେନା ଅପଦସ୍ଥ

ଦ୍ୱୀପରାଷ୍ଟ୍ର ଶ୍ରୀଲଙ୍କାରେ ଲାଗିରହିଛି ରାଜନୈତିକ ଅସ୍ଥିରତା। ଏସବୁର ମୂଳରେ ଅଛନ୍ତି ରାଷ୍ଟ୍ରପତି ମୈତ୍ରିପାଲ ସିରିସେନା। ଅଚାନକ୍ ସେ ରାନିଲ ୱିକ୍ରମ୍‌ସିଂହେଙ୍କୁ ବିତାଡ଼ିତ କରି ମହିନ୍ଦା ରାଜପାକ୍ସେଙ୍କୁ ପ୍ରଧାନମନ୍ତ୍ରୀ ପଦରେ ଆସୀନ କରାଇବା ପରେ ଏହି ସଙ୍କଟ ସୃଷ୍ଟି ହୋଇଛି। କିନ୍ତୁ ରାଷ୍ଟ୍ରପତିଙ୍କ ଏହି ଏକଚାଟିଆ ଅସାମ୍ବିଧାନିକ ନିଷ୍ପତ୍ତିକୁ ଦେଶର ବିଭିନ୍ନ ରାଜନୈତିକ ଦଳ ଗ୍ରହଣ କରିପାରୁନାହାନ୍ତି। ତେଣୁ ବୁଧବାର ଶ୍ରୀଲଙ୍କା ପାର୍ଲାମେଣ୍ଟରେ ରାଜପାକ୍ସେଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଅଣାଯାଇଥିଲା। ଏହା ଗୃହୀତ ହେବା ପରେ ଆସ୍ଥା ଭୋଟ ହୋଇଥିଲା, ଯେଉଁଥିରେ ରାଜପାକ୍ସେ ପରାଜିତ ହୋଇଛନ୍ତି। ସିରିସେନାଙ୍କୁ ଲାଗିଛି ଶକ୍ତ ଧକ୍କା।

ଅକ୍ଟୋବର ୨୬ରୁ ରାଜନୈତିକ ହାଇଡ୍ରାମା ଲାଗିରହିବା ପରେ ବୁଧବାର ପ୍ରଥମଥର ପାଇଁ ଶ୍ରୀଲଙ୍କା ପାର୍ଲାମେଣ୍ଟରେ ସ୍ୱତନ୍ତ୍ର ଅଧିବେଶନ ବସିଛି। ଗୃହକାର୍ଯ୍ୟ ଆରମ୍ଭ ହେଉଣୁ ତୁମୁଳ ହଇଗୋଳ ଦେଖିବାକୁ ମିଳିଥିଲା। କଳବଳ ଲଗାଇ ଶାସନ କ୍ଷମତା ଅକ୍ତିଆର କରିଥିବା ରାଜପାକ୍ସେ ଶକ୍ତି ପରୀକ୍ଷା ଦିଅନ୍ତୁ ବୋଲି ୱିକ୍ରମ୍‌ସିଂହେଙ୍କ ସମର୍ଥକମାନେ ଅଡ଼ବସିଥିଲେ। ଏମ୍‌ପିଙ୍କ ନାରାବାଜି ପରେ ପ୍ରଧାନମନ୍ତ୍ରୀ ରାଜପାକ୍ସେଙ୍କ ବିରୋଧରେ ଆସିଥିଲା ଅନାସ୍ଥା ପ୍ରସ୍ତାବ। ପାର୍ଲାମେଣ୍ଟର ୨୨୫ ସଦସ୍ୟଙ୍କ ମଧ୍ୟରୁ ୧୨୨ ଜଣ ୱିକ୍ରମ୍‌ସିଂହେଙ୍କୁ ସମର୍ଥନ ଜଣାଇଛନ୍ତି। ଏଥିସହିତ ଶକ୍ତି ପରୀକ୍ଷାରେ ହାରିଯାଇଛନ୍ତି ରାଜପାକ୍ସେ। ତଥାପି ତାଙ୍କ ଜିଦି ଭାଙ୍ଗୁନାହିଁ। ବାଚସ୍ପତି କାରୁ ଜୟସୁରିୟା ଭୋଟ ଫଳାଫଳ ଘୋଷଣା କରିବା ପରେ ଏହାକୁ ଗ୍ରହଣ କରିବାକୁ ସେ ନାରାଜ। ତେଣୁ ଏବେ ସଂଖ୍ୟାଗରିଷ୍ଠ ସଦସ୍ୟଙ୍କ ସମର୍ଥନ ନ ପାଇ ସୁଦ୍ଧା ରାଜପାକ୍ସେ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେବେ କିମ୍ବା ବିଜୟୀ ୱିକ୍ରମ୍‌ସିଂହେ କ୍ଷମତା ଫେରିପାଇବେ, ତାହା ଜଣାପଡ଼ି ନାହିଁ। ଏଭଳି ପରିସ୍ଥିତିରେ ଶ୍ରୀଲଙ୍କାର ରାଜନୈତିକ ସଙ୍କଟ ଅଧିକ ଜଟିଳ ହେବାରେ ଲାଗିଛି।

ମଙ୍ଗଳବାର ମଧ୍ୟ ଶ୍ରୀଲଙ୍କା ସୁପ୍ରିମକୋର୍ଟ ସିରିସେନାଙ୍କୁ ଝଟକା ଦେଇଥିଲେ। ଏଭଳି ପାର୍ଲାମେଣ୍ଟ ଭଙ୍ଗ ପାଇଁ ରାଷ୍ଟ୍ରପତିଙ୍କ କ୍ଷମତା ନାହିଁ ବୋଲି ଅଦାଲତ କହିବା ସହ ଜାନୁୟାରୀ ୫ରେ ଭୋଟ କରାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାର ଦିନକ ପରେ ଅର୍ଥାତ୍ ବୁଧବାର ପାର୍ଲାମେଣ୍ଟରେ ଆସିଛି ଅନାସ୍ଥା ପ୍ରସ୍ତାବ। ଏହାକୁ ତାମିଲ ନ୍ୟାଶନାଲ ଏଲାଏନ୍ସ ଏବଂ ମୁସଲମାନ ଦଳଗୁଡ଼ିକ ସମର୍ଥନ ଜଣାଇଥିଲେ। ପ୍ରଧାନମନ୍ତ୍ରୀ ରାଜପାକ୍ସେ ୧୧୩ ଏମ୍‌ପିଙ୍କ ପାଇଁ ସମର୍ଥନ ଲୋଡ଼ା ଥିଲା। କିନ୍ତୁ ସେ ଶକ୍ତି ପରୀକ୍ଷାରେ ପରାଜିତ ହୋଇଗଲେ। ଭୋଟ ପରେ ବାଚସ୍ପତି ରାଷ୍ଟ୍ରପତି ସିରିସେନାଙ୍କୁ ଚିଠି ଲେଖି ଆଗାମୀ ଦିନରେ ସାମ୍ବିଧାନିକ ପଦ୍ଧତିରେ ନିଷ୍ପତ୍ତି ଗ୍ରହଣ କରିବାକୁ କହିଛନ୍ତି। ପାର୍ଲାମେଣ୍ଟର ୧୨୨ ସଦସ୍ୟ ରାଜପାକ୍ସେଙ୍କ ଉପରେ ଆସ୍ଥା ରଖୁ ନ ଥିବା ଦର୍ଶାଇ ଏକ ଦସ୍ତାବିଜରେ ଦସ୍ତଖତ କରିଛନ୍ତି। ଏହାକୁ ମଧ୍ୟ ସିରିସେନାଙ୍କ ନିକଟକୁ ପଠାଇଦେଇଛନ୍ତି ବାଚସ୍ପତି ।

# ଦୀପାବଳି ପାଳିଲେ ଟ୍ରମ୍ପ

ୱାଶିଂଟନ୍,୧୪।୧୧(ପି.ଟି.)

ଭାରତରେ ଆଲୋକର ପର୍ବ ଦୀପାବଳି ଶେଷ ହେବାର ସପ୍ତାହେ ପରେ ଆମେରିକାରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ଉତ୍ସବ ପାଳନ କରିଛନ୍ତି। ହ୍ୱାଇଟ୍ ହାଉସ୍‌ରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଟ୍ରମ୍ପ ସାମିଲ ହୋଇ ଭାରତୀୟ ବଂଶୋଦ୍ଭବ ଆମେରିକୀୟଙ୍କ ସହ ଦୀପ ଜାଳି ଏହି ପର୍ବ ପାଳିଛନ୍ତି। ଭାରତ ସହ ଆମେରିକାର ବନ୍ଧୁତା ସ୍ୱାଧୀନତା, ଶାନ୍ତି ଓ ସମୃଦ୍ଧି ନିମିତ୍ତ ଏକ ପ୍ରାଚୀର ଭଳି କାର୍ଯ୍ୟ କରିବ ବୋଲି ସେ କହିଛନ୍ତି।

ଲଗାତର ଦୁଇବର୍ଷ ହେଲା ଟ୍ରମ୍ପ ପର୍ବ ଦୀପାବଳି ପାଳନ କରିଆସୁଛନ୍ତି। ଏଥର ମଧ୍ୟ ହ୍ୱାଇଟ୍ ହାଉସ୍‌ରେ ଭବ୍ୟ ଆୟୋଜନ ହୋଇଥିଲା। ଆଲୋକର ପର୍ବକୁ ଆମେରିକା ସମେତ ବିଶ୍ୱବ୍ୟାପୀ ବୌଦ୍ଧ, ଶିଖ୍, ଜୈନ୍‌ମାନେ ପାଳନ କରୁଛନ୍ତି। ଏଭଳି ଏକ ପର୍ବରେ ସାମିଲ ହୋଇଥିବାରୁ ବେଶ୍ ଖୁସି ଥିବା ଟ୍ରମ୍ପ କହିଛନ୍ତି। ଦୀପାବଳି ଅନ୍ଧାର ଦୂରକରି ଆଲୁଅ ଭରିଦଏ ଏବଂ ଦୁଷ୍ଟଶକ୍ତିକୁ ନାଶ କରେ। ପ୍ରିୟଜନ, ପଡ଼ୋଶୀ ଏବଂ ବିଭିନ୍ନ ସମ୍ପ୍ରଦାୟକୁ ଏହା ଏକାଠି କରେ ବୋଲି ରୋଜ୍‌ଭେଲ୍ଟ ରୁମ୍‌ରେ ଦୀପ ଜାଳିବା ପୂର୍ବରୁ ଟ୍ରମ୍ପ କହିଛନ୍ତି। ଆମେରିକାରେ ଲକ୍ଷ ଲକ୍ଷ ପରିଶ୍ରମୀ ଭାରତୀୟ ଓ ଦକ୍ଷିଣ-ପୂର୍ବ ଏସିଆର ଲୋକମାନେ ରହୁଥିବାରୁ ସେ ଧନ୍ୟ ମନେ କରୁଥିବା ପ୍ରକାଶ କରିଛନ୍ତି। ଏହି ଅବସରରେ ଟ୍ରମ୍ପ ଆହୁରି କହିଛନ୍ତି ଯେ, ଭାରତ ହେଉଛି ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର। ଏହା ସହିତ ଆମେରିକାର ସମ୍ପର୍କ ଶାନ୍ତି ଓ ସମୃଦ୍ଧି

### 'ଭାରତ ଭଲ ବେପାରୀ'

ଆଣିବାରେ ବେଶ୍ ସହାୟକ ହେଉଛି। ନୂଆଦିଲ୍ଲୀ ଓ ୱାଶିଂଟନ୍ ମଧ୍ୟରେ ଚାଲିଥିବା ବାଣିଜ୍ୟ କାରବାର ସଂକ୍ରାନ୍ତ ବୁଝାମଣା ସମ୍ପର୍କରେ ଏଠାରେ ଟ୍ରମ୍ପ ଉଠାଇଥିଲେ। ଆମେରିକା ବାଣିଜ୍ୟିକ ବୁଝାମଣା କରିବାରେ ଜଟିଳ ପରିସ୍ଥିତିର ସାମ୍ନା କରୁଛି। କିନ୍ତୁ ଭାରତ ଏକ ଭଲ ବେପାରୀ ଏବଂ ବୁଝାମଣାକାରୀ ବୋଲି ଟ୍ରମ୍ପ କହିଛନ୍ତି।

ଟ୍ରମ୍ପଙ୍କ ସହ ଦୀପାବଳି ପାଳନ କରିଛନ୍ତି ଭାରତୀୟ ରାଷ୍ଟ୍ରଦୂତ ନବତେଜ ସିଂ ସର୍‌ନା, ତାଙ୍କ ସ୍ତ୍ରୀ ଆଭିନା ସର୍‌ନା। ନବତେଜଙ୍କ ସ୍ୱତନ୍ତ୍ର ସହକାରୀ ପ୍ରତୀକ ମାଥୁରଙ୍କ ସମେତ ଅନେକ ଭାରତୀୟ ପ୍ରତିନିଧି ମଧ୍ୟ ସେଠାରେ ଉପସ୍ଥିତ ଥିଲେ। ଭାରତକୁ ଏତେ ସମ୍ମାନ ଦେଇଥିବାରୁ ସର୍‌ନା ଆମେରିକା ରାଷ୍ଟ୍ରପତିଙ୍କୁ ଧନ୍ୟବାଦ ଜଣାଇଛନ୍ତି। ପ୍ରକାଶ ଯେ, ୨୦୦୩ରେ ପ୍ରଥମକରି ହାଇଟ୍ ହାଉସ୍‌ରେ ଦୀପାବଳି ଉତ୍ସବର ଆୟୋଜନ ହୋଇଥିଲା। କିନ୍ତୁ ତତ୍କାଳୀନ ଆମେରିକା ରାଷ୍ଟ୍ରପତି ଜର୍ଜ ଡବ୍ଲ୍ୟୁ. ବୁଶ୍ ଏଥିରେ ବ୍ୟକ୍ତିଗତ ଭାବେ ସାମିଲ ହୋଇ ନ ଥିଲେ। ତେବେ ସେହିବର୍ଷଠାରୁ ପ୍ରତିବର୍ଷ ଏଠାରେ ଆଲୋକର ପର୍ବ ପାଳନ ହେଉଛି। ୨୦୦୯ରେ ହ୍ୱାଇଟ୍ ହାଉସ୍‌ର ଇଷ୍ଟ ରୁମ୍‌ରେ ତତ୍କାଳୀନ ରାଷ୍ଟ୍ରପତି ବାରାକ୍ ଓବାମା ଦୀପ ଜାଳି ଦୀପାବଳି ପାଳିଥିଲେ। ୨୦୧୩ରେ ଫାଷ୍ଟ ଲେଡୀ ମିଶେଲ୍ ଓବାମା ମଧ୍ୟ ପ୍ରଦୀପ ପ୍ରଜ୍ୱଳନ କରି ବନ୍ଧୁତାର ନିଦର୍ଶନ ଦେଖାଇଥିଲେ। ୨୦୧୭ରେ ଟ୍ରମ୍ପ ଓଭାଲ ଅଫିସରେ ଆମ୍ବାସାଡର ନିକି ହାଲିଙ୍କ ସହ ଦୀପାବଳି ଉତ୍ସବ ପାଳନ କରିଥିଲେ।



# କଂଗ୍ରେସର ହାତ ଧରିଲେ ଭାଜପା ଏମ୍‌ପି, ବିଧାୟକ

ନୂଆଦିଲ୍ଲୀ/ଜୟପୁର,୧୪।୧୧(ପି.ଟି.)




ରାଜସ୍ଥାନରେ ବିଧାନସଭା ନିର୍ବାଚନ ପାଇଁ ଉଷ୍ମତା ବଢ଼ିଚାଲିଥିବାବେଳେ ଶାସକ ଭାଜପାକୁ ଲାଗିଛି ଶକ୍ତ ଝଟକା। ଦୌସା ଏମ୍‌ପି ହରିଶ୍ ଚନ୍ଦ୍ର ମୀନା ଭାଜପା ସହ ସମ୍ପର୍କ ତୁଟାଇ ବୁଧବାର କଂଗ୍ରେସର ହାତ ଧରିଛନ୍ତି। ସେହିପରି ରାଜ୍ୟର ଭାଜପା ବିଧାୟକ ହବିବୁର ରହମନ୍ ମଧ୍ୟ ଦଶନ୍ଧି ପରେ କଂଗ୍ରେସରେ ମିଶିଯାଇଛନ୍ତି। ରାଜସ୍ଥାନର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ, ରାଜ୍ୟର ପିସିସି ସଭାପତି ସଚିନ ପାଇଲଟ ଏବଂ ଏଆଇସିସି ଇନ୍-ଚାର୍ଜ ଅବିନାଶ ପାଣ୍ଡେଙ୍କ ଉପସ୍ଥିତିରେ ମୀନା କଂଗ୍ରେସରେ ଯୋଗଦେଇଛନ୍ତି। ନୂଆଦିଲ୍ଲୀସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଏହି ମିଳନ ପର୍ବ ହୋଇଥିଲା। ତେବେ ଡିସେମ୍ବର ୭ ନିର୍ବାଚନରେ ପ୍ରାର୍ଥୀ ହେବେ ବୋଲି ପାଇଲଟ ଏବଂ ଗେହଲଟ ଘୋଷଣା କରିଛନ୍ତି। ସେପଟେ ଜୟପୁରସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ଅଜମେର ଏମ୍‌ପି ରଘୁ ଶର୍ମା ଓ ଅନ୍ୟ ନେତାଙ୍କ ଉପସ୍ଥିତିରେ ନାଗୌର ବିଧାୟକ ହବିବୁର ମଧ୍ୟ କଂଗ୍ରେସ ପରିବାରରେ ସାମିଲ ହୋଇଛନ୍ତି।

## ଫୁର୍‌ସତ

# ଯୋଗାଯୋଗ ଉପଗ୍ରହ ଲଞ୍ଚ୍ କଲା ଭାରତ

**ଶ୍ରୀହରିକୋଟା(ଆନ୍ଧ୍ରପ୍ରଦେଶ):** ଭାରତ ଏହାର ସବୁଠୁ ଓଜନିଆ ରକେଟ୍ ଜିଓସାଇକ୍ରୋନସ୍ ସାଟେଲାଇଟ୍ ଲଞ୍ଚ ଭେଇକିଲ୍-ମାର୍କ ୩ (ଜିଏସ୍‌ଏଲ୍‌ଭି-ଏମ୍‌କେ ୩) ବୁଧବାର ସଂଧ୍ୟା ୫ଟା ୮ ମିନିଟ୍‌ରେ ଲଞ୍ଚ୍ କରିଛି। ୩,୪୨୩ କିଲୋଗ୍ରାମ୍ ବିଶିଷ୍ଟ ଯୋଗାଯୋଗ ଉପଗ୍ରହ ଜିଏସ୍‌ଏଟି-୨୯ ବହନକରିଥିବା ଉକ୍ତ ରକେଟ୍‌କୁ ଶ୍ରୀହରିକୋଟା ସ୍ପେସ୍‌ପୋର୍ଟରୁ ଲଞ୍ଚ୍ କରାଯାଇଥିଲା।



୪୩.୪ ମିଟର ଲମ୍ବ ଏବଂ ୬୪୦ ଟନ୍ ଓଜନ ବିଶିଷ୍ଟ ଉକ୍ତ ରକେଟରେ ଅଗ୍ନିସଂଯୋଗ କରିବାମାତ୍ରେ ଘନ ଅଗ୍ନିଶିଖା ଛାଡି ଏହା ନୀଳଆକାଶକୁ ଭେଦ କରିଥିଲା। ଜିଏସ୍‌ଏଲ୍‌ଭି-ଏମ୍‌କେ ୩ର ୪ଟନ୍ ବିଶିଷ୍ଟ ସାଟେଲାଇଟ୍ ବହନ କରିବାର ଦକ୍ଷତା ରହିଛି। ୩ ଇଞ୍ଜିନ୍ ବିଶିଷ୍ଟ ଉକ୍ତ ରକେଟର ପ୍ରଥମ ଇଞ୍ଜିନ୍ ସଲିଡ୍ ଇନ୍ଧନ ଓ ଦ୍ୱିତୀୟ ଷ୍ଟେଜ୍ ଇଞ୍ଜିନ୍ ତରଳ ଇନ୍ଧନ ବୁଷ୍ଟର ଦ୍ୱାରା ଚାଳିତ ଏବଂ ତୃତୀୟଟି କ୍ରାୟୋଜେନିକ୍ ଇଞ୍ଜିନ୍।

ଭାରତୀୟ ମହାକାଶ ଗବେଷଣା ସଂସ୍ଥା ଜିଏସ୍‌ଏଟି-୧୯ ସାଟେଲାଇଟ୍ ବହନକାରୀ ଏଭଳି ରକେଟ୍ ୨୦୧୭ ଜୁନ୍ ୫ରେ ମହାକାଶକୁ ଛାଡିଥିଲା। ବୁଧବାର ମାତ୍ର ୧୬ମିନିଟ ମଧ୍ୟରେ ଜିଏସ୍‌ଏଟି-୨୯କୁ ପାଖାପାଖି ୨୦୭କିଲୋମିଟର ଉଚ୍ଚତାରେ ପୃଥିବୀର କକ୍ଷପଥରେ ପହଞ୍ଚାଯାଇଥିଲା। ଇସ୍ରୋ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଜିଏସ୍‌ଏଟି-୨୯ର ଜୀବନକାଳ ୧୦ବର୍ଷ।

# ମଣିଷ ଆୟୁଷ ବଢୁଛି



**ବୋଷ୍ଟନ:** ମାନବର ଜୀବନକାଳ ପ୍ରତି ପିଢ଼ିରେ ପାଖାପାଖି ୩ ବର୍ଷ ବୃଦ୍ଧିପାଉଛି। ଏହି ଧାରା ବଜାୟ ରହିବା ସମ୍ଭାବନା ଅଛି ବୋଲି ଷ୍ଟାନ୍‌ଫୋର୍ଡ ୟୁନିଭର୍ସିଟି ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନରୁ ଜାଣିବାକୁ ମିଳିଛି। ଗବେଷକମାନେ ୫୦ବର୍ଷ ତଳର ଜୀବନକାଳ ତଥ୍ୟକୁ ବିଶ୍ଲେଷଣ କରି ଜାଣିବାକୁ ପାଇଛନ୍ତି, ୬୫ ବର୍ଷରୁ ଉର୍ଦ୍ଧ୍ୱ ବୟସର ବ୍ୟକ୍ତିମାନେ ସେମାନଙ୍କ ମାତାପିତାଙ୍କଠାରୁ ଅଧିକ ବର୍ଷ ବଞ୍ଚୁଛନ୍ତି। ପୂର୍ବରୁ କରାଯାଇଥିବା ଏକ ଅଧ୍ୟୟନରୁ ଜଣାଯାଇଥିଲା ମନୁଷ୍ୟ ଦୀର୍ଘଦିନ ବଞ୍ଚିବା ପାଇଁ ପ୍ରୟାସ ଜାରି ରଖିଛି। ଏ ସମ୍ପର୍କରେ ଆମେରିକାର ଷ୍ଟାନଫୋର୍ଡ ୟୁନିଭର୍ସିଟିର ପ୍ରଫେସର ଶ୍ରୀପଦ ତୁଲ୍‌ଜାପୁରକର କହନ୍ତି, ମାନବ ଦୀର୍ଘଦିନ ବଞ୍ଚିବା ପାଇଁ ଆଶାୟୀ ଏବଂ ଏହି ଧାରା କମିବାର କୌଣସି ସଙ୍କେତ ଦେଖାଯାଉନାହିଁ। ଏ ସମ୍ପର୍କିତ ଏକ ଅଧ୍ୟୟନ ଜର୍ନାଲ୍ ପିଏନ୍‌ଏସ୍‌ରେ ପ୍ରକାଶ ପାଇଛି।

ଉକ୍ତ ଅଧ୍ୟୟନରେ ୧୯୬୦ରୁ ୨୦୧୦ ମଧ୍ୟରେ ୬୫ବର୍ଷରୁ ଉର୍ଦ୍ଧ୍ୱ ବୟସର ବ୍ୟକ୍ତିଙ୍କ ଜନ୍ମ ଏବଂ ମୃତ୍ୟୁ ତଥ୍ୟକୁ ବିଶ୍ଲେଷଣ କରାଯାଇଥିଲା। ଗବେଷକମାନେ ଜାଣିବାକୁ ପାଇଲେ ଯେ, ୬୫ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ହାରାହାରି ବୟସ ପ୍ରତି ୨୫ବର୍ଷରେ ୩ବର୍ଷ ବୃଦ୍ଧିପାଉଛି। ଅର୍ଥାତ୍ ଲୋକମାନେ ସେମାନଙ୍କ ଜେଜେବାପା ଓ ଜେଜେମା'ଙ୍କ ଅପେକ୍ଷା ହାରାହାରି ୬ବର୍ଷ ଅଧିକ ବଞ୍ଚିପାରୁଛନ୍ତି।

# ନାଁ ଦ୍ୱାରା ମନେପଡ଼ନ୍ତି ବ୍ୟକ୍ତି

**ଲଣ୍ଡନ:** କୌଣସି ବ୍ୟକ୍ତିଙ୍କ ମୁହଁ ଅପେକ୍ଷା ନାଁକୁ ଭଲଭାବେ ମନେରଖିଲେ ସେ ବ୍ୟକ୍ତି ମନେପଡ଼ନ୍ତି ବୋଲି ଏକ ଅଧ୍ୟୟନରୁ ଜାଣିବାକୁ ମିଳିଛି। ବ୍ରିଟେନ୍‌ସ୍ଥିତ ୟର୍କ ୟୁନିଭର୍ସିଟିର ଗବେଷକମାନେ ଦର୍ଶାଇଛନ୍ତି, ଆମେ ଜଣେ ବ୍ୟକ୍ତିଙ୍କ ନାମ ଭୁଲିଗଲେ ନିଜକୁ ଗାଳି ଦେଇଥାଉ। କୌଣସି ବ୍ୟକ୍ତିଙ୍କ ମୁହଁ ମନେରଖିଥିଲେ ତାଙ୍କୁ ଚିହ୍ନିବା ସହଜ ହୁଏ। କିନ୍ତୁ ବ୍ୟକ୍ତିର ନାଁ ମନେ ନ ରଖିଥିଲେ ତାଙ୍କୁ ମନେପକାଇବା ସହଜ ହୋଇ ନ ଥାଏ। ତ୍ରୈମାସିକ ଜର୍ନାଲ୍ ଏକ୍ସପେରିମେଣ୍ଟାଲ୍ ସାଇକୋଲୋଜିରେ ପ୍ରକାଶିତ ଅଧ୍ୟୟନରୁ ଏହି ସୂଚନା ମିଳିଛି। ଏଥିରେ କୁହାଯାଇଛି, କୌଣସି ବ୍ୟକ୍ତିର ନାମ ମନେରଖିବା ଦ୍ୱାରା ଉକ୍ତ ବ୍ୟକ୍ତିଙ୍କୁ ମନେପକାଇହୁଏ। କାରଣ ବ୍ୟକ୍ତିଙ୍କ ନାମ ମନେରଖିବା ଦ୍ୱାରା ହିଁ ପରିଚିତ ବ୍ୟକ୍ତିର ମୁହଁ ସାମନାକୁ ଆସିପାରେ। ଆମେ କୌଣସି ବ୍ୟକ୍ତିର ନାମ ମନେ ନ ରଖିଥିଲେ ସମସ୍ୟାରେ ପଡୁ। କିନ୍ତୁ ମୁହଁ ନୁହେଁ। କାରଣ ଅଗଣିତ ମୁହଁ ଆମ ମାନସପଟରେ ଥିଲେ ମଧ୍ୟ କୌଣସି ବ୍ୟକ୍ତିର ନାମ ମନେ ନ ପଡ଼ିଲେ ତାହା ସମସ୍ୟା ସୃଷ୍ଟିକରେ ବୋଲି ଗବେଷକମାନେ ମତ ଦେଇଛନ୍ତି।







Naveen Jindal
Industrialist
#PlasticFreeOdisha
ଧରିତ୍ରୀ DHARITRI
TEAM




■ ମୁଖ୍ୟମନ୍ତ୍ରୀଙ୍କ ପୁରୀ ଗସ୍ତ ଆଜି

# ୮ ଜିଲାର ୧୦ ହଜାର ବସ୍ତିବାସିନ୍ଦାଙ୍କୁ ବାଣ୍ଟିବେ ପଟ୍ଟା

**ଟିଟିଲାଗଡ଼ ଜୋନ ବରିଷ୍ଠ ନାଗରିକ ତୀର୍ଥ ଯୋଜନାର ଶୁଭାରମ୍ଭ କରିବେ**

ପୁରୀ ଅଫିସ,୧୪।୧୧: ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଦିନିକିଆ ପୁରୀ ଗସ୍ତରେ ଆସିବେ। ତାଳବଣିଆଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଭୂମିହୀନ ବସ୍ତିବାସିନ୍ଦାଙ୍କୁ ଭୂମି ଅଧିକାର ପ୍ରମାଣପତ୍ର ଓ ୮ ଜିଲାର ୨୩ଟି ପୌରାଞ୍ଚଳରେ ବସବାସ କରୁଥିବା ୧୦ ହଜାର ଭୂମିହୀନ ବସ୍ତିବାସିନ୍ଦାଙ୍କୁ ଜମିପଟ୍ଟା ପ୍ରଦାନ କରିବେ। ଏଥିଲାଗି ପ୍ରସ୍ତୁତି ଶେଷ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ମୋଟ ୨୦ ପ୍ଲାଟୁନ ଫୋର୍ସ ପୁରୀ ସହରକୁ ଜଗିବେ ବୋଲି ଜଣାପଡିଛି।

ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ବିମାନ ବନ୍ଦରରୁ ହେଲିକପ୍ଟର ଯୋଗେ ଆସି ପୂର୍ବାହ୍ନ ୧୧ଟାରେ ତାଳବଣିଆ ହେଲିପ୍ୟାଡ୍‌ରେ ପହଞ୍ଚିବେ। ସେଠାରୁ ସଭାସ୍ଥଳକୁ ଯାଇ ଭୂମିହୀନ ବସ୍ତିବାସିନ୍ଦାଙ୍କୁ ଭୂମି ଅଧିକାର ପ୍ରମାଣପତ୍ର ପ୍ରଦାନ ନିମନ୍ତେ ଆୟୋଜିତ ରାଜ୍ୟସ୍ତରୀୟ ସମାବେଶରେ ଯୋଗଦେବେ। ଏଥିରେ ଗଞ୍ଜାମ, ବାଲେଶ୍ୱର, ବରଗଡ଼, କେନ୍ଦ୍ରାପଡା, ବୌଦ୍ଧ, ଭଦ୍ରକ, ଢେଙ୍କାନାଳ ଓ ପୁରୀ ଜିଲାର ୧୦ ହଜାର ଭୂମିହୀନଙ୍କୁ ଭୂମି ଅଧିକାର ପ୍ରମାଣପତ୍ର ପ୍ରଦାନ କରିବେ। ଏହାସହିତ ଜାଗା ମିଶନ ଜରିଆରେ ଗୃହ ନିର୍ମାଣ ନିମନ୍ତେ ଉକ୍ତ ହିତାଧିକାରୀଙ୍କୁ ଅନୁମୋଦନ ପ୍ରମାଣପତ୍ର ପ୍ରଦାନ କରିବେ। ୧୦ ହଜାର ହିତାଧିକାରୀଙ୍କ ମଧ୍ୟରେ ପୁରୀ ପୌରାଞ୍ଚଳର ୬,୬୦୦ ହିତାଧିକାରୀ ରହିଛନ୍ତି। ଏହାପରେ ମୁଖ୍ୟମନ୍ତ୍ରୀ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଟିଟିଲାଗଡ଼ ଜୋନର ବରିଷ୍ଠ ନାଗରିକ ତୀର୍ଥ ଯୋଜନାର ଶୁଭାରମ୍ଭ କରିବେ। ସଭାରେ ଉଦ୍‌ବୋଧନ ଦେବା ପରେ ମଧ୍ୟାହ୍ନ ୧୨ଟା ୩୫ରେ ଭୁବନେଶ୍ୱର ଫେରିଯିବେ।

ସମସ୍ତ କାର୍ଯ୍ୟ ସୁଚାରୁରୂପେ ସମ୍ପାଦନ ଲାଗି ଜିଲାର ସମସ୍ତ ବିଡିଓ, ତହସିଲଦାର ଓ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ମିଶାଇ ସମୁଦାୟ ୮୦ ଜଣଙ୍କୁ ନିୟୋଜିତ କରାଯାଇଛି। ଏହାସହିତ ୪ ଜଣ ମାଜିଷ୍ଟ୍ରେଟଙ୍କୁ ମୁତୟନ କରାଯାଇଛି। ସୁରକ୍ଷା ଦୃଷ୍ଟିରୁ ୪ ଅତିରିକ୍ତ ଏସ୍‌ପି, ୬ ଡିଏସ୍‌ପିଙ୍କ ସମେତ ୨୦ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି।

■ ବ୍ରହ୍ମ ବିଭ୍ରାଟ: ମୁହଁ ଖୋଲିଲେ ମହାରଣା ସେବକ

# ସବୁ ବିଭ୍ରାଟ ମୂଳରେ ଦଇତା

ପୁରୀ ଅଫିସ,୧୪।୧୧

ବ୍ରହ୍ମ ବିଭ୍ରାଟ ଘଟଣାରେ ୧୧ ସେବାୟତଙ୍କୁ ନୋଟିସ ହୋଇଛି। କିନ୍ତୁ ନୋଟିସ ସେମାନଙ୍କ ପାଖରେ ନ ପହଞ୍ଚୁଣୁ ସେବାୟତଙ୍କ ମଧ୍ୟରେ ଦେଖାଦେଇଛି କୋକୁଆ ଭୟ। ପୂର୍ବ କଥାକୁ ଦୋହରାଇ ପୁଣି ହଟଚମଟ ସୃଷ୍ଟି କରିଛନ୍ତି। ସୁଭଦ୍ରାଙ୍କ ମୁଖ୍ୟ ମହାରଣା ସେବକ କୃଷ୍ଣଚନ୍ଦ୍ର ମହାରଣା ପୂର୍ବ କଥା ଦୋହରାଇ ଚାଞ୍ଚଲ୍ୟ ସୃଷ୍ଟି କରିଛନ୍ତି। ସେ କହିଛନ୍ତି ଯେ, ୨୦୧୫ ନବକଳେବର ସମୟରେ ଚିହ୍ନଟ ଦାରୁର ମାନ ଠିକ୍ ନ ଥିଲା। ଏ ସମ୍ପର୍କରେ ତତ୍କାଳୀନ ମୁଖ୍ୟ ପ୍ରଶାସକ ସୁରେଶ ଚନ୍ଦ୍ର ମହାପାତ୍ରଙ୍କୁ ଆମେ ଜଣାଇଥିଲୁ। ମହାପ୍ରଭୁଙ୍କ କାମ ସୁରୁଖୁରୁରେ ଶେଷ କରିବାକୁ କହି ଚୁପ୍ ରହିଯାଇଥିଲେ। ଦଇତାଙ୍କ ପାଇଁ ଟଙ୍କା ସବୁକିଛି। ସେମାନେ ଯେଉଁଠୁ ଟଙ୍କା ପାଇଲେ ସେଠୁ ଦାରୁ ଚିହ୍ନଟ କଲେ। ଦାରୁ ଚୟନରେ ବ୍ୟାପକ ବିଭ୍ରାଟ ହୋଇଛି। ସବୁ ବିଭ୍ରାଟ ମୂଳରେ ଦଇତା ରହିଛନ୍ତି। ଦାରୁ ଯଦି ଠିକ୍ ମାନର ଆସିଥାନ୍ତା, ତେବେ ଦୁଇଦିନ ପୂର୍ବରୁ ନିର୍ମାଣ ସରିଥାନ୍ତା। ଏମାନେ ବୁଢ଼ା ଦାରୁ ଆଣିବାରୁ ସମସ୍ୟା ଉପୁଜିଲା। ପୁରୀ, କଟକ, ଭୁବନେଶ୍ୱର ମଧ୍ୟରୁ ଦାରୁ ଆସିବା କଥା। ଜଗତ୍‌ସିଂହପୁର ଯିବାର କୌଣସି ଆବଶ୍ୟକତା ନ ଥିଲା। ଆମେ ଠିକ୍ ସମୟରେ ଶ୍ରୀବିଗ୍ରହ ନିର୍ମାଣ ଶେଷ କରିଛୁ। ଆମର କୌଣସି ଭୁଲ୍ ନାହିଁ।

ସୂଚନାଯୋଗ୍ୟ, ୨୦୧୫ ଥିଲା ମହାପ୍ରଭୁଙ୍କ ନବକଳେବର ବର୍ଷ। ମହାପ୍ରଭୁଙ୍କ ଶ୍ରୀବିଗ୍ରହ ନିର୍ମାଣ ନିମନ୍ତେ ଦାରୁ ଚୟନ ଏବଂ ସଂଗ୍ରହ ଲାଗି ସେହିବର୍ଷ ମାର୍ଚ୍ଚ ୧୫ରେ ବନଯାଗ ଯାତ୍ରା ଆରମ୍ଭ ହୋଇଥିଲା। ଏପ୍ରିଲ ୧୨ରେ ଭୁବନେଶ୍ୱର ଉପକଣ୍ଠ ବାଲକାଟୀ ନିକଟ ଗଡ଼କଣ୍ଟୁଣିଆ ଗ୍ରାମରେ ଶ୍ରୀସୁଦର୍ଶନଙ୍କ ଦାରୁ, ଜଗତ୍‌ସିଂହପୁର ଜିଲା ଝଙ୍କଡ଼ସ୍ଥିତ ଶାରଳା ପୀଠରେ ବଡ଼ ଠାକୁରଙ୍କ ଦାରୁ, ଅଡ଼ଙ୍ଗଗଡ଼ରେ ସୁଭଦ୍ରାଙ୍କ ଦାରୁ ଏବଂ ରଘୁନାଥପୁର ବ୍ଲକ ଅନ୍ତର୍ଗତ ଧରାଧରପୁର ପଞ୍ଚାୟତର ଖରିପଡ଼ିଆଠାରେ ଶ୍ରୀଜଗନ୍ନାଥଙ୍କ ଦାରୁ ଚିହ୍ନଟ ହୋଇଥିଲା। କିନ୍ତୁ ଗୋଟିଏ ଦାରୁ ଚିହ୍ନଟ ଏବଂ ଛେଦନ ପ୍ରକ୍ରିୟା ଶେଷ ହେବା ପରେ ଅନ୍ୟ ଏକ ଦାରୁର ଅବସ୍ଥିତି ସମ୍ପର୍କରେ ଶ୍ରୀମନ୍ଦିର ପ୍ରଶାସନ ଘୋଷଣା କରିଥିଲା। ଏପ୍ରିଲ ୨୪ରେ ସୁଦର୍ଶନଙ୍କ ଦାରୁ, ମେ' ୫ରେ ବଳଭଦ୍ରଙ୍କ ଦାରୁ, ମେ' ୧୨ରେ ସୁଭଦ୍ରାଙ୍କ ଦାରୁ ଏବଂ ମେ' ୨୨ରେ ଶ୍ରୀଜଗନ୍ନାଥଙ୍କ ଦାରୁ କୋଇଲି ବୈକୁଣ୍ଠରେ ପ୍ରବେଶ କରିଥିଲା। ଜୁନ୍ ୫ରୁ ଶ୍ରୀମନ୍ଦିର କୋଇଲି ବୈକୁଣ୍ଠରେ ହୋମଯଜ୍ଞ ସହ ୧୦ ମହାରଣାଙ୍କ ଦ୍ୱାରା ଶ୍ରୀବିଗ୍ରହଙ୍କ ନିର୍ମାଣ ଆରମ୍ଭ ହୋଇଥିଲା। ଜୁନ୍ ୧୫ ଥିଲା ବ୍ରହ୍ମ ସଂସ୍ଥାପନର ଦିବସ। ସେହିଦିନ ନିଶାର୍ଦ୍ଧରେ ବ୍ରହ୍ମ ସଂସ୍ଥାପନ ହେବା କଥା। କିନ୍ତୁ ଜୁନ୍ ୧୬ ସ୍ପଷ୍ଟ ଦିବାଲୋକରେ ବ୍ରହ୍ମ ସଂସ୍ଥାପନ ହୋଇଥିଲା। ଏହାକୁ ନେଇ ଭକ୍ତଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ଦେଖାଦେଇଥିଲା। ଦଇତାପତିଙ୍କ ମଧ୍ୟରେ ବିବାଦ ଏବଂ ଗୋଷ୍ଠୀକନ୍ଦଳ ଓ ମନଇଚ୍ଛା ବିବୃତ୍ତି ଏହି ବିଭ୍ରାଟକୁ ଅଧିକ ସଙ୍ଗିନ କରିଦେଇଥିଲା। ଶେଷରେ ତତ୍କାଳୀନ ମୁଖ୍ୟ ପ୍ରଶାସକ ସୁରେଶ ଚନ୍ଦ୍ର ମହାପାତ୍ର ନିଜେ ଏହି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ବିଭିନ୍ନ ସ୍ତରରୁ ଦାବି ଉଠିବାରୁ ଦୀର୍ଘ ୩ ବର୍ଷ ପରେ ବ୍ରହ୍ମ ବିଭ୍ରାଟ ରିପୋର୍ଟ ଉପରେ ଆରମ୍ଭ ହୋଇଛି କାର୍ଯ୍ୟାନୁଷ୍ଠାନ। ବିଭ୍ରାଟକାରୀଙ୍କୁ ନୋଟିସ ଜାରି ହେବା ପରେ ଆରମ୍ଭ ହୋଇଛି ଆରୋପ ପ୍ରତ୍ୟାରୋପ।


କୃଷ୍ଣଚନ୍ଦ୍ର ମହାରଣା

■ ଦାରୁ ଚୟନରେ ହୋଇଛି ଟଙ୍କା କାରବାର

■ ଦାରୁର ମାନ ଠିକ୍ ନ ଥିଲା

## ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ: ଦଇତାପତି ନିଯୋଗ


ବିନାୟକ ମହାପାତ୍ର

କୃଷ୍ଣଚନ୍ଦ୍ରଙ୍କ ଅଭିଯୋଗ ନେଇ ଦଇତାପତି ନିଯୋଗ ପ୍ରତିକ୍ରିୟା ରଖିଛି। ଦଇତାପତି ନିଯୋଗର ସହସମ୍ପାଦକ ବିନାୟକ ଦାସମହାପାତ୍ର କହିଛନ୍ତି ଯେ, କୃଷ୍ଣଚନ୍ଦ୍ରଙ୍କ ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ। ସେଥିରେ କିଛି ସତ୍ୟତା ନାହିଁ। ଦାରୁ ଚିହ୍ନଟ ପାଇଁ ଚୟନ ହୋଇଥିବା ୧୦ ମହାରଣା ସେବକଙ୍କ ମଧ୍ୟରେ କୃଷ୍ଣଚନ୍ଦ୍ର ବରିଷ୍ଠ ଓ ଅଭିଜ୍ଞ। କିନ୍ତୁ ଶ୍ରୀବିଗ୍ରହ ନିର୍ମାଣରେ ସେ ସମ୍ପୂର୍ଣ୍ଣ ଅସହଯୋଗ କରିଥିଲେ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବ୍ରହ୍ମ ବିଭ୍ରାଟ ନେଇ ଯେଉଁ ନୋଟିସ ଜାରି କରାଯାଇଛି, ତାହା ସ୍ୱାଗତଯୋଗ୍ୟ। ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ଦରକାର। ଶ୍ରୀବିଗ୍ରହଙ୍କ ନିର୍ମାଣ ପାଇଁ ୧୦ ଦିନ ସମୟ ଦରକାର। କିନ୍ତୁ ୨୦୧୫ ନବକଳେବରରେ ଗୋଟିଏ ଦିନ କ୍ଷୟ ପଡିବାରୁ ୯ ଦିନ ସମୟ ମିଳିଥିଲା। ଫଳରେ ଶ୍ରୀବିଗ୍ରହଙ୍କ ନିର୍ମାଣ ବିଳମ୍ବ ହେଲା। ଜୁନ୍ ୧୫ ସନ୍ଧ୍ୟା ସାଢ଼େ ୫ଟାରେ ଗଜପତି ମହାରାଜା ପୂର୍ଣ୍ଣାହୁତି ଦେବାର ଥିଲା। ହେଲେ ରାତି ୪ଟାରେ ପୂର୍ଣ୍ଣାହୁତି ଦେଲେ। ଏହି ବିଳମ୍ବକୁ ନେଇ ସବୁକିଛି ସମସ୍ୟା ଉପୁଜିଲା। ବ୍ରହ୍ମ ସଂସ୍ଥାପନ ପରେ ବ୍ରହ୍ମ ଭେଟି ଦେବାକୁ ଦଇତାପତିଙ୍କ ମଧ୍ୟରେ ଉତ୍କଣ୍ଠା ଥାଏ। ବୟୋଜ୍ୟେଷ୍ଠ ଭାଗାରିମାନଙ୍କ ମଧ୍ୟରେ ଏହି ସମୟରେ ବାଦାନୁବାଦ ହୋଇଥିଲା, ଯାହାକି ବାହାରକୁ ଆସିଥିଲା। ଏହାକୁ ନେଇ ତଦନ୍ତ କରାଯାଇଥିଲା। ମୁଖ୍ୟ ପ୍ରଶାସକଙ୍କ ସମ୍ମୁଖରେ ଆମେ ସତକଥା କହିଥିଲୁ। ବାଡ଼ଗ୍ରାହୀମାନେ ନିଷ୍ଠାର ସହିତ ବିଗ୍ରହମାନଙ୍କ ବ୍ରହ୍ମ ସଂସ୍ଥାପନ କରିଥିଲେ। ସେଥିରେ କୌଣସି ବିଭ୍ରାଟ ହୋଇନାହିଁ। ଭକ୍ତଙ୍କ ମଧ୍ୟରେ ଯେଉଁ ଅସନ୍ତୋଷ ସୃଷ୍ଟି ହୋଇଥିଲା, ସେଥିପାଇଁ ଆମକୁ ସମଗ୍ର ଭାରତ ବର୍ଷରେ ନିନ୍ଦିତ ହେବାକୁ ପଡିଲା। ଏଥିପାଇଁ ଆମେ ମଧ୍ୟ ଦୁଃଖିତ। ଆମେ ବି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ କ୍ଷମାପ୍ରାର୍ଥନା କରୁଛୁ। ଭବିଷ୍ୟତରେ ଯେପରି ଏହି ଘଟଣାର ପୁନରାବୃତ୍ତି ନ ଘଟେ ସେଥିପ୍ରତି ଆମ ନିଯୋଗ ଦୃଷ୍ଟି ଦେବ।

# ପାରଦ ଖସୁଛି:ଫୁଲବାଣୀ ୧୧ ଡିଗ୍ରୀ

ଭୁବନେଶ୍ୱର,୧୪।୧୧(ବ୍ୟୁରୋ)–କିଛିଦିନ ହେବ ଶୀତର ପ୍ରକୋପ ସାମାନ୍ୟ ବୃଦ୍ଧି ପାଇଛି। ବୁଧବାର ରାଜ୍ୟର ୫ଟି ସହର ପାରଦ ୧୫ ଡିଗ୍ରୀ ତଳେ ରହିଛି। ପଶ୍ଚିମ କେନ୍ଦ୍ରୀୟ ଏବଂ ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିଝଡ ‘ଗଜ’ ଆସନ୍ତା ୧୨ ଘଣ୍ଟା ମଧ୍ୟରେ ଦୁର୍ବଳ ହୋଇ ତାମିଲନାଡୁ ଉପକୂଳ ଅତିକ୍ରମ କରିବା ସମ୍ଭାବନା ରହିଛି। ଏହାର ପ୍ରଭାବରେ ପାରଦ ତଳକୁ ଖସୁନାହିଁ। ୧୬ ତାରିଖରୁ ପାରଦ ଆଉ ୨ରୁ ୩ ଡିଗ୍ରୀ ତଳକୁ ଖସିବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଅନୁଗୋଳରେ ସର୍ବନିମ୍ନ ତାପମାତ୍ରା ୧୪.୬ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଝାରସୁଗୁଡା ୧୫.୧, କେନ୍ଦୁଝର ୧୪.୯, ସମ୍ବଲପୁର ୧୬.୩, ସୁନ୍ଦରଗଡ ୧୬, ହୀରାକୁଦ ୧୬.୨, ତାଳଚେର ୧୭, ଭବାନୀପାଟଣା ୧୫, ବଲାଙ୍ଗୀର ୧୬, କୋରାପୁଟ ୧୧.୬, ଫୁଲବାଣୀ ୧୧.୫ ଏବଂ ଦାରିଙ୍ଗବାଡିରେ ସର୍ବନିମ୍ନ ତାପମାତ୍ରା ୧୧.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

DADLS-177

ଶହୀଦ ବିର୍ସା ମୁଣ୍ଡାଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ
ସ୍ଥାନ : ଜୟଦେବ ଭବନ , ଭୁବନେଶ୍ୱର
୧୫ ନଭେମ୍ବର, ୨୦୧୮
ସାଧାରଣ ସଭା
ସମୟ – ସଂଧ୍ୟା ଘ.୫.୩୦ ମି.
ସ୍ଥାନ – ଜୟଦେବ ଭବନ
ମୁଖ୍ୟ ଅତିଥି – ଡ. ପ୍ରଭାସ କୁମାର ସିଂ
ମାନ୍ୟବର ସାଂସଦ,
ସମ୍ମାନିତ ଅତିଥି – ଶ୍ରୀଯୁକ୍ତ ସୁବ୍ରତ ତରାଇ,
ମାନ୍ୟବର ବିଧାୟକ
ମୁଖ୍ୟ ବକ୍ତା – ଡ. ପବିତ୍ର ମୋହନ ନାୟକ
ନିର୍ଦ୍ଦେଶକ, ବାଲ୍ମୀକି ରାମାୟଣ ପ୍ରକଳ୍ପ
ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯିବ ।
ସଭା ପରେ ତରଙ୍ଗ ଅନୁଷ୍ଠାନର ବିଶିଷ୍ଟ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ଦେଶାତ୍ମବୋଧକ ସଙ୍ଗୀତ ଓ ଭଜନ ପରିବେଷଣ ।
ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ପଶ୍ଚିମ ଓଡ଼ିଶା ଅଗ୍ରଣୀ ସଙ୍ଗଠନର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସଭାରେ ଯୋଗଦେବା ପାଇଁ ଅନୁରୋଧ ।
ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ
15001/13/0389/1819

ହୋଟେଲ ମ୍ୟାନେଜମେଣ୍ଟ କୋର୍ସ ପରେ ଚାକିରୀ କରିବା ପାଇଁ ଚାହୁଁଛନ୍ତି କି? ଯୋଗାଯୋଗ କରନ୍ତୁ:-
ଷ୍ଟେଟ ଇନଷ୍ଟିଚ୍ୟୁଟ ଅଫ ହୋଟେଲ ମ୍ୟାନେଜମେଣ୍ଟ, ବଲାଙ୍ଗୀର ଦ୍ୱାରା ନିମ୍ନଲିଖିତ ଟ୍ରେଡ୍ ଗୁଡିକରେ ପ୍ରଶିକ୍ଷଣ ଦିଆଯାଉଛି ।
(1) Food & Beverage Service (2) Food Production (3) Housekeeping Utility
Course Commences from 15.11.2018 onwards
* ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା: ଅଷ୍ଟମ ପାସ କିମ୍ବା ତତୁର୍ଦ୍ଧ * ବୟସ ସୀମା: ୧୮ ରୁ ୨୮ ବର୍ଷ (୦୧. ୦୭. ୨୦୧୮ ସୁଦ୍ଧା) ସମସ୍ତ ବର୍ଗର ସମସ୍ତ ବର୍ଗର ପ୍ରାର୍ଥୀ/ପ୍ରାର୍ଥିନୀ ଙ୍କ ପାଇଁ ଉଦ୍ଦିଷ୍ଟ ।
ନିୟମ ଓ ସର୍ତ୍ତାବଳୀ: ୨ ମାସର ପାଠ୍ୟକ୍ରମ ସହିତ ୩ ମାସର ବାଧ୍ୟତାମୂଳକ ଇଣ୍ଡଷ୍ଟ୍ରିଆଲ ଟ୍ରେନିଂ ସମ୍ପୂର୍ଣ୍ଣ କରିବାକୁ ପଡିବ ଏବଂ ୯୫% ଉପସ୍ଥାନ ଜରୁରୀ ଅଟେ । କେବଳ ଚାକିରୀ କରିବାକୁ ଚାହୁଁଥିବା ପ୍ରାର୍ଥୀ/ପ୍ରାର୍ଥିନୀ ଯୋଗାଯୋଗ କରନ୍ତୁ ।
ଭୁବନେଶ୍ୱର ପାଇଁ ଯୋଗାଯୋଗ କରନ୍ତୁ: ଷ୍ଟେଟ ଇନଷ୍ଟିଚ୍ୟୁଟ ଅଫ ହୋଟେଲ ମ୍ୟାନେଜମେଣ୍ଟ, ଭୁବନେଶ୍ୱର ଶାଖା ପାନ୍ଥନିବାସ, ରୁମ ନମ୍ବର.୩୦୭, ବିଜେବି କଲେଜ ସାମ୍ନା, ଭୁବନେଶ୍ୱର (ଫୋନ ନମ୍ବର- ୭୨୫୬୦୯୬୦୮୦)
ବଲାଙ୍ଗୀର ପାଇ ଯୋଗାଯୋଗ କରନ୍ତୁ: ୯୪୩୭୧୪୦୭୭୨, ୬୩୭୦୧୮୦୦୪୦, ୯୪୩୭୧୨୭୫୦୪, (୦୬୬୫୨)-୨୩୦୭୨୯,୨୩୦୭୩୦
STATE INSTITUTE OF HOTEL MANAGEMENT, BALANGIR
(ESTABLISHED BY MINISTRY OF TOURISM, GOVT. OF INDIA & DEPT. OF TOURISM, GOVT. OF ODISHA)
e-mail: principal@sihmbalangir.org website: www.sihmbalangir.org

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ବର୍ଷା
ପରିବାରବର୍ଗ


ତନୁଶ୍ରୀ
ପରିବାରବର୍ଗ


ନାରାୟଣ
ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# Classified

automobile

**SALE**

1 private used M&M Supro VX passenger van (2016) in excellent condition for sale. Contact: 9437032196, 9438097301. D-63738

education

Admission open. Medical Registration, BAMS, BHMS, BUMS, D.Pharma, Nursing. Contact: 9893869473. D-65175

real estate

**SALE**

ଭୁବନେଶ୍ୱର- ହଂସପାଳ ସୁଧାନନ୍ଦ କଲେଜ ପାଖରେ ଘରବାରି ବାଉଣ୍ଡାରି ପ୍ଲଟ୍ 6,36,000/-ରେ ବିକ୍ରିହେବ। 9437003399, 8093465134. D-64352

ସୁନ୍ଦରପଦା- ଜଟଣୀରୋଡରେ Xavier University ପାଖରେ investment ଉପଯୋଗୀ ସ୍ଥିତିବାନପ୍ଲଟ lowcostରେ ମିଳୁଅଛି। First possession then registration. 8847851850. D-64362

Gharabari boundary plot infront Krupajal Engineering College Bhubaneswar. 9090899281, 8908805482. D-65053

Residential plot with revenue road and electricity near Patia Station. Immediate registration and possession. 9437827966. D-9346

ଭୁବନେଶ୍ୱର ମହାବୀର Engineering କଲେଜ back sideରେ ସ୍ଥିତିବାନ ପ୍ଲଟ ମିଳୁଛି। 8338932027. D-64365

30' road patta gharabari boundary residential plot at Benupur near Hanspal (100' road side). 9437033320. D-64373

construction

Construct your building in finished house contact: 9937064680. D-27282

astrology

Lab certified ରାଶିରତ୍ନ, ୧-୧୪ ମୁଖୀ ରୁଦ୍ରାକ୍ଷ, ଯନ୍ତ୍ର, ଅନ୍ୟ। 91+8093050401. D-9371

**GENERAL**

**SALE**

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-64372

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ଜନ୍ମଦିନ ଶୁଭେଚ୍ଛା


(କାହ୍ନା)
**ଶୁଭଙ୍କର ପରିଡ଼ା**
ମଉଗଜପୁର, ବିରିବାଟୀ, କଟକ
ତୋ ଜୀବନର ଚଲାପଥ କୁସୁମିତ ହେଉ। ଶୁଭେଚ୍ଛା ସହ: ପିତା- ସଞ୍ଜୟ କୁମାର ପରିଡ଼ା, ମାତା- ସୁଲୋଚନା ପରିଡ଼ା, ଶାନ୍ତିଲତା ପରିଡ଼ା, ଲକ୍ଷ୍ମୀଧର ପରିଡ଼ା, ବନଲତା ପରିଡ଼ା, ଦାଦାମାନେ- ଅଜୟ, ବିଜୟ, ଅକ୍ଷୟ, ଅଭୟ, ହୃଦୟ, ଧନଞ୍ଜୟ, ଚିନ୍ମୟ, ମୃତ୍ୟୁଞ୍ଜୟ। ଧ-୧୪୫୫୬

## ଆଇନଜୀବୀଙ୍କ ଆନ୍ଦୋଳନ ...

ଏହି ମାମଲାର ଶୁଣାଣି ସମୟରେ ଆଡଭୋକେଟ ପଟ୍ଟନାୟକଙ୍କୁ ମାଡ଼ ମାରିଥିବା ୩ ପୋଲିସ କର୍ମଚାରୀ ହାଜର ହୋଇ ହାତଯୋଡ଼ି କ୍ଷମା ମାଗିଥିଲେ। ଏହା ପରେ କାର୍ଯ୍ୟରତ ଆଇନଜୀବୀଙ୍କ ସୁରକ୍ଷା, ସ୍ୱାର୍ଥ, ଏକତା ଓ ସମନ୍ୱୟତା ରକ୍ଷା କରିବା ପାଇଁ ଗାଇଡ୍‌ଲାଇନ ପ୍ରସ୍ତୁତ କରାଯିବ ବୋଲି ଜଷ୍ଟିସ ଦାସ କହିଥିଲେ। ହାଇକୋର୍ଟ ବାର୍ ଆସୋସିଏଶନ ସମ୍ପାଦକ ସତ୍ୟବ୍ରତଙ୍କ କହିବା ଅନୁଯାୟୀ, ଏକ ଉଚ୍ଚ କ୍ଷମତାସମ୍ପନ୍ନ କମିଟି ଗଠନ କରାଯିବ। କମିଟିରେ ଜଣେ ଅବସରପ୍ରାପ୍ତ ବିଚାରପତି, ଗୃହ ବିଭାଗର ଅଧିକାରୀ, ହାଇକୋର୍ଟ ବାର୍ ଆସୋସିଏଶନର ସଭାପତି ଓ ସମ୍ପାଦକଙ୍କ ସମେତ ବରିଷ୍ଠ ସଦସ୍ୟମାନେ ସଭ୍ୟ ରହିବେ। କୌଣସି ଅପ୍ରୀତିକର ପରିସ୍ଥିତି ଉପୁଜିଲେ ଉକ୍ତ କମିଟି ମାଧ୍ୟମରେ ତାହାର ସମାଧାନ କରାଯିବ।

ସୂଚନାଥାଉକି, ଗତ ଅଗଷ୍ଟ ୨୮ରେ ଆଡଭୋକେଟ ଦେବୀପ୍ରସାଦଙ୍କୁ ଚାଉଳିଆଗଞ୍ଜ ଥାନା ପୋଲିସ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ଅଭିଯୁକ୍ତ ପୋଲିସ କର୍ମଚାରୀମାନଙ୍କ ବିରୋଧରେ ଆଇପିସି ଦଫା ୩୦୭ ଅନୁଯାୟୀ ମାମଲା ରୁଜୁ କରିବାକୁ ଆଇନଜୀବୀମାନେ ଦାବି କରିଥିଲେ। ମାତ୍ର ମାମଲାକୁ ହାଲୁକା କରିବା ପାଇଁ ପୋଲିସ ଚକ୍ରାନ୍ତ କରିଥିବା ଅଭିଯୋଗ କରି ଆଇନଜୀବୀମାନେ ଅଗଷ୍ଟ ୨୯ରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିଲେ। ୭୭ ଦିନର କାର୍ଯ୍ୟବନ୍ଦ ଆନ୍ଦୋଳନ ମଧ୍ୟରେ ଅନେକ ଅପ୍ରୀତିକର ଘଟଣା ଘଟିଯାଇଛି। ତେବେ ବିବାଦରେ ଏକପ୍ରକାର ଯବନିକା ପଡ଼ିଥିଲେ ମଧ୍ୟ ଏହାକୁ ନେଇ ହାଇକୋର୍ଟରେ ରୁଜୁ ହୋଇଥିବା ଜନସ୍ୱାର୍ଥ ମାମଲାର ଶୁଣାଣି ଗୁରୁବାର କରାଯିବ। ହାଇକୋର୍ଟ ମୁଖ୍ୟ ବିଚାରପତି କେ.ଏସ୍. ଝାବେରୀ ଓ ବିଚାରପତି କେ.ଆର୍. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଉକ୍ତ ମାମଲାର ଶୁଣାଣି କରାଯିବ।

## ମନେ ପଡ଼ନ୍ତି

### ନବମ ଶ୍ରାଦ୍ଧବାର୍ଷିକୀ


**ସ୍ୱର୍ଗତା ବସନ୍ତ କୁମାରୀ ମହାନ୍ତି**
ସ୍ୱାମୀ: ସ୍ୱର୍ଗତ ନଟବର ମହାନ୍ତି
ବସନ୍ତ ନିବାସ, ଅରିଲୋ, କଟକ
ତିରୋଧାନ: ୨୬।୧୦।୨୦୦୯
ବୋଉ, ତୋତେ ହରାଇ ଆମେ ସର୍ବହରା, ତୋର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ତୋର ଆଦର୍ଶ, ଆଶୀର୍ବାଦ ଆମ ଜୀବନର ପାଥେୟ ହେଉ। ଶୋକସନ୍ତପ୍ତ: ବନ୍ଧୁ ଓ ପରିବାରବର୍ଗ। ଧ-୯୪୩୬

### ଶ୍ରଦ୍ଧାଞ୍ଜଳି
### ଦଶାହ ଉପଲକ୍ଷେ


**ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ**
ଅବସରପ୍ରାପ୍ତ ଶିକ୍ଷକ
ଆବିର୍ଭାବ: ୦୨।୦୧।୧୯୩୬
ତିରୋଧାନ: ୦୬।୧୧।୨୦୧୮
ନୀଳକଣ୍ଠପୁର, କଣାସ, ପୁରୀ

### ଏକାଦଶାହ ଉପଲକ୍ଷେ


**ସ୍ୱର୍ଗତ ଦଣ୍ଡପାଣି ମହାନ୍ତି**
ଆବିର୍ଭାବ: ୨୨।୦୪।୧୯୨୯
ତିରୋଧାନ: ୦୫।୧୧।୨୦୧୮
ତୁମେ ଥିଲ ଅଜ୍ଞାନର ଅନ୍ଧକାରରେ ଜ୍ଞାନଦୀପ୍ତି, ପ୍ରତ୍ୟେକ ଆହ୍ୱାନର ମାର୍ଗଦର୍ଶକ, ସ୍ନେହର ସରୋବର ଏବଂ କର୍ତ୍ତବ୍ୟନିଷ୍ଠର ଛାଟ। ତୁମକୁ ଛାଡି ଝୁରିହୁଏ ସକଳ ପରିବାର। ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ: ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ନାତୁଣୀ ଜ୍ୱାଇଁ ଏବଂ ଅନ୍ୟମାନେ। ଧ-୯୪୪୨

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି


**ସ୍ୱର୍ଗତା ସାବିତ୍ରୀ ରାଉତ**

## ୬ ଲକ୍ଷ ଏସ୍‌ଏଚ୍‌ଜିକୁ...

'ମମତା' ହେଉ କିମ୍ବା 'ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା' କିମ୍ବା ସମ୍ପତ୍ତି ଅଧିକାର, ଯେତେବେଳେ ରାଜ୍ୟ ସରକାର ଏପରି କିଛି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି, ସେତେବେଳେ ମହିଳାଙ୍କ ପାଇଁ ଆଉ ଏକ ପାଦ ଆଗକୁ ଯାଇ ସେମାନଙ୍କ ଲାଗି ଅଧିକ ସୁଯୋଗ ସୃଷ୍ଟି କରିଛନ୍ତି। ଆମେ ବହୁତ କିଛି ପଦକ୍ଷେପ ନେଇଛୁ। ଅନୁଷ୍ଠାନ ଗଢୁଛୁ। କୋଠାବାଡି, ରାସ୍ତା, ସେତୁ ଆଦି ନିର୍ମାଣ କରୁଛୁ। ମୁଁ ଏଠାରେ କହିବାକୁ ଚାହେଁ ଯେ, ଯେତେବେଳେ ମହିଳାମାନଙ୍କ ପାଇଁ ଆମେ କିଛି ପଦକ୍ଷେପ ନେଇଛୁ, ଏହା ରାଜ୍ୟର ବିକାଶ ଉପରେ ସର୍ବାଧିକ ପ୍ରଭାବ ପକାଇଛି। ଏହା ମୋତେ ସବୁଠାରୁ ଅଧିକ ଆନନ୍ଦ ଦେଇଛି। ଓଡ଼ିଶାର ମା'ମାନେ ମୋତେ ସେବା କରିବାର ସୁଯୋଗ ଦେଇଥିବାରୁ ମୁଁ ସେମାନଙ୍କ ନିକଟରେ କୃତଜ୍ଞ। ଆପଣମାନେ ହେଉଛନ୍ତି ରାଜ୍ୟର ଶକ୍ତି ଏବଂ ଏହି ଶକ୍ତି ହିଁ ଆମର ଭବିଷ୍ୟତ ବିକାଶକୁ ଆଗେଇ ନେବ। ମହିଳାମାନଙ୍କ ରାଜନୈତିକ ସଶକ୍ତୀକରଣ କ୍ଷେତ୍ରରେ ବିଜୁବାବୁ ଥିଲେ ଅଗ୍ରଦୂତ। ସେ ପଞ୍ଚାୟତିରାଜ ଓ ପୌର ପରିଷଦଗୁଡିକରେ ମହିଳାମାନଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ କରିଥିଲେ। ଆମ ସରକାର ଏହାକୁ ୫୦ ପ୍ରତିଶତକୁ ବୃଦ୍ଧି କରିଛି।

'ମେକ୍ ଇନ୍ ଓଡିଶା କନ୍‌କ୍ଲେଭ'ରେ ମହିଳା ଉଦ୍ୟୋଗୀମାନଙ୍କୁ ଗୁରୁତ୍ୱ ଦିଆଯାଇଛି। ମୁଁ ବିଶେଷ ଆନନ୍ଦିତ ଯେ, ସେମାନଙ୍କ ମଧ୍ୟରୁ ଅନେକ ପ୍ରସିଦ୍ଧ ବ୍ୟକ୍ତିତ୍ୱ ଏହି କନକ୍ଲେଭରେ ଯୋଗ ଦେଇଛନ୍ତି। ଆଲୋଚନାର ନିର୍ଯାସକୁ ବାସ୍ତବ ରୂପରେଖ ଦେବା ପାଇଁ ଆମେ ନିଶ୍ଚିତ ଭାବେ କାର୍ଯ୍ୟ କରିବୁ। ମହିଳା ସଶକ୍ତୀକରଣ ମୋର ସବୁଠୁ ପ୍ରିୟ କାର୍ଯ୍ୟକ୍ରମ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ୭୦ ଲକ୍ଷ ମହିଳା, ୬ ଲକ୍ଷ ସ୍ୱେଚ୍ଛାସେବୀ ସଂଗଠନ, ୫ ହଜାର କୋଟି ଟଙ୍କା ସଞ୍ଚୟ ଏବଂ ୨ ହଜାର କୋଟି ଟଙ୍କାର ବାର୍ଷିକ ବ୍ୟାଙ୍କ କାରବାର ହେଉଛି। ଏପରି କୌଣସି ଗାଁ ନାହିଁ ଯେଉଁଠାରେ ମିଶନ ଶକ୍ତି ଗ୍ରୁପ ନାହିଁ। ରାଜ୍ୟର ପ୍ରତି ଦୁଇଟି ପରିବାରରେ କେହି ଜଣେ ମିଶନ ଶକ୍ତିର ସଦସ୍ୟ ଅଛନ୍ତି। ମାତୃମୃତ୍ୟୁ ହାର କ୍ଷେତ୍ରରେ ଓଡିଶା ଜାତୀୟ ହାରଠାରୁ ବହୁତ ଭଲ ସ୍ଥିତିରେ ଅଛି। ଡାକ୍ତରଖାନାରେ ପ୍ରସବ ସଂଖ୍ୟା ଆମ ରାଜ୍ୟରେ ରେକର୍ଡ ୯୦ପ୍ରତିଶତ ରହିଛି। ମହିଳାମାନଙ୍କ ସମ୍ପତ୍ତି ମାଲିକାନା ଓଡିଶାରେ ସର୍ବାଧିକ। ଆମ ରାଜ୍ୟରେ ଜନ୍ମ ନେଉଥିବା ମହିଳାଙ୍କ ଆୟୁଷରେ ହାରାହାରି ୧୦ବର୍ଷ ବୃଦ୍ଧି ହେଉଛି। କିଛିବର୍ଷ ତଳେ ଏକ ଜନଜାତି ବହୁଳ ଜିଲାର ଜିଲାପାଳ ମୋତେ କହିଥିଲେ ଯେ ମିଶନ ଶକ୍ତି ଗ୍ରୁପମାନଙ୍କୁ ଆର୍ଥିକ ସହାୟତା ଦେବା ପାଇଁ ବ୍ୟାଙ୍କଗୁଡିକ ପରସ୍ପର ସହିତ ପ୍ରତିଯୋଗିତା କରୁଛନ୍ତି। ରାଜ୍ୟରେ ମିଶନ ଶକ୍ତିର ଋଣ ପରିଶୋଧ ହାର ମଧ୍ୟ ୯୫ ପ୍ରତିଶତରୁ ଅଧିକ ରହିଛି। ଏହା ଅନ୍ୟ ରାଜ୍ୟଗୁଡ଼ିକଠାରୁ ବହୁତ ଭଲ ସ୍ଥିତି। ଋଣ ପରିଶୋଧ କ୍ଷେତ୍ରରେ ମା'ମାନଙ୍କ ଆନ୍ତରିକତାକୁ ସମ୍ମାନ ଦେଇ ରାଜ୍ୟ ସରକାର ମିଶନ ଶକ୍ତିଗୁଡିକୁ ୧ ପ୍ରତିଶତ ସୁଧରେ ଋଣ ଯୋଗାଇ ଦେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ବିବାହ ବନ୍ଧନରେ...

ତେବେ ବିବାହ ଉତ୍ସବରେ ମାତ୍ର ୪୦ଜଣ ଅତିଥି ଯୋଗ ଦେଇଥିଲେ। କଡା ନିରାପତ୍ତା ବନ୍ଦୋବସ୍ତ କରାଯାଇଥିବାରୁ ଉତ୍ସବ ସ୍ଥଳକୁ ମୋବାଇଲ୍ ଫୋନ୍ ବାରଣ କରାଯାଇଥିଲା।

ଦୀପିକା ଏବଂ ରଣବୀର ସୋମବାର ସଂଧ୍ୟାରେ ପରସ୍ପର ମଧ୍ୟରେ ମୁଦ୍ରିକା ବିନିମୟ କରିଥିଲେ। ମଙ୍ଗଳବାର ଅପରାହ୍ନରେ ମେହେନ୍ଦି ଉତ୍ସବ ଆରମ୍ଭ ହୋଇଥିଲା। ସନ୍ଧ୍ୟାରେ ନୃତ୍ୟ ସଂଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମେହେନ୍ଦି ଉତ୍ସବରେ ଦୀପିକା ଫ୍ୟାସନ୍ ଡିଜାଇନର ସବ୍ୟସାଚୀ ମୁଖାର୍ଜୀଙ୍କ ଦ୍ୱାରା ପ୍ରସ୍ତୁତ ଏକ ବସ୍ତ୍ର ପରିଧାନ କରିଥିଲେ। ନବଦମ୍ପତିଙ୍କ ବସ୍ତ୍ର ରଙ୍ଗ ବେଶ୍ ସୁସଂଯୋଜିତ ଥିଲା। ଗାୟକ ହର୍ଷଦୀପ କୌରଙ୍କ ସମେତ ସଞ୍ଜୟ ଦାସ, ବବି ପାଠକ ଏବଂ ଫିରୋଜ ଖାନ୍ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଦୁଇଦିନର ପ୍ରାରମ୍ଭିକ ଉତ୍ସବ ପରେ ବୁଧବାର କୋଙ୍କଣି ପ୍ରଥାରେ ବିଭାଘର ହୋଇଥିଲା। ଗୁରୁବାର ସେମାନେ ପାରମ୍ପରିକ ଆନନ୍ଦ କରଜ ଉତ୍ସବ ପାଳନ କରିବେ। ଦୀପିକା ଏବଂ ରଣବୀରଙ୍କ ମଧ୍ୟରେ ପ୍ରେମ '...ରାମ-ଲୀଲା'ରୁ ଆରମ୍ଭ ହୋଇଥିଲା। ସେହିଦିନଠାରୁ ଦୁହେଁ ପ୍ରଶଂସକ, ଗଣମାଧ୍ୟମ ଏବଂ କଳାକାର ମହଲରେ ଖୁବ୍ ଚର୍ଚ୍ଚାରେ ଥିଲେ। ସେମାନେ ବିବାହ ସୁନିଶ୍ଚିତ କରାଇବା ସହିତ ଗତ ଅକ୍ଟୋବର ମାସରେ ଗଣମାଧ୍ୟମରେ ଏଥିପାଇଁ ତାରିଖ ଘୋଷଣା କରିଥିଲେ। ଉକ୍ତ ଦମ୍ପତି ନଭେମ୍ବର ୨୧ରେ ବେଙ୍ଗାଲୁରୁରେ ଏବଂ ୨୮ରେ ମୁମ୍ବାଇରେ ବାହାଘର ଭୋଜି (ରିସେପ୍‌ଶନ୍) ଆୟୋଜନ କରିବେ। ଅତିଥିମାନେ ଦୀପିକାଙ୍କ 'ଦି ଲାଇଭ୍ ଲଭ୍ ଲାଫ୍ ଫାଉଣ୍ଡେଶନ୍' ନାମରେ ଉପହାର ଦେବାପାଇଁ ପରାମର୍ଶ ଦିଆଯାଇଛି। ଉକ୍ତ ଅନୁଷ୍ଠାନ ମାନସିକ ସ୍ୱାସ୍ଥ୍ୟ ସଚେତନତା ସୃଷ୍ଟି କରିଆସୁଛି।

## ୧୧ରୁ ଶୀତ...

ଏବଂ କଂଗ୍ରେସ ମଧ୍ୟରେ ମୁଖ୍ୟତଃ ଲଢ଼େଇ ହୋଇଛି। ସାଧାରଣ ନିର୍ବାଚନ ପୂର୍ବରୁ ହେବାକୁ ଥିବା ଏହି କ୍ଷମତାଯୁଦ୍ଧର ଫଳାଫଳ ଯେଉଁଦିନ ପ୍ରକାଶ ପାଇବ, ଠିକ୍ ସେହିଦିନ ପାର୍ଲାମେଣ୍ଟ ଶୀତ ଅଧିବେଶନ ଆରମ୍ଭ ହେଉଥିବାରୁ ଗୃହ ସରଗରମ ହେବା ସମ୍ଭାବନା ରହିଛି। ଏଥର ଅଧିବେଶନରେ ମୋଟ ୨୦ଟି କାର୍ଯ୍ୟଦିବସ ରହିବ। ଗୃହକାର୍ଯ୍ୟ ସୁରୁଖୁରରେ

ପ୍ରଥମ ପୃଷ୍ଠାରୁ...

କରାଇବା ଲାଗି ସବୁ ଦଳର ସହଯୋଗ ଲୋଡ଼ାଯିବ ବୋଲି ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ବିଜୟ ଗୋଏଲ ସୂଚନା ଦେଇଛନ୍ତି। ଶୀତ ଅଧିବେଶନରେ ସରକାର ତ୍ରିପଲ୍ ତଲାକ୍ ବିଲ୍‌କୁ ରାଜ୍ୟ ସଭାରେ ଉପସ୍ଥାପନ କରିବେ। ଯଦିଓ ଏହି ଛାଡ଼ପତ୍ର ପ୍ରଥାକୁ ଦଣ୍ଡନୀୟ ଅପରାଧ ଦର୍ଶାଇ ଏକ ଅଧ୍ୟାଦେଶ ଜାରି ହୋଇସାରିଛି, ତଥାପି ଆଇନରେ ସଂଶୋଧନ ଲାଗି ପାର୍ଲାମେଣ୍ଟର ଅନୁମତି ଲୋଡ଼ା। ଭାରତୀୟ ଭେଷଜ ପରିଷଦ ସଂଶୋଧନ ଅଧ୍ୟାଦେଶ ଏବଂ କମ୍ପାନୀ ସଂଶୋଧନ ଅଧ୍ୟାଦେଶ ପାର୍ଲାମେଣ୍ଟରେ ଗୃହୀତ କରାଇବାକୁ ସରକାର ଯୋଜନା ରଖିଛନ୍ତି। ସାଧାରଣତଃ ନଭେମ୍ବରରେ ପାର୍ଲାମେଣ୍ଟର ଶୀତ ଅଧିବେଶନ ହୁଏ। କିନ୍ତୁ ଲଗାତର ଦୁଇବର୍ଷ ହେଲା ଏଥିରେ ବିଳମ୍ବ ଘଟି ଡିସେମ୍ବର ପର୍ଯ୍ୟନ୍ତ ଘୁଞ୍ଚିଯାଉଛି। ଏବର୍ଷ ମଧ୍ୟ ୫ ରାଜ୍ୟର ନିର୍ବାଚନ ପାଇଁ ବିଳମ୍ବ ହୋଇଛି।

## ବିଦ୍ୟୁତ୍ ଆଘାତରେ ...

ଚାନ୍ଦୁଆ ବିଟ୍‌ର ସୁନାପୋଷି ଜଙ୍ଗଲରେ ବୁଧବାର ସନ୍ଧ୍ୟାରେ ଘଟିଛି ଆଉ ଏକ ଘଟଣା, ଯେଉଁଠି ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଏକ ଦନ୍ତାର ମୃତ୍ୟୁ ହୋଇଛି।

ସୂଚନା ଅନୁଯାୟୀ, ବାରହା ଶିକାର କରିବା ପାଇଁ ହେମାମୁରା ଗ୍ରାମ ଦେଇ ଯାଇଥିବା ୧୧ କେଭି ବିଦ୍ୟୁତ୍ ଲାଇନ୍‌ରୁ ଶିକାରୀମାନେ ଧାନ ଜମିରେ ତାର ବିଛାଇଥିଲେ। ବିଳମ୍ବିତ ରାତିରେ ଧାନ ଖାଇବାକୁ ଆସିଥିବା ଏକ ଦନ୍ତା ହାତୀ ଉକ୍ତ ବିଦ୍ୟୁତ୍ ଫାଶରେ ଛନ୍ଦି ହୋଇଯାଇଥିଲା। ଘଟଣାସ୍ଥଳରେ ହାତୀ ମରି ପଡ଼ିଥିବା ଦେଖି ଶିକାରୀମାନେ ନିକଟସ୍ଥ ବିଲରୁ ଧାନଗଛ କାଟି ତାହା ଉପରେ ଘୋଡାଇ ଦେଇଥିଲେ। ବୁଧବାର ସକାଳେ ଘଟଣା ସମ୍ପର୍କରେ ଜାଣିବା ପରେ ଗ୍ରାମବାସୀ ବନ ବିଭାଗକୁ ଖବର ଦେଇଥିଲେ। ସୂଚନା ମିଳିବା ମାତ୍ରେ ଆଠମଲ୍ଲିକ ଡିଏଫ୍‌ଓ ସମ୍ୟକ ସାମନ୍ତରା, ହଣ୍ଡପା ରେଞ୍ଜର ଚୈତନ୍ୟ ବେହେରା, ଫରେଷ୍ଟର ଦୀପ୍ତି ରଞ୍ଜନ ବିଶ୍ୱାଳଙ୍କ ସମେତ ଏକ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ମୃତ ହାତୀର ଆନୁମାନିକ ବୟସ ୩୦ ବର୍ଷ ହେବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ଘଟଣାରେ ହେମାମୁରାର ୨ ଜଣଙ୍କ ସମ୍ପୃକ୍ତି ଥିବା ପୋଲିସ ଜାଣିପାରିଥିବାବେଳେ ସେମାନେ ଫେରାର ହୋଇଯାଇଛନ୍ତି। ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ଉମାକାନ୍ତ ମାଝି ଏନେଇ ଠାକୁରଗଡ ଥାନାରେ ଅଭିଯୋଗ କରିଛନ୍ତି। ଠାକୁରଗଡ ପ୍ରାଣୀ ଡାକ୍ତର ଶାରଦା ତରେଇ ହାତୀର ଶବ ବ୍ୟବଚ୍ଛେଦ କରିବା ପରେ ତାହାକୁ ବନ ବିଭାଗ ପକ୍ଷରୁ ପୋତି ଦିଆଯାଇଛି। ଉଲ୍ଲେଖଥାଉ କି, କିଛିଦିନ ତଳେ ପାଲଲହଡ଼ାଠାରେ ଶିକାରୀମାନେ ବିଦ୍ୟୁତ୍ ତାର ବିଛାଇ ଏକ ଦନ୍ତା ଶିକାର କରିବା ପରେ ଦାନ୍ତ କାଟି ନେଇଥିଲେ। ଏହି ଘଟଣାରେ ଅଭିଯୁକ୍ତମାନେ ଧରା ପଡି ନାହାନ୍ତି। ଏବେ ଆଉ ଏକ ହାତୀ ମୃତ୍ୟୁକୁ ନେଇ ପରିବେଶବିତ୍ ତଥା ସାଧାରଣରେ ଆଲୋଡନ ସୃଷ୍ଟି ହୋଇଛି।

ସୁନାପୋଷି ଜଙ୍ଗଲରେ ମୃତ୍ୟୁ ଘଟିଥିବା ହାତୀର ବୟସ ୧୨ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ବିଦ୍ୟୁତ୍ ଓ ବନ ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ ହାତୀର ମୃତ୍ୟୁ ହୋଇଥିବା ଚର୍ଚ୍ଚା ହେଉଛି। ଅପରପକ୍ଷରେ ୧୧ କେଭି ତାର ୧୦ ଫୁଟ ତଳେ ଥିବାରୁ ଏହି ଅଘଟଣ ଘଟିଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି। ଘଟଣାସ୍ଥଳରେ ବାରିପଦା ବନଖଣ୍ଡ ଅଧିକାରୀ ସ୍ୱୟମ ମଲିକଙ୍କ ସମେତ ବନବିଭାଗର ଏକ ଟିମ୍ ପହଞ୍ଚି ତଦନ୍ତ କରୁଛି। ସୁନାପୋଷି ଜଙ୍ଗଲରେ ହାତୀଙ୍କ ଚଳପ୍ରଚଳ ଥିବା ସମ୍ପର୍କରେ ବିଦ୍ୟୁତ୍ ବିଭାଗକୁ ପୂର୍ବରୁ ଖବର ଦିଆଯାଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଇ ନ ଥିବା ବନଖଣ୍ଡ ଅଧିକାରୀ ସ୍ୱୟମ କହିଛନ୍ତି। ଏ ସମ୍ପର୍କରେ ବିଦ୍ୟୁତ୍ ବିଭାଗର କୌଣସି ଅଧିକାରୀଙ୍କ ମତାମତ ମିଳିପାରିନାହିଁ।

## ହାତୀ ସୁରକ୍ଷା ପାଇଁ ...

କିନ୍ତୁ ବିଶ୍ୱାଳ କମିଟି ସୁପାରିସ ଓଡ଼ିଶାରେ ଠିକ୍ ଭାବେ କାର୍ଯ୍ୟକାରୀ ହେଉ ନାହିଁ। ଯେଉଁ କର୍ମଚାରୀ ସୁପାରିସ ଉଲ୍ଲଂଘନ କରୁଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ମାନେକା ଚିଠିରେ ଲେଖିଛନ୍ତି। ହାତୀ ମୃତ୍ୟୁକୁ ନେଇ ଉଦ୍‌ବେଗ ପ୍ରକାଶ କରିବା ସହିତ ନିଜେ ହାତୀ ସୁରକ୍ଷା ପାଇଁ ବ୍ୟକ୍ତିଗତ ଭାବେ ଧ୍ୟାନ ଦେବାକୁ ମାନେକା ମୁଖ୍ୟମନ୍ତ୍ରୀଙ୍କୁ କହିଛନ୍ତି।

## ଶିଶୁ ଦିବସରେ ନେତାଜୀ...

'ନେହେରୁ ଜୟନ୍ତୀ' ବଦଳରେ ଲେଖାହୋଇଥିଲା 'ନେତାଜୀ ଜୟନ୍ତୀ'। ପିଲାମାନଙ୍କୁ ମଧ୍ୟ ନେହେରୁଙ୍କ ବଦଳରେ ନେତାଜୀଙ୍କ ବିଷୟରେ ଅବଗତ କରାଯାଇଥିଲା। ଖୋଦ ବ୍ଲକ ସଦରରେ ଥିବା ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ଯଦି ଏପରି ଶିକ୍ଷା ଏବଂ ମହାପୁରୁଷଙ୍କ ନାମ ଭୁଲ ରୂପେ ଅବଗତ କରାଯାଉଛି, ତେବେ ଦୁର୍ଗମ ଅଞ୍ଚଳର ଛାତ୍ରୀଛାତ୍ରଙ୍କୁ କେଉଁ ପ୍ରକାରର ଶିକ୍ଷା ମିଳୁଥିବ ଏଥିରୁ ସ୍ପଷ୍ଟ ଅନୁମେୟ। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଶିକ୍ଷାର ବିକାଶ ହୋଇପାରୁ ନ ଥିବା ସବୁ ସମୟରେ ଅଧିକାରୀମାନେ କହିଆସୁଛନ୍ତି। କିନ୍ତୁ ଏପରି ଶିକ୍ଷକଙ୍କ ହାତରେ ଶିକ୍ଷାର ବିକାଶ କିପରି ହୋଇପାରିବ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ଖଇରପୁଟ ବିଇଓ ଶଶିଭୂଷଣ ମିଶ୍ରଙ୍କୁ ପଚାରିବାରୁ ସେ କହିଲେ ଯେ, ଏ ନେଇ ସେ ଅବଗତ ଅଛନ୍ତି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ଖଟିରେ ଖଟିରେ...

### ନାକ ଟେକୁଛନ୍ତି

ସାଧାରଣ ନିର୍ବାଚନକୁ ମାସ କେଇଟା ବାକି ରହିଲା। କିଏ କାହା ଖୁଆଡକୁ ଯିବ, ସେ ନେଇ ଚର୍ଚ୍ଚା ଜୋର ଧରିଲାଣି। ପଶ୍ଚିମ ଓଡ଼ିଶାର ଏକ ପ୍ରମୁଖ ଲୋକ ସଭା ଆସନର ପ୍ରତିନିଧି ଫୁଲମୁହାଁ ହେଲେଣି। ତାଙ୍କୁ କୁଆଡେ ନିଜ ଦଳକୁ ଆଣିବା ପାଇଁ ଫୁଲ ଦଳିଆ ମହାରାଜା ପରିବାର ଅଣ୍ଟା ଭିଡିଛନ୍ତି। ଖାଲି ସୁବର୍ଣ୍ଣ ସୁଯୋଗକୁ ଅପେକ୍ଷା। ଖାଲି ସିଏ ନୁହନ୍ତି, ବଲାଙ୍ଗୀର ଅପାଙ୍କ ଶଙ୍ଖ ଟିକେଟ୍ କୁଆଡେ କଟିଯାଇପାରେ। ସେଠି ନୂଆ ପ୍ରାର୍ଥୀ ଖୋଜୁଛି ଦଳ। ହେଲେ ଫୁଲ ଦଳ ସ୍ଥାନୀୟ ପାପୁଲି ମାନ୍ୟବରଙ୍କୁ ଆଣିବା ଯୋଜନା କରୁଛି। କିଛିଦିନ ପୂର୍ବେ ସବୁ କିଛି ଠିକ୍ ଥିଲା, ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥାନ୍ତା। ହେଲେ କେଁ ପୂରେଇଲେ ଫୁଲ ଦଳିଆ ମହାରାଜ। ଏଭଳି ଆଲୋଚନା ରାଜଧାନୀର ଏକ ଖଟିରେ ହେଉଥିବା ସମୟରେ ଜଣେ କହିଲେ, ରାଜା ବୋଧେ କେବଳ ରାଜାଙ୍କୁ ଚାହୁଁଛନ୍ତି। ତେଣୁ ପୂର୍ବତନ ପାପୁଲି ମାନ୍ୟବରଙ୍କ ଆଗମନକୁ ନାକ ଟେକୁଛନ୍ତି।

### ମଞ୍ଜି କଥା ତ ଏଠି

ଏବେ ରାଇଜ ସରକାରୀ ମୁଖ୍ୟାଳୟ ଭିତର ଚା, ଜଳଖିଆ ଦୋକାନକୁ ଦେଖିଲେ ସବୁଠି ସରକାରୀ ବାବୁମାନଙ୍କ ରାଜନୀତି ଚର୍ଚ୍ଚା। ଆଗରୁ ଏଇ ଅଫିସର ଏଇଆ କଲା, ସେଇ ଅଫିସର ସେଇଆ କଲା, ଛୁଟି ଦେବାକୁ ଏମିତି କହିଲା ଇତ୍ୟାଦି କଥା ଚାଲୁଥିଲା। ଏଇନା ଗଣମାଧ୍ୟମରେ ଚର୍ଚ୍ଚାକୁ ଆସୁଥିବା ନେତାଙ୍କ ଖବରକୁ ନେଇ ଆଲୋଚନା ଜମୁଛି। ଏଇ ଗଲା ମଙ୍ଗଳବାରଟାରେ କିଛି ଅଫିସରବାବୁ ଶଙ୍ଖ ଦଳରୁ ବିଦା ହୋଇଥିବା ଆମ ପୋର୍ଟ ଏରିଆ ମାନ୍ୟବରଙ୍କ ବିଷୟରେ ଚର୍ଚ୍ଚା ଚଳାଇ ଥାଆନ୍ତି। ସେଠାରେ ଥିବା ଜଣେ ବାବୁ କହୁଥାଆନ୍ତି ଆମ ରାଇଜ ମୁଖିଆଙ୍କୁ ବିରୋଧ କଲେ ଯାହା ହୁଏ, ଏଇ ମହାଶୟଙ୍କ କ୍ଷେତ୍ରରେ କ'ଣ ସେଇଆ ହବ। ସେଇଠୁ ଦେହପା ବିଭାଗର ଜଣେ ବାବୁ କହିଲେ, ରାଇଜ ମୁଖିଆ କ'ଣ କରିବେ ହୋ, ଆମ ମୁଖିଆ ପରା ସେଇ ମହାଶୟଙ୍କୁ ଗଡାଇ ଦେବାକୁ ନିଜ ଆଦାୟ ଟଙ୍କା ପୋର୍ଟ ପଠାଇବାରେ ବ୍ୟସ୍ତ। ଏଇ ବାବୁମାନଙ୍କ ଏମିତି କଥା ଶୁଣି ବାହାରୁ କିଛି କାମରେ ଯାଇଥିବା ଜଣେ ମହାଶୟ କହିଲେ, ଇରେ ହେ, ରାଜନୀତି ମଞ୍ଜି କଥା ତ ଏଠି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** — କର୍ମକ୍ଷେତ୍ରରେ ସହକର୍ମୀଙ୍କ ସାହାଯ୍ୟ ସାଙ୍ଗକୁ ଆର୍ଥିକ ସ୍ଥିତି ବେଶ୍ ମଜଭୁତ ରହିବା କାରଣରୁ ନୂତନ ଉତ୍ସାହ ନେଇ କାମ କରିବେ। ସାଧାରଣ ଘଟଣାକୁ କେନ୍ଦ୍ରକରି ଅପରାହ୍ନରେ ବନ୍ଧୁ, ପରିବାର କ୍ଷେତ୍ରରେ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। ଆଲୋଚନା ପରିସର, ସଭାସମିତି, କଳା, ସାହିତ୍ୟରେ ପ୍ରଶଂସିତ ହେବେ।

**ବୃଷ** — ବହୁଦିନରୁ ଭଲ ସମ୍ପର୍କ ରହିଥିବା ବନ୍ଧୁଟି ପରିସ୍ଥିତି ଚାପରେ ପଡ଼ି ଦୂରେଇଯିବା କାରଣରୁ ମନରେ ଅସ୍ଥିରତା ସୃଷ୍ଟି ହୋଇପାରେ। ରାଜନୀତି ଓ ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ଯାନବାହନ, ଜମିଜମା, ପ୍ରେସ୍,ପବ୍ଲିକେଶନ ସ୍ତରରେ ରହିଥିବା ସମସ୍ୟା ଦୂରୀଭୂତ ହୋଇଯିବ। ପିଲାମାନଙ୍କ ସମସ୍ୟା ଦୁଶ୍ଚିନ୍ତାର କାରଣ ହୋଇପାରେ।

**ମିଥୁନ** — ସାଥୀ ମେଳରେ ବେଶି ସମୟ କଟାଇବା ସହ ଅନାବଶ୍ୟକ ଖର୍ଚ୍ଚ କରିବାକୁ ବାଧ ହେବେ। ଘରର ବରାଦ ଅନୁଯାୟୀ ଫେରିବା ବାଟରୁ କିଛି ନୂଆ ଜିନିଷ ଘରକୁ ଆଣିପାରନ୍ତି। ପ୍ରଶାସନ, ପ୍ରକାଶନ, ସଂଗଠନ, ରାଜନୀତି, କଳା, ସାହିତ୍ୟ କ୍ଷେତ୍ରରେ ଶୁଭଫଳ ପାଇବେ। ସ୍ୱାସ୍ଥ୍ୟରେ ଅବନତି ପରିଲକ୍ଷିତ ହେବା ଆଶଙ୍କା ରହିଛି।

**କର୍କଟ** — କର୍ମସ୍ଥାନରେ ସ୍ୱଗୃହୀ ଶୁକ୍ର ହେତୁ ସାମାଜିକ ସ୍ତରରେ ନିଜ ଲୋକଙ୍କୁ ମନେଇ କାର୍ଯ୍ୟସାଧନ କରିବେ। ଆଜି ବଜାର ସଉଦା କିଣିବାରେ ସତର୍କ ନ ହେଲେ ଠକାମିରେ ପଡ଼ିପାରନ୍ତି। ସଭାସମିତି, ପରିବହନ କ୍ଷେତ୍ରରୁ ସୁଫଳ ମିଳିବ। କାରଣ ନ ଥାଇ ମଧ୍ୟ ଦୋଷୀ ସାବ୍ୟସ୍ତ ହେବେ, ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ଝଡ଼ ଉଠିପାରେ।

**ସିଂହ** — କର୍ମାଧିପ ଷଷ୍ଠ କାରଣରୁ ଅଫିସ୍‌ରେ ଅଟକି ରହିଯାଇଥିବା କାମଟିକୁ ପୂର୍ଣ୍ଣାଙ୍ଗ ରୂପ ଦେବେ। ପାରିବାରିକ ସମସ୍ୟାର ସମାଧାନ ଘଟିବ, ଏ ଦିଗରେ ଜଣେ ବନ୍ଧୁଙ୍କ ସାହାଯ୍ୟ କାମକୁ ଆସିବ। ଆର୍ଥିକ ଅନଟନ ଜନିତ ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ। ସ୍ୱାସ୍ଥ୍ୟ ସମସ୍ୟା ନେଇ ଚିନ୍ତିତ ହୋଇପାରନ୍ତି।

**କନ୍ୟା** — ଶନିଙ୍କ ପ୍ରଭାବରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ପରିବାରରେ କ୍ରମାଗତ ଭାବେ ସମସ୍ୟା ବଢ଼ିପାରେ। ବିଭିନ୍ନ ପ୍ରକାର ବାଧାବିଘ୍ନ ଓ ସମସ୍ୟା ଲାଗି ରହୁଥିବା କାରଣରୁ ପ୍ରତ୍ୟେକ କ୍ଷେତ୍ରରେ ନେଗେଟିଭ୍ ଚିନ୍ତାଧାରା ମନକୁ ଆକ୍ରାନ୍ତ କରିବ। ବ୍ୟବସାୟ, ପରିବହନ ଓ ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ।

**ତୁଳା** — ପାପଗ୍ରହ ଯୁକ୍ତ ଚନ୍ଦ୍ର ହେତୁ କର୍ମକ୍ଷେତ୍ରରେ ବିଭିନ୍ନ ପ୍ରକାର ଅପ୍ରୀତିକର ପରିସ୍ଥିତି ସୃଷ୍ଟିର ଆଶଙ୍କା ରହିଛି। ନିର୍ଦ୍ଦିଷ୍ଟ ଦିଗରେ ଖର୍ଚ୍ଚ କରିବାକୁ ରଖିଥିବା ଟଙ୍କା ଭିନ୍ନ ବାଟରେ ଖର୍ଚ୍ଚ ହୋଇଯିବ। ଆତ୍ମୀୟମାନେ ସମାଲୋଚନା କରିପାରନ୍ତି। ବହୁ ଦିନରୁ ଆଶା କରିଥିବା କାମଟିରେ ସୁଯୋଗ ପାଇଲେ ମଧ୍ୟ ସଦ୍ ବ୍ୟବହାର କରିବା କଷ୍ଟକର ହେବ।

**ବିଛା** — ଆଜି ଆପଣଙ୍କୁ କୌଣସି ନୀଚ ଜାତିର ବ୍ୟକ୍ତିବିଶେଷ ପରୋକ୍ଷ ଭାବେ ସମାଲୋଚନା କରିପାରନ୍ତି। ସାହିତ୍ୟ, ସାମ୍ବାଦିକତା, ରାଜନୀତି, ପ୍ରକାଶନ, ପ୍ରଶାସନିକ ସ୍ତରରେ ଅଭୀଷ୍ଟ ସିଦ୍ଧି ଘଟିବ। ଆନୁଷ୍ଠାନିକ କ୍ଷେତ୍ରରେ ଆକସ୍ମିକ ଭାବରେ ଉଚ୍ଚ ସମ୍ମାନ ଓ ବସ୍ତ୍ରଭୂଷଣ ପ୍ରାପ୍ତି ଯୋଗ ରହିଛି। ଅସାବଧାନତା କାରଣରୁ କୌଣସି ଜିନିଷ ହରାଇପାରନ୍ତି।

**ଧନୁ** — ଆକସ୍ମିକଭାବରେ ବନ୍ଧୁମାନଙ୍କ ସହ ଭ୍ରମଣ ଓ କାର୍ଯ୍ୟସିଦ୍ଧି ଯୋଗୁ ମନ ପ୍ରଫୁଲ୍ଲ ରହିବ। ପାଖ ପଡୋଶୀ କିମ୍ବା ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ। ପାରସ୍ପରିକ ଉତ୍ତମ ବୁଝାମଣା କାରଣରୁ ପାରିବାରିକ ପରିସ୍ଥିତି ଠିକ୍ ରହିବ। ହୋଟେଲ, ଦୋକାନ, ବ୍ୟବସାୟ, ବାଣିଜ୍ୟ ପ୍ରଭୃତିରେ ଆଶା କରୁଥିବା ଫଳ ଅବଶ୍ୟ ପାଇବେ।

**ମକର** — ପାରସ୍ପରିକ ମତଭେଦ କାରଣରୁ ଅଫିସରେ କାମଗୁଡ଼ିକ ଶେଷ ପର୍ଯ୍ୟାୟକୁ ଯିବା ପୂର୍ବରୁ କୌଣସି ଅଘଟଣ ଘଟିପାରେ। ଘରୋଇ କଥାରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କଲେ ଭଲ ହେବ। ଅର୍ଥ ସମ୍ପର୍କ, ବନ୍ଧୁଙ୍କୁ ଭଲ ପାଇବା, ଅତିଥି ଚର୍ଚ୍ଚା, ଯାତ୍ରା, ଆଇନ ଅଦାଲତ ପ୍ରଭୃତି କ୍ଷେତ୍ରରେ ସଫଳତା ନିଶ୍ଚିତ ମିଳିବ।

**କୁମ୍ଭ** — କର୍ମକ୍ଷେତ୍ରରେ ନିଜର ପ୍ରାଧାନ୍ୟକୁ ଜାହିର କରିବାକୁ ଯାଇ ଅପଦସ୍ଥ ହୋଇପାରନ୍ତି। ସତ୍‌ସଙ୍ଗ ପ୍ରତି ମନ ବଳିବ ଏବଂ ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ପାଇବେ। ଗୃହ ନିର୍ମାଣ, ଗାଡ଼ି କିଣା, କରଜ ଦେବା, କାମରେ ମନ ଦେଇପାରନ୍ତି। ପରିବହନ, ପ୍ରଶାସନ ସ୍ତରରେ କାର୍ଯ୍ୟ ସାଧନ କିମ୍ବା ଆଶା ପୂରଣ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିବେ।

**ମୀନ** — ପାରିବାରିକ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ ପାଇଁ ଦିନଟି ବହୁତ ଶୁଭଙ୍କରୀ ହେବ। ହଠାତ୍ ହଜିଯାଇଥିବା ବ୍ୟକ୍ତି, ଚୋରି ଯାଇଥିବା ଜିନିଷର ଖୋଜ ଖବର ପାଇପାରନ୍ତି। କେତେକ କ୍ଷେତ୍ରରେ ନିଜର ଅସହାୟତା ପ୍ରକାଶ କରି ଆତ୍ମଗ୍ଲାନି ଅନୁଭବ କରିପାରନ୍ତି।

ଆଜି କାର୍ତ୍ତିକ ଶୁକ୍ଳ ସପ୍ତମୀ ଯୁକ୍ତ ଅଷ୍ଟମୀ ଗୁରୁବାର, ନଭେମ୍ବର ୧୫ ତାରିଖ, ମାସାନ୍ତ, ବିର୍ସା ମୁଣ୍ଡା ଜୟନ୍ତୀ, ରାଶି ନକ୍ଷତ୍ର-ସକାଳ ଘ୯।୦୭ମି. ଗତେ ଧନିଷ୍ଠା/ମକର, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ୧୦।୦୮ମି. ଗତେ ଘ୧୧।୩୧ମି. ମଧ୍ୟେ, ଘ୧୨।୫୫ମି. ଗତେ ଘ୨।୧୭ମି. ମଧ୍ୟେ ଅମୃତବେଳା। ଦିବା ଘ୭।୨୨ମି. ମଧ୍ୟେ ଘ୧୧।୩୦ମି. ଗତେ, ଘ୧୨।୫୪ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୨।୫୪ମି. ଗତେ ଘ୨।୧୭ମି. ମଧ୍ୟେ ରାହୁକାଳ।

DSPL-252

ODISHA ONE
ଓଡ଼ିଶା ଆମ ଗୌରବ

ଓଡ଼ିଶା ସରକାର



ହରିଦ୍ୱାର-ଋଷିକେଶ ଅଭିମୁଖୀ
୮ମ "**ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା**"ଟ୍ରେନ୍।
ଏଥର ଶୁଭାରମ୍ଭ ହେଉଛି ଏକ ନୂତନ ସ୍ଥାନରୁ।

# ଟିଟିଲାଗଡ଼


ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ

## ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ

ଆଜି ଅପରାହ୍ନ **ଘ୧୨.୧୫ମି.**ରେ
ଶ୍ରୀକ୍ଷେତ୍ର ପୁରୀରୁ ଭିଡିଓ କନ୍‌ଫରେନ୍‌ସିଂ ମାଧ୍ୟମରେ
ତୀର୍ଥଯାତ୍ରୀମାନଙ୍କୁ ଶୁଭବିଦାୟ ଜଣାଇବା ସହିତ
ସମସ୍ତଙ୍କ ପାଇଁ ଏକ ମଙ୍ଗଳମୟ ଯାତ୍ରାର
କାମନା କରୁଛନ୍ତି।

# ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା

ଆଧ୍ୟାତ୍ମିକ ଯାତ୍ରାର ଦିବ୍ୟ ଅନୁଭବ




3701/13/0050/1819

ODISHA TOURISM
India's Best Kept Secret!

Website: www.odishatourism.gov.in / www.visitodisha.org | E-mail: oritour@gmail.com

@Naveen_Odisha CMO. Odisha @CMO_Odisha CMO. Odisha

> ମହାନ୍ ସାଧୁସନ୍ଥମାନେ ଅଲୌକିକ କ୍ରିୟା ଦେଖାଇଛନ୍ତି। ମହତ୍ତର ସାଧୁସନ୍ଥମାନେ ତାକୁ ଉପହାସ କରିଛନ୍ତି। କିନ୍ତୁ କାର୍ଯ୍ୟତଃ ତାହା ଘଟାଇଛନ୍ତି।
> –ଶ୍ରୀଅରବିନ୍ଦ



# କୁକୁଡ଼ା ମାଂସରେ ବିଷ



ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

"ଆମ ଘରକୁ କିଛି ଅତିଥି ଆସିଛନ୍ତି। ପ୍ରିୟେ! ସେମାନଙ୍କ ପାଇଁ ଆର୍ସେନିକ୍ ବିଷଯୁକ୍ତ ସ୍ୱାଦିଷ୍ଟ କୁକୁଡ଼ାମାଂସ ତରକାରି ତିଆରି କର। କ'ଣ, କରିପାରିବନି? ତା'ହେଲେ ଚାଲ ସେମାନଙ୍କୁ ଏକ ଭଲ ହୋଟେଲକୁ ନେଇ ଆର୍ସେନିକ୍ ବିଷଯୁକ୍ତ ତନ୍ଦୁରି ଚିକେନ୍ ଖାଇବାକୁ ଦେବା।"– ଏହା କୌଣସି ସଦ୍ୟ ବଲିଉଡ୍ ହତ୍ୟାରହସ୍ୟ ସ୍କ୍ରିପ୍ଟର ପଂକ୍ତି ନୁହେଁ। ଏହା ବାସ୍ତବ ଜୀବନର ଘଟଣା। ଆର୍ସେନିକ୍ ଏପରି ଏକ ମାରାତ୍ମକ ବିଷ, ଯାହାଦ୍ୱାରା ବିଭିନ୍ନ ନାଟକ, ଉପନ୍ୟାସ ଓ ଚଳଚ୍ଚିତ୍ର ପ୍ରଭୃତିରେ କେତେ ଚରିତ୍ରଙ୍କୁ ହତ୍ୟା କରାଯାଇଛି। କିନ୍ତୁ ଆମେ ଦୈନନ୍ଦିନ ଆହାରରେ ଯେ ଏହି ମାରାତ୍ମକ ଆର୍ସେନିକ୍ ଖାଉଛୁ, ସେ କଥା ଆମକୁ ଜଣାନାହିଁ।

ଆର୍ସେନିକ୍ ହେଉଛି ଦୁଇ ପ୍ରକାର– ଜୈବ ଓ ଅଜୈବ। ତେବେ ଜୈବ ଅପେକ୍ଷା ଅଜୈବ ଆର୍ସେନିକ ଯୌଗିକ ଅଧିକ ବିଷାକ୍ତ। ତାହା ମଣିଷ ଶରୀରର କୋଷଗୁଡ଼ିକ ସହ ପ୍ରତିକ୍ରିୟା କରି ସେଗୁଡ଼ିକର ଉପାଦାନଗୁଡ଼ିକୁ ବିସ୍ଥାପନ କରିବା ସହ କୋଷଗୁଡ଼ିକର କ୍ରିୟାକୁ ବଦଳାଇଦିଏ। ଉଦାହରଣସ୍ୱରୂପ ଶକ୍ତି ସୃଷ୍ଟି ଓ ସଂକେତ ପ୍ରଦାନ ପାଇଁ କୋଷଗୁଡ଼ିକ ଫସ୍‌ଫେଟ୍ ବ୍ୟବହାର କରନ୍ତି। କିନ୍ତୁ ଆର୍ସେନିକ୍‌ର ଗୋଟିଏ ରୂପ ଆର୍ସେନେଟ୍ କୋଷରୁ ଫସ୍‌ଫେଟ୍‌କୁ ବାହାର କରିଦେଇ ତା'ର ସ୍ଥାନ ମାଡ଼ିବସେ। ଫଳରେ କୋଷରେ ଶକ୍ତି ସୃଷ୍ଟି ହୋଇପାରେ ନାହିଁ କିମ୍ବା କୋଷଗୁଡ଼ିକ ସଂକେତ ଆଦାନପ୍ରଦାନ ମାଧ୍ୟମରେ ପରସ୍ପର ସହ ସମ୍ପର୍କ ରକ୍ଷା କରିପାରନ୍ତି ନାହିଁ। ଏହା ୨୦୦ରୁ ଅଧିକ ଏଞ୍ଜାଇମ୍‌ର କ୍ରିୟାକୁ ମଧ୍ୟ ବଦଳାଇଦିଏ। ଅର୍ଥାତ୍ ଏହା ଏକ ମାରାତ୍ମକ ବିଷର କାର୍ଯ୍ୟ କରେ। ଆର୍ସେନିକ୍‌ର ବିଷକ୍ରିୟା ବିଷୟରେ ଖ୍ରୀ.ପୂ. ୧୫୦୦ ପୂର୍ବରୁ ଇବର୍ସ ପାପିରସ୍‌ରେ ବର୍ଣ୍ଣନା ଅଛି। ଆର୍ସେନିକ୍‌ର ବିଷକ୍ରିୟା ଯୋଗୁ ବାନ୍ତି, ପେଟ ଯନ୍ତ୍ରଣା, ରକ୍ତଯୁକ୍ତ ତରଳ ଝାଡ଼ା, ହୃଦୟ ସମସ୍ୟା, ଲୋହିତ ରକ୍ତକଣିକାର ବିନାଶ, ମୁଣ୍ଡବୁଲା, ଭୟଙ୍କର ମାନସିକ ବିଶୃଙ୍ଖଳା, ଶକ୍, କୋମା ଓ ମୃତ୍ୟୁ ହୋଇପାରେ।

କିନ୍ତୁ କମ୍ ପରିମାଣର ଆର୍ସେନିକ୍ ଖାଦ୍ୟ ମାଧ୍ୟମରେ ଦୀର୍ଘଦିନ ଧରି ଗ୍ରହଣ କରିବା ମଧ୍ୟ ଚିନ୍ତାଜନକ ହୋଇପାରେ। କାଠରେ ଉଇ ନ ଲାଗିବା ପାଇଁ ଆର୍ସେନିକ୍ ବ୍ୟବହାର କରାଯାଉଥିଲା, ଯାହା ପୃଥିବୀର ଅନ୍ୟ ସବୁ ଦେଶରେ ନିଷିଦ୍ଧ ହୋଇଥିଲେ ମଧ୍ୟ ଭାରତରେ ଏବେ ବି ବ୍ୟବହାର କରାଯାଉଛି। କ୍ଷୀର, ଆପ୍ଲ ଜୁସ୍ ଓ ମଦ ପିଇବା ମାଧ୍ୟମରେ ଆମେ କମ୍ ପରିମାଣର ଆର୍ସେନିକ୍ ପ୍ରତ୍ୟହ ଗ୍ରହଣ କରୁଛୁ। ଏଫ୍‌ଡିଏ ଓ୍ୱାଇନ୍‌ର ୮୩ଟି ବ୍ରାଣ୍ଡରୁ ଉଚ୍ଚମାତ୍ରାର ଅଜୈବ ଆର୍ସେନିକ୍ ପାଇଛି। ଆମେ ଖାଉଥିବା ବିଭିନ୍ନ ପ୍ରକାର ମାଂସ, ମାଛ, କଙ୍କଡ଼ା, ଚିଙ୍ଗୁଡ଼ି, ଶାମୁକା ଓ ଚିକେନ୍‌ରେ ଆର୍ସେନିକ୍ ଅଛି। କମ୍ ମାତ୍ରାର ଆର୍ସେନିକ୍ କମ୍ ପ୍ରତିକ୍ରିୟା ଦେଖାଇଥାଏ। କିନ୍ତୁ ଦୀର୍ଘଦିନ ଧରି ନିୟମିତ ଏହି କମ୍ ମାତ୍ରାର ବିଷ ଖାଇଲେ ତାହା ଅଧିକ ବିପଦ ସୃଷ୍ଟି କରିଥାଏ। ଏଥିଯୋଗୁ ଭିଟାମିନ୍ ଏ ଅଭାବ ଦେଖାଦେବା ସହ ହୃଦ୍‌ରୋଗ, ଷ୍ଟ୍ରୋକ୍, ପୁରୁଣା ଶ୍ୱାସନଳୀ ରୋଗ, ଡାଇବେଟିସ୍, ଫୁସ୍‌ଫୁସ୍, ବ୍ଲାଡର ଓ ଚର୍ମ କର୍କଟ ଏବଂ କିଡ୍‌ନୀ ଓ ଯକୃତ ସମସ୍ୟା ସୃଷ୍ଟି ହୋଇଥାଏ। ଦୀର୍ଘଦିନ ଧରି ଆର୍ସେନିକ୍ ସଂସ୍ପର୍ଶରେ ଆସିଲେ ଚର୍ମ କଳା ବା ନାଲି ପଡ଼ିଯିବା, ଫୁଲିବା, ଆବୁଡ଼ାଖାବୁଡ଼ା ହେବା ଆଦି ଚର୍ମ ସମସ୍ୟା ଦେଖାଦେଇପାରେ। ଆଙ୍ଗୁଠିର ନଖଗୁଡ଼ିକରେ ଧଳାଧଳା ଗାର ପଡ଼ିପାରେ। ଉଭୟ ସେନ୍ସରୀ ଓ ମଟର ନର୍ଭରେ ବିକୃତି ଦେଖାଦେଇପାରେ। ଅନ୍ୟ ସମସ୍ୟା ହେଉଛି ଲାକ୍ଟିକ୍ ଏସିଡୋସିସ୍। ଆର୍ସେନିକ୍ କୋଷ ମଧ୍ୟକୁ ପୋଟାସିୟମ୍‌କୁ ଯିବାକୁ ଦିଏ ନାହିଁ। ପୋଟାସିୟମ୍‌ର ଅଭାବ ଜୀବନ ନାଶକାରୀ ହୃତ୍‌ସ୍ପନ୍ଦନରେ ବ୍ୟାଘାତ, ସ୍ନାୟବିକ ବିଶୃଙ୍ଖଳା, ଉଚ୍ଚ ରକ୍ତଚାପ ଏବଂ ରକ୍ତହୀନତା ସୃଷ୍ଟି କରିପାରେ।

ଏପିଡେମିଓଲୋଜିକାଲ ଅଧ୍ୟୟନଗୁଡ଼ିକରୁ ଜଣାପଡ଼ିଛି ଯେ, ଦୀର୍ଘଦିନ ଧରି ସ୍ୱଳ୍ପମାତ୍ରାର ଆର୍ସେନିକ୍ ସେବନ କରିବା ସହ ଟାଇପ୍–୨ ଡାଇବେଟିସ୍‌ର ସମ୍ବନ୍ଧ ରହିଛି। ଖାଦ୍ୟରେ ଆର୍ସେନିକ୍ ସେବନ କରୁଥିବା ଗର୍ଭବତୀ ମହିଳାମାନେ କମ୍ ଓଜନର ଶିଶୁ ଜନ୍ମ କରନ୍ତି।

ଆପଣ ଯେତେବେଳେ ବି ଚିକେନ୍ ଖାଉଛନ୍ତି, ସେତେବେଳେ ନିଶ୍ଚୟ ଆର୍ସେନିକ୍ ସେବନ କରୁଛନ୍ତି। ୧୯୪୦ ଦଶକରୁ କୁକୁଡ଼ାମାନଙ୍କୁ କମ୍ ଖାଦ୍ୟ ଦେଇ ମୋଟା କରିବା ଓ ଅଧିକ ଲାଭ କମେଇବା ପାଇଁ ଆର୍ସେନିକ୍ ଯୁକ୍ତ ଔଷଧ ଖାଇବାକୁ ଦିଆଯାଉଛି। ଏହି ଔଷଧର ନାମ ହେଉଛି ରୋକ୍ସାର୍ସୋନ୍ ଓ ନାଇଟାର୍ସୋନ୍। ଏହି ଔଷଧରେ ଥିବା ଆର୍ସେନିକ୍‌କୁ ଜୈବ ଓ ହାନିକାରକ ନୁହେଁ ବୋଲି କହି ତାକୁ ଅନୁମତି ଦିଆଯାଇଛି। କିନ୍ତୁ ୨୦୧୧ ମସିହାରେ ଜନ୍‌ସ ହପ୍‌କିନ୍ସ ସେଣ୍ଟର ଏହି ଦାବିକୁ ଭୁଲ୍ ବୋଲି ପ୍ରମାଣ କରିଛି। ଅଧ୍ୟୟନରୁ ଜଣାପଡ଼ିଛି ଯେ, ଏହି ଔଷଧରେ ଥିବା ଜୈବ ଆର୍ସେନିକ୍ କୁକୁଡ଼ା ଦେହରେ କ୍ୟାନ୍‌ସରକାରକ ଅଜୈବ ଆର୍ସେନିକ୍‌ରେ ପରିଣତ ହୋଇଥାଏ। ପୁନଶ୍ଚ ଯେତେବେଳେ ଉକ୍ତ କୁକୁଡ଼ା ମାରି ରନ୍ଧାଯାଏ, ସେଥିରେ ଥିବା ଆର୍ସେନିକ୍ ଅଧିକ କ୍ଷତିକାରକ ହୋଇଉଠେ। ୭୦ ପ୍ରତିଶତ କୁକୁଡ଼ାଙ୍କୁ ରୋକ୍ସାର୍ସୋନ୍ ଖାଇବାକୁ ଦିଆଯାଏ ବୋଲି ୨୦୦୬ରେ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଏଗ୍ରିକଲ୍‌ଚର ଆଣ୍ଡ ଟ୍ରେଡ୍ ପଲିସିର ରିପୋର୍ଟରୁ ଜଣାପଡ଼ିଛି। ଜନସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ଉକ୍ତ ଆର୍ସେନିକ୍‌ଯୁକ୍ତ ଔଷଧକୁ ନିଷିଦ୍ଧ କରିବା ଲାଗି ଜନ୍‌ସ ହପ୍‌କିନ୍ସ ଏଫ୍‌ଡିଏକୁ ପରାମର୍ଶ ଦେଇଛି। ତେବେ ଏପର୍ଯ୍ୟନ୍ତ କୌଣସି ନିଷେଧାଦେଶ ଜାରି ହୋଇ ନ ଥିବା ବେଳେ ଆମେରିକାର କେତେକ କୁକୁଡ଼ା ଫାର୍ମ ସ୍ୱେଚ୍ଛାକୃତ ଭାବେ କୁକୁଡ଼ାମାନଙ୍କୁ ଉକ୍ତ ଔଷଧ ଦେବା ବନ୍ଦ କରିଛନ୍ତି। ଆର୍ସେନିକ୍‌ଯୁକ୍ତ କୁକୁଡ଼ାମାଂସ ଖାଇବା ଯୋଗୁ କ୍ୟାନ୍‌ସର ହେବା ନେଇ ଦେଶବ୍ୟାପି ଉଦ୍‌ବେଗ ପ୍ରକାଶ ପାଇବା ଯୋଗୁ ୨୦୧୧ ମସିହାରେ ଉକ୍ତ ଔଷଧ ନିର୍ମାତା କମ୍ପାନୀ ଫିଜର ଘୋଷଣା କରିଛି ଯେ, ସେମାନେ ଆମେରିକାରେ ଏ ଔଷଧ ଆଉ ବିକ୍ରି କରୁନାହାନ୍ତି। ତେବେ ଉକ୍ତ କମ୍ପାନୀ ଅନ୍ୟ ଦେଶଗୁଡ଼ିକରେ ଏ ଔଷଧ ବିକ୍ରି ଅବ୍ୟାହତ ରଖିଛି। ୟୁରୋପ, ଇଂଲଣ୍ଡ ଓ ଜାପାନ ସମେତ ୨୫ଟି ଦେଶରେ ଆର୍ସେନିକ୍‌ଯୁକ୍ତ ପଶୁଖାଦ୍ୟକୁ ନିଷିଦ୍ଧ କରାଯାଇଛି। କିନ୍ତୁ ଏସିଆ, କାନାଡା ଓ ଅଷ୍ଟ୍ରେଲିଆର ଅନେକ ଦେଶରେ ଏ ଖାଦ୍ୟ ଏବେ ବି ପ୍ରାଣୀମାନଙ୍କୁ ଦିଆଯାଉଛି।

ଭାରତୀୟ କୁକୁଡ଼ା ଫାର୍ମଗୁଡ଼ିକ ବ୍ୟାପକଭାବେ ରୋକ୍ସାର୍ସୋନ୍ ଓ ନାଇଟାର୍ସୋନ୍ ବ୍ୟବହାର କରୁଛନ୍ତି। ଇଣ୍ଟରନେଟ୍‌ରେ ଆର୍ସେନିକ୍‌ଯୁକ୍ତ ପ୍ରାଣୀ ଖାଦ୍ୟ ସମ୍ପର୍କରେ ଅନୁସନ୍ଧାନ କଲେ ଆପଣ ୨୨,୩୦୦ ବିକ୍ରେତା ଓ ବିତରକଙ୍କୁ ପାଇପାରିବେ। ମାରାତ୍ମକ ଆର୍ସେନିକ୍‌ର ଉପସ୍ଥିତି ବିଷୟରେ ନ ଜାଣି ଭାରତରେ ଏବେ ଅଧିକରୁ ଅଧିକ ଲୋକ କୁକୁଡ଼ାମାଂସ ଖାଉଛନ୍ତି। ଭାରତରେ ପ୍ରକ୍ରିୟାକୃତ କୁକୁଡ଼ାମାଂସ ବିକ୍ରି ବର୍ଷକୁ ୧୫–୨୦% ହାରରେ ବୃଦ୍ଧି ପାଉଛି। ଭାରତରେ ବ୍ରଏଲର କୁକୁଡ଼ା ମାଂସରେ ଅନୁମୋଦିତ ମାତ୍ରାଠାରୁ ଅଧିକ ପରିମାଣର ଆର୍ସେନିକ୍ ରହୁଥିବା ଅନୁଧ୍ୟାନରୁ ଜଣାପଡ଼ିଛି। କର୍ତ୍ତୃପକ୍ଷ ଉକ୍ତ କୁକୁଡ଼ା ଫାର୍ମଗୁଡ଼ିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଆବଶ୍ୟକତା ରହିଛି।

ତେବେ କେବଳ କୁକୁଡ଼ା ମାଂସ ଖାଉଥିବା ଲୋକମାନେ ନୁହନ୍ତି, ନିରାମିଷାଶୀମାନେ ଆର୍ସେନିକ୍ ବିଷର ଶିକାର ହେଉଛନ୍ତି। କାରଣ କୁକୁଡ଼ା ମଳକୁ କୃଷିକ୍ଷେତରେ ସାରଭାବେ ବ୍ୟବହାର କରାଯାଉଛି। କୁକୁଡ଼ା ମଳରେ ଥିବା ଜୀବାଣୁମାନେ ଜୈବ ଆର୍ସେନିକ୍‌କୁ ଅଜୈବ ଆର୍ସେନିକ୍‌ରେ ପରିଣତ କରିଦିଅନ୍ତି। ତେଣୁ ସେହି କ୍ଷେତରୁ ଅମଳ ହେଉଥିବା ପନିପରିବା ଓ ଶସ୍ୟରେ ଆର୍ସେନିକ୍‌ର ମାତ୍ରା ରହୁଛି। ପୁଣି କୁକୁଡ଼ା ମଳରେ ଥିବା ଆର୍ସେନିକ୍ ପାଣିରେ ଦ୍ରବୀଭୂତ ହୋଇ ଭୂତଳ ଜଳଭଣ୍ଡାରକୁ ବି ପ୍ରଦୂଷିତ କରିପାରେ। ତେଣୁ କୁକୁଡ଼ାମାନଙ୍କୁ ଆର୍ସେନିକ୍‌ଯୁକ୍ତ ଖାଦ୍ୟ ଓ ଔଷଧ ଦେବାକୁ ଆଇନ ଅନୁଯାୟୀ ନିଷିଦ୍ଧ କରାଯିବା ଦରକାର।

Email: gandhim@nic.in

# ମିଛ ଭିକାରି, ମିଛ ଭେକ



ଛନ୍ଦା ମିଶ୍ର

କୁହାଯାଏ, ଭେକ ଥିଲେ ଭିକ ମିଳେ। କୋଟ୍, ଟାଇ ପିନ୍ଧା ଭଦ୍ରବ୍ୟକ୍ତିଟି ପାଇଁ ଆପଣଙ୍କ ପକେଟରୁ ଦୁଇଟଙ୍କିଆଟିଏ ବାହାରିବ କି? ତେଣୁ ଭିକ ମାଗିବାକୁ ଆସୁଥିବା ଲୋକେ ଚିରାଫଟା ପିନ୍ଧି, ଆଲୁରୁବାଲୁରୁ ମୁଣ୍ଡ କରି, ଛିଣ୍ଡାଚପଲ ଓ କଣା ଟିଣଡବା ଧରି ଆପଣଙ୍କ ନିକଟରେ ହାତ ପତାନ୍ତି। ତାଙ୍କ ଦୟନୀୟ ଅବସ୍ଥା ଦେଖି ଆପଣଙ୍କ ପାଖରେ ଥିବା ଖୁଚୁରାଗୁଡ଼ିକ ଟିଣଡବା ଭିତରକୁ ଡେଇଁପଡିବାକୁ ବିକଳ ହୋଇଉଠନ୍ତି। ଆଉ ଭିକ୍ଷାପ୍ରାର୍ଥୀ ଯଦି ବିକଳାଙ୍ଗ ବା ସାଥିରେ ଥାଏ ଲଙ୍ଗଳା ଶିଶୁଟିଏ, ତେବେ ଆପଣଙ୍କ ମୁଣାରେ ଥିବା କାଗଜ ନୋଟ୍‌ଗୁଡ଼ିକ ବି ହୋଇଉଠନ୍ତି ଚଞ୍ଚଳ। ମନ୍ଦିରଗୁଡ଼ିକରେ ଆମଠାରୁ ଦାନ ଗ୍ରହଣ କରିବା ପାଇଁ ଯେଉଁ ଜୁଲମ ହୁଏ, ଉଣାଅଧିକେ କେହି ସେଥିରୁ ବାଦ୍ ପଡି ନ ଥିବେ। କେହି ବେତ ବାଡେଇ ହାତପତାଏ ତ ଆଉ କେହି 'ଠାକୁରଙ୍କୁ ହାତ ଖୋଲି ଦାନ କର' ବୋଲି କୁହାଟ ଛାଡେ।

କିଛିଦିନ ତଳର କଥା, ବିଶାଖାପାଟଣାର ସିଂହାଚଳମ୍ ମନ୍ଦିର ଭିତରକୁ ଯିବା ପାଇଁ ଶହେଟଙ୍କାର ଟିକେଟ କାଟି ଲାଇନରେ ଛିଡାହେଲୁ। ଅତ୍ୟନ୍ତ ପରିଷ୍କାର, ପରିଚ୍ଛନ୍ନ ମନ୍ଦିରଟିର ପୂଜାରୀ ନିକଟକୁ ଆସି ଗୋତ୍ର ଓ ନାମ ପଚାରି ସ୍ୱତନ୍ତ୍ର ଭାବେ ପୂଜା କରିବା ସହ ତୁଳସୀପତ୍ର, ଆଳତି ଓ ପାଦୁକା ଦେଲା ପରେ ବାହାରକୁ ଯାଇ ଭୋଗ ନେଇଯିବା ପାଇଁ କହିଲେ। ସର୍ବତ୍ର ଶୁଚି, ଶୃଙ୍ଖଳା ଓ ପବିତ୍ରତାର ଉପସ୍ଥିତି ବାରି ହୋଇପଡୁଥାଏ। ପରଦିନ ଶ୍ରୀକାକୁଲମ୍‌ର ଶ୍ରୀମୁଖଲିଙ୍ଗମ୍ ମନ୍ଦିରକୁ ଦେଖି ଆଶ୍ଚର୍ଯ୍ୟ ଲାଗିଲା। ଆମ ମୁକ୍ତେଶ୍ୱର ଓ କେଦାରଗୌରୀ ମନ୍ଦିରର ପ୍ରତିଚ୍ଛବି ଦେଖିଲାପରି ଲାଗିଲା। ପଚାରି ବୁଝିଲି ତାହା କାଳେ ପୂର୍ବେ କଳିଙ୍ଗର ରାଜଧାନୀ ଥିଲା। ପରେ ରାଜା ସେଠାରୁ କଟକକୁ ରାଜଧାନୀ ସ୍ଥାନାନ୍ତର କରିଥିଲେ। ତେବେ ସେତେବେଳେ ଦଶଟି ବ୍ରାହ୍ମଣ ପରିବାରକୁ ରାଜା ଓଡ଼ିଶାରୁ ନେଇ ସେଠାରେ ମନ୍ଦିରର ପୂଜା ପାଇଁ ନିଯୁକ୍ତ କରିଥିଲେ। ସିଂହାଚଳମ୍‌ରେ ଦେଖିଥିବା ଦୃଶ୍ୟର ଠିକ୍ ବିପରୀତ ଏଠାରେ ଦେଖିବାକୁ ମିଳିଲା। ମନ୍ଦିର ଭିତର ଓ ବାହାର ନଡିଆ ଖୋଳପା, ଭଙ୍ଗାଦୀପ ଓ ଆବର୍ଜନାମୟ। ମନ୍ଦିର ବାହାରେ ଭିକାରି ଓ ଭିତରେ ପୂଜାରୀଙ୍କ ଦୌରାତ୍ମ୍ୟ। ଶହେ ଟଙ୍କା ଦେଲା ପରେ ବି ଗାଡିରେ ବସିଲା ପର୍ଯ୍ୟନ୍ତ ସେମାନେ ପାଖ ଛାଡୁ ନ ଥାନ୍ତି।

ଏତ ଗଲା ମନ୍ଦିରଗୁଡ଼ିକର ଦୃଶ୍ୟ। ଏହାଛଡା ଏବେ ସବୁ ଛକରେ, ସପିଙ୍ଗ୍ ମଲ୍ ସମ୍ମୁଖରେ ଓ ପାର୍କଗୁଡ଼ିକରେ ମାଇଚିଆ, ଅଣଓଡିଆ ମହିଳା ଓ ଛୋଟପିଲାଙ୍କ ପ୍ରାଦୁର୍ଭାବରେ ଲୋକେ ଅତିଷ୍ଠ ହେଲେଣି। ବେଶପଟା ହୋଇ ଦଳଦଳ ମାଇଚିଆ ଲୋକଙ୍କ ମୁହଁରେ ଦେହରେ ହାତମାରି ଟଙ୍କା ନ ଝଡାଇଲା ପର୍ଯ୍ୟନ୍ତ ଲୋକଙ୍କୁ ଅପଦସ୍ଥ କରିବାର ସମସ୍ତ ଉପାୟ ଅବଲମ୍ବନ କରୁଛନ୍ତି। ଏଥିରେ ଭଲ ରୋଜଗାର ହେଉଛି ଦେଖି, କିଛି ସୁସ୍ଥ ସବଳ ପୁରୁଷ ବି ଗାଲରେ ପାଉଡର ଓ ଓଠରେ ଲିପ୍‌ଷ୍ଟିକ୍ ମାରି, ଭିନ୍ନ ଢଙ୍ଗରେ ତାଳିଦେଇ ଏହି ପନ୍ଥା ଆପଣେଇଲେଣି। ଆମ ଭଦ୍ରଲୋକଙ୍କ ମାନସିକତାକୁ ବି ଧିକ୍। ଏ ଅକର୍ମାମାନଙ୍କୁ କୋଡିଏ ଟଙ୍କିଆଟେ ଧରାଇଦେବେ, କିନ୍ତୁ ଟଙ୍କାଏ ଆଠଣା ପାଇଁ ଝାଳନିଗିଡି ପଡୁଥିବା ମୂଲିଆ ବା ପରିବାଦୋକାନୀଟି ସହ କରିବେ ଝିକ୍ ଝିକ୍।

ତେବେ ଭିକ ସହ ଭେକର ସମ୍ପର୍କ ବେଶ୍ ନିବିଡ। ଭେକ ଯଦି ଠିକ୍ ଅଛି ତେବେ ଭିକ୍ଷାଥାଳ କେବେ ବି ଅପୂର୍ଣ୍ଣ ରହିବ ନାହିଁ। ସେଥିପାଇଁ ପରା, ନିଜକୁ ବିକଳାଙ୍ଗ ସଜାଇବା ପାଇଁ ଲୋକେ ଗୋଡ ଓ ହାତକୁ ପଛପଟେ ବାନ୍ଧି ଗୋଡହାତ ନ ଥିବାର ସୁନ୍ଦର ଅଭିନୟ କରୁଛନ୍ତି। ଏଇ କିଛିଦିନ ତଳେ ବାଙ୍ଗାଲୋରରେ କାର୍ଯ୍ୟରତ ଓଡ଼ିଆ ଦମ୍ପତି ନିଜ ସାତମାସର ଶିଶୁପୁତ୍ରଟି ପାଇଁ ଆୟାଟିଏ ଖଞ୍ଜିଦେଲେ। ସ୍ୱାମୀ ସ୍ତ୍ରୀ ଅଫିସ ଯିବା ପୂର୍ବରୁ ଆୟା ଆସି ଶିଶୁପୁତ୍ରଟିକୁ କୋଳକୁ ନିଏ ଓ ସେମାନେ ଅଫିସରୁ ଫେରିଲେ ତାଙ୍କ ହାତକୁ ଛୁଆ ବଢେଇଦେଇ ଘରକୁ ଫେରେ। ପ୍ରାୟ ତିନିଚାରି ମାସ ପରେ ଦମ୍ପତି ଲକ୍ଷ୍ୟ କଲେ ଯେ, ଛୁଆଟି ଦିନକୁଦିନ ଦୁର୍ବଳ ହୋଇଯିବା ସହ କିପରି ଏକ ଅସ୍ୱାଭାବିକ ଆଚରଣ କରୁଛି। ପଡୋଶୀଙ୍କଠାରୁ ଆୟାର ଗତିବିଧି ଉପରେ ନଜର ରଖିବାର ପରାମର୍ଶ ପାଇ ପରଦିନ ଠିକ୍ ସମୟରେ ଅଫିସ ଯିବାର ବାହାନା କରି ଲୁଚିରହି ଦେଖିଲେ। ପ୍ରାୟ ଅଧଘଣ୍ଟା ପରେ ନିଦ୍ରିତ ଶିଶୁକୁ ଧରି ଆୟା ଘରେ ତାଲା ପକାଇ ଅଟୋରେ ବସିଲା। ଷ୍ଟେଶନ ନିକଟସ୍ଥ ବସ୍ତିରୁ ମହିଳା ଜଣେ ଆସି ପାଞ୍ଚଟଙ୍କିଆଟେ ବଢାଇ ଦେଇ ଆୟା ହାତରୁ ଶିଶୁକୁ ନେଇ ଚାଲିଗଲା। ଅଳ୍ପ କିଛି ସମୟ ପରେ ଷ୍ଟେଶନର ଜନଗହଳିପୂର୍ଣ୍ଣ ଅଞ୍ଚଳରେ ଏକ ଧଳା ଚାଦର ଉପରେ ଶିଶୁଟିକୁ ଶୁଆଇଦେଇ, 'ଛୁଆକୁ ସାଂଘାତିକ ବେମାରି ହୋଇଛି ସାହାଯ୍ୟ କର' କହି ମହିଳାଟି ବାହୁନିବାରେ ଲାଗିଲା। ନିଜ କ୍ରୋଧ ଓ ବିସ୍ମୟକୁ ଚାପିରଖି ସ୍ୱାମୀ ସ୍ତ୍ରୀ ପୋଲିସ ଡାକିଲା ପରେ ବାହାରିଲା ପ୍ରକୃତ ସତ। ଆୟା ସୁସ୍ଥ ପିଲାଙ୍କୁ ଅଫିମ ଖୁଆଇ ଏଇ କେତେ ଦିନ ବେଶ୍ ଭଲ ରୋଜଗାର କରିଥିଲା। କେବଳ ଏତିକି ନୁହେଁ, ଭିକ୍ଷାବୃତ୍ତି, ଚୌର୍ଯ୍ୟବୃତ୍ତି ଓ ବେଶ୍ୟାବୃତ୍ତିରେ ଲଗାଇବା ପାଇଁ ଏବେ ପ୍ରାୟ ପ୍ରତ୍ୟେକ ଅଞ୍ଚଳରେ ର୍ୟାକେଟ୍ ସକ୍ରିୟ। ଏହି ନିକଟରେ ଏକ ବଡ଼ ଚୋରି ର୍ୟାକେଟ ଧରାପଡିଲା ପରେ ପଦାକୁ ଆସିଛି ଅନେକ ତଥ୍ୟ। ର୍ୟାକେଟର ସର୍ଦ୍ଦାରଙ୍କ ମୁଖ୍ୟ ବେଉସା ଭିକ୍ଷାବୃତ୍ତି। ଏହି ସଉକିଆ ଭିକାରିଙ୍କର ମାତ୍ର ତିନୋଟି ସ୍ତ୍ରୀ ଓ ସାତୋଟି ପିଲାପିଲି ଏବଂ ପ୍ରାୟ ପ୍ରତ୍ୟେକ ସପ୍ତାହରେ ସେ ଉଡାଜାହାଜରେ ବସି ସହରକୁ ସହର ଭିକ୍ଷାମାଗିବା ପାଇଁ ଯାଆନ୍ତି।

ଭିକ୍ଷାବୃତ୍ତିରେ ନିୟୋଜିତ ଏହି ବ୍ୟକ୍ତିମାନେ ଶାରୀରିକ ଭାବେ ନୁହେଁ ମାନସିକ ରୂପେ ବିକଳାଙ୍ଗ। ସରକାର ଏମାନଙ୍କ ଥଇଥାନ ପାଇଁ ଅନେକ ଯୋଜନା କରିଥିଲେ ମଧ୍ୟ ଆମ ଲୋକଙ୍କ ଦାନୀପଣିଆ ଯୋଗୁ ଏମାନେ ପ୍ରୋତ୍ସାହିତ ହେଉଛନ୍ତି। ତେଣୁ ନିଜ ଘରେ, ବାଇକ, କାର ଓ ଦୋକାନରେ ଛୋଟ ବିସ୍କୁଟ ଡବାଟିଏ ରଖନ୍ତୁ। କେହି ହାତପତାଇଲେ ତାକୁ ଖାଲି ହାତରେ ଯିବାକୁ ନ ଦେଇ ଚାରିଖଣ୍ଡ ବିସ୍କୁଟ ବଢେଇ ଦିଅନ୍ତୁ। ଦେଖିବେ ସେ ଭ୍ରୂକୁଞ୍ଚନ କରି ଆପଣଙ୍କଠାରୁ ଦୂରେଇଯିବ। ଆପଣଙ୍କ ଦାତାପଣିଆ ବି ରହିବ ଓ ଆପଣ ଭିକ୍ଷାବୃତ୍ତିକୁ ପ୍ରୋତ୍ସାହନ ବି ଦେବେନାହିଁ।

ମୋ–୯୪୩୭୪୫୩୬୧୦

## ଏଇ ଭାରତରେ

ବର୍ତ୍ତମାନର ଯୁଗକୁ ଇଣ୍ଟରନେଟ୍ ଯୁଗ କୁହାଯାଉଥିବା ବେଳେ ଏବକାର ପିଲାମାନେ ମଧ୍ୟ କୌଣସି ଗୁଣରେ କମ୍ ନୁହନ୍ତି। ସହଜାତ ଗୁଣ ଯୋଗୁ କେତେକ ପିଲା ଖୁବ୍ କମ୍ ବୟସରେ ଅସାଧ୍ୟ ସାଧନ କରିପାରନ୍ତି ଯାହା ଜଣେ ବୟସ୍କ ଲୋକ ପକ୍ଷରେ ସମ୍ଭବ ହୋଇ ନ ଥାଏ। ଏପରି ଜଣେ ବିରଳ ପ୍ରତିଭାର ଅଧିକାରୀ ହେଉଛନ୍ତି ମୁମ୍ବାଇର ୧୩ ବର୍ଷ ବୟସ୍କା ପିଙ୍ଗ୍‌ଲା ରାହୁଲ। ତାଙ୍କୁ ବୁଧବାର 'ଡୁଡଲ୍ ଫର୍ ଗୁଗଲ୍' ପ୍ରତିଯୋଗିତାରେ ଜାତୀୟ ବିଜେତା ଘୋଷଣା କରାଯାଇଛି। କଳାପ୍ରିୟ ଛାତ୍ରୀଛାତ୍ରମାନେ ଗୁଗ୍‌ଲ ଲୋଗୋ ନିମନ୍ତେ ସେମାନଙ୍କ କଳ୍ପନାକୁ ଜୀବନ୍ତ ରୂପ ଦେଇଥିଲେ। ସମଗ୍ର ଦେଶରୁ ଏଥିପାଇଁ ୭୫,୦୦୦ ପ୍ରତିଯୋଗୀ ଭାଗ ନେଇଥିଲେ। ପ୍ରତିଯୋଗୀଙ୍କ ନିମନ୍ତେ ଅନ୍‌ଲାଇନ୍ ଭୋଟିଂ ଅକ୍ଟୋବରରେ ଆରମ୍ଭ ହୋଇ ନଭେମ୍ବର ୬ ତାରିଖରେ ଶେଷ ହୋଇଥିଲା। ପ୍ରତିଯୋଗିତା ଲାଗି ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ୫ଟି ବୟସ ବର୍ଗରେ ବିଭକ୍ତ କରାଯାଇଥିଲା। ଚଳିତବର୍ଷର କଥାବସ୍ତୁ ଥିଲା 'ମୋତେ କ'ଣ ଅନୁପ୍ରେରିତ କରେ'। ମୁମ୍ବାଇସ୍ଥିତ ଜେ.ବି. ବଚ୍ଛ ହାଇସ୍କୁଲ୍‌ର ଅଷ୍ଟମ ଶ୍ରେଣୀ ଛାତ୍ରୀ ପିଙ୍ଗ୍‌ଲା ରାହୁଲ ଚୂଡାନ୍ତ ଚୟନ ପର୍ଯ୍ୟାୟରେ ଶ୍ରେଷ୍ଠ ବିବେଚିତ ହୋଇଥିଲେ। ସେ 'ଗାଲାକ୍ସି, ସ୍ପେସ୍ ଏକ୍ସପ୍ଲୋରେଶନ୍' ଭିତ୍ତିକ ଏକ କଳାତ୍ମକ ଚିତ୍ର ଅଙ୍କନ କରି ବିଜୟୀ ହୋଇପାରିଛନ୍ତି। ପିଙ୍ଗ୍‌ଲା ରାହୁଲଙ୍କ ଅବିଶ୍ୱସନୀୟ ସୃଜନଶୀଳତା ପାଇଁ ଗୁଗ୍‌ଲ ମୁଖପାତ୍ର ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଛାତ୍ର ସଂସଦ ନିର୍ବାଚନ: ଏକ ଅନୁଶୀଳନ



ଅଚ୍ୟୁତ ସାମନ୍ତ

ମୋର ମନେପଡ଼େ ଆମ ବିଦ୍ୟାଳୟରେ ଶ୍ରେଣୀପ୍ରତିନିଧି ବା ମନିଟର ଚୟନ କରାଯାଏ। ଶ୍ରେଣୀ ପ୍ରତିନିଧି ବ୍ୟତୀତ ସମଗ୍ର ବିଦ୍ୟାଳୟର ଛାତ୍ରପ୍ରତିନିଧି ମଧ୍ୟ ଚୟନ କରାଯାଏ। ମୁଁ କଟକ ଜିଲା ରଘୁନାଥପୁର ଅନ୍ତର୍ଗତ କଲରାବାଙ୍କ ପ୍ରାଥମିକ ବିଦ୍ୟାଳୟ, ପୂର୍ଣ୍ଣଚନ୍ଦ୍ର ବିଦ୍ୟାମନ୍ଦିରରେ ମାଧ୍ୟମିକ ଶିକ୍ଷା ଲାଭ କରିଥିଲି। ପ୍ରାଥମିକ ଓ ମଧ୍ୟ ଇଂରାଜୀ ବିଦ୍ୟାଳୟରେ ପଢ଼ିବା ସମୟରେ ମଧ୍ୟ ମୋତେ ଶ୍ରେଣୀପ୍ରତିନିଧିର ଦାୟିତ୍ୱ ଦିଆଯାଇଥିଲା। ବିଦ୍ୟାଳୟରେ ଅନେକ ସ୍ୱଚ୍ଛଳ ଓ ସ୍ୱାସ୍ଥ୍ୟବାନ୍ ପିଲା ଥାଉଥାଉ ମୋତେ କାହିଁକି ମନିଟର କରାଯାଉଛି ବୋଲି ଜାଣିପାରୁ ନ ଥିଲି। ପରେ ଜାଣିବାକୁ ପାଇଲି, ମୁଁ ଶ୍ରେଣୀରେ ଓ ସ୍କୁଲ୍‌ରେ ଭଲ ପାଠ ପଢୁଥିବାରୁ ଶିକ୍ଷକମାନେ ମୋତେ ପ୍ରତିନିଧି ଭାବେ ମନୋନୀତ କରୁଥିଲେ। ବିଦ୍ୟାଳୟର ବିଭିନ୍ନ କାର୍ଯ୍ୟକ୍ରମରେ ମୋତେ ଯେଉଁ ଦାୟିତ୍ୱ ଦିଆଯାଉଥିଲା ମୁଁ ତାହାକୁ ସୁଚାରୁ ରୂପେ ନିର୍ବାହ କରୁଥିଲି।

ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଛାତ୍ରପ୍ରତିନିଧି ଚୟନ ପ୍ରକ୍ରିୟା ବିଦ୍ୟାଳୟସ୍ତରର ଛାତ୍ରପ୍ରତିନିଧି ଚୟନ ପ୍ରକ୍ରିୟାଠାରୁ ସଂପୂର୍ଣ୍ଣ ଭିନ୍ନ। କଲେଜ ଓ ବିଶ୍ୱବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନ ସମୟରେ ଏବେ ସାଧାରଣ ନିର୍ବାଚନ ଭଳି ପରିବେଶ ସୃଷ୍ଟି ହେଉଥିବା ହେଉଥିବା ଦେଖାଯାଉଛି। ସାଧାରଣ ନିର୍ବାଚନ ପରି ପ୍ରଚାର ଓ ଛାତ୍ରୀଛାତ୍ରଙ୍କୁ ଆକୃଷ୍ଟ କରିବା ଲାଗି ବିଭିନ୍ନ ଉପାୟରେ ବ୍ୟାପକ ଅର୍ଥ ଖର୍ଚ୍ଚ କରାଯାଉଛି। ଏବେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ନିର୍ବାଚନରେ ଅଣଛାତ୍ରଙ୍କ ଅବାଧ ପ୍ରବେଶ, ଏପରିକି ବିଭିନ୍ନ ରାଜନୈତିକ ଦଳର ହସ୍ତକ୍ଷେପ ଏହାକୁ ଅତି ତୀବ୍ର କରିପକାଇଛି।

ପିଲାମାନେ କଲେଜସ୍ତରରୁ ଦାୟିତ୍ୱସଂପନ୍ନ ହେବା ସହ ସେମାନଙ୍କଠାରେ ନେତୃତ୍ୱ ନେବାର ଦକ୍ଷତା ବିକଶିତ ହୋଇଥାଏ। ସେଥିପାଇଁ ୧୮ବର୍ଷ ବୟସରୁ ପ୍ରତ୍ୟେକ ନାଗରିକଙ୍କୁ ଭୋଟଦାନ ଅଧିକାର ଦିଆଯାଇଛି। ସେମାନେ ନିର୍ବାଚନରେ ପ୍ରାର୍ଥୀ ଚୟନ କରିପାରିବେ ଏବଂ ନିଜେ ମଧ୍ୟ ପ୍ରାର୍ଥୀ ହୋଇ ଦେଶ ପାଇଁ କାମ କରିବାର ସୁଯୋଗ ପାଇପାରିବେ।

ଛାତ୍ର ସଂସଦ ନିର୍ବାଚନ ଯେଉଁ ଲକ୍ଷ୍ୟ ନେଇ ଆରମ୍ଭ ହୋଇଥିଲା ସେଥିରୁ ଛାତ୍ରୀଛାତ୍ରମାନେ ଦୂରେଇ ଯାଉଥିବା ପରି ମନେହେଉଛି। ଏବେର ଛାତ୍ର ସଂସଦ ନିର୍ବାଚନ ସଂପୂର୍ଣ୍ଣ ବିଶୃଙ୍ଖଳିତ ଢଙ୍ଗରେ ହେବାରେ ଲାଗିଛି। ଛାତ୍ରୀଛାତ୍ରମାନେ ଦଳୀୟ ମନୋଭାବ ରଖି ପରସ୍ପର ଶତ୍ରୁତା ଆଚରଣ କରୁଥିବା ପରିଲକ୍ଷିତ ହେଉଛି। ନିର୍ବାଚନ ସମୟ ଆରମ୍ଭ ହେବା ବେଳକୁ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଶିକ୍ଷାଦାନରେ ଘୋର ବ୍ୟାଘାତ ସୃଷ୍ଟି ହେଉଛି। ନାମଲେଖା ଆରମ୍ଭରୁ ଶିକ୍ଷାବର୍ଷ ଶେଷ ପର୍ଯ୍ୟନ୍ତ ଏହାର ପ୍ରଭାବ ରହୁଛି। ଅନେକ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ସମୟରେ ବିଶୃଙ୍ଖଳା ଏତେ ମାତ୍ରାରେ ବୃଦ୍ଧି ପାଇଥାଏ ଯେ, ଶେଷକୁ କର୍ତ୍ତୃପକ୍ଷ ବାଧହୋଇ ଅନୁଷ୍ଠାନକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ ଘୋଷଣା କରିଥାନ୍ତି।

ମୁଁ ନିଜର ଦୀର୍ଘଦିନର ଅଧ୍ୟାପନା ଅଭିଜ୍ଞତାରୁ ଜାଣିଛି ନିର୍ବାଚନ ସମୟରେ କିଭଳି ମହାବିଦ୍ୟାଳୟ ପରିଚାଳନାରେ ବ୍ୟାଘାତ ସୃଷ୍ଟି ହୋଇଥାଏ। ତେଣୁ ଶାନ୍ତିପୂର୍ଣ୍ଣ ଛାତ୍ର ସଂସଦ ନିର୍ବାଚନ ବର୍ତ୍ତମାନ ପରିପ୍ରେକ୍ଷୀରେ ଜରୁରୀ ହୋଇପଡ଼ିଛି ଓ ଏଥିରେ ଯଥେଷ୍ଟ ସଂସ୍କାରର ଆବଶ୍ୟକତା ରହିଛି। ଏଥିପାଇଁ ଶିକ୍ଷା ନୀତି ନିର୍ଦ୍ଧାରକ, ପ୍ରଶାସନ ବା ଅଧ୍ୟକ୍ଷମାନେ ଅଧିକ ଚିନ୍ତା କଲେ ଏହି ସମସ୍ୟାର ସମାଧାନ ହୋଇପାରନ୍ତା। ଛାତ୍ରୀଛାତ୍ରମାନେ ଯେତେ ପରିପକ୍ୱ ହେବେ, ରାଜ୍ୟ ଓ ଦେଶର ସେତେ ଉନ୍ନତି ହେବ। ଅନେକ ଉଚ୍ଚାଭିଳାଷୀ ପିଲା ଛାତ୍ରାବସ୍ଥାରୁ ବିଭିନ୍ନ କ୍ଷେତ୍ରରେ ସେମାନଙ୍କ ପାରଦର୍ଶିତା ପ୍ରତିପାଦିତ କରିଥାନ୍ତି। ଛାତ୍ରସଂସଦ ନିର୍ବାଚନ ଯୋଗୁଁ ସେମାନଙ୍କ ମଧ୍ୟରୁ ଅନେକଙ୍କର ଅପୂରଣୀୟ କ୍ଷତି ହୋଇଥାଏ।

ଆମ ମତରେ ଶାନ୍ତିପୂର୍ଣ୍ଣ ଛାତ୍ରସଂସଦ ନିର୍ବାଚନର ଆଉ ଏକ ଉପାୟ ହେଉଛି, ଯେଉଁ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଯେତୋଟି ବିଭାଗ ଅଛି ବା ଯେତିକି ବର୍ଷର ପାଠ୍ୟକ୍ରମ ରହିଛି, ପ୍ରତିବର୍ଷ ସେହି ବିଭାଗର ପିଲାଙ୍କ ମଧ୍ୟରୁ ଶ୍ରେଷ୍ଠ ପାଞ୍ଚଜଣ ଛାତ୍ର ବା ଛାତ୍ରୀଙ୍କୁ ମନୋନୀତ କିମ୍ବା ନିର୍ବାଚିତ କରାଯାଇପାରିବ। ମେଧା ଅନୁସାରେ ସେହି ପାଞ୍ଚଜଣ ଛାତ୍ରଙ୍କୁ ନିର୍ବାଚନ ଲଢ଼ିବା ପାଇଁ ଆବେଦନ ଆହ୍ୱାନ କରାଯାଇପାରିବ। ଏହିପରି ଭାବେ ସମଗ୍ର ଅନୁଷ୍ଠାନରୁ ଯେଉଁ ୩୦–୪୦ ଜଣ ମେଧାବୀ ଛାତ୍ରୀଛାତ୍ର ବାହାରିବେ ସେମାନଙ୍କୁ ନେଇ ନିର୍ବାଚନ କରାଯାଇପାରନ୍ତା। ଯେଉଁ ମେଧାବୀ ଛାତ୍ରୀଛାତ୍ର ନିର୍ବାଚନ ଲଢ଼ିବାକୁ ଇଚ୍ଛା ନ କରିବେ ସେମାନଙ୍କଠାରୁ କମ୍ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କୁ ନିର୍ବାଚନ ଲଢ଼ିବାକୁ ସୁଯୋଗ ଦିଆଯାଇପାରନ୍ତା। ଯେତେ ସଂଖ୍ୟକ ଛାତ୍ର ନିର୍ବାଚନ ଲଢ଼ିବା ପାଇଁ ଆବେଦନ କରିବେ ସେମାନଙ୍କ ମଧ୍ୟରୁ ମେଧା ଅନୁସାରେ ଭଲ ପିଲାଙ୍କୁ ବଛାଯାଇ ଛାତ୍ର ସଂସଦ ସଭାପତି, ଉପସଭାପତି, ସଂପାଦକ ଓ ଅନ୍ୟ ପଦପଦବୀରେ ଚୟନ କରାଯାଇପାରନ୍ତା।

୨୦୦୬ ସେପ୍ଟେମ୍ବର ୨୨ ତାରିଖରେ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ୟୁଜିସିକୁ ଦେଇଥିବା ନିର୍ଦ୍ଦେଶାବଳୀ ଅନୁସାରେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଛାତ୍ରସଂସଦ ନିର୍ବାଚନ ପାଇଁ ପ୍ରାର୍ଥୀଙ୍କ ସର୍ବନିମ୍ନ ଉପସ୍ଥାନ ୭୫ ପ୍ରତିଶତ କିମ୍ବା ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଦ୍ୱାରା ନିର୍ଦ୍ଧାରିତ ଉପସ୍ଥାନ ହାର ମଧ୍ୟରୁ ଯେଉଁଟି ଅଧିକ ହେବ, ସେତିକି ସଂଖ୍ୟକ ଉପସ୍ଥାନ ରହିବା ଆବଶ୍ୟକ। ଛାତ୍ରସଂସଦ ନିର୍ବାଚନ ପାଇଁ ନିର୍ଦ୍ଦିଷ୍ଟ ଉପସ୍ଥାନ ବାଧ୍ୟତାମୂଳକ ଓ କଡ଼ାକଡ଼ି କରାଗଲେ ବହୁ ଛାତ୍ରୀଛାତ୍ର ଉପକୃତ ହୋଇପାରନ୍ତେ। ଏହାଦ୍ୱାରା ଛାତ୍ରୀଛାତ୍ରମାନେ ସେମାନଙ୍କ ଉପସ୍ଥାନ ବଢ଼ାଇବା ପାଇଁ ଚେଷ୍ଟାକରିବା ସହ ଅଧିକ ନମ୍ବର ରଖିବା ପାଇଁ ସେମାନଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ସୃଷ୍ଟି ହୋଇପାରନ୍ତା। ଫଳରେ ପାଠପଢ଼ା ପାଇଁ ଏକ ଶୈକ୍ଷିକ ପରିବେଶ ସୃଷ୍ଟି ହୋଇପାରନ୍ତା। ସବୁଦିନ ପାଇଁ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶାନ୍ତିଶୃଙ୍ଖଳା ବଜାୟ ରହିପାରନ୍ତା ତଥା ଛାତ୍ରୀଛାତ୍ରମାନେ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିପାରନ୍ତେ। ଉପରୋକ୍ତ ପ୍ରକ୍ରିୟାରେ ଛାତ୍ରସଂସଦ ନିର୍ବାଚନ ହେଲେ ନିର୍ବାଚନଜନିତ ବିଶୃଙ୍ଖଳାକୁ ଏଡ଼ାଇ ଦିଆଯାଇପାରନ୍ତା। କୌଣସି ଅଣଛାତ୍ର, ରାଜନୈତିକ ବ୍ୟକ୍ତି, ଅସାମାଜିକ ଗୋଷ୍ଠୀ କିମ୍ବା ବ୍ୟକ୍ତି ବିଶେଷ ଏହାର ଫାଇଦା ନେଇପାରନ୍ତେ ନାହିଁ। କୌଣସି ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟକୁ ସାଇନ–ଏ–ଡାଏ ଘୋଷଣା କରିବାକୁ ପଡ଼ନ୍ତା ନାହିଁ କିମ୍ବା ନିର୍ବାଚନ ନେଇ କୌଣସି ଅଧ୍ୟାପକ, ଅଧ୍ୟକ୍ଷ କିମ୍ବା କୁଳପତିଙ୍କୁ ଆଉ ବିବ୍ରତ ହେବାକୁ ପଡ଼ନ୍ତା ନାହିଁ। ଏହା ଫଳରେ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହୁଅନ୍ତା ନାହିଁ ଏବଂ ସେମାନଙ୍କ ମଧ୍ୟରେ ବନ୍ଧୁତ୍ୱ ଓ ଭ୍ରାତୃଭାବ ବଢ଼ିପାରନ୍ତା।

ପ୍ରତିଷ୍ଠାତା, କିଟ୍ ଓ କିସ୍

## ଚିରନ୍ତନୀ

ଧରାର କେଉଁ ଅତଳ ତଳୁଁ
ଉଠିଲା ଭେଦି ବିଶ୍ୱମରୁ
ସକଳ ପଥେ ସକଳ ଘାଟେ
ଚକିତ କଲା ବାଜି,
ଶବଦ ନବ ଉଠିଲା କାହୁଁ ରାଜି।

(କୁହୁ ପ୍ରାସ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 3 | D | | | A | | 2 | 7 | | 6 | | | |
| D | | | 3 | | 4 | | 1 | 5 | | | | | | |
| 8 | | | | | | | | | | | A | 3 | | |
| 4 | A | C | 9 | | | | | 7 | | | 8 | | | 5 |
| | | 0 | 8 | 2 | | | E | | | B | | | | |
| | 0 | | | | | | C | | 6 | 5 | 9 | B | 7 | |
| | | 8 | 2 | 4 | | | | | 3 | | | D | 5 | A |
| 1 | | | | 8 | 0 | | 4 | A | | | | | | |
| A | | | | | E | B | | | 4 | | | | 0 | |
| 3 | 9 | B | | | | | | | | | | | | |
| 2 | | | | | | | 7 | 0 | A | | D | | | 1 |
| | | 5 | C | | B | | | 4 | | 9 | | | | 3 |
| | E | | | | | D | 3 | | | | | | A | 2 |
| B | 8 | | | | | 1 | | | | | | C | | E |
| | | | | | | | 6 | C | | 4 | 2 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | 6 | 9 | 5 | 7 | A | 2 | 1 | 0 | D | 8 | 3 | C | B | 4 |
| A | 8 | 0 | D | 2 | 4 | 3 | C | E | B | 9 | 1 | 7 | 6 | 5 |
| 2 | B | 7 | 9 | 8 | 6 | A | 4 | 5 | 0 | E | C | 3 | D | 1 |
| D | 3 | 4 | 0 | C | 1 | B | 9 | 7 | A | 6 | 5 | 8 | E | 2 |
| 1 | C | 5 | 3 | B | E | D | 8 | 6 | 2 | 7 | 4 | A | 9 | 0 |
| 8 | 1 | E | 2 | D | C | 0 | 5 | A | 9 | 4 | 6 | B | 7 | 3 |
| 6 | 9 | 2 | E | 4 | B | 1 | D | C | 7 | 3 | 0 | 5 | A | 8 |
| C | D | B | 7 | A | 3 | 9 | 6 | 4 | 5 | 2 | 8 | 0 | 1 | E |
| 5 | 0 | 3 | 6 | 9 | 8 | 7 | B | 2 | E | 1 | A | D | 4 | C |
| 4 | 7 | A | 1 | 0 | 5 | E | 3 | 8 | C | D | B | 6 | 2 | 9 |
| B | 2 | 1 | 8 | 5 | 7 | 4 | A | 9 | 3 | C | D | E | 0 | 6 |
| 9 | E | C | 4 | 6 | D | 8 | 0 | B | 1 | 5 | 7 | 2 | 3 | A |
| 7 | 4 | 8 | A | 3 | 0 | 5 | 2 | 1 | 6 | B | E | 9 | C | D |
| 0 | 5 | D | C | E | 9 | 6 | 7 | 3 | 4 | A | 2 | 1 | 8 | B |
| 3 | A | 6 | B | 1 | 2 | C | E | D | 8 | 0 | 9 | 4 | 5 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଗୁପ୍ତ ନୀତିରୁ ମୁକ୍ତ ନୀତି

ମହାଶୟ,

ବ୍ରହ୍ମ ବିଭ୍ରାଟ ରିପୋର୍ଟରେ ମହାପ୍ରଭୁଙ୍କ ଗୁପ୍ତନୀତି ରହିଥିବାରୁ ଏବଂ ଏହା ଏକ ସମ୍ବେଦନଶୀଳ ବିଷୟ ହୋଇଥିବାରୁ ତାହା ସାର୍ବଜନୀନ ନ କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନର ନିଷ୍ପତ୍ତି ସମ୍ବନ୍ଧରେ ବିଶିଷ୍ଟ ବ୍ୟକ୍ତିଙ୍କ ମତାମତ ପ୍ରକାଶ ପାଇଛି। ମହାପ୍ରଭୁଙ୍କ ବ୍ରହ୍ମ ମହାବିଭ୍ରାଟ ପାଇଁ ଯେଉଁମାନେ ଦାୟୀ ସେମାନଙ୍କ ନାମ ପ୍ରକାଶ ଲାଗି ଓଡ଼ିଶାବାସୀ ଉତ୍କଣ୍ଠିତ ରହିଥିବା ବେଳେ ତାହା ସାର୍ବଜନୀନ ନ ହେବା ପରିତାପର ବିଷୟ। ଘଟ ପରିବର୍ତ୍ତନ ସମୟ ନିଶାର୍ଦ୍ଧ ପରିବର୍ତ୍ତେ ସ୍ୱଚ୍ଛ ଦିବାଲୋକରେ ହେଉଥିବା ସମୟରେ କେତେକ ବ୍ୟକ୍ତି ଏହାର ଫଟୋ ନିଜ ନିଜ ମୋବାଇଲରେ ଉତ୍ତୋଳନ କରି ବୈଦ୍ୟୁତିକ ଗଣମାଧ୍ୟମରେ ପ୍ରସାରିତ କରିବାରୁ ଗୁପ୍ତନୀତି ମୁକ୍ତନୀତିରେ ପରିଣତ ହୋଇଥିଲା। ତେଣୁ ଆଉ ଗୁପ୍ତନୀତିର ଗୁରୁତ୍ୱ ଥିବାପରି ମନେ ହେଉନାହିଁ। ଶ୍ରୀମନ୍ଦିର ପ୍ରଶାସନର ଏପରି ନିଷ୍ପତ୍ତି ଯୋଗୁ ବିରୋଧର ସ୍ୱର ଚାରିଆଡୁ ଉଠିଲାଣି, ଯାହା କୋର୍ଟ କଚେରିକୁ ଯିବ। ନୀଳାଚଳ ନାଥ କେବେହେଲେ ଅପରାଧୀଙ୍କୁ କ୍ଷମା ଦେବେ ନାହିଁ।

ହରମୋହନ ମହାନ୍ତି, ଦଉତୋଟା, ପୁରୀ

### ଭାଟ୍ ହ୍ରାସ ହେଉ

ପେଟ୍ରୋଲ ଓ ଡିଜେଲର ଦରବୃଦ୍ଧି ହେତୁ ଜନ ଅସନ୍ତୋଷ ବଢୁଛି। ତତ୍ ସହ ଯାତ୍ରୀ ଭଡ଼ା, ପରିବହନ ଖର୍ଚ୍ଚ ଓ ନତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ଦର ସମତାଳରେ ବଢିଚାଲିଛି। ବହୁ ବିଳମ୍ବରେ କେନ୍ଦ୍ର ସରକାର ଉତ୍ପାଦନ ଶୁଳ୍କ ସାମାନ୍ୟ ହ୍ରାସ କରିଛନ୍ତି। ସାଧାରଣ ଖାଉଟିଙ୍କ ହିତ ଦୃଷ୍ଟିରୁ ଆମ ରାଜ୍ୟ ସରକାର ମଧ୍ୟ ପେଟ୍ରୋଲ ଓ ଡିଜେଲ ଉପରୁ ଭାଟ୍ କିଛି ପରିମାଣରେ ହ୍ରାସ କଲେ ସାଧାରଣ ଖାଉଟି ଆଶ୍ୱସ୍ତି ଲାଭ କରନ୍ତେ।

ବସନ୍ତ କୁମାର ସୁନ୍ଦରାୟ, ପ୍ରଭାତୀ ନିଳୟ, ଗୁରୁଜଙ୍ଗ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨୫ ବର୍ଷ ତଳର ଧରିତ୍ରୀ

**୧୫ ନଭେମ୍ବର ୧୯୯୩**

- ସର୍ଦ୍ଦାର ଫାରୁକ୍ ଅହମଦ ଖାଁ ଲେଘାରୀ ପାକିସ୍ତାନର ଅଷ୍ଟମ ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଛନ୍ତି।
- ଆନ୍ଧ୍ରପ୍ରଦେଶର ମେହବୁବ୍ ନଗର ଜିଲା ଅନ୍ତର୍ଗତ ସୋମାସିଲା ଗ୍ରାମ ନିକଟରେ ନକ୍‌ସଲମାନଙ୍କ ଲ୍ୟାଣ୍ଡମାଇନ ବିସ୍ଫୋରଣ ଫଳରେ ଜିଲା ଏସ୍‌ପିଙ୍କ ସହ ୧୦ ପୋଲିସ କର୍ମଚାରୀ ନିହତ।

ଧରିତ୍ରୀ DHARITRI
ବ୍ରହ୍ମପୁର, ଗୁରୁବାର, ୧୫ ନଭେମ୍ବର, ୨୦୧୮



## ସଂକ୍ଷେପରେ

### ଗ୍ରାମ ରୋଜଗାର ସେବକଙ୍କ ସମୂହ ଛୁଟିଦରଖାସ୍ତ ଦାଖଲ

ଆସିକା,୧୪।୧୧(ଡି.ଏନ୍.ଏ.)- ଆସିକା ବ୍ଲକର ବିଭିନ୍ନ ପଞ୍ଚାୟତରେ କର୍ତ୍ତବ୍ୟରତ ଗ୍ରାମରୋଜଗାର ସେବକମାନେ ବିଭିନ୍ନ ଦାବି ନେଇ ଗୁରୁବାରଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ବୁଧବାର ମଧ୍ୟାହ୍ନରେ ରୋଜଗାର ସେବକମାନେ ସମ୍ମିଳିତ ଭାବେ ଆସିକା ବିଡିଓ ଗାୟତ୍ରୀଦତ୍ତ ନାୟକଙ୍କ ନିକଟରେ ସେମାନଙ୍କ ସମୂହ ଛୁଟି ଦରଖାସ୍ତ ଦାଖଲ କରିଛନ୍ତି। ଗତ ୧୨ ବର୍ଷରୁ ଊର୍ଦ୍ଧ୍ୱ ହେବ କର୍ତ୍ତବ୍ୟରତ ଏହି ରୋଜଗାର ସେବକମାନେ ଅଦ୍ୟାବଧି ସର୍ବନିମ୍ନ ମଜୁରୀ ପାଇବାରୁ ବଞ୍ଚିତ ରହିଥିବା, ଏପରିକି ଇପିଏଫ୍, ଇଏସ୍ଆଇ ଓ ଅନ୍ୟାନ୍ୟ ଆନୁସଙ୍ଗିକ ଚିକିତ୍ସା ସୁବିଧା ସାଙ୍ଗକୁ ମୃତ୍ୟୁକାଳିନ କ୍ଷତିପୂରଣ ଦିଗରେ ମଧ ସମ୍ପୂର୍ଣ୍ଣ ଅସହାୟ ସ୍ଥିତିରେ ରହିଥିବା କୁହାଯାଇଛି। ଏଣୁ ଏହି କର୍ମୀମାନଙ୍କୁ ସ୍ଥାୟୀ ନିଯୁକ୍ତି ସହ ଗ୍ରାମସେବକଙ୍କ ସମତୁଲ ଦରମା ଓ ଶୂନ୍ୟସ୍ଥାନ ପୂରଣ କ୍ଷେତ୍ରରେ ରହିଥିବା ୩୦ ପ୍ରତିଶତକୁ ବୃଦ୍ଧି କରି ଶତ ପ୍ରତିଶତ ନିଯୁକ୍ତି ସୁଯୋଗ ଦାବିରେ ଏହି କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଉଥିବା ଆନ୍ଦୋଳନକାରୀଙ୍କ ପକ୍ଷରୁ କୁହାଯାଇଛି।

### ଦିଗପହଣ୍ଡି, ସାନଖେମୁଣ୍ଡିରେ ମାସ୍କଟ ଓଲିକୁ ସ୍ୱାଗତ ସମ୍ବର୍ଦ୍ଧନା

ଦିଗପହଣ୍ଡି/ପାଟପୁର,୧୪।୧୧(ଡି.ଏନ.ଏ.)

ରାଜଧାନୀ ଭୁବନେଶ୍ୱରରେ ହେବାକୁ ଥିବା ହକି ବିଶ୍ୱକପର ପ୍ରଚାର ପ୍ରସାର ପାଇଁ ମାସ୍କଟ ଓଲିକୁ ବୁଧବାର ସନ୍ଧ୍ୟା ସାଢ଼େ ୬ଟାରେ ଦିଗପହଣ୍ଡିରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ସ୍ଥାନୀୟ ପୁଞ୍ଜିକର୍ୟା ଛକରେ ଦିଗପହଣ୍ଡି ପ୍ରଶାସନ ପକ୍ଷରୁ ବିଡିଓ ହଳଧର ଶବର, ତହସିଲଦାର ଅଦୈତ୍ୟ କୁମାର ସ୍ୱାଇଁ, ଏନ୍ଏସି ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ଡାକୁଆ, ଅତିରିକ୍ତ ବିଡିଓ ପୀତାମ୍ବର ବେହେରା, ବ୍ଲକ ଶିକ୍ଷାଧିକାରୀ ବସନ୍ତ କୁମାର ପଣ୍ଡା, ଅତିରିକ୍ତ ଶିକ୍ଷାଧିକାରୀ ସୁଦାମ ଦାସ, ବିଶ୍ୱବା ପାଇକ, ବାଳା ମାଝିଙ୍କ ସମେତ ବିଭିନ୍ନ ବିଦ୍ୟାଳୟ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକବୃନ୍ଦ ଓଲି ସହ ଆସିଥିବା ପ୍ରତିନିଧି ଦଳକୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ସେହିପରି ସାନଖେମୁଣ୍ଡି ବ୍ଲକ ପୋଲିସ ପ୍ରଶାସନ ପକ୍ଷରୁ ତପ୍ତପାଣିରେ ସନ୍ଧ୍ୟା ୬ଟାରେ ଓଲିକୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିଡିଓ ଶିବ ଶଙ୍କର ମିଶ୍ର, ପାଟପୁର ଥାନା ଆଇଆଇସି ରମେଶ କୁମାର ପ୍ରଧାନ, ନିର୍ବାହୀ ଅଧିକାରୀ ଜି.ରବି କୁମାରଙ୍କ ସମେତ ବହୁ ପ୍ରଶାସନିକ ଅଧିକାରୀ, କର୍ମଚାରୀ, ଛାତ୍ରୀଛାତ୍ର ଓ ଶିକ୍ଷକ ଉପସ୍ଥିତ ଥିଲେ।

## ବୁଗୁଡ଼ା ଓକିଲଙ୍କୁ ପୋଲିସ ଆକ୍ରମଣ ବିବାଦ ବଢୁଛି

# ଭଞ୍ଜନଗର କୋର୍ଟରେ ମିଳିତ ବୈଠକ

### ଦାବି ପୂରଣ ନ ହେଲେ ଆନ୍ଦୋଳନ ଧମକ

ଭଞ୍ଜନଗର/ବୁଗୁଡ଼ା, ୧୪।୧୧ (ଡି.ଏନ.ଏ.)

ବୁଗୁଡା କୋର୍ଟର ବରିଷ୍ଠ ଆଇନଜୀବୀ ହରପ୍ରସାଦ ଦାସ ମଙ୍ଗଳବାର କୌଣସି କାମରେ ଥାନାକୁ ଯାଇଥିବାବେଳେ ତାଙ୍କୁ ପୋଲିସ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ଓକିଲମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ଏନେଇ ବୁଧବାର ଭଞ୍ଜନଗର କୋର୍ଟ ପରିସରରେ ଭଞ୍ଜନଗର ଓ ବୁଗୁଡା ବାର ଆସୋସିଏଶନ ମଧ୍ୟରେ ଏକ ମିଳିତ ବୈଠକ ହୋଇଥିଲା। ଆଇନଜୀବୀ ଦାସଙ୍କୁ ଆକ୍ରମଣ କରିଥିବା ଥାନା ଅଧିକାରୀଙ୍କୁ ତୁରନ୍ତ ବଦଳି, ଆଇନଜୀବୀ ଦେଇଥିବା ଏତଲାକୁ ଗ୍ରହଣକରି ମାମଲା ରୁଜୁ କରିବା ଏବଂ ହରଙ୍କ ବିରୋଧରେ ପୋଲିସ କରିଥିବା ୨ଟି ମାମଲା ପ୍ରତ୍ୟାହାର କରାଯାଉ। ରବିବାର ସୁଦ୍ଧା ଦାବି ପୂରଣ ନ ହେଲେ ପୁଣି ଗଞ୍ଜାମ ଜିଲା ବାର୍ ଆସୋସିଏଶନ ପକ୍ଷରୁ ବୈଠକ ହେବ। ଏହାପରେ ଜିଲା ବାର ଆସୋସିଏଶନ ନିଷ୍ପତ୍ତି ପ୍ରକାରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଭଞ୍ଜନଗର ବାର ଆସୋସିଏଶନ ସଭାପତି ପ୍ରଦ୍ୟୁମ୍ନ ନାୟକ ସୂଚନା ଦେଇଛନ୍ତି। ବୈଠକରେ ପ୍ରଦ୍ୟୁମ୍ନ ନାୟକ ସଭାପତିତ୍ୱ କରିଥିଲେ। ଆଲୋଚନାରେ ଆଇନଜୀବୀ ଦିବାକର ନାୟକ, ରାଜେନ୍ଦ୍ର ପ୍ରଧାନ, ବିନୟ ରଥ, ଶୈଳେନ୍ଦ୍ର ସାହୁ, ଦଣ୍ଡପାଣି ସ୍ୱାଇଁ, ବସନ୍ତ ଦାସ, ରଜତ ଦାସ, ରାଜେନ୍ଦ୍ର ପ୍ରଧାନ, ବୁଗୁଡା ବାର ଆସୋସିଏଶନ ସଭାପତି ବନବାସି ମହାରଣା, ସମ୍ପାଦକ ଅମର ପଟ୍ଟନାୟକ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଏହାପରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପଠାଯାଇଛି। ଅପରପକ୍ଷେ ପୋଲିସ ଏନେଇ ୩ଟି ମାମଲା ରୁଜୁକରିଛି। ହରଙ୍କ ଏତଲକୁ ଭିତ୍ତିକରି ନଂ.୨୭୬/୧୮ରେ ମାମଲା ରୁଜୁ ହୋଇଛି। ସେହିଭଳି ମେଡିକାଲ ଅଫିସର ଓ ଜଣେ ମହିଳା କନେଷ୍ଟବଲଙ୍କ ଏତଲାକୁ ଭିତ୍ତିକରି ପୋଲିସ ହର ଏବଂ ଅନ୍ୟମାନଙ୍କ ନାମରେ ନଂ.୨୭୪/୧୮ ଓ ୨୭୫/୧୮ରେ ୨ଟି ମାମଲା ରୁଜୁ ହୋଇଛି।

ପ୍ରକାଶ ଯେ, ଗତକାଲି ହର ଓ ଅନ୍ୟଜଣେ ମେଡିକାଲର ବିବାଦୀୟ ପାଚେରୀ ଓ ରାସ୍ତା ଉପରେ ଆଲୋଚନା କରିବା ପାଇଁ ଥାନାକୁ ଯାଇଥିବାବେଳେ ପୋଲିସ ଓ ହରଙ୍କ ମଧ୍ୟରେ ଝଗଡା ହୋଇଥିବା ଅଭିଯୋଗ ହୋଇଛି।



ବୈଠକରେ ଉପସ୍ଥିତ ଓକିଲମାନେ।

## ଜିଲାପାଳଙ୍କ ପୋତାଗଡ଼ ପରିଦର୍ଶନ, ତହସିଲରେ ବାର୍ଷିକ ଜମାବନ୍ଦୀ ସମୀକ୍ଷା



ଜିଲାପାଳ ପରିଦର୍ଶନ କରୁଛନ୍ତି।

ଗଞ୍ଜାମ,୧୪।୧୧(ଡି.ଏନ.ଏ.)

ବୁଧବାର ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଗଞ୍ଜାମ ତହସିଲ କାର୍ଯ୍ୟାଳୟ ଗସ୍ତ କରି ବାର୍ଷିକ ଜମାବନ୍ଦି କାର୍ଯ୍ୟ ସହ ଅନ୍ୟାନ୍ୟ ବିଷୟରେ ସମୀକ୍ଷା କରିଥିଲେ। ପରେ ଐତିହାସିକ ପୋତାଗଡ ପରିଦର୍ଶନ କରି ପୁନରୁଦ୍ଧାର କାର୍ଯ୍ୟ କିପରି ଚାଲିଛି ତହସିଲଦାର ଅବନୀ କୁମାର ସାହୁଙ୍କୁ ପଚାରି ବୁଝିଥିଲେ। ଜିଲାପାଳଙ୍କ ଏହି ଗସ୍ତ ବେଳେ ରାଜସ୍ୱ ନିରୀକ୍ଷକ ଆର. ରାଜୁ ରେଡ୍ଡୀ, ନୀଳାଞ୍ଚଳ ବେହେରା, ରାଜସ୍ୱ ସୁପରଭାଇଜର ସୁବାସ ନାୟକ, ଏଆରଆଇ ବିଷ୍ଣୁଜ୍ୟୋତି ପାତ୍ରଙ୍କ ସମେତ ସମସ୍ତ ଆରଆଇ ଉପସ୍ଥିତ ଥିଲେ। ବର୍ତ୍ତମାନ ପୋତାଗଡ ପୁନରୁଦ୍ଧାର କାମ ବନ୍ଦ ଥିବା ଜାଣି ଜିଲାପାଳ ବିରକ୍ତି ପ୍ରକାଶ କରିଥିଲେ।

# ୬୫ତମ ସମବାୟ ସପ୍ତାହ ପାଳନ




ମଞ୍ଚାସୀନ ଅତିଥିମାନେ।

ଆସିକା ,୧୪।୧୧(ଡି.ଏନ୍.ଏ.)

ଆସିକା ସମବାୟ କେନ୍ଦ୍ର ବ୍ୟାଙ୍କ ପରିସରରେ ବୁଧବାର ୬୫ତମ ସମବାୟ ସପ୍ତାହ ପାଳିତ ହୋଇଯାଇଛି। ବ୍ୟାଙ୍କ ପରିଚାଳନା ପରିଷଦର ସଭାପତି ବିରେନ୍ଦ୍ରୀ କେଶରୀ ଆରୁଖଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓକିଲ ସଂଘ ସଭାପତି ସୁରେନ୍ଦ୍ରନାଥ ପଣ୍ଡା ଏବଂ ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ଭାସ୍କର ସ୍ୱାଇଁ, ଚିନିଶିଳ୍ପ ପରିଚାଳନା ପରିଷଦର ସଭାପତି ବିପିନୀ ବିହାରୀ ପାତ୍ର, ବ୍ୟାଙ୍କ ପରିଚାଳନା ପରିଷଦର ଡାଇରେକ୍ଟର ଅରବିନ୍ଦ ନାହାକ, ଚିତ୍ତରଞ୍ଜନ ପାଣିଗ୍ରାହୀ, ରବୀନ୍ଦ୍ର କୁମାର ପରିଡା, କପିଳେଶ୍ୱର ପଣ୍ଡା, ଖଲିଆ ସେଠୀ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ୟାଙ୍କ ସମ୍ପାଦକ ମନମୋହନ ବେହେରା, କର୍ମଚାରୀ ସଂଘ ସଂମ୍ପାଦକ ନୀଳକଣ୍ଠ ଦାସ, ବ୍ୟାଙ୍କ ସହକାରୀ ପରିଚାଳକ ଟି. ଗୋବିନ୍ଦ ରେଡ୍ଡୀ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଗଂଜାମ ଜିଲାର ୧୦ଟି ସମ୍ପୂର୍ଣ୍ଣ ଓ ୪ଟି ବ୍ଲକର ଆଂଶିକ କାର୍ଯ୍ୟକାରୀ ପରିସୀମା ମଧ୍ୟରେ ୧୯୧ଟି ସେବା ସମବାୟ ସମିତି ମାଧ୍ୟମରେ ଏହି ବ୍ୟାଙ୍କ ସେବା ଯୋଗାଇ ଆସୁଥିଲା ବେଳେ ଚଳିତ ବର୍ଷ ଶତବାର୍ଷିକୀ ଉତ୍ସବ ପାଳନ କରିବା ଲାଗି ଘୋଷଣା କରାଯାଇଥିଲା। ବହୁବର୍ଷ ଧରି କ୍ଷତିରେ ଚାଲୁଥିବା ଏହି ବ୍ୟାଙ୍କ ଗତ ୨୦୧୧ ଠାରୁ ଲଗାତର ଲାଭଜନକ ସ୍ଥିତି ବଜାୟ ରଖିଆସି ରାଜ୍ୟ ସ୍ତରରେ ପୁରସ୍କୃତ ହୋଇଛି। ଚଳିତ ବର୍ଷ ଏହି ବ୍ୟାଙ୍କ ତାର ପୂର୍ବ ପୁଞ୍ଜିଭୂତ କ୍ଷତିକୁ ଭରଣା କରିବା ସହ ୬୫ ଲକ୍ଷ ଟଙ୍କା ଲାଭ ହାସଲ କରିଥିବା ବେଳେ ଏହାକୁ ଅଧିକ ସମୃଦ୍ଧ କରିବା ଲାଗି ଜନସାଧାରଣଙ୍କ ସହଯୋଗ ଏକାନ୍ତ ଜରୁରୀ ବୋଲି ସଭାପତି ଆରୁଖ ନିବେଦନ କରିଥିଲେ।

### ଦିଗପହଣ୍ଡିରେ ନୂତନ ବିଡିଓ

ଦିଗପହଣ୍ଡି,୧୪।୧୧(ଡି.ଏନ.ଏ.)

ଦିଗପହଣ୍ଡିର ନୂତନ ବିଡିଓ ଭାବେ ହଳଧର ଶବର ବୁଧବାର କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ସେ ପୂର୍ବରୁ ନବରଙ୍ଗପୁର ଜିଲା ରାଇଘର ତହସିଲଦାର ଭାବେ କାର୍ଯ୍ୟ କରୁଥିଲେ। ଦିଗପହଣ୍ଡି ବ୍ଲକ ଅଧ୍ୟକ୍ଷ ବିପିନ ଚନ୍ଦ୍ର ପ୍ରଧାନ, ବ୍ଲକ ସରପଞ୍ଚ ସଂଘ ସଭାପତି କେ. ହରିବନ୍ଧୁ ରେଡ୍ଡୀଙ୍କ ସମେତ ସମସ୍ତ ବ୍ଲକ କର୍ମଚାରୀ ନୂତନ ବିଡିଓଙ୍କୁ ସାକ୍ଷାତ କରି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ବିଡିଓ ବ୍ଲକ କାର୍ଯ୍ୟାଳୟ ପରିଦର୍ଶନ କରି ବିଭିନ୍ନ ସରକାରୀ ଯୋଜନାର ଅଗ୍ରଗତି ନେଇ ସମୀକ୍ଷା କରିଥିବା ଜଣାପଡ଼ିଛି।

### ବାଲଜ୍ୟୋତି କାର୍ଯ୍ୟକ୍ରମ, ୧୦୯ ଜଣଙ୍କୁ ଚଷମା ପ୍ରଦାନ

ବୁଗୁଡ଼ା,୧୪।୧୧(ଡି.ଏନ.ଏ.)

ବୁଗୁଡ଼ା ବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ବାଲ୍‌ଜ୍ୟୋତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରମୋଦ ଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଭାବେ ବିଧାୟକ ଶ୍ରୀକାନ୍ତ ସାହୁ ଯୋଗଦେଇ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଗୋଷ୍ଠୀ ଶିକ୍ଷାଧିକାରୀ ରସାନନ୍ଦ କର, ସମ୍ମାନିତ ଅତିଥି ଭାବେ ଏବିଇଓ ପ୍ରମୋଦ ଚନ୍ଦ୍ର ସେନାପତି ଓ ପୀତାମ୍ବର ବିଷୋୟୀ ଯୋଗ ଦେଇଥିଲେ। ଶେଷରେ ସିଆର୍‌ସିସି ମନୋରଞ୍ଜନ ଦାଶ ଧନ୍ୟବାଦ ଦେଇଥିଲେ। ଭଞ୍ଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚକ୍ଷୁ ବିଶେଷଜ୍ଞ ସୁଶାନ୍ତ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ୨୧୪ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରାଯାଇ ୧୦୯ ଜଣଙ୍କୁ ଚଷମା ବଣ୍ଟନ ସହ ୧୫ ଜଣଙ୍କୁ ଔଷଧ ପ୍ରଦାନ କରଯାଇଥିଲା ଏବଂ ୩ ଜଣଙ୍କୁ ଅସ୍ତ୍ରୋପଚାର ନିମନ୍ତେ ବ୍ରହ୍ମପୁର ସିଟି ହସ୍ପିଟାଲ ପଠାଯାଇଛି। ବୁଗୁଡ଼ା ବିଆରଟି ସୁଶାନ୍ତ କୁମାର ଡ଼ାକୁଆଙ୍କ ପରିଚାଳନାରେ ଏହି ଶିବିରରେ ଭଞ୍ଜନଗର ବିଆରଟି ଚିନ୍ମୟ କୁମାର ଦାଶ, ଆସିକା ହେମନ୍ତ କୁମାର ନନ୍ଦ ଓ ପୋଲସରାର ଉପେନ୍ଦ୍ର କୁମାର ସେଠୀ ସହଯୋଗ କରିଥିଲେ। ସମସ୍ତ ସିଆରସିସି ଯୋଗ ଦେଇଥିଲେ।

DSPL - 254

ଓଡ଼ିଶା ସରକାର

3rd All India Police Judo Cluster Odisha 2018

ସର୍ବଭାରତୀୟ କ୍ରୀଡ଼ା ପ୍ରତିଯୋଗିତା
ଆୟୋଜନରେ ଓଡ଼ିଶାର ଆଉ ଏକ କୃତିତ୍ୱ।

କଟକଠାରେ ନଭେମ୍ବର ୧୫ରୁ ୧୯ ପର୍ଯ୍ୟନ୍ତ ଓଡ଼ିଶା ପୋଲିସ ଆୟୋଜନ କରୁଛି ତୃତୀୟ ସର୍ବଭାରତୀୟ ଜୁଡ଼ୋ କ୍ଲଷ୍ଟର ୨୦୧୮ ।

ଏହି ସର୍ବଭାରତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଛନ୍ତି ଦେଶର ୩୩ଟି ରାଜ୍ୟ ପୋଲିସ୍ ଓ କେନ୍ଦ୍ରୀୟ ପୋଲିସ୍ ବଳରୁ ୧୨୦୦ ପ୍ରତିଯୋଗୀ ।

ସମସ୍ତ ପ୍ରତିଯୋଗୀଙ୍କୁ ସ୍ୱାଗତ ।

ସୂଚନା ଓ ଲୋକସମ୍ପର୍କ ବିଭାଗ

12029/13/0049/1819





DADLS-176

**ଶହୀଦ ଜୟୀ ରାଜଗୁରୁଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରବନ୍ଧ, କୁଇଜ ଓ ବକ୍ତୃତା ପ୍ରତିଯୋଗିତା**

ତା.୧୭.୧୧.୨୦୧୮ — ସ୍ଥାନ – ଗୀତଗୋବିନ୍ଦ ସଦନ

ପ୍ରବନ୍ଧ ପ୍ରତିଯୋଗିତା — ସମୟ – ମଧ୍ୟାହ୍ନ ୧୨ ଘଟିକା
ବର୍ଗ (ପଞ୍ଚମ ରୁ ସପ୍ତମ ଶ୍ରେଣୀ)
ବର୍ଗ (ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ)
କୁଇଜ ପ୍ରତିଯୋଗିତା
ବର୍ଗ -ଅଷ୍ଟମ ରୁ ଦଶମ ଶ୍ରେଣୀ
ବକ୍ତୃତା ପ୍ରତିଯୋଗୀତା — ସମୟ ଅପରାହ୍ନ ୨ ଘଟିକା
ପ୍ରଥମ ବର୍ଗ (ପଞ୍ଚମ ରୁ ସପ୍ତମ ଶ୍ରେଣୀ ) — ଦ୍ୱିତୀୟ ବର୍ଗ (ଅଷ୍ଟମ ରୁ ଦଶମ ଶ୍ରେଣୀ)
ତୃତୀୟ ବର୍ଗ (ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ)

**ରାଜ୍ୟସ୍ତରୀୟ ଜାତୀୟ ସଂହତି ଦିବସ ଉପଲକ୍ଷେ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା**

ତା.୧୯.୧୧.୨୦୧୮ — ସ୍ଥାନ – ଗୀତଗୋବିନ୍ଦ ସଦନ

ପ୍ରବନ୍ଧ ପ୍ରତିଯୋଗିତା — ସମୟ – ମଧ୍ୟାହ୍ନ ୧୨ ଘଟିକା
ପ୍ରଥମ ବର୍ଗ (ପଞ୍ଚମ ରୁ ସପ୍ତମ ଶ୍ରେଣୀ) — ଦ୍ୱିତୀୟ ବର୍ଗ (ଅଷ୍ଟମ ରୁ ଦଶମ ଶ୍ରେଣୀ)
ତୃତୀୟ ବର୍ଗ (ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ)

ବକ୍ତୃତା ପ୍ରତିଯୋଗିତା — ସମୟ – ଅପରାହ୍ନ ୨ ଘଟିକା
ପ୍ରଥମ ବର୍ଗ (ପଞ୍ଚମ ରୁ ସପ୍ତମ ଶ୍ରେଣୀ) — ଦ୍ୱିତୀୟ ବର୍ଗ (ଅଷ୍ଟମ ରୁ ଦଶମ ଶ୍ରେଣୀ)
ତୃତୀୟ ବର୍ଗ (ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ)

ଛାତ୍ରଛାତ୍ରୀ ମାନଙ୍କୁ ଅନୁରୋଧ ସେମାନେ ନିର୍ଦ୍ଧାରିତ ସମୟର ୧ ଘଣ୍ଟା ପୂର୍ବରୁ ଆସି ନାମ ପଞ୍ଜୀକରଣ କରାଇବେ
- ପ୍ରତିଯୋଗିତା ଆରମ୍ଭର ୧ ଘଣ୍ଟା ପୂର୍ବରୁ ପ୍ରତିଯୋଗିତାର ଶୀର୍ଷକ ପ୍ରଦାନ କରାଯିବ ।
- ପ୍ରତିଯୋଗିତା କେବଳ ଓଡିଆ ଭାଷାରେ ଅନୁଷ୍ଠିତ ହେବ ।
- ପ୍ରବନ୍ଧ ପ୍ରତିଯୋଗିତା ପାଇଁ ଉତ୍ତର ଖାତା ଯୋଗାଇଦିଆଯିବ । ପ୍ରତିଯୋଗୀମାନେ ସାଙ୍ଗରେ ପରିଚୟ ପତ୍ର/ପ୍ରଧାନ ଶିକ୍ଷକ / ପ୍ରଧାନ ଶିକ୍ଷୟିତ୍ରୀ / ଅଧକ୍ଷ / ଅଧକ୍ଷାଙ୍କ ଅନୁମତି ପତ୍ର ଆଣିବା ଆବଶ୍ୟକ ।
- ପ୍ରତ୍ୟେକ ବର୍ଗରୁ ତିନିଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ତା.୧୭.୧୧.୨୦୧୮ରିଖ(ପ୍ରବନ୍ଧ, କୁଇଜ ଓ ବକ୍ତୃତା) ଏବଂ ୧୯.୧୧.୨୦୧୮(ପ୍ରବନ୍ଧ ଓ ବକ୍ତୃତା) ସନ୍ଧ୍ୟା ୫.୩୦ ମିନିଟ ସମୟରେ ଜୟଦେବ ଭବନଠାରେ ଅନୁଷ୍ଠିତ ସାଧାରଣ ସଭାରେ ପ୍ରଦାନ କରାଯିବ ।

ନିର୍ଦ୍ଦେଶକ
ସୂଚନା ଲୋକସମ୍ପର୍କ ବିଭାଗ

15001/13/0388/1819

### ମୋହନାରେ ପହଞ୍ଚିଲା ମାସ୍କଟ ଓଲି

ମୋହନା,୧୪।୧୧(ଡି.ଏନ୍.ଏ.)


ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ହେବାକୁ ଥିବା ପୁରୁଷ ବିଶ୍ୱକପ ହକିର ମାସ୍କଟ ଓଲି ବୁଧାବାର ମୋହନାରେ ଅପରାହ୍ନ ୫ଟାରେ ପହଞ୍ଚିଥିଲା। ମାସ୍କଟ ଓଲି ମୋହନା ବ୍ଲକ କାର୍ଯ୍ୟାଳୟ ପରିସରରେ ପହଞ୍ଚିବା ପରେ ବ୍ଲକ ପ୍ରଶାସନ ପକ୍ଷରୁ ପୁଷ୍ପମାଲ୍ୟ ଦେଇ ସ୍ୱାଗତ କରାଯାଇଛି। ଏଥିରେ ନାଚ ସଂଗୀତ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ବିଦ୍ୟାଳୟର ଛାତ୍ରୀଛାତ୍ର, ଜନସାଧାରଣ, ପୋଲିସ ପ୍ରଶାସନ, ଶିକ୍ଷକ ଓ ଶିକ୍ଷୟିତ୍ରୀ ଏବଂ ବ୍ଲକ କର୍ମଚାରୀଙ୍କ ସହିତ ଏକ ଶୋଭାଯାତ୍ରାରେ ମାସ୍କଟ ଓଲିକୁ ପାଣ୍ଡାଛକ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ନିଆଯାଇଥିଲା। କାର୍ଯ୍ୟକ୍ରମରେ ମୋହନା ବିଡିଓ ବଂଶୀଧର ଖୋସଲା, ଡବ୍ଲୁଇଓ ରଞ୍ଜନ ଜେନା, ଜିପିଇଓ ନରସିଂହ ମାଣ୍ଡାଙ୍ଗି, ହାଇସ୍କୁଲ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ନାୟକ, ପ୍ରଧାନ ଶିକ୍ଷୟିତ୍ରୀ ଆରତୀ ସ୍ୱାଲସିଂ ପ୍ରମୁଖ ଯୋଗଦେଇଥିଲେ।

### ଟ୍ରକ ବାଇକ ଧକ୍କା, ଜଣେ ଗୁରୁତର

ବାଲିଗୁଡ଼ା,୧୪।୧୧(ଡି.ଏନ୍.ଏ.)- ବାଲିଗୁଡ଼ା ଥାନା ବାରଖମା ନିକଟରେ ବୁଧବାର ଟ୍ରକ ଓ ବାଇକ ଧକ୍କାରେ ବାଇକ ଚାଳକ ଗୁରୁତର ହୋଇଛନ୍ତି। ସେ ହେଲେ ଖରିଆର ଗ୍ରାମର ଲକ୍ଷ୍ମୀ ଅଗ୍ରୱାଲ। ଖରିଆରରୁ ୨ଯୁବକ ବାଇକ୍ ଯୋଗେ ବାଲିଗୁଡ଼ାକୁ ଆସୁଥିବା ବେଳେ ଏକ ଟ୍ରକ ସହ ମୁହାଁମୁହିଁ ଧକ୍କା ହୋଇଥିଲେ। ଲକ୍ଷ୍ମୀ ଗୁରୁତର ହୋଇ ବାଲିଗୁଡ଼ା ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି।

## ସଂକ୍ଷେପରେ

### ସାଇକେଲ ଦୋକାନ ଜଳିଗଲା



କବିସୂର୍ଯ୍ୟନଗର,୧୪।୧୧-କବିସୂର୍ଯ୍ୟନଗର ବସଷ୍ଟାଣ୍ଡ ସଞ୍ଜୟ ସାଇକେଲ ଦୋକାନରେ ଅଗ୍ନିକାଣ୍ଡ ଘଟି ୩୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ଜଳିଯାଇଛି। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବୁଧବାର ଅପରାହ୍ନରେ ସଞ୍ଜୟ କୁମାର ସାହୁଙ୍କ ସାଇକେଲ ଦୋକାନ ପଛପଟେ ଆବର୍ଜନାରେ ଲାଗିଥିବା ନିଆଁ ବ୍ୟାପି ଟ୍ୟୁବ, ଟାୟାରରେ ଲାଗିଯାଇଥିଲା। ଏଥିରେ ୧୦/୧୨ଟି ପୁରୁଣା ସାଇକେଲ ସହ କିଛି ସାଇକେଲର ପାର୍ଟ୍ସ ପୋଡ଼ି ନଷ୍ଟ ହୋଇଥିବା ସଞ୍ଜୟ କହିଛନ୍ତି। ଦର୍ଶକ ସଂଖ୍ୟା ଅଧିକ ହେତୁ କିଛି ସମୟ ପାଇଁ ଗାଡ଼ି ଚଳାଚଳ ବନ୍ଦ ରହିଥିଲା।

### ଆଇନଜୀବୀଙ୍କୁ ମାଡ଼ ଘଟଣା ପ୍ରତିବାଦରେ କାର୍ଯ୍ୟବନ୍ଦ

**କବିସୂର୍ଯ୍ୟନଗର,୧୪।୧୧:** କବିସୂର୍ଯ୍ୟନଗର ଓକିଲ ସଂଘ ପକ୍ଷରୁ ସଂଘ କାର୍ଯ୍ୟାଳୟରେ ଓକିଲ ସଂଘ ସଭାପତି ଲାଲବାହାଦୁର ପଟ୍ଟନାୟକଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ବୁଗୁଡ଼ା ଥାନାଧିକାରୀ କର୍ତ୍ତବ୍ୟନିଷ୍ଠ ଆଇନଜୀବୀଙ୍କୁ ମାଡ଼ ଘଟଣାର ଦୃଢ଼ ନିନ୍ଦା ପ୍ରସ୍ତାବ ଆଗତ କରାଯାଇଥିଲା। ସଭାରେ ସମସ୍ତ ସଂଘର ସଦସ୍ୟ ଓକିଲଙ୍କୁ ମାଡ଼ ହେବା ଘଟଣା ପ୍ରତିବାଦରେ ଗୁରୁବାର କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକରା ଦିଆଯାଇଥିବା ଗଣମାଧମକୁ ଜଣାଇଛନ୍ତି। ଗଞ୍ଜାମ ବାର ଆସୋସିଏଶନର ସମସ୍ତ ନିଷ୍ପତ୍ତିକୁ ସଂଘ ଗ୍ରହଣ କରିବାକୁ ନିଷ୍ପତ୍ତି ନେଇଥିଲା। ସଭାରେ ସଂଘ ଉପସଭାପତି ପ୍ରଭାତ କୁମାର ସାମଲ, ସମ୍ପାଦକ ଲୋକନାଥ ପାଢ଼ୀ, ଦୁଷ୍ମନ୍ତ କୁମାର ଜେନା, ମୁରଲୀଧର ପାଣିଗ୍ରାହୀ, ଅଶୋକ କୁମାର ମହାରଣା ପ୍ରମୁଖ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

### ତିତ୍‌ଲି ବାତ୍ୟା,ବନ୍ୟା କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ଦାବି

# ତହସିଲ୍ ସମ୍ମୁଖରେ କୃଷକଙ୍କ ବିକ୍ଷୋଭ

**ଆସିକା, ୧୪।୧୧(ଡି.ଏନ୍.ଏ.)**

ତିତ୍‌ଲି ବାତ୍ୟା ଓ ବନ୍ୟା ପ୍ରପୀଡିତ ଚାଷୀ ଓ ଜନସାଧାରଣଙ୍କୁ ଉପଯୁକ୍ତ ଥଇଥାନ, ରିଲିଫ୍ ଓ କ୍ଷତିପୂରଣ ଦାବିରେ ବୁଧବାର ଅଖିଳ ଭାରତ କ୍ରାନ୍ତିକାରୀ କୃଷକ ସଭା ଆସିକା ବ୍ଲକ୍ କମିଟି ପକ୍ଷରୁ ସ୍ଥାନୀୟ ତହସିଲଦାରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଘଟିଯାଇଥିବା ବାତ୍ୟା ଓ ବନ୍ୟାରେ ଆସିକା ଅଞ୍ଚଳର ଚାଷୀ, ଭାଗଚାଷୀ ଏବଂ ଜନସାଧାରଣ କ୍ଷତିର ସମ୍ମୁଖୀନ ହୋଇଥିବା ନେଇ ଆଲୋଚନା କରାଯାଇଥିଲା। ବନ୍ୟା ଓ ବାତ୍ୟାର ଦୀର୍ଘଦିନ ବିତିଯାଇଥିଲେ ମଧ୍ୟ ଅଦ୍ୟାବଧି କ୍ଷତିଗ୍ରସ୍ତଙ୍କ ନିକଟରେ ରିଲିଫ୍ ଟଙ୍କା ଠିକ୍ ଭାବେ ପହଞ୍ଚିପାରିନଥିବା ସାଙ୍ଗକୁ ରାସ୍ତାଘାଟ ନିର୍ମାଣ ମଧ୍ୟ ହୋଇପାରିନଥିବା ଅଭିଯୋଗ କରାଯାଇଥିଲା। ଏହି ଅବସରରେ ଆସିକା ତହସିଲଦାର୍ ସୁବାସ ଚନ୍ଦ୍ର ସେଠିଆଙ୍କ ମାଧ୍ୟରେ ଗଞ୍ଜାମ ଜିଲାପାଳଙ୍କ ନିକଟକୁ ଏକ ୧୪ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ଦାବିପତ୍ରରେ ନଦୀବନ୍ଧକୁ ସୁଦୃଢ଼ କରିବା ଓ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଦ୍ୱାରା କରାଯାଇଥିବା ଜବରଦଖଲ ହଟାଇ ବନ୍ୟା ଦାଉରୁ ରକ୍ଷା କରିବା, ପୁରାତନ ରିଲିଫ୍ ପ୍ୟାକେଜକୁ ସଂଶୋଧନ କରି ବର୍ତ୍ତମାନର ବଜାର ଦର ମୁତାବକ ପ୍ୟାକେଜ୍ ଘୋଷଣା, ଚାଷୀ ଓ ଭାଗଚାଷୀ ସମସ୍ତଙ୍କୁ କ୍ଷତିପୂରଣ, ଧାନ ଫସଲ ଲାଗି ଏକର ପିଛା ୨୫ ହଜାର ଏବଂ ସେହି ଅନୁପାତରେ ଆଖୁ ଓ ଅନ୍ୟାନ ଫସଲକୁ କ୍ଷତିପୂରଣ ଦେବା, ଶତପ୍ରତିଶତ ଭାଗଚାଷୀଙ୍କ କ୍ଷତିପୂରଣ ଦେବା, ଫସଲ ବୀମାଧାରୀଙ୍କୁ ତୁରନ୍ତ ଫସଲ ବୀମାରାଶି ପ୍ରଦାନ ଓ ଆସନ୍ତା ଚାଷ ପାଇଁ ଫସଲ ବୀମା ଦାୟିତ୍ୱ ସରକାର ହାତକୁ ନେବା, ପଟ୍ଟାପାଉତି ନ ଥିବା, ସେଟେଲମେଣ୍ଟ ହୋଇନଥିବା ଏବଂ ସରକାରୀ, ଅନାବାଦି ଓ ଗୋଚର ଜମିରେ ଚାଷ କରୁଥିବା ସମସ୍ତ ଚାଷୀଙ୍କୁ କ୍ଷତିପୂରଣ, କ୍ଷତିଗ୍ରସ୍ତ ଅଞ୍ଚଳରେ ଚଳିତ ବର୍ଷର ଭୂଖଜଣା, ଜଳକର, ସ୍କୁଲ କଲେଜ, ଟ୍ୟୁସନ୍ ଫି, ପରୀକ୍ଷା ଫି ଛାଡ଼ କରିବା, ସରକାରୀ ଘୋଷିତ ମଜୁରୀ ହାରରେ ସମସ୍ତ କ୍ଷତିଗ୍ରସ୍ତ ପରିବାରଙ୍କୁ ୨୫୦ ଦିନରୁ ଊର୍ଦ୍ଧ୍ୱ କାମ ଯୋଗାଇବା ଏବଂ କାର୍ଯ୍ୟରେ ମେସିନ୍ ବ୍ୟବହାରକୁ ବନ୍ଦ କରିବା, କ୍ଷତିଗ୍ରସ୍ତ ଉଠାଦୋକାନୀ ଓ କ୍ଷୁଦ୍ର ବ୍ୟବସାୟୀଙ୍କ କ୍ଷତିପୂରଣ ନିମନ୍ତେ ତୁରନ୍ତ ଆର୍ଥିକ ପ୍ୟାକେଜ୍ ଘୋଷଣା କରିବା ଏବଂ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସମସ୍ତ ବ୍ୟବସାୟୀଙ୍କୁ କ୍ଷତିପୂରଣ ଦେବା ଆଦି ଦାବି ରହିଛି। କ୍ରାନ୍ତୀକାରୀ କୃଷକ ସଭାର ରାଜ୍ୟ ସମ୍ପାଦକ ଶଙ୍କର ସାହୁଙ୍କ ନେତୃତ୍ୱରେ ଆସିକା ବ୍ଲକ୍ ସଭାପତି ବୃନ୍ଦାବନ ବାରିକ, ରମେଶ ଚନ୍ଦ୍ର ପରିଡ଼ା, ଜିଲ୍ଲା ସଭାପତି କାଶିନାଥ ଜେନା, ଅକ୍ଷୟ ସାହୁ, ସନ୍ୟାସୀ ନାହାକ, ସୁଶାନ୍ତ ଦଳାଇ, ଆର ନାହାକ, ମମତା ନାହାକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀଙ୍କ ବିକ୍ଷୋଭ।

# ବିଜେଡିର ଜନସମ୍ପର୍କ ପଦଯାତ୍ରା



ପଦଯାତ୍ରାରେ ବିଜେଡି ନେତା ଓ କର୍ମୀ।

**କ.ନୂଆଗାଁ,୧୪।୧୧(ଡି.ଏନ୍.ଏ.)**

କ.ନୂଆଗାଁ ବ୍ଲକ ସଦର ମହକୁମାରେ ବୁଧବାର କୃଷ୍ଣମୋହନ ପାଣିଗ୍ରାହୀଙ୍କ ନେତୃତ୍ୱରେ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। କଞ୍ଚାମେଣ୍ଡିଠାରୁ ପଦଯାତ୍ରା ବାହାରି ବଜାରସ୍ଥିତ ଦୁର୍ଗାମଣ୍ଡପରେ ଏକ ସଭା ହୋଇଥିଲା। ଏଥିରେ ଜିଲା ବିଜେଡି ସଭାପତି ସରୋଦ କର୍ଣ୍ଣ, ଫୁଲବାଣୀ ବିଧାୟକ ଦୁଗୁନୀ କହଁର, ବାଲିଗୁଡ଼ା ବିଧାୟକ ରାଜୀବ ପାତ୍ର, ଖଜୁରୀପଡ଼ା ବ୍ଲକ ଅଧକ୍ଷ ଦେବେନ୍ଦ୍ର କହଁର, ଚକ୍ରମଣି କହଁର, ବିକ୍ରମ ପଣ୍ଡା, ସୁରେଖା ପାଟମାଝୀ ପ୍ରମୁଖ ଯୋଗ ଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ଗୁଞ୍ଜିବାଡ଼ି ସରପଞ୍ଚ ଯୁବତୀ ପ୍ରଧାନ, ବିଭୀଷଣ ପ୍ରଧାଙ୍କ ସମେତ ଶତାଧିକ କଂଗ୍ରେସ ଓ ଭାଜପା କର୍ମୀ ବିଜେଡିରେ ଯୋଗ ଦେଇଥିଲେ। ଏଥିସହ ପୂର୍ବତନ ବ୍ଲକ ଅଧକ୍ଷ ମଦନ ମୋହନ ପ୍ରଧାନ, କଞ୍ଚାମେଣ୍ଡି ସରପଞ୍ଚ ସାନିରା ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ ସୁଲୋଚନା ଦଳବେହେରା, କୁଡୁତୁଲି ସମିତି ସଭ୍ୟ ରଘୁନାଥ ବିଷୋୟୀ ସମେତ ବ୍ଲକର ୧୪ ପଞ୍ଚାୟତର ବହୁ କର୍ମୀ ପଦଯାତ୍ରାରେ ସାମିଲ ଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମାଗିଖିଆଙ୍କର ଚାତର ବଡ଼<br>ବାଲିଙ୍ଗି କାଢ଼ନ୍ତି ସାତ ଶଗଡ଼ ।**

ଘରର ଆର୍ଥିକ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇଥିବା ସ୍ଥଳେ କେତେକ ବ୍ୟକ୍ତି ବାହାରେ ନିଜର ଆତ୍ମବଡ଼ିମା ଦେଖାଇଥାନ୍ତି। ନିଜର ପ୍ରଶଂସା ନିଜେ କରିବା ସହ ନିଜ ପାରିବାର ପଣିଆକୁ ନେଇ ଅନ୍ୟଆଗରେ ତୁଚ୍ଛା ବାହୁସ୍ଫୋଟ ମାରିଥାନ୍ତି। ତେବେ ଯା' ଆଗରେ ତା' ଆଗରେ ହାତପତେଇ ଚଳୁଥିବା ବ୍ୟକ୍ତି ମୁହଁରେ ଏପରି ବଡ଼ଲୋକୀ ଆଦୌ ଶୋଭାପାଇ ନ ଥାଏ। ଅଭାବ ଅନଟନରେ ରହୁଥିବା ବ୍ୟକ୍ତି ବାହାରେ ନିଜର ପୌଢ଼ି ପ୍ରକାଶ କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ମକରେ ମଙ୍ଗଳ ଥିଲେ ରେ ପୁତା,<br>ଦାସୀ ପୁଅ ହେଲେ ଧରଇ ଛତା ।**

ମକର ରାଶିରେ ମଙ୍ଗଳ ଗ୍ରହ ଅତୀବ ଶୁଭକାରକ ହୋଇଥିବା ଜ୍ୟୋତିଷ ଶାସ୍ତ୍ରରୁ ଜଣାଯାଇଥାଏ। ଏପରି ଯୋଗରେ ଜନ୍ମଲାଭ କରିଥିବା ବ୍ୟକ୍ତି ଯେତେ ଦରିଦ୍ର ହୋଇଥିଲେ ମଧ୍ୟ ଭବିଷ୍ୟତରେ ଉଚ୍ଚ ପଦପଦବୀ ଲାଭ କରିବାକୁ ସମର୍ଥ ହୋଇଥାନ୍ତି। ସେହିପରି କ୍ଷମତାଶାଳୀ ହେବା ସହ ରାଜଭୋଗ କରିବାର ମଧ୍ୟ ଅନେକ ସମ୍ଭାବନା ରହୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଉନ୍ନୟନମୂଳକ କାର୍ଯ୍ୟକ୍ରମ ତ୍ୱରାନ୍ୱିତ ନେଇ ନିଷ୍ପତ୍ତି

**ଗୋପାଳପୁର,୧୪।୧୧**

ଗୋପାଳପୁର ନିର୍ବାଚନମଣ୍ଡଳୀ ଦିନକୁଦିନ ପ୍ରଗତିଶୀଳ ହେଉଥିବା ବେଳେ ରଙ୍ଗେଇଲୁଣ୍ଡା ବ୍ଲକ କନିଷି ଗ୍ରାମର ଉନ୍ନୟନମୂଳକ କାର୍ଯ୍ୟପାଇଁ ଅଣ୍ଟା ଭିଡ଼ିଥିବା ଜଣାପଡ଼ିଛି। ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୭ଟାରେ କନିଷି ହାଟସ୍ଥିତ ଠାକୁରାଣୀ ମନ୍ଦିର ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଗୋପାଳପୁର ବିଧାୟକ ଡ. ପ୍ରଦୀପ କୁମାର ପାଣିଗ୍ରାହୀଙ୍କ ଦ୍ୱାରା ବିଭିନ୍ନ ଗ୍ରାମରେ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଚାଲୁ ରହିଥିବା ବେଳେ ଗ୍ରାମର ଯୁବକମାନେ ବିଭିନ୍ନ ସମସ୍ୟା ସମାଧାନ ଓ ଉନ୍ନୟନମୂଳକ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଶପଥ ପାଠ କରିଥିଲେ। ଗ୍ରାମ ଓ ସାହିଗୁଡ଼ିକରେ ସମସ୍ୟା ଥିଲେ ତାହା ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ଆଲୋଚନା ହୋଇଥିଲା। ଆଗାମୀ ଦିନରେ କନିଷି ପଞ୍ଚାୟତକୁ ଶ୍ରେଷ୍ଠ ଗ୍ରାମପଞ୍ଚାୟତ ଭାବେ ଗଢ଼ି ତୋଳାଯିବ ବୋଲି ନିଷ୍ପତ୍ତି ନେଇଥିଲେ। ଏନେଇ ରଙ୍ଗେଇଲୁଣ୍ଡା ବ୍ଲକ ଉପାଧକ୍ଷ ଅଜିତ ଦାଶଙ୍କ ଉପସ୍ଥିତିରେ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ବୁଧବାର ସନ୍ଧ୍ୟାରେ ଯୁବକମାନେ ଗ୍ରାମର ଲୋକଙ୍କ ନିକଟକୁ ଯାଇ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ଏଥିରେ ସିଏଚ ଭରତ ପାତ୍ର, ପ୍ରକାଶ ଚନ୍ଦ୍ର ସାବତ, ଦିପୁ ନାହାକ, ରାକେଶ କୁମାର ପାତ୍ର, ଟିଟୁ ରାଉତ, ଅଜୁ ପଣ୍ଡା, ରଞ୍ଜନ ଗୌଡ଼, ନୀର ନାହାକ, ପ୍ରଦ୍ୟୁମ୍ନ ରାଉଳ, ଜିତୁ ପଣ୍ଡା, ରଞ୍ଜନ ପଟ୍ଟନାୟକଙ୍କ ସମେତ ବହୁ ଯୁବକ ଉପସ୍ଥିତ ଥିଲେ।

# ରାଜ୍ୟ କନିଷ୍ଠ ମହାବିଦ୍ୟାଳୟ ଭାରୋତ୍ତୋଳନ ପ୍ରତିଯୋଗିତା

**ବ୍ରହ୍ମପୁର ଅଫିସ,୧୪।୧୧**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ରାଜ୍ୟ କନିଷ୍ଠ ମହାବିଦ୍ୟାଳୟ ସମୂହ ଭାରୋତ୍ତଳନ ପ୍ରତିଯୋଗିତା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁର ସିଟି କଲେଜରେ ଅନୁଷ୍ଠିତ ପ୍ରତିଯୋଗିତାକୁ ଧନ୍ଦାମୂଳକ ଶିକ୍ଷା ଡେପୁଟି ଡାଇରେକ୍ଟର ସୁଶାନ୍ତ କୁମାର ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କଲେଜ ଅଧକ୍ଷ ପୁଷ୍ପାଞ୍ଜଳି ସାବତଙ୍କ ଅଧକ୍ଷତାରେ ଆୟୋଜିତ ଏହି ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବରେ ପୂର୍ବତନ ଅଧକ୍ଷ ଡ. ଲମ୍ବୋଧର ପାଣିଗ୍ରାହୀ, ପୂର୍ବତନ ଅଧକ୍ଷ ଡ. କମ୍ବୁପାଣି ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପିଇଟି ଏସ.ଏନ. ଦାଶ, ପ୍ରଦୀପ ଦାଶ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ୧୯ ବର୍ଷରୁ କମ ବାଳିକା ଓ ବାଳକ ବର୍ଗରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଗଞ୍ଜାମ, ଖୋର୍ଦ୍ଧା ଜିଲାର ୯ ଯୁକ୍ତ ୨ କଲେଜରୁ ୨୮ ପ୍ରତିଯୋଗୀ ଭାଗ ନେଇଥିଲେ। ସେଥିମଧ୍ୟରୁ ବାଳକ ୧୬ ଓ ବାଳିକାରେ ୧୨ ଜଣ ଭାଗ ନେଇଥିଲେ। ବାଳକ ୫୫କେଜି ବର୍ଗରେ ଦଣ୍ଡପାଣି ନାୟକ ବିଜେତା ହୋଇଥିବା ବେଳେ ୬୧ କେଜିରେ ରାଜେନ୍ଦ୍ର ମୁଦୁଲି , ୬୭କେଜିରେ ରଘୁନାଥ ଫିନ, ୭୩କେଜିରେ ସୁମନ୍ତ ମାଝି, ୮୧କେଜି ରେ ଶବର ଶିକୁନିଆ, ୮୯କେଜିରେ ଆଦିତ୍ୟ କୁମାର ସାହୁ ବିଜେତା ହୋଇଛନ୍ତି। ସେହିପରି ବାଳିକା ବିଭାଗ ୪୫କେଜି ବର୍ଗରେ ଜ୍ୟୋତି ବଡମୁଣ୍ଡି ବିଜେତା ହୋଇଥିବା ବେଳେ ୪୯କେଜିରେ ନିକିତା କୁମାରୀ ପଣ୍ଡା , ୬୫କେଜିରେ ମୋତି ଜାନୀ , ୫୯ କେଜିରେ ଯୁବତୀ ଗୌରୀ, ୬୪ କେଜିରେ ରଶିତା ରଣସିଂହ, ୭୧ କେଜିରେ ଏ. ଗୀତାଞ୍ଜଳି ବିଜେତା ହୋଇ ଜାତୀୟସ୍ତରକୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ପୂର୍ଣ୍ଣଚନ୍ଦ୍ର ବେହେରା, ରମେଶ ଚନ୍ଦ୍ର ପାଢୀ, ରମେଶ ସାହୁ ପ୍ରମୁଖ ରେଫେରି ଭାବେ ଯୋଗଦେଇଥିଲେ। ବ୍ରହ୍ମପୁର ଷ୍ଟାଡିୟମର ଭାରୋତ୍ତୋଳନ କୋଚ ସୀତା ଜେନା, ଜେ. ଜଗାରାଓ, କ୍ରିଷ୍ଣା ରାଓ ପାତ୍ର ପ୍ରମୁଖ ଅଫିସିଆଲ ଭାବେ ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ। କୃତୀ ପ୍ରତିଯୋଗୀମାନେ ଆସନ୍ତା ୨୫ ରୁ ୩୦ ପର୍ଯ୍ୟନ୍ତ ଗୁଆହାଟିରେ ହେବାକୁ ଥିବା ଜାତୀୟ କନିଷ୍ଠ ମହାବିଦ୍ୟାଳୟ ସମୂହ ଭାରୋତ୍ତଳନ ପ୍ରତିଯୋଗିତାରେ ଭାଗ ନେବେ।

# କୃଷି ବିଶ୍ୱବିଦ୍ୟାଳୟ ଉଦ୍ୟାନ ବିଭାଗର ସଚେତନତା

**ସୋରଡ଼ା,୧୪।୧୧(ଡି.ଏନ୍.ଏ.):** କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱରର ଉଦ୍ୟାନ ବିଭାଗର ୨ ଜଣିଆ ସ୍କାଉଟ ଗାଇଡ୍ ସୋରଡ଼ା ବ୍ଲକର ବିଭିନ୍ନ ଗ୍ରାମର ଚାଷୀମାନଙ୍କ ସହ କୃଷି ସମ୍ବନ୍ଧୀୟ ବିଚାର ବିମର୍ଷ, ଚାଷ ସଚେତନ କାର୍ଯ୍ୟକ୍ରମ କରି ରବିବାର ଫେରିଛନ୍ତି। ଗତ ଶୁକ୍ରବାରରୁ ସୋମବାର ୪ ଦିନ ଧରି ଉଦ୍ୟାନ ବିଭାଗର ୪ର୍ଥ ବର୍ଷର ଛାତ୍ର ପ୍ରଭାସ ରଞ୍ଜନ ପାଢ଼ୀ, ଶୁଭ୍ରାଂଶୁ ଶେଖର ମହାରଣା ପ୍ରମୁଖ ଫସଲକୁ ରୋଗ ପୋକରୁ ରକ୍ଷା କରିବା ଉପାୟ, ଅମଳ ସମୟର ଆବଶ୍ୟକତା, ତଳି ପକାଇବାର ପ୍ରଣାଳୀ ଆଦି ଉପରେ ସଚେତନ କରାଇଥିଲେ। ବ୍ଲକ କୃଷି ଅଧିକାରୀ ରାଜକିଶୋର ସ୍ୱାଇଁ ସହଯୋଗ କରିଥିଲେ। ଓୟୁଏଟି କୁଳପତି ଡ. ସୁରେନ୍ଦ୍ର ନାଥ ପଶୁପାଳକ ବ୍ଲକର ବିଭିନ୍ନ ଗ୍ରାମରେ ଏଭଳି ସଚେତନ କାର୍ଯ୍ୟକ୍ରମ ଜାରି ରଖିବାକୁ କୃଷି ବିଜ୍ଞାନ କେନ୍ଦ୍ର ଭଞ୍ଜନଗରର ବୈଜ୍ଞାନିକ, ପ୍ରଶାନ୍ତ ପଣ୍ଡା, ସନ୍ତୋଷ ସାମନ୍ତରାୟ, ସ୍ୱାଗତିକା ସାହୁ ପରାମର୍ଶ ଦେଇଛନ୍ତି।


No 1 Clinic in India for Sexual Treatment
Lady Doctors are available for Ladies
For Best results Consult Physically
ସହବାସରେ ସମସ୍ୟା | ଶିଥିଳତା
ଧାତୁ ପତଳା | ଶିଘ୍ର ପତନ
ପରିସ୍ରାରେ ଧାତୁ | ସ୍ୱପ୍ନଦୋଷ
ଯୌନାଙ୍ଗରେ ଘା | ସ୍ତ୍ରୀ ରୋଗ
ଗୋପନରେ ମଦ ଛଡାନ୍ତୁ
PUSHPA CLINIC (P) LTD.
www.pushpaclinic.com
ପୁରୁଷାଙ୍ଗ ଶିଥିଳତା ଓ ଶିଘ୍ରପତନ ଦୂରକରିବା ପାଇଁ ପୁଷ୍ପାକ୍ଲିନିକ୍‌ର ଆୟୁର୍ବେଦୀୟ ଚିକିତ୍ସା ଅତୁଳନୀୟ
ସବୁଦିନ ସକାଳ ୯ଟାରୁ ରାତ୍ର ୮ଟା
A- 41, BDA Duplex Colony, Baramunda, Bhubaneswar - 3 | BALASORE 9437147000
BBSR 0674- 2354320, 9437143000, 9437138000 | ANGUL 9437146000
ସୂଚନା : ଅନୁଗୋଳ ଓ ବାଲେଶ୍ୱର ବ୍ୟତିତ ଅନ୍ୟ କୌଣସି ଜାଗାରେ ଆମର କୌଣସି ଶାଖା କ୍ଲିନିକ୍ ନାହିଁ ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

BALADEV FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Personal, Business, Home, Certificate, Property, କୃଷି ଓ ଶିକ୍ଷା ପାଇଁ ସମସ୍ତ ପ୍ରକାର loan Baladev Finance ଦ୍ୱାରା ଯୋଗାଇ ଦିଆଯାଉଛି।
ସୁଧ ୨%
M: 7750923286
7750921101

ଡିଜିଟାଲ ଉପକରଣ
ଭାରତ ସରକାର ଡିଜିଟାଲ ଉପକରଣ କମ୍ପାନୀ ଦ୍ୱାରା ଓଡ଼ିଶାର ଚାଷୀ ଭାଇ ନିଜ ଖାଲି ଜମି, ପ୍ଲଟ୍, ଛାତ ଉପରେ ଡିଜିଟାଲ ଉପକରଣ ଲଗାନ୍ତୁ।
ଭଡ଼ା ୨୦,୦୦୦, ଅଗ୍ରିମ ୨୦,୦୦,୦୦୦
+ 500 ସିମ୍ ମାଗଣା + ଅନ୍ୟାନ୍ୟ ସୁବିଧା
ଭାରତର ନଂ.1 ବିଶ୍ୱସନୀୟ କମ୍ପାନୀ
ଚାଷୀଭାଇ ନିଜ ନାମ-ଠିକଣା SMS କରନ୍ତୁ
09911912234
08750097511
Plot No.3, Sector-II, CBD Belapur, Navi Mumbai-400614

ସରକାରୀ ଜନଧନ ଯୋଜନା ଅଧୀନରେ
DHANLAXMI FINANCE PVT. LTD.
(Regd. No.- 004554MH)
ଦ୍ୱାରା ସରକାରୀ ବ୍ୟାଙ୍କରୁ ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ରାଶନକାର୍ଡ, ପର୍ସନାଲ , ଗ୍ରୁପ୍ ଋଣ ଏବଂ ସମସ୍ତ ଋଣ କେବଳ 24 ଘଣ୍ଟାରେ ପାଆନ୍ତୁ ।
2% ସୁଧ 50% ରିହାତି
Helpline Number
9897499698
Goudunipokhari, Pharsibandha, Bhadrak, Odisha - 756132

!! ଋଣ ଋଣ ଋଣ !!
ସରକାରୀ ଯୋଜନା ଲୋନ୍ ସ୍କିମ୍ ଦ୍ୱାରା
ଶ୍ରୀ ରାମ ଫାଇନାନ୍ସ
ମାର୍କଶିଟ୍ ଋଣ ଅଷ୍ଟମ, ଦଶମ ପାସ୍ ବେରୋଜଗାର 5,00,000-50,00,000 ପର୍ଯ୍ୟନ୍ତ ଋଣ ପାଆନ୍ତୁ
!! ନୋ ଏଗ୍ରିମେଣ୍ଟ, ନୋ ଗ୍ୟାରେଣ୍ଟର !!
2% ସୁଧ, 50% ରିହାତି + ସବ୍‌ସିଡି ପାଆନ୍ତୁ
ଯୋଗାଯୋଗ କରନ୍ତୁ
9625338716
9625390375
Add : - T-51, Gautampuri, Delhi

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
**ବାଲେଶ୍ୱର:** ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। **ଭଦ୍ରକ:** ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। **ଯାଜପୁର:** ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। **କଟକ:** ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। **ଭୁବନେଶ୍ୱର:** ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୩। **ପୁରୀ:** ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। **ବାରିପଦା:** ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। **ସମ୍ବଲପୁର:** ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। **ରାଉରକେଲା:** ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। **ପାରାଦୀପ:** ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। **କେନ୍ଦ୍ରାପଡ଼ା:** ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍‌ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। **କେନ୍ଦୁଝର:** ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। **ଝାରସୁଗୁଡ଼ା:** ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। **ଅନୁଗୋଳ:** ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। **ବ୍ରହ୍ମପୁର:** ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। **ଭବାନୀପାଟଣା:** ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। **ବରଗଡ଼:** ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। **ଫୁଲବାଣୀ:** ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। **ନୟାଗଡ଼:** ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। **ପୂଜା ହେଲ୍‌ଥ ସେଣ୍ଟର**
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।



## ପାଠକଙ୍କ ପାଇଁ ସୂଚନା

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:-
fileodisha@gmail.com
ରେ ପଠାଇ ପାରିବେ।
7991052261
7991052595

କୁବେର ଫାଇନାନ୍ସ
ମୁଖ୍ୟମନ୍ତ୍ରୀ ଯୋଜନା ଦ୍ୱାରା ସବୁ ଋଣ ଘରେ ବସି 24 ଘଣ୍ଟାରେ ପାଆନ୍ତୁ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, BPL, ମହିଳା ଗ୍ରୁପ୍ ଋଣ 0% ସୁଧ, 35% ସବ୍‌ସିଡି
Helpline:
18002126755
08802683947
310, GRAM-MAHAMMADAPUR, TEHSIL- GOGWA, DISTRICT- KHARGONE (M.P.) - 451335

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ
ଖବରଦାର୍ କଳା ଶିକ୍ଷା
ଯେଉଁଠି ଜ୍ଞାନ ସେଠି ହେବ A to Z ସମସ୍ୟାର ସମାଧାନ

ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଳେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ସିକନ୍ଦର
21 ଦୈବିକ ବିଦ୍ୟାରେ ନିପୁଣ
9997796211

## ସଂକ୍ଷେପରେ

### ଶିଶୁଙ୍କ ବେକରୁ ସୁନା ଲକେଟ୍ ଲୁଟ୍, ଯୁବତୀ ଅଟକ

ଛତ୍ରପୁର,୧୪।୧୧(ଡି.ଏନ.ଏ)-ଛତ୍ରପୁର ହସ୍ପିଟାଲ ପରିସରରୁ ବୁଧବାର ଜଣେ ଶିଶୁଙ୍କ ବେକରୁ ସୁନା ଲକେଟ୍ ଛିଣ୍ଡାଇ ନେବା ଅଭିଯୋଗରେ ପୋଲିସ ଜଣେ ଯୁବତୀଙ୍କୁ ଅଟକ ରଖିଛି। ତାଙ୍କ ଠାରୁ ସୁନା ଲକେଟ୍ ଜବତ କରିବା ସହ ନଂ. ନଂ-୪୮୮/୧୮ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି ପ୍ରକାଶ ଯେ, ପୁରୁଣାବନ୍ଧ ଗ୍ରାମର ତେରେଜା ତାଙ୍କ ପୁଅ ଓ ଝିଅଙ୍କୁ ନେଇ ବୁଧବାର ହସ୍ପିଟାଲକୁ ଆସିଥିଲେ। ପୁଅଙ୍କୁ ଡାକ୍ତରଙ୍କୁ ଦେଖାଉଥିବା ବେଳେ ବାହାରେ ବସିଥିବା ଶିଶୁକନ୍ୟାଙ୍କ ସୁନା ଲକେଟ ଛିଣ୍ଡାଇ ଜଣେ ଯୁବତୀ ଖସିବା ମାତ୍ରେ ସେଠାରେ ଉପସ୍ଥିତ ଲୋକେ ତାଙ୍କୁ କାବୁ କରିନେଇଥିଲେ।

### ବିଜେଡିର ଜନସମ୍ପର୍କ ପଦଯାତ୍ରା

ସୋରଡ଼ା,୧୪।୧୧(ଡି.ଏନ.ଏ.)- ବିଜେଡିର ଜନସମ୍ପର୍କ ପଦଯାତ୍ରା ବୁଧବାର ବ୍ଲକର ଅସୁରବନ୍ଧ, ଭଗବାନପୁର, ଗୋଛା, ଗାଜଲବାଡ଼ି ପଞ୍ଚାୟତରେ ବିଭିନ୍ନ ଗ୍ରାମରେ ପହଞ୍ଚିଥିଲା। ଏହି ଅବସରରେ ଆମ ଗାଁ ଆମ ବିକାଶ ଯୋଜନାର ପାଠାଗାର, ମହିଳା ମିଶନ ଶକ୍ତି ଗୃହ, ଧାନଖଳା, ଗୋଷ୍ଠୀକେନ୍ଦ୍ରଗୁଡ଼ିକରେ ଶିଳାନ୍ୟାସ, ଉଦ୍ଘାଟନ କରାଯାଇଛି। ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ପଦଯାତ୍ରାରେ ବହୁ ସମର୍ଥକ ଯୋଗ ଦେଇଥିଲେ। ରାଜେଶ କୁମାର ସାହୁ, ସରୋଜ ସାହୁ, ତ୍ରିଲୋଚନ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

■ ଗଞ୍ଜାମ ଜିଲା ଧାନକ୍ରୟ କମିଟି ବୈଠକ

# ଡିସେମ୍ବର ୧୫ରୁ ଧାନକିଣା, ସାମିଲ ହେବେ ଅନ୍ୟ ଜିଲାର ମିଲର

ଛତ୍ରପୁର,୧୪।୧୧(ଡି.ଏନ.ଏ)

ଗଞ୍ଜାମ ଜିଲା ଧାନକ୍ରୟ କମିଟି ବୈଠକ ବୁଧବାର ଛତ୍ରପୁରସ୍ଥିତ ଡିଆରଡିଏ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଅଧ୍ୟକ୍ଷତା କରିଥିଲେ। ଜିଲାରେ ଡିସେମ୍ବର ୧୫ ରୁ ଧାନ କିଣାଯିବ। ଚଳିତ ବର୍ଷ ୨ ଲକ୍ଷ ଚାଷୀଙ୍କ ଧାନକିଣା ପାଇଁ ପଞ୍ଜୀକରଣ ଲକ୍ଷ୍ୟ ରହିଛି। ସବୁ ଚାଷୀଙ୍କ ଠାରୁ ଧାନ କିଣାଯିବ ଏବଂ ଏଥିରେ କୌଣସି ସମସ୍ୟା ନ ଥିବା ଜିଲାପାଳ କହିଥିଲେ। ବର୍ତ୍ତମାନ ସୁଦ୍ଧା ଜିଲାର ୩୧୯ଟି ସମବାୟ ସେବା ସମିତି ପକ୍ଷରୁ ୧ ଲକ୍ଷ ୨୦ ହଜାର ୧୦୯ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ଜିଲାରେ ଚଳିତ ବର୍ଷ ୨୬ ଲକ୍ଷ ୧୫ ହଜାର କୁଇଣ୍ଟାଲ ଧାନ କିଣିବାକୁ ଲକ୍ଷ୍ୟ ରଖାଯାଇଛି। ଜିଲାର ଥିବା ୩୮୧ ମିଲରଙ୍କ ମଧ୍ୟରୁ ୨୭୨ ଜଣ ମିଲିଂ ପାଇଁ ଧାନ ନେବାକୁ ଆବେଦନ କରିଛନ୍ତି। ମିଲରମାନେ ଧାନ ନେଇ ପ୍ରଶାସନକୁ ଚାଉଳ ଦେଇଥାନ୍ତି। ତେବେ କମ୍ ସଂଖ୍ୟକ ମିଲର ଏହି ପ୍ରକ୍ରିୟାରେ ସାମିଲ ହୋଇଥିବା ଏବଂ ସେମାନଙ୍କ ମିଲିଂ କାପାସିଟି କମ୍ ଥିବା ବୈଠକରେ କୁହାଯାଇଥିଲା। ଏଥିପାଇଁ ଅନ୍ୟ ଜିଲାର ମିଲରମାନଙ୍କୁ ଏହି ପ୍ରକ୍ରିୟାରେ ସାମିଲ କରିବାକୁ ନିଷ୍ପତ୍ତି ହୋଇଛି। ଅନ୍ୟପକ୍ଷରେ ମିଲରମାନେ ଧାନ ମିଲିଂ କରିବାକୁ ନେବା ପାଇଁ ବର୍ତ୍ତମାନ ସୁଦ୍ଧା ସିକ୍ୟୁରିଟି ଅର୍ଥ ଜମା କରିନାହାନ୍ତି। ଅତି ଶୀଘ୍ର ସିକ୍ୟୁରିଟି ଅର୍ଥ ଜମା କରିବାକୁ ଜିଲାପାଳ କହିଥିଲେ। ଗତ ବର୍ଷ ମିଲିଂ କରିବାକୁ ଧାନ ନେଇ କେତେକ ମିଲର ବର୍ତ୍ତମାନ ସୁଦ୍ଧା ଚାଉଳ ପୈଠ କରିନାହାନ୍ତି। ଏପରିକି ସିକ୍ୟୁରିଟି ଅର୍ଥ ତୁଳନାରେ ଅଧିକ ଚାଉଳ ପୈଠ କରିବାକୁ ବାକି ରହିଛି। ତୁରନ୍ତ ଏହାକୁ ଦୃଷ୍ଟିଗୋଚର କରିବାକୁ ଜିଲାପାଳ ବୈଠକରେ ଉପସ୍ଥିତ ମିଲର ସଂଘର କର୍ମକର୍ତ୍ତାଙ୍କୁ କହିଥିଲେ। କଳାବଜାରରେ ଯେପରି ଚାଷୀ ଧାନ ନ ବିକିବେ ଏବଂ ସମବାୟ ବିଭାଗକୁ ଏହା ବିକ୍ରି କରିବେ ତା ଉପରେ ଧ୍ୟାନ ଦେବାକୁ କୁହାଯାଇଛି। ଏଥିରେ ଖିଲାପ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ସତର୍କ କରାଇ ଦେଇଥିଲେ। ରାଜ୍ୟ ସରକାରଙ୍କ ନୀତି ନିୟମରେ ଚାଷୀଙ୍କ ଠାରୁ ଧାନ କିଣାଯିବ। ମିଲରମାନେ ସହଯୋଗ କରନ୍ତୁ। ଏଥିରେ କୌଣସି କୋହଳ କରିହେବ ନାହିଁ ବୋଲି କୁହାଯାଇଛି। ପରେ ମିଲରମାନଙ୍କୁ ନେଇ ବୈଠକ ହେବ ବୋଲି ସୂଚନା ଦିଆଯାଇଥିଲା। ବୈଠକରେ ଜିଲାପରିଷଦ ସଭାପତି ସୁବାସ ଚନ୍ଦ୍ର ବେହେରା, ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ, ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ଖଲିକୋଟ ବିଧାୟକ ପୂର୍ଣ୍ଣ ଚନ୍ଦ୍ର ସେଠୀ, ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଶରତ ମହାପାତ୍ର, ବ୍ରହ୍ମପୁର ଏମପିଙ୍କ ପ୍ରତିନିଧି ସୁଧୀର ରାଉତ, ଡିଆରଡିଏ ପିଡି ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଜିଲା ଯୋଗାଣ ଅଧିକାରୀ ବିଷ୍ଣୁ ପ୍ରସାଦ ସୂପକାର, ଡିଆରସିଏସ, ବ୍ରହ୍ମପୁର ଉପଜିଲାପାଳ ଦିଗନ୍ତ ରାଉତରାୟ, ଛତ୍ରପୁର ଉପଜିଲାପାଳ ଦେବବ୍ରତ ସାହୁ, ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର କୁମାର ମିଞ୍ଜଙ୍କ ସମେତ ଯୋଗାଣ ଓ ସମବାୟ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

**କଳା ବଜାର ହେଲେ କାର୍ଯ୍ୟାନୁଷ୍ଠାନ: ଜିଲାପାଳ**



ବୈଠକରେ ଉପସ୍ଥିତ ଜିଲାପାଳ ଏବଂ ଅନ୍ୟମାନେ।

■ ଏରିୟର ବିଲ୍ ପାସ୍ ପାଇଁ ଲାଞ୍ଚ

# ଧରାପଡିଲେ ବିଇଓ ଅଫିସ ମୁଖ୍ୟକିରାଣି

ଭଞ୍ଜନଗର,୧୪।୧୧(ଡି.ଏନ.ଏ.)

ଗଞ୍ଜାମ ଜିଲା ଭଞ୍ଜନଗର ବ୍ଲକ ଏଜୁକେଶନ ଅଫିସ (ବିଇଓ) ମୁଖ୍ୟ କିରାଣୀ ପ୍ରିୟଦର୍ଶୀ ଦାସଙ୍କୁ ବୁଧବାର ଭିଜିଲାନ୍ସ କାବୁ କରିଛି। ପ୍ରିୟଦର୍ଶୀ ଜଣେ ଶିକ୍ଷକଙ୍କ ଏରିୟର ବିଲ୍ ପାଶ୍ ପାଇଁ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ବିଭାଗ କର୍ମଚାରୀ ଦାସଙ୍କୁ କାବୁ କରି ନେଇଥିଲେ। ତାଙ୍କଠାରୁ କେମିକାଲ ବୋଳା ଟଙ୍କା ଜବତ କରାଯାଇଥିଲା। ଭିଜିଲାନ୍ସ ଟିମ୍ ଦାସଙ୍କୁ ଅଧିକ ପଚରାଉଚରା ପାଇଁ ବ୍ରହ୍ମପୁର ନେଇ ଯାଇଛନ୍ତି। ଶିକ୍ଷକ ସୁଧାଂଶୁ ମହାପାତ୍ରଙ୍କର ଏରିୟର ବାବଦକୁ ୨ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ପାଇବାକୁ ଅଛି। ଏନେଇ ସେ ମୁଖ୍ୟ କିରାଣୀ ଦାସଙ୍କୁ ନିବେଦନ କରିଥିଲେ। ୧୦ ହଜାର ଟଙ୍କା ଦେଲେ ଏରିୟର କରିଦେବି ବୋଲି ଦାସ କହିଥିଲେ। ଫଳରେ ସୁଧାଂଶୁ ଭିଜିଲାନ୍ସ ବିଭାଗର ସହାୟତା ନେଇଥିଲେ। ପୂର୍ବ ଯୋଜନା ପ୍ରକାରେ ଦାସ ଅଫିସରେ ବୁଧବାର ବସିଥିବାବେଳେ ସୁଧାଂଶୁ ଟଙ୍କା ନେଇ ଦେଇଥିଲେ। ଛପି ରହିଥିବା ଭିଜିଲାନ୍ସ କର୍ମଚାରୀ ଦାସଙ୍କୁ କାବୁ କରି ନେଇଥିଲେ। ପରେ ତାଙ୍କ ଘର ଓ ଅନ୍ୟାନ୍ୟ ସ୍ଥାନରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢ଼ାଉ ଚାଲିଛି।

# ଗ୍ରାମାଞ୍ଚଳର ବିକାଶରେ ରାଜ୍ୟର ବିକାଶ ସମ୍ଭବ: ମନ୍ତ୍ରୀ

ବେଗୁନିଆପଡ଼ା,୧୪।୧୧(ଡି.ଏନ.ଏ.)

ରାଜ୍ୟ ଗ୍ରାମ୍ୟ ଉନ୍ନୟନ, ସଂସଦୀୟ ବ୍ୟାପାର, ସାଧାରଣ ଉଦ୍ୟୋଗ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ବୁଧବାର ବେଗୁନିଆପଡ଼ା ବ୍ଲକ ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। କବିସୂର୍ଯ୍ୟନଗର ବିଧାୟିକା ଭି. ସୁଜ୍ଞାନ କୁମାରୀ ଦେଓଙ୍କ ଉପସ୍ଥିତିରେ ସାଙ୍କୁଡ଼ାସ୍ଥିତ ୭ କୋଟି ଟଙ୍କା ବିନିମୟରେ ୩୩/୧୧ କେଭି ବିଦ୍ୟୁତ୍ ଷ୍ଟ୍ରକ୍ଚରକୁ ଉଦଘାଟନ କରିବା ପରେ ୫୫ ଲକ୍ଷ ଟଙ୍କା ବିନିମୟରେ ସୁମଣ୍ଡଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୬ ଶଯ୍ୟା ବିଶିଷ୍ଟ କମ୍ୟୁନିଟି ହଲକୁ ଉଦ୍‌ଘାଟନ କରିଥିଲେ। ପରେ ଖଣ୍ଡିଆନଇସ୍ଥିତ ୩୭ ଲକ୍ଷ ଟଙ୍କା ବିନିମୟରେ କଲ୍ୟାଣ ମଣ୍ଡପକୁ ଉଦ୍‌ଘାଟନ କରିଥିଲେ। ପରେ ଜନତା ହାଇସ୍କୁଲ ପଡ଼ିଆରେ ବେଗୁନିଆପଡ଼ା ବ୍ଲକର ରେଙ୍ଗିଟିପଲ୍ଲୀ, ଓଡ଼ନଇ, ଘୋଡ଼ାପଡ଼ା, ଡୁମ୍ବୁଡ଼ା, ଭୋଜୁଆ ଆଦି ଗ୍ରାମ ଜଳ ଯୋଗାଣ ପ୍ରକଳ୍ପକୁ ଉଦ୍‌ଘାଟନ କରିଥିଲେ। ସେହିପରି ବେଗୁନିଅପଡ଼ା ବ୍ଲକର ଜେ. ଛଟିନା, କେ.ନୂଆପଲୀ, ଗୁଞ୍ଜିବଲା, ଉଜ୍ଜ୍ୱଳପଲୀ ଓ ପୁରୁଷୋତ୍ତମପୁର ବ୍ଲକର ମହାଛାଇ ପ୍ରମୁଖ ଗ୍ରାମ୍ୟ ଜଳ ପ୍ରକଳ୍ପକୁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ବେଗୁନିଆପଡ଼ା ବାପୁଜୀ ଷ୍ଟାଡିୟମରେ ଆୟୋଜିତ ସାଧାରଣ ସଭାରେ ଯୋଗଦେଇ ଗ୍ରାମାଞ୍ଚଳରେ ବିକାଶ ହେଲେ ରାଜ୍ୟର ବିକାଶ ସମ୍ଭବ ହୋଇପାରିବ ବୋଲି କହିଥିଲେ। ଏଥିରେ ବ୍ଲକ ଅଧ୍ୟକ୍ଷା କେ. ରାଜଲକ୍ଷ୍ମୀ ଦୋରା, ଜିଲା ବିଜେଡି ଉପସଭାପତି ଅରୁଣ କୁମାର ପଣ୍ଡା, ଜିଲା ପରିଷଦ ଉପାଧ୍ୟକ୍ଷା ସ୍ନେହଲତା ପଣ୍ଡା, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ସୁରଥ ପ୍ରଧାନଙ୍କ ସମେତ ବହୁ ମହିଳା, ପୁରୁଷ ଯୋଗ ଦେଇଥିଲେ।

■ ସାନଖେମୁଣ୍ଡିରେ ବିଜେଡିର ମିଶ୍ରଣ ପର୍ବ

# ସିପିଆଇ, ଭାଜପା, କଂଗ୍ରେସରୁ ମୁହଁ ଫେରାଉଛନ୍ତି ନେତା, କର୍ମୀ

ଦିଗପହଣ୍ଡି,୧୪।୧୧(ଡି.ଏନ.ଏ.)

ରାଜ୍ୟରେ କମ୍ୟୁନିଷ୍ଟ, ଭାଜପା ଓ କଂଗ୍ରେସରୁ ମୁହଁ ଫେରାଉଛନ୍ତି ନେତା ଓ କର୍ମୀ। ଆସନ୍ତା ବିଧାନସଭା ନିର୍ବାଚନର ପାଣିପାଗକୁ ଲକ୍ଷ୍ୟ କରି ସାନଖେମୁଣ୍ଡି ବ୍ଲକର ପୂର୍ବତନ ଅଧ୍ୟକ୍ଷ ତଥା ସିପିଆଇ ନେତା ଅନ୍ତର୍ଯ୍ୟାମୀ ସ୍ୱାଇଁ ବୁଧବାର ବିଜେଡି ପକ୍ଷରୁ ଅନୁଷ୍ଠିତ ମିଶ୍ରଣ ପର୍ବର ମଙ୍ଗୁଆଳ ସାଜି କିଛି କମ୍ୟୁନିଷ୍ଟ କର୍ମୀଙ୍କୁ ବିଜେଡିରେ ସାମିଲ କରାଇଥିଲେ। ବିଜେଡିରେ ମିଶିବା ପରେ ଅନ୍ତର୍ଯ୍ୟାମୀଙ୍କ ମନ୍ତବ୍ୟ ସମସ୍ତଙ୍କୁ ଚକିତ କରିଥିଲା। ୨୦୧୪ ବିଧାନସଭା ନିର୍ବାଚନରେ ସେ ସିପିଆଇ ଦଳୀୟ ସଙ୍କେତରେ ନିର୍ବାଚନ ଲଢ଼ିଥିଲେ ମଧ୍ୟ ସେ ବିଜେଡି ପ୍ରାର୍ଥୀନୀଙ୍କ ନିମନ୍ତେ ସହଯୋଗ କରିଥିଲେ ବୋଲି କହିଥିଲେ। ଉଦବୋଧନରେ ସେ ଅଚେତ ହୋଇପଡ଼ିବାରୁ ତାଙ୍କୁ ମଞ୍ଚ ତଳକୁ ଅଣାଯାଇ ଚିକିତ୍ସା କରାଯାଇଥିଲା। ଗଞ୍ଜାମ ଜିଲା ବିଜେଡି ସଭାପତି ତଥା ଗୋପାଳପୁର ବିଧାୟକ ଡ଼. ପ୍ରଦୀପ କୁମାର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଦଳୀୟ ସମାବେଶରେ ଗଞ୍ଜାମ ଜିଲା ବିଜେଡି ପର୍ଯ୍ୟବେକ୍ଷକ ତଥା ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ନବୀନ ପଟ୍ଟନାୟକଙ୍କୁ ରାଜ୍ୟବାସୀ ୪ଥର ମୁଖ୍ୟମନ୍ତ୍ରୀ ପଦରେ ବସାଇଛନ୍ତି। ମୁଖ୍ୟମନ୍ତ୍ରୀ ଓଡ଼ିଶା ଉନ୍ନତିର କର୍ଣ୍ଣଧାର ସାଜିଛନ୍ତି। ଗରିବ ଖଟିଖିଆ ଚାଷୀଙ୍କ ପାଇଁ ଗୋଟିଏ ପରେ ଗୋଟିଏ ଯୋଜନା ପ୍ରଣୟନ କରି ଚାଲିଛନ୍ତି ବୋଲି କହିଥିଲେ।

**ସମର୍ଥକଙ୍କ ସହ କମ୍ୟୁନିଷ୍ଟ ନେତା ଅନ୍ତର୍ଯ୍ୟାମୀ ବିଜେଡିରେ**



ସାନଖେମୁଣ୍ଡି ବିଧାୟିକା ନନ୍ଦିନୀ ଦେବୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ସମାବେଶରେ ଯୋଜନା ଓ ସମନ୍ୱୟ ମନ୍ତ୍ରୀ ଉଷା ଦେବୀ, ବିଧାୟକ ଡ. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ଦେବରାଜ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ସେଠୀ, ଶ୍ରୀକାନ୍ତ ସାହୁ, ଡ. ପ୍ରିୟାଂଶୁ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଆସିକା ଏମପି ଲଡୁ କିଶୋର ସ୍ୱାଇଁ, ଜିଲା ପରିଷଦ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ବେହେରା, ବିଡିଏ ଅଧ୍ୟକ୍ଷ ସୁବାସ ମହାରଣା, ଜିଲା ମହିଳା ବିଜେଡି ସଭାନେତ୍ରୀ ସଂଘମିତ୍ରା ଦଳେଇ, ମମତା ବିଶୋୟୀ, ଜଗନ୍ନାଥ ସାବତ, ଉମା ଚରଣ ନାୟକ, ଯୋଗେନ୍ଦ୍ର ସ୍ୱାଇଁ, ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ, ସହଦେବ ପ୍ରଧାନ, ସନ୍ତୋଷ ବିଶୋୟୀ, ଦୁର୍ଗା ମାଧବ ପଣ୍ଡାଙ୍କ ସମେତ ସମସ୍ତ ଜିଲା ପରିଷଦ ସଦସ୍ୟ ଓ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ସାନଖେମୁଣ୍ଡି ବ୍ଲକର ବିଭିନ୍ନ ପଞ୍ଚାୟତରୁ ବହୁ ସଂଖ୍ୟକ ମହିଳା ଓ ଦଳୀୟ କର୍ମୀଙ୍କ ଗହଣରେ ଭାଜପା ଓ କଂଗ୍ରେସର ବହୁ ପୁରୁଖା କର୍ମୀ ଦଳତ୍ୟାଗ କରି ବିଜେଡିରେ ସାମିଲ ହୋଇଥିବା ଜିଲା ସଭାପତି ସମାବେଶ ସ୍ଥଳରେ ଘୋଷଣା କରିଥିଲେ। ମିଶ୍ରଣ ପର୍ବରେ ଯୁବ ବିଜେଡି ଜିଲା ସଭାପତି ଧନଞ୍ଜୟ ରାଓଙ୍କ ସମେତ ଅନେକ କର୍ମୀ ଉପସ୍ଥିତ ଥିଲେ।

# ପାଟପୁରରେ ରକ୍ତଦାନ ଶିବିର

ଦିଗପହଣ୍ଡି/ପାଟପୁର,୧୪।୧୧(ଡି.ଏନ.ଏ.)- ପାଟପୁର ଗାନ୍ଧୀ ଛକ ନିକଟ ମହାଲକ୍ଷ୍ମୀ ମନ୍ଦିର ପରିସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଆୟୋଜକ ଅଶୋକ କୁମାର ବେହେରାଙ୍କ ସଂଯୋଜନାରେ ଶିବିରରୁ ୬୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ମନୋଜ କୁମାର ସାହୁ, ଚନ୍ଦ୍ରଶେଖର ସାମନ୍ତରା, ରଘୁନାଥ ଦୋରା, ସତ୍ୟ ନାରାୟଣ ବେହେରା, ନେହେରୁ ଖୁଣ୍ଟିଆ, ସୁରେଶ ଚନ୍ଦ୍ର ନାହାକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିଦ୍ୟା ପବ୍ଲିକ ସ୍କୁଲରେ ଶିଶୁଦିବସ

ଗଞ୍ଜାମ,୧୪।୧୧(ଡି.ଏନ.ଏ.)–ଗଞ୍ଜାମସ୍ଥିତ ବିଦ୍ୟା ପବ୍ଲିକ ସ୍କୁଲରେ ବୁଧବାର ଶିଶୁ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷା ଜ୍ୟୋତ୍ସ୍ନାରାଣୀ ପଣ୍ଡା, ଶିକ୍ଷକ ବିନୋଦ ଚନ୍ଦ୍ର ପଲାଇ, ପ୍ରଣତି ଦାସ, ବନିତା ପାଣିଗ୍ରାହୀ, ପି. ସୁଜାତା ପ୍ରମୁଖ ଯୋଗଦେଇ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ଆତ୍ମଜୀବନୀ ଉପରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ବିଦ୍ୟା ସାଗର କୋଚିଂ ସେଣ୍ଟର ପକ୍ଷରୁ ଶିଶୁ ଦିବସ ପାଳିତ ହୋଇଛି।

CHILIKA DEVELOPMENT AUTHORITY
C-11, BJB N AGAR, BHUBANESWAR-751014
WALK-IN-INTERVIEW
Advertisement No. 27/ CDA, Dt: 13.11.18
Walk in interview for a Lab Assistant will be conducted on 20.11.2018 at 10 A.M. in the office of Chilika Development Authority, Bhubaneswar. For detailed advertisement see www.chilika.com
Sd./- CHIEF EXECUTIVE
CHILIKA DEVELOPMENT AUTHORITY

INDIAN RAILWAYS
ପୂର୍ବ ତଟ ରେଳପଥ
ଚୁକ୍ତି ଭିତ୍ତିରେ ଅବୈତନିକ (HONORARY) ଭିଜିଟିଙ୍ଗ୍ ସ୍ପେସିଆଲିଷ୍ଟ (HVS)ନିଯୁକ୍ତି କରିବା ନିମନ୍ତେ ଅଧିସୂଚନା

ଅଧିସୂଚନା ସଂ.SBP/Pers/Gaz/HVS/Engagement/Med/2018, ତା.06.11.2018ରିଖ
ପୂର୍ବ ତଟ ରେଳପଥର ସମ୍ବଲପୁର ସ୍ଥିତ ମଣ୍ଡଳ ରେଳବାଇ ଚିକିତ୍ସାଳୟ ନିମନ୍ତେ 02 ଗୋଟି ଅବୈତନିକ ଭିଜିଟିଙ୍ଗ୍ ସ୍ପେସିଆଲିଷ୍ଟ ଅର୍ଥାତ୍ ଚକ୍ଷୁ ବିଜ୍ଞାନ ଏବଂ ଜେନେରାଲ ମେଡ଼ିସିନ୍ ପଦବୀରେ ନିଯୁକ୍ତି ନିମନ୍ତେ ଦରଖାସ୍ତ ଆମନ୍ତ୍ରଣ କରାଯାଉଛି। ନିମ୍ନ ବର୍ଣ୍ଣିତ ଯୋଗ୍ୟତା ମାନଦଣ୍ଡ/ଉପଯୁକ୍ତତା ପୂରଣ କରୁଥିବା ଇଚ୍ଛୁକ ଡାକ୍ତରମାନେ ଉପରୋକ୍ତ ପଦବୀ ନିମନ୍ତେ ଦରଖାସ୍ତ ଆବେଦନ କରିପାରିବେ। ଏହି ନିଯୁକ୍ତି ଏକ ବର୍ଷ ଅବଧି ନିମନ୍ତେ ଉଦ୍ଦିଷ୍ଟ ଏବଂ ସଂପୂର୍ଣ୍ଣ ଭାବେ ଚୁକ୍ତି ଭିତ୍ତିକ ଅଟେ, ଯାହାକି ପୁନର୍ବାର ବର୍ଷକୁ ବର୍ଷ ସାନି ଚୁକ୍ତି ମାଧ୍ୟମରେ କିମ୍ବା ଏହି ବ୍ୟବସ୍ଥା ଉପଲବ୍ଧ ଥିବା ପର୍ଯ୍ୟନ୍ତ ଯେଉଁଟି ପ୍ରଥମେ ହୋଇଥିବ, ସେହି ଅବଧି ପର୍ଯ୍ୟନ୍ତ ଏହି ନିଯୁକ୍ତି ବଳବତ୍ତର ରହିବ।

ପଦବୀଗୁଡ଼ିକର ବିବରଣୀ :

| ସ୍ଥାନ | ନିଯୁକ୍ତି ପାଇବାକୁ ଥିବା HVS ସଂଖ୍ୟା | ନିଯୁକ୍ତି ପାଇବାକୁ ଥିବା HVS ବିଶେଷଜ୍ଞତା | HVS ଙ୍କ ପ୍ରସ୍ତାବିତ ଡ୍ୟୁଟି ସମୟ | ସ୍ପେସିଆଲିଷ୍ଟଙ୍କ ପାରିଶ୍ରମିକ |
|---|---|---|---|---|
| ମଣ୍ଡଳ ରେଳବାଇ ଚିକିତ୍ସାଳୟ, ସମ୍ବଲପୁର | 01 | ଚକ୍ଷୁ ବିଜ୍ଞାନ | ସପ୍ତାହରେ 4 ଦିନ, ଦୈନିକ 2ଘଣ୍ଟା ପାଇଁ | ମାସିକ ଟ.32,000/- |
| | 01 | ଜେନେରାଲ ମେଡ଼ିସିନ୍ | | |
| ସମୁଦାୟ | 02 | | | |

ଯୋଗ୍ୟତା : (କ)ଏକ ସ୍ୱୀକୃତିପ୍ରାପ୍ତ ବିଶ୍ୱବିଦ୍ୟାଳୟରୁ ପୋଷ୍ଟ ଗ୍ରାଜୁଏଟ୍ ଡ୍ରିଗ୍ରୀ, ପିଜି ଡିଗ୍ରୀ ହାସଲ କରିବା ପରେ ସଂପୃକ୍ତ ବିଶେଷଜ୍ଞତା ସମ୍ପର୍କିତ ବୃତ୍ତିଗତ କାର୍ଯ୍ୟରେ ସର୍ବନିମ୍ନ 03 ବର୍ଷର ଅଭିଜ୍ଞତା। (ଖ) ପୋଷ୍ଟ ଗ୍ରାଜୁଏଟ୍ ଡିଗ୍ରୀ ସହିତ ଉପଯୁକ୍ତ ପ୍ରାର୍ଥୀ ଉପଲବ୍ଧ ନ ହେବା ସ୍ଥଳେ ପୋଷ୍ଟ ଗ୍ରାଜୁଏଟ୍ ଡିପ୍ଲୋମା ହାସଲ କରିବା ପରେ ସଂପୃକ୍ତ ବିଶେଷଜ୍ଞତା ସମ୍ପର୍କିତ ବୃତ୍ତିଗତ କାର୍ଯ୍ୟରେ ସର୍ବନିମ୍ନ 05 ବର୍ଷର ଅଭିଜ୍ଞତା ଥିବା ଆବଶ୍ୟକ।
ବୟସ ସୀମା : (କ) ପ୍ରଥମ ଥର ନିଯୁକ୍ତି ସମୟରେ 30 ବର୍ଷ ବୟସରୁ 64 ବର୍ଷ ବୟସ ଗ୍ରହଣୀୟ। (ଖ) ଚାଲୁ ରଖାଯାଇଥିବା ନିଯୁକ୍ତି ନିମନ୍ତେ ଉଚ୍ଚତର ବୟସ ସୀମା 65 ବର୍ଷ।
ଆବେଦନ କିପରି କରିବେ: ଅବୈତନିକ ଭିଜିଟିଙ୍ଗ୍ ସ୍ପେସିଆଲିଷ୍ଟ ଭାବେ ଯୋଗ ଦେବାକୁ ଇଚ୍ଛୁକ ଥିବା ଆବେଦନକାରୀମାନଙ୍କୁ ନିର୍ଦ୍ଧାରିତ ଫର୍ମାଟରେ ଆବେଦନ କରି ତାହାକୁ ସିଧାସଳଖ ମୁଖ୍ୟ ଚିକିତ୍ସା ଅଧୀକ୍ଷକ, ମଣ୍ଡଳ ରେଳବାଇ ଚିକିତ୍ସାଳୟ, ସମ୍ବଲପୁର, ପିନ୍- ୭୬୮୦୦୩ ଓଡ଼ିଶାଙ୍କ ଠିକଣାରେ ତା.30.11.2018ରିଖ ସୁଦ୍ଧା କିମ୍ବା ତା' ପୂର୍ବରୁ ଜମା କରିପାରିବେ।
ସଂପୂର୍ଣ୍ଣ ବିବରଣୀ, ଦରଖାସ୍ତ ଫର୍ମାଟ ଏବଂ ଅନ୍ୟ ସର୍ତ୍ତ ତଥା ନିୟମାବଳୀ ନିମନ୍ତେ ଦୟାକରି ୱେବ୍‌ସାଇଟ୍ www.eastcoastrail.indianrailways ଅବଲୋକନ କରନ୍ତୁ।
PR-387/J/18-19 ମଣ୍ଡଳ ରେଳ ପ୍ରବନ୍ଧକ (କାର୍ମିକ)/ସମ୍ବଲପୁର

INDIAN RAILWAYS
ପୂର୍ବ ତଟ ରେଳପଥ
ଷ୍ଟେସନ ଟିକଟ ବୁକିଂ ଏଜେଣ୍ଟ(STBA) ନିଯୁକ୍ତି ନିମନ୍ତେ ଅଧିସୂଚନା

ସଂ. C/SBP/STBA/E, Catg. Stn/18, ତା.08.11.2018ରିଖ
ପୂର୍ବ ତଟ ରେଳପଥର ସମ୍ବଲପୁର ମଣ୍ଡଳରେ ନିମ୍ନଲିଖିତ 19 ଗୋଟି 'E' ବର୍ଗର ଷ୍ଟେସନଗୁଡ଼ିକ ଠାରେ 03 (ତିନି) ବର୍ଷ ଅବଧି ନିମନ୍ତେ କମ୍ପ୍ୟୁଟରୀକୃତ ଅଣସଂରକ୍ଷିତ ଟିକେଟିଙ୍ଗ୍ ସିଷ୍ଟମ୍ (UTS) ମାଧ୍ୟମରେ କମିଶନ ଭିତ୍ତିରେ ଅଣସଂରକ୍ଷିତ ଟିକଟ ଜାରି ନିମନ୍ତେ ଷ୍ଟେସନ ଟିକଟ ବୁକିଂ ଏଜେଣ୍ଟ (STBA)ଙ୍କ ନିଯୁକ୍ତି ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଛି। ନିର୍ଦ୍ଧାରିତ ସର୍ତ୍ତାବଳୀ ପୂରଣ କରୁଥିବା ଇଚ୍ଛୁକ ବ୍ୟକ୍ତିବିଶେଷ ନିର୍ଦ୍ଧାରିତ ଫର୍ମାଟରେ ମଣ୍ଡଳ ରେଳ ପ୍ରବନ୍ଧକ(ବାଣିଜ୍ୟ), ପୂର୍ବ ତଟ ରେଳପଥ, ସମ୍ବଲପୁର ମଣ୍ଡଳ ନିକଟକୁ ଆବେଦନ କରିପାରିବେ।

'E'ବର୍ଗ ଷ୍ଟେସନ ସମୂହ :
(1) ରହେନବଟା, (2) ରେଙ୍ଗାଲି, (3) ସଇଁତଲା, (4) ବଉଣ୍ଡା, (5) ଦେଓଗାଁ ରୋଡ୍, (6) ନର୍ଲା ରୋଡ୍, (7) ଲୋଇସିଂହା, (8) ରୁପ୍ରା ରୋଡ୍, (9) ତୁରେକେଲା ରୋଡ୍, (10) ଲଖନା, (11) ଲାଞ୍ଜିଗଡ଼ ରୋଡ୍, (12) ଖଲିଆପାଲି, (13) ବଡ଼ମାଲ, (14) ବିଷମ କଟକ, (15) ଜରପଡ଼ା, (16) କାଣ୍ଟେଲ ରୋଡ୍, (17) ଗୋଡ଼ଭଗା, (18) ଯୁଯୁମୁରା ଏବଂ (19) ବେଲସୋଣ୍ଡା।

ପ୍ରଦାନଯୋଗ୍ୟ କମିଶନ : ଆବଶ୍ୟକ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିବା ତଥା ସର୍ବନିମ୍ନ କମିଶନ (4% କମିଶନ ସ୍ଲାବ) ଦାବି କରୁଥିବା ଆବେଦନକାରୀ(ମାନେ)ଙ୍କୁ STBA ରୂପେ ମନୋନୀତ କରାଯିବ। ପ୍ରଦାନଯୋଗ୍ୟ କମିଶନ ନିମ୍ନ ପ୍ରକାର ହେବ :

| ସ୍ଲାବ୍ | ବିକ୍ରି କାରବାର(ଟଙ୍କାରେ) | ବିକ୍ରି କାରବାର ଉପରେ ଦେୟ କମିଶନ ପ୍ରତିଶତ |
|---|---|---|
| ସ୍ଲାବ୍ 1 | 1-15000 | 15% (ସର୍ବନିମ୍ନ ଟ. 500/-) |
| ସ୍ଲାବ୍ 2 | 15001-50000 | 12% |
| ସ୍ଲାବ୍ 3 | 50001-100000 | 9% |
| ସ୍ଲାବ୍ 4 | > 100000 | 4% କିମ୍ବା ସୂଚିତ ଦର, ଯେଉଁଟା କମ୍ ହେବ |

ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ପୂର୍ବ ତଟ ରେଳପଥ ୱେବ୍‌ସାଇଟ୍ : www.eastcoastrail.indianrailways.gov.in ଏବଂ ମଣ୍ଡଳ ରେଳ ପ୍ରବନ୍ଧକ(ବାଣିଜ୍ୟ), ପୂର୍ବ ତଟ ରେଳପଥ, ମଣ୍ଡଳ ରେଳ ପ୍ରବନ୍ଧକ କାର୍ଯ୍ୟାଳୟ କମ୍ପ୍ଲେକ୍ସ, ସମ୍ବଲପୁର-768002, ଓଡ଼ିଶାଙ୍କ କାର୍ଯ୍ୟାଳୟରୁ ଯେକୌଣସି କାର୍ଯ୍ୟ ଦିବସରେ 1030 ଘଟିକାରୁ 1800 ଘଟିକା ମଧ୍ୟରେ ପ୍ରାପ୍ତ କରାଯାଇ ପାରିବ।
ଦରଖାସ୍ତ ଜମା କରାଯିବାର ଶେଷ ତାରିଖ ଓ ସମୟ : ତା.05.12.2018ରିଖ 1530 ଘଟିକା ପର୍ଯ୍ୟନ୍ତ।
ଉପରୋକ୍ତ ଅବଧି ପରେ ଗ୍ରହଣ କରାଯାଇଥିବା ଦରଖାସ୍ତ କିମ୍ବା ଅସଂପୂର୍ଣ୍ଣ ଦରଖାସ୍ତଗୁଡ଼ିକୁ କୌଣସି ପରିସ୍ଥିତିରେ ଗ୍ରହଣ/ବିଚାରକୁ ନିଆଯିବ ନାହିଁ ଏବଂ ଏ ସମ୍ପର୍କରେ କୌଣସି ପତ୍ରାଚାର ମଧ୍ୟ କରାଯିବ ନାହିଁ।
PR-385/J/18-19 ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ-I, ସମ୍ବଲପୁର

SBI
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଷ୍ଟ୍ରେସଡ୍ ଆସେଟସ୍ ରିକଭରି ଶାଖା: ଭଦ୍ରକ,
ମାଷ୍ଟର ବାବୁ କମ୍ପ୍ଲେକ୍ସ, ଛପୁଲିଆ, ବାଏପାସ୍ ରୋଡ଼, ଜିଲ୍ଲା: ଭଦ୍ରକ
ଶାଖା ଫୋନ୍ ନଂ.: ୦୬୭୮୪-୨୫୦୩୫୩, ଶାଖା ଇ-ମେଲ: sbi.18397@sbi.co.in
ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସ୍‌ନ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିର ବିକ୍ରୟ
ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସ୍‌ନ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟ, ୨୦୦୨ର ଧାରା ୧୩(୪) ଅନୁଯାୟୀ ନୋଟିସ୍ ଜାରିକରି ବ୍ୟାଙ୍କର ବକେୟା ଦେୟ ବାବଦ ନିମ୍ନରେ ପ୍ରଦତ୍ତ ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ଋଣ/ଅଗ୍ରୀମଧାରୀ ଆକାଉଣ୍ଟର ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନରେ ଦର୍ଶିତ ସମ୍ପତ୍ତିଗୁଡ଼ିକୁ "ଯେଉଁଠାରେ ଯେପରି ଅଛି" ଏବଂ "ଯାହା ଯେପରି ଅଛି ଭିତ୍ତିରେ" ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାପାଇଁ ସ୍ଥିର କରିଛନ୍ତି। ଯାହାର ନିୟମ ଓ ସର୍ତ୍ତାବଳୀ ନିମ୍ନରେ ପ୍ରଦତ୍ତ।
କ୍ଷମତାପ୍ରାପ୍ତ ଅଧିକାରୀ / ସେବା ପ୍ରଦାନକାରୀଙ୍କ ନିକଟରେ ଅମାନତ ଜମା ପ୍ରମାଣ, କେୱାଇସି କାଗଜପତ୍ର ଏବଂ ଅଂଶଗ୍ରହଣ ଅନୁରୋଧ ପତ୍ର ଦାଖଲର ଅନ୍ତିମ ତାରିଖ ଏବଂ ସମୟ: ତା୦୭.୧୨.୨୦୧୮ରିଖ ଅପରାହ୍ଣ ୪.୦୦ ଘଟିକା ପର୍ଯ୍ୟନ୍ତ
ଇ-ନିଲାମ ତାରିଖ ଏବଂ ସମୟ: ତା୧୦.୧୨.୨୦୧୮ରିଖ ପୂର୍ବାହ୍ଣ ୧୧.୦୦ ଘଟିକା ରୁ ଅପରାହ୍ଣ ୩.୩୦ ଘଟିକା ପର୍ଯ୍ୟନ୍ତ
ପ୍ରତ୍ୟେକଙ୍କ ନିମନ୍ତେ ୫ମିନିଟ୍ ଅସିମୀତ ବର୍ଦ୍ଧିତ ସମୟ ସହିତ
କ୍ଷମତାପ୍ରାପ୍ତ ଅଧିକାରୀ: ଜାମିନୀ ରଞ୍ଜନ ସାହୁ, ଇ-ମେଲ: jamini.sahu@sbi.co.in, ମୋ: ୯୪୩୭୪୯୭୦୫୩

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା / ଆକାଉଣ୍ଟ ନଂ. | ଜାମିନଦାରମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତିର ବିବରଣୀ ଏବଂ ସମ୍ପତ୍ତି ମାଲିକଙ୍କ ନାମ | ବକେୟା ପରିମାଣ ଯାହାକି ଆଦାୟ ନିମନ୍ତେ ସମ୍ପତ୍ତର ବିକ୍ରୟ / ଡିମାଣ୍ଡ ନୋଟିସ୍ ତାରିଖ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|---|
| ୧. | ତାଳଚେର ଫର୍ଟିଲାଇଜର ଟାଉନସିପ୍ ଶାଖା / ୧. ଋଣଗ୍ରହୀତା: ସୁମନ୍ତ ସାହୁ, ପିତା: ଶେଷଦେବ ସାହୁ, ସା: ବଡସିଙ୍ଗଡା, ପୋ: ଭରତପୁର ଜିଲ୍ଲା: ଅନୁଗୁଳ / ଆକାଉଣ୍ଟ ନଂ.: ୩୩୨୩୪୦୧୦୮୮୨, ୩୨୫୫୮୩୯୬୧୯୨, ୩୧୭୩୪୨୩୩୦୫୫; ୨. ଋଣଗ୍ରହୀତା: ରଘୁନାଥ ନାଏକ, ପିତା: ହରିହର ନାଏକ, ସା/ପୋ: ସାକସିଂହା, ଥାନା: ଅନୁଗୁଳ, ଜିଲ୍ଲା: ଅନୁଗୁଳ / ଆକାଉଣ୍ଟ ନଂ.: ୩୩୦୮୫୯୫୩୧୨୧ | ଜାମିନ୍‌ଦାର/ବନ୍ଧକଦାତା: ସୁମନ୍ତ ସାହୁ, ପିତା: ଶେଷଦେବ ସାହୁ, ସା: ବଡସିଙ୍ଗଡା, ପୋ: ଭରତପୁର ଜିଲ୍ଲା: ଅନୁଗୁଳ | ସୁମନ୍ତ ସାହୁଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ତୁରଙ୍ଗ, ଜିଲ୍ଲା: ଅନୁଗୁଳ, ଖାତା ନଂ.: ୯୨୯/୨୫୬୦, ପ୍ଲଟ୍ ନଂ.: ୧୯୩୦/୯୭୧୭, କ୍ଷେତ୍ର: ଏକର୦.୦୮ ଡିସିମିଲି, ଖାତା ନଂ.: ୯୨୯/୨୬୧୪, ପ୍ଲଟ୍ ନଂ.: ୧୯୨୫, କ୍ଷେତ୍ର: ଏକର୦.୦୬ଡିସିମିଲି ଓ ପ୍ଲଟ୍ ନଂ.: ୧୯୩୧, କ୍ଷେତ୍ର: ଏକର୦.୦୫ଡିସିମିଲି ଏବଂ ଖାତା ନଂ.: ୯୨୯/୨୭୪୫, ପ୍ଲଟ୍ ନଂ.: ୧୯୩୦, କ୍ଷେତ୍ର: ଏକର୦.୦୪ଡିସିମିଲି, ସମୁଦାୟ କ୍ଷେତ୍ର: ଏକର୦.୨୩ଡିସିମିଲି, କିସମ: ଘରବାରୀ | ୩୧.୦୭.୨୦୧୪ ସୁଦ୍ଧା ଟ.୭୧,୨୧,୧୩୪/- + ୦୧.୦୮.୨୦୧୪ ଠାରୁ ସେବାବଦ ସୁଧ + ଆଇନଗତ ଖର୍ଚ୍ଚ / ୧୧.୦୯.୨୦୧୪; ୨୧.୦୯.୨୦୧୬ ସୁଦ୍ଧା ଟ.୧୯,୧୬,୧୨୦.୮୧ + ୨୨.୦୯.୨୦୧୬ ଠାରୁ ସେବାବଦ ସୁଧ + ଆଇନଗତ ଖର୍ଚ୍ଚ / ୨୨.୦୯.୨୦୧୬ | ଟ.୧,୪୭,୬୦,୦୦୦/- / ଟ.୧୪,୭୬,୦୦୦/- / ଟ.୧,୦୦,୦୦୦/- |
| ୨. | ଏସ୍‌ଏଲ୍ ମାଇନିଂ ଶାଖା, ଜୁରୁଡି / ଋଣଗ୍ରହୀତାମାନେ: ୧) ରୋଜ୍ ମହମ୍ମଦ, ପିତା: ଅବଦୁଲ ସତାର, ୨) ଶେହନାଜ୍ ବାନୋ, ସ୍ୱାମୀ: ରୋଜ୍ ମହମ୍ମଦ, ଉଭୟଙ୍କ ଠିକଣା: ସା: ଜୁରୁଡି, ପୋ: ଜଜାଙ୍ଗ, ଭାୟା: ଯୋଡା, ଜିଲ୍ଲା: କେନ୍ଦୁଝର-୭୫୮୦୩୪ / ଆକାଉଣ୍ଟ ନଂ.: ୩୦୯୬୧୮୩୩୮୬୬ | | ରୋଜ୍ ମହମ୍ମଦ ଏବଂ ଶେହନାଜ୍ ବାନୋଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଜାରୋଲି, ଖାତା ନଂ.: ୮୬/୨୨୭, ପ୍ଲଟ୍ ନଂ.: ୩୭୨/୭୪୩, କ୍ଷେତ୍ର: ଏକର୦.୧୯ଡିସିମିଲି, କିସମ: ଘରବାରୀ | ୩୦.୦୪.୨୦୧୬ ସୁଦ୍ଧା ଟ.୬୩,୮୭,୯୦୬/- + ୦୧.୦୫.୨୦୧୬ ଠାରୁ ସେବାବଦ ସୁଧ + ଆଇନଗତ ଖର୍ଚ୍ଚ / ୦୨.୦୫.୨୦୧୬ | ଟ.୧,୧୪,୫୮,୦୦୦/- / ଟ.୧୧,୪୫,୮୦୦/- / ଟ.୧,୦୦,୦୦୦/- |

ସମ୍ପତ୍ତିଗୁଡିକ ତନଖି କରିବାର ତାରିଖ ଓ ସମୟ: ୦୩.୧୨.୨୦୧୮ ପୂର୍ବାହ୍ଣ ୧୦.୦୦ ରୁ ଅପରାହ୍ଣ ୪.୦୦ ଘଟିକା

ଇ-ନିଲାମର ନିୟମ ଓ ସର୍ତ୍ତାବଳୀ ନିମ୍ନରେ ପ୍ରଦତ୍ତ:
୧) ଇ-ନିଲାମ "ଯେଉଁଠାରେ ଯେପରି ଅଛି" ଏବଂ "ଯାହା ଯେପରି ଅଛି" ଭିତ୍ତିରେ ଓ ଅନ-ଲାଇନ ମାଧ୍ୟମରେ ସମ୍ପନ୍ନ ହେବ। ନିଲାମ ବ୍ୟାଙ୍କର ଅନୁମୋଦିତ ସେବାପ୍ରଦାନକାରୀ M/s. e-Procurement Technologies Limited, Ahmedabad ର ୱେବସାଇଟ https://sbi.auctiontiger.net ମାଧ୍ୟମରେ ଉପରଦର୍ଶିତ ତା୧୦.୧୨.୨୦୧୮ରିଖରେ ସମ୍ପନ୍ନ ହେବ। ଇ-ନିଲାମ ଟେଣ୍ଡର କାଗଜପତ୍ର ଯଥା: ଅନ୍‌ଲାଇନ ଇ-ନିଲାମ ବିଡ୍ ଫର୍ମ, ଘୋଷଣାନାମା, ଅନ୍‌ଲାଇନ ଇ-ନିଲାମ ବିକ୍ରୟର ନିୟମ ଏବଂ ସର୍ତ୍ତାବଳୀ ୱେବସାଇଟ https://sbi.auctiontiger.net ରେ ଉପଲବ୍ଧ।
୨) କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଜ୍ଞାତସାରରେ ଏବଂ ସୂଚନା ମୁତାବକ ସମ୍ପତ୍ତି ଗୁଡିକ ଉପରେ କୌଣସି ଏନ୍‌କମ୍ବ୍ରାନ୍ସ ନାହିଁ। ଇଚ୍ଛୁକ ନିଲାମଧାରୀମାନେ ସେମାନଙ୍କର ପ୍ରସ୍ତାବ ଦାଖଲ କରିବା ପୂର୍ବରୁ ନିଜେ ସ୍ୱାଧିନଭାବେ ସମ୍ପତ୍ତିର ଇ.ସି., ମାଲିକାନା ଏବଂ ସମ୍ପତ୍ତିକୁ ପ୍ରଭାବିତ କରୁଥିବା ଦାବୀ/ଅଧିକାର/ଦେୟ ବିଷୟ ଯାଞ୍ଚ କରିବା ଉଚିତ୍। ଇ-ନିଲାମ ବିଜ୍ଞପ୍ତିରେ ବ୍ୟାଙ୍କ ପକ୍ଷରୁ କୌଣସି ପ୍ରତିଶ୍ରୁତି କିମ୍ବା ପ୍ରତିନିଧିତ୍ୱ ପ୍ରଦାନ କରାଯାଇନାହିଁ। ବ୍ୟାଙ୍କକୁ ଜ୍ଞାତ ଥାଉ କିମ୍ବା ନଥାଉ ସମ୍ପତ୍ତି ବର୍ତ୍ତମାନ ଏବଂ ଭବିଷ୍ୟତକୁ ଥିବା ସମସ୍ତ ଏନ୍‌କମ୍ବ୍ରାନ୍ସ ସହିତ ବିକ୍ରିହେବ। କ୍ଷମତାପ୍ରାପ୍ତ ଅଧିକାରୀ/ସୁରକ୍ଷିତ ଋଣଦାତା କୌଣସି ତୃତୀୟ ପକ୍ଷଙ୍କର ଦାବୀ/ଅଧିକାର/ଦେୟ ବିଷୟରେ ଦାୟୀ ରହିବେ ନାହିଁ।
୩) ଇଚ୍ଛୁକ ନିଲାମଧାରୀମାନେ ଅମାନତ ଜମା ରାଶିକୁ RTGS/NEFT ମାଧ୍ୟମରେ Account No.: 35789985401, Name of the A/C: State Bank of India, SARB, Bhadrak, Name of the Beneficiary: State Bank of India, SARB, Bhadrak, IFSC Code No.: SBIN0000036 କିମ୍ବା ଡ଼ିମାଣ୍ଡ ଡ୍ରାଫ୍ଟ ଯାହାକି ଯେ କୌଣସି ଜାତୀୟକରଣ ବ୍ୟାଙ୍କରୁ "State Bank of India, SARB, Bhadrak,"ଙ୍କ ସପକ୍ଷରେ ଭଦ୍ରକ ଠାରେ ଦେୟ ଦର୍ଶାଇ ପୈଠ କରିବେ।
୪) ନିଲାମଧାରୀମାନେ ସଠିକ ଅଧିକାରୀଙ୍କ ଠାରୁ ଜାରି ବୈଧ ଡିଜିଟାଲ ଦସ୍ତଖତ ସାର୍ଟିଫିକେଟ ଏବଂ ବୈଧ ଇମେଲ ଆଇଡିଧାରୀ ହେବା ଉଚିତ୍ (ଇଚ୍ଛୁକ ନିଲାମଧାରୀଙ୍କ ଇମେଲ ଆଇଡି ନିତ୍ୟାନ୍ତ ଆବଶ୍ୟକ, ସମସ୍ତ ଗୁରୁତ୍ୱପୂର୍ଣ୍ଣ ସୂଚନା ଏବଂ ଆଇଡି, ପାସୱାର୍ଡ M/s. e-Procrurement Technologies Limited, Ahmedabadଙ୍କ ଦ୍ୱାରା ଇମେଲ ମାଧ୍ୟମରେ ପାଇପାରିବେ)। ଯୋଗାଯୋଗ କରନ୍ତୁ: Ram Sharma - 08000023297, Rakesh Nayak- 9937220319 / Land Line No.: 079-40230821/823/824/825/826/827/816/806. Toll Free No.:18001035342. Email ID: orissa@auctiontiger.net, ramprasad@auctiontiger.net & support@auctiontiger.net (ଅକ୍ସନ ଟାଇଗର ମୋବାଇଲ ଆପ୍ଲିକେସନ ମାଧ୍ୟମରେ ଯୋଗ୍ୟ ନିଲାମଧାରୀ ନିଲାମ ପ୍ରକ୍ରିୟା ଏବଂ ବିକ୍ରୟ ସବିଶେଷ ଦେଖିପାରିବେ)।
୫) ଇଚ୍ଛୁକ ନିଲାମଧାରୀମାନେ ଅମାନତ ଜମା ଦାଖଲର ପ୍ରମାଣ ପତ୍ର ଯଥା UTR ନମ୍ବର ସହିତ ଇ-ନିଲାମରେ ଅଂଶଗ୍ରହଣର ଅନୁରୋଧ ପତ୍ର ସହିତ ସ୍ୱ-ଦସ୍ତଖତ ଥିବା (କ) ପରିଚୟ ପ୍ରମାଣ ପତ୍ର (KYC), ଯଥା: ଭୋଟର ପରିଚୟ ପତ୍ର / ଡ୍ରାଇଭିଂ ଲାଇସେନ୍ସ / ପାସପୋର୍ଟ ଇତ୍ୟାଦି, (ଖ) ଯୋଗାଯୋଗ ପାଇଁ ବର୍ତ୍ତମାନ ଠିକଣା ପ୍ରମାଣପତ୍ର, (ଗ) ନିଲାମଧାରୀଙ୍କ ପାନ୍ କାର୍ଡର ନକଲ, (ଘ) ବୈଧ ଇମେଲ ଆଇଡି, (ଙ) ଯୋଗାଯୋଗ ପାଇଁ ନିଲାମଧାରୀଙ୍କ ମୋବାଇଲ ଏବଂ ଲ୍ୟାଣ୍ଡ ଲାଇନ୍ ନମ୍ବର ଇତ୍ୟାଦି କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଷ୍ଟ୍ରେସଡ୍ ଆସେଟସ୍ ରିକଭରି ଶାଖା, ଭଦ୍ରକଙ୍କ ଠାରେ ତା୦୭.୧୨.୨୦୧୮ରିଖ ଅପରାହ୍ଣ ୦୪.୦୦ ଘଟିକା ସୁଦ୍ଧା ପହଞ୍ଚିବା ଆବଶ୍ୟକ। ମୁଳ ପ୍ରମାଣପତ୍ରର ସ୍କାନ୍ ନକଲ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଇମେଲ ଆଇଡିରେ ମଧ୍ୟ ପଠାଇପାରିବେ।
୬) ପୋର୍ଟାଲ https://sbi.auctiontiger.net ରେ ଅନ୍‌ଲାଇନ୍ ଇ-ନିଲାମରେ ଅଂଶଗ୍ରହଣ କରିବାକୁ ଯୋଗ୍ୟ ନିଲାମଧାରୀଙ୍କ ନାମ କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଷ୍ଟ୍ରେସଡ୍ ଆସେଟସ୍ ରିକଭରି ଶାଖା, ଭଦ୍ରକଙ୍କ ଦ୍ୱାରା ଚିହ୍ନଟ କରାଯିବ। M/S e-Procurement Technologies Limited, Ahmedabadଙ୍କଦ୍ୱାରା ଯୋଗ୍ୟ ନିଲାମଧାରୀଙ୍କ ପାନ୍ ଯାଞ୍ଚ କଲାପରେ ସେମାନଙ୍କୁ ୟୁଜର ଆଇଡି ଏବଂ ପାସୱାର୍ଡ ଯୋଗାଇ ଦିଆଯିବ।
୭) ଆଗ୍ରହୀ ନିଲାମଧାରୀମାନେ ପ୍ରସ୍ତାବ ଦାଖଲ ପୂର୍ବରୁ ନିଲାମ ହେବାକୁ ଥିବା ସମ୍ପତ୍ତିକୁ ଯାଞ୍ଚ କରି ସନ୍ତୁଷ୍ଟ ହେବା ଉଚିତ୍। ଯାଞ୍ଚ ପାଇଁ ଆଗ୍ରହୀ ନିଲାମଧାରୀମାନେ କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ: Mob.: 9437497053ରେ ଯୋଗାଯୋଗ କରିପାରିବେ।
୮) ସମ୍ପତ୍ତିଗୁଡିକର ଇ-ନିଲାମ ଧାର୍ଯ୍ୟ ତାରିଖ ଏବଂ ସମୟରେ ନିଲାମଧାରୀମାନଙ୍କ ମଧ୍ୟରେ ନିଲାମ ଡାକ ଦ୍ୱାରା ସମ୍ପନ୍ନ ହେବ। ନିଲାମଧାରୀମାନେ ପ୍ରତ୍ୟେକ ସମ୍ପତ୍ତି ନିମନ୍ତେ ସେମାନଙ୍କର ପ୍ରସ୍ତାବର ମୂଲ୍ୟ ବୃଦ୍ଧି ପାଇଁ ଗୁଣିତକ ଭାବେ ଦର୍ଶିତ ବିଡ୍ ବୃଦ୍ଧି ପରିମାଣ ଅନୁସାରେ ବୃଦ୍ଧି କରିପାରିବେ। ଇ-ନିଲାମ ବନ୍ଦ ହେବାର ପୂର୍ବ ୫ ମିନିଟ୍ ମଧ୍ୟରେ ପ୍ରସ୍ତାବ ପ୍ରଦାନ କରାଗଲେ ଇ-ନିଲାମ ବନ୍ଦ ସମୟ ସ୍ୱତଃ ୫ ମିନିଟ୍ ବୃଦ୍ଧି ପାଇବ। ଇ-ନିଲାମ ବନ୍ଦ ପ୍ରକ୍ରିୟା ପୂର୍ବରୁ ଯେଉଁ ନିଲାମଧାରୀ ସର୍ବୋଚ୍ଚ ନିଲାମ ରାଶି (ସଂରକ୍ଷିତ ମୂଲ୍ୟରୁ କମ୍ ହୋଇନଥିବ) ପ୍ରଦାନ କରିଥିଲେ ତାଙ୍କୁ ସଫଳ ନିଲାମଧାରୀଭାବେ ଘୋଷଣା କରାଯିବ ଏବଂ ଇଲେକ୍ଟ୍ରୋନିକ୍ ମୋଡ୍ ମାଧ୍ୟମରେ ତାଙ୍କୁ ଜଣାଇଦିଆଯିବ ଯାହାକି କ୍ଷମତାପ୍ରାପ୍ତ ଅଧିକାରୀ / ସୁରକ୍ଷିତ ଋଣଦାତାଙ୍କ ଅନୁମୋଦନ ସାପେକ୍ଷ।
୯) ସଫଳ ନିଲାମଧାରୀଙ୍କ ଅମାନତ ରାଶି ଜମା ଆଂଶିକ ବିକ୍ରୟ ମୂଲ୍ୟ ରୂପେ ରହିବ ଏବଂ ଅସଫଳ ନିଲାମଧାରୀଙ୍କ ଅମାନତ ରାଶି ଫେରସ୍ତ କରାଯିବ। ଅମାନତ ଜମା ଉପରେ କୌଣସି ସୁଧ ଦିଆଯିବ ନାହିଁ। ସଫଳ ନିଲାମଧାରୀ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ନିଲାମ ରାଶି ଗ୍ରହଣୀୟ ହେବା ସଙ୍ଗେ ସଙ୍ଗେ ବିକ୍ରୟ ମୂଲ୍ୟର ୨୫% ଦାଖଲ କରିବେ ଏବଂ ଅବଶିଷ୍ଟ ରାଶି ବିକ୍ରୟର ୧୫ ଦିନ ମଧ୍ୟରେ କିମ୍ବା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଲିଖିତ ସହମତିରେ ବର୍ଦ୍ଧିତ ସମୟସୀମା ମଧ୍ୟରେ ଦାଖଲ କରିବାକୁ ପଡିବ। ସଫଳ ନିଲାମଧାରୀ ଦେୟ ପ୍ରଦାନ କରିବାରେ ବିଫଳ ହେଲେ ତାଙ୍କ ଦ୍ୱାରା ଜମା କରାଯାଇଥିବା ଅର୍ଥରାଶି ବାଜ୍ୟାପ୍ତି କରାଯାଇ ସମ୍ପତ୍ତିକୁ ପୁନଃ ନିଲାମ କରାଯିବ ଏବଂ ବିଫଳ କ୍ରେତାଙ୍କର ସମ୍ପତ୍ତି / ଅର୍ଥ ସମ୍ବନ୍ଧୀୟ କୌଣସି ଦାବୀ / ଅଧିକାର ରହିବ ନାହିଁ।
୧୦) ଯୋଗ୍ୟ ନିଲାମଧାରୀମାନେ ଇ-ନିଲାମ ତାରିଖ ପୂର୍ବରୁ M/S e-Procurement Technologies Limited, Ahmedabadଙ୍କ ଠାରୁ ଇ-ନିଲାମ ସମ୍ପର୍କୀୟ ଅନ୍‌ଲାଇନ୍ ତାଲିମ ପାଇପାରିବେ। ଇ-ନିଲାମ ପ୍ରକ୍ରିୟାରେ କୌଣସି ପ୍ରକାର ଯାନ୍ତ୍ରିକ ତ୍ରୁଟି, ଇଣ୍ଟରନେଟ୍ ଅସୁବିଧା, ବିଜୁଳି ଅସୁବିଧା ପ୍ରଭୃତି ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ କିମ୍ବା M/S e-Procurement Technologies Limited, Ahmedabad ଦାୟୀ ରହିବେ ନାହିଁ। ଏପରି ସ୍ଥଳରେ ଆକସ୍ମିକ ଅସୁବିଧା ପାଇଁ ନିଲାମଧାରୀମାନଙ୍କୁ ଅନୁରୋଧ କରାଯାଉଛି କି, ନିଲାମ ସମୟରେ ପାୱାର ବ୍ୟାକ୍‌ଅପ୍ ବା ଯାହା ଆବଶ୍ୟକ ସେପରି ବ୍ୟବସ୍ଥା କରି ଅଂଶଗ୍ରହଣ କରନ୍ତୁ ଯାହା ଦ୍ୱାରା ନିଲାମ ପ୍ରକ୍ରିୟାରେ ସକ୍ଷମ ହୋଇପାରିବେ।
୧୧) ଷ୍ଟାମ୍ପ ଡ୍ୟୁଟି/ଅତିରିକ୍ତ ଷ୍ଟାମ୍ପ ଡ୍ୟୁଟି/ଟ୍ରାନ୍ସଫର ଚାର୍ଜ, ଫି ଇତ୍ୟାଦି ଏବଂ ବୈଧାନିକ/ଅଣ-ବୈଧାନିକ ଦେୟ, ଟ୍ୟାକ୍ସ, ଆସେସ୍‌ମେଣ୍ଟ ଦେୟ, ଫି ଇତ୍ୟାଦି କାହାକୁ ଯଦି ଦେବାକୁ ଥାଏ ତାହା କ୍ରେତା ବହନ କରିବେ।
୧୨) କ୍ଷମତାପ୍ରାପ୍ତ ଅଧିକାରୀ ସର୍ବୋଚ୍ଚ ନିଲାମ ରାଶିକୁ ଗ୍ରହଣ କରିବାକୁ ବାଧ୍ୟ ନୁହନ୍ତି ଏବଂ କୌଣସି କାରଣ ନଦର୍ଶାଇ ତାଙ୍କର ସମସ୍ତ / କୌଣସି ପ୍ରସ୍ତାବକୁ ଗ୍ରହଣ / ବାତିଲ କିମ୍ବା ଇ-ନିଲାମକୁ ସ୍ଥଗିତ/ବାତିଲ/ବନ୍ଦ କରିବାର ଅଖଣ୍ଡ କ୍ଷମତା ରହିଛି।
୧୩) ବିକ୍ରୟ ପ୍ରମାଣପତ୍ର କେବଳ ନିଲାମଧାରୀ / କ୍ରେତା / ଦରଖାସ୍ତକାରୀଙ୍କ ନାମରେ ପ୍ରଦାନ କରାଯିବ ଏବଂ ଅନ୍ୟ କୌଣସି ବ୍ୟକ୍ତିଙ୍କ ନାମରେ ଦିଆଯିବ ନାହିଁ।
୧୪) ବିକ୍ରୟ ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକସନ ଅଫ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାର୍ଯ୍ୟ ନିୟମ ଏବଂ ସର୍ତ୍ତାବଳୀ ଅନୁସାରେ ସମ୍ପନ୍ନ ହେବ।
୧୫) ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନ ଦ୍ୱାରା ରୁଲ ୮(୬) ଅନୁଯାୟୀ ପରବର୍ତ୍ତି ବିକ୍ରୟ ପାଇଁ ୧୫ ଦିନିଆ ନୋଟିସ୍।
୧୬) ଯେଉଁ କ୍ଷେତ୍ରରେ ବିଡ୍ ପରିମାଣ ଟ.୫୦,୦୦,୦୦୦/- ରୁ ଅଧିକ ହୋଇଥିବ ସେ କ୍ଷେତ୍ରରେ ସଫଳ ନିଲାମଧାରୀ / କ୍ରେତା ଆୟକର ଆକ୍ଟ ୧୯୬୧ର ଧାରା ୧୯୪ IA ଅନୁଯାୟୀ ବିକ୍ରୟ ଲବ୍ଧ ରାଶିରୁ ୧% ହାରରେ ଟିଡିଏସ୍ ବିଯୁକ୍ତ କରି ଏବଂ ତାହାକୁ ଫର୍ମ ୨୬ QB ରେ ଚାଲାଣ ପ୍ରସ୍ତୁତ କରି ଜମା କରିବେ ଏବଂ ଟିଡିଏସ୍ ପ୍ରମାଣ ପତ୍ରର ଅରିଜିନାଲ ରସିଦ ବ୍ୟାଙ୍କରେ ଦାଖଲ କରିବେ।
୧୭) ମାନ୍ୟବର ଡେବ୍‌ଟ୍ସ ରିକଭରି ଆପିଲେଟ୍ ଟ୍ରିବୁନାଲ୍, କୋଲକାତାଙ୍କ ଠାରେ ବିଚାରାଧିନ ଟେଣ୍ଡର ନଂ. ୧୩୧/୨୦୧୭ ର ନିର୍ଣ୍ଣୟ ଅନୁଯାୟୀ କ୍ର. ନଂ. ୧ରେ ଦର୍ଶିତ ସମ୍ପତ୍ତିର ବିକ୍ରୟ ଚୂଡାନ୍ତ ହେବ।
ତାରିଖ : ୧୪.୧୧.୨୦୧୮, ସ୍ଥାନ: ଭଦ୍ରକ ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

## ଆଜି କ'ଣ କେଉଁଠି

ବ୍ରହ୍ମପୁର

- ହକି ବିଶ୍ୱକପ୍‌କୁ ସ୍ୱାଗତ। ସ୍ଥାନ-ବ୍ରହ୍ମପୁର ଷ୍ଟାଡିୟମ୍। ସମୟ-ସକାଳ ୭ଟା ।
- ସର୍କଲ୍ ସ୍ତରୀୟ ବନ ବିଭାଗ କ୍ରୀଡ଼ା ପ୍ରତିଯୋଗିତା। ସ୍ଥାନ-ବ୍ରହ୍ମପୁର ଷ୍ଟାଡିୟମ। ସମୟ-ସକାଳ ୮ଟା ।
- ନବଜାତ ଯତ୍ନ ସପ୍ତାହ ପାଳନ। ସ୍ଥାନ-ସିଡିଏମ୍‌ଓ ଅଫିସ୍ ଆଇଇସି ହଲ୍। ସମୟ-ପୂର୍ବାହ୍ନ ୧୧ଟା ।

## ଅଗ୍ନି ବିପନ୍ନ ପରିବାରକୁ ସହାୟତା

**ବ୍ରହ୍ମପୁର ଅଫିସ୍,୧୪।୧୧:** ଗଞ୍ଜାମ ଜିଲା ଆଇନ ସେବା ପ୍ରାଧିକରଣ ହସ୍ତକ୍ଷେପ ପରେ ଦିଗପହଣ୍ଡି ବ୍ଲକ ଅଧିନସ୍ଥ କୁଶପଡା ଗ୍ରାମର ଅଗ୍ନି ବିପନ୍ନ ୨ ପରିବାରକୁ ପ୍ରଶାସନ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି । କ୍ଷତିଗ୍ରସ୍ତ ଏସ.ବୁଲିଙ୍କୁ ୩୨ ଶହ ଟଙ୍କା ଏବଂ ଏସ.ସତ୍ୟଙ୍କୁ ୨୧ଶହ ଟଙ୍କା ଓ ପଲିଥିନ୍ ଯୋଗାଇ ଦିଆଯାଇଛି। ସୂଚନାଯୋଗ୍ୟ, ଅଗ୍ନିକାଣ୍ଡ ସମ୍ପର୍କରେ ଅବଗତ ହେବା ପରେ ଆଇନ ସେବା ପ୍ରାଧିକରଣ ସଚିବ ବିଜୟ କୁମାର ଦାସ ଦିଗପହଣ୍ଡି ତହସିଲଦାରଙ୍କ ସହ ଟେଲିଫୋନ ଏବଂ ପତ୍ର ମାଧ୍ୟମରେ ସରକାରୀ ସହାୟତା ପ୍ରଦାନ ସମ୍ପର୍କରେ ପ୍ରସ୍ତାବ ଦେଇଥିଲେ ।

## ଗର୍ଭବତୀଙ୍କୁ ହତ୍ୟା ଅଭିଯୋଗ : ସ୍ୱାମୀ, ଶାଶୁ ଗିରଫ

**ଛତ୍ରପୁର,୧୪।୧୧(ଡି.ଏନ.ଏ.):** ଆର୍ଯ୍ୟପଲ୍ଲୀ ମେରାଇନ ଥାନା ବଡଆର୍ଯ୍ୟପଲ୍ଲୀ ଗାଁର ପି. ରାମାୟାଙ୍କ ସ୍ତ୍ରୀ ପି. କାଲାମ୍ମା ରବିବାର ସନ୍ଧ୍ୟାରେ ପୋଡି ହୋଇଯାଇଥିଲେ । ତାଙ୍କୁ ପ୍ରଥମେ ଛତ୍ରପୁର ଓ ପରେ ବ୍ରହ୍ମପୁର ବଡ ମେଡିକାଲକୁ ନିଆଯାଇଥିଲା। ସେଠାରୁ କଟକ ବଡ ମେଡିକାଲ ନିଆଇଥିବା ବେଳେ ସୋମବାର ତାଙ୍କର ମୃତ୍ୟୁ ଘଟିଥିଲା । କାଲାମ୍ମା ଗର୍ଭବତୀ ଥିଲେ ବୋଲି ତାଙ୍କ ବାପଘର ଲୋକଙ୍କ ପକ୍ଷରୁ କୁହାଯାଇଛି । ଶାଶୁ ଘର ଲୋକେ କିରୋସିନ୍ ଢାଳି ନିଆଁ ଲଗାଇ ଝିଅକୁ ମାରି ଦେଇଥିବା ନେଇ କାଲାମ୍ମାଙ୍କ ବାପା ତଥା ବଡଆର୍ଯ୍ୟପଲ୍ଲୀ ଗାଁର ଏ ମୋହନ ରାଓ ଆର୍ଯ୍ୟପଲ୍ଲୀ ମେରାଇନ ଥାନାରେ ଏତଲା ଦେଇଥିଲେ। ଏହାକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ ୨୧/୧୮) ରୁଜୁ କରି ତଦନ୍ତ ଚଳାଇଥିଲା। ଏହି ମାମଲାରେ ପୋଲିସ ବୁଧବାର କାଲାମ୍ମାଙ୍କ ସ୍ୱାମୀ ପି ରାମାୟା ଓ ଶାଶୁ ପି ଦିଲାମ୍ମାଙ୍କୁ ଗିରଫ କରଛି। ଘଟଣାରେ ସମ୍ପୃକ୍ତ ଥାଇ ଫେରାର ଥିବା ଅନ୍ୟମାନଙ୍କୁ ଧରିବାକୁ ପୋଲିସ ଉଦ୍ୟମ ଚଳାଇଛି।

> ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।


■ ବଡ଼ ମେଡିକାଲର ବିଚିତ୍ର ନୀତି

# ରେଡିଓଲୋଜିକାଲ୍ ରିପୋର୍ଟରେ ଦର୍ଶାଯାଉଛି କର୍ମଚାରୀ ଅଭାବ

**ବ୍ରହ୍ମପୁର ଅଫିସ୍,୧୪।୧୧**

କେତେଜଣ ଅସାଧୁ ଡାକ୍ତର ଓ କେତୋଟି ଘରୋଇ ନିଦାନ କେନ୍ଦ୍ର ଯୋଗୁ ସରକାରଙ୍କ ନିଦାନ ଯୋଜନାର ସୁଫଳ ସାଧାରଣ ଲୋକେ ପାଇପାରୁ ନ ଥିବା ଅଭିଯୋଗ ହେଉଛି । ଏହାର ପ୍ରମାଣ ବ୍ରହ୍ମପୁର ବଡ଼ ମେଡିକାଲରେ ବୁଧବାର ଦେଖିବାକୁ ମିଳିଛି। ଗୋପାଳପୁର ଅଞ୍ଚଳର ସୁରେଶ ସାହୁ ରେଡିଓଲୋଜି ବିଭାଗକୁ ଯାଇ ନିରାଶରେ ଫେରିଥିବା ଜଣାଇଛନ୍ତି। ତାଙ୍କୁ ଦିଆଯାଇଥିବା ରେଡିଓଲୋଜିକାଲ୍ ରିପୋର୍ଟରେ କର୍ମଚାରୀ ଅଭାବ ଥିବା ଦର୍ଶାଯାଇଛି।

ପ୍ରକାଶ ଯେ, ସୁରେଶ ଘରେ କାମ କରୁଥିବା ବେଳେ ପଡିଯାଇଥିଲେ। ତାଙ୍କ ଡାହାଣ ହାତ ମାଡ଼ ହୋଇଯାଇଥିଲା। ଯନ୍ତ୍ରଣା ହେବାରୁ ୧୦ ତାରିଖରେ ବ୍ରହ୍ମପୁର ବଡ ମେଡିକାଲକୁ ଆସିଥିଲେ। ଓପିଡି କାର୍ଡ ନଂ.୧୭୯୨୬ରେ ପଞ୍ଜୀକରଣ କରାଇ ଡାକ୍ତରଙ୍କ ପାଖକୁ ଯାଇଥିଲେ। ବହିଃ ବିଭାଗ ଡାକ୍ତରଙ୍କ ପରାମର୍ଶକ୍ରମେ ରେଡିଓଲୋଜି ବିଭାଗକୁ ଯାଇଥିଲେ। ତେବେ ରେଡିଓଲୋଜି ବିଭାଗରେ କାର୍ଯ୍ୟରତ ଡାକ୍ତର ଜଣକ ହାତ ଦେଖି ଏକ୍ସ-ରେ ନ କରାଇ ଡିଜିଟାଲ ଏକ୍ସ-ରେ କର ବୋଲି କହିଥିଲେ । ଏପରିକି ତାଙ୍କୁ ଘରୋଇ ନିଦାନ କେନ୍ଦ୍ରକୁ ପରୀକ୍ଷା ଲାଗି ଯିବାକୁ କହିଥିଲେ । ସୁରେଶ ୧୧ ତାରିଖରେ ପୁଣି ବଡ଼ ମେଡିକାଲ ରେଡିଓଲୋଜି ବିଭାଗକୁ ଆସି ହାତ ଏକ୍ସ-ରେ କରିବାକୁ ରେଡିଓ ଗ୍ରାଫରଙ୍କୁ ଗୁହାରୀ କରିଥିଲେ। ମେଶିନ୍ ଅଚଳ ଅଛି, ବୁଧବାର ଆସ ବୋଲି ତାଙ୍କୁ କୁହାଯାଇଥିଲା। ବୁଧବାର ସୁରେଶ ଉକ୍ତ ବିଭାଗକୁ ଯିବା ପରେ ରେଡିଓଗ୍ରାଫର ଜଣକ ସୁରେଶଙ୍କ ରେଡିଓଲୋଜିକାଲ୍ ଇନଭେଷ୍ଟିଗେସନ୍ ରିପୋର୍ଟ କାର୍ଡରେ କର୍ମଚାରୀ ଅଭାବରୁ ମେଶିନ୍ ଅଚଳ ଅଛି, ଅନ୍ୟତ୍ର ବେସରକାରୀ ନିଦାନ କେନ୍ଦ୍ରକୁ ଯିବା ପାଇଁ ଲେଖିଥିଲେ । ଉଚ୍ଚ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶାନୁଯାୟୀ ସମସ୍ତ ଆଙ୍ଗୁଠିର ଏକ୍ସ-ରେ ହୋଇପାରିବ ନାହିଁ, କେବଳ ଡିଜିଟାଲ୍ ଏକ୍ସ-ରେ ହେବ ଏବଂ ରେଡିଓଗ୍ରାଫର୍ ଅଭାବ ହେତୁ ତାହା ଏଠି ସମ୍ଭବ ନୁହଁ ବୋଲି କାର୍ଯ୍ୟରତ ରେଡିଓଗ୍ରାଫର୍ ଜଣକ ଦସ୍ତଖତ କରି ରୋଗୀଙ୍କ ରିପୋର୍ଟ କାର୍ଡରେ ଉଲ୍ଲେଖ କରିଥିଲେ । ରେଡିଓଲୋଜିକାଲ୍ ରିପୋର୍ଟ କାର୍ଡକୁ ନେଇ ସୁରେଶ ବଡ ମେଡିକାଲ ଅଧୀକ୍ଷକଙ୍କ ପ୍ରକୋଷ୍ଠକୁ ଯାଇଥିଲେ । ଅଧୀକ୍ଷକ ପ୍ରଫେସର ଡାକ୍ତର ଚରଣ ପଣ୍ଡା ଛୁଟିରେ ରହିଥିବା ହେତୁ ଦାୟିତ୍ୱରେ ରହିଥିବା ମେଡିକାଲ୍ କଲେଜ ଅଧକ୍ଷ ପ୍ରଫେସର ଡାକ୍ତର ରାଧା ମାଧବ ତ୍ରିପାଠୀଙ୍କ ନିକଟକୁ ଯାଇଥିଲେ । ସେଠାରେ ସୁରେଶ ରେଡିଓଲୋଜିକାଲ୍ ରିପୋର୍ଟ କାର୍ଡ ଦେଖାଇବା ପରେ ଅଧକ୍ଷ ତାହାକୁ ନେଇଯାଇଥିଲେ । ଅଧକ୍ଷ ଉକ୍ତ ବିଭାଗୀୟ କର୍ମଚାରୀମାନଙ୍କୁ ଭବିଷ୍ୟତରେ ଏପରି ନ କରିବା ପାଇଁ ତାଗିଦ୍ କରିଥିଲେ। ପରେ ସୁରେଶଙ୍କୁ ଏକ୍ସ-ରେ କରାଇବା ପାଇଁ ଉକ୍ତ ବିଭାଗକୁ ଯିବା ପାଇଁ ଅଧକ୍ଷ କହିଥିଲେ। ସୁରେଶ ରେଡିଓଲୋଜି ବିଭାଗକୁ ଯିବାରେ ସେଠାରେ ତାଲା ଝୁଲୁଥିବା ଦେଖିଥିଲେ। ତେବେ ଗୁରୁବାର ଏକ୍ସ-ରେ ପାଇଁ ଆସିବାକୁ ତାଙ୍କୁ କୁହାଯାଇଛି। ଏ ନେଇ ଅଧକ୍ଷ ତ୍ରିପାଠୀଙ୍କୁ ପଚରିବାରୁ ସେ କହିଛନ୍ତି, ଉକ୍ତ ରେଡିଓଗ୍ରାଫରଙ୍କୁ ତାଗିଦ୍ କରିଛି। ମାଗଣାରେ ଏକ୍ସ-ରେ କରାଯିବ ବୋଲି ସୁରେଶଙ୍କୁ କହିଛି। ସୂଚନାଯୋଗ୍ୟ, ସରକାରଙ୍କ ନିଦାନ ଯୋଜନା ମାଧ୍ୟମରେ ବିଭିନ୍ନ ପରୀକ୍ଷା ମାଗଣାରେ କରାଯିବା ନିୟମ ରହିଛି। ବଡ଼ ମେଡିକାଲରେ ସିଟିସ୍କାନ୍, ଡିଜିଟାଲ ଏକ୍ସରେ, ଅଲଟ୍ରା ସାଉଣ୍ଡ, ଡାୟାଲିସିସ୍ ଭଳି ଅତି ଜରୁରୀ ମେଶିନ ଥିବା ସତ୍ତ୍ୱେ ରୋଗୀଙ୍କୁ ବାହାରେ ଘରୋଇ ନିଦାନ କେନ୍ଦ୍ରକୁ ପରୀକ୍ଷା ପାଇଁ ଯିବାକୁ ପଠାଯାଉଛି। ଏ ନେଇ ବହୁବାର ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଥିଲେ ମଧ କରାଯାଉନି ବୋଲି ଏମଏଏସଏମ ସଂଯୋଜକ ଅବନୀ ଗୟା କହିଛନ୍ତି ।



ବଡମେଡିକାଲରୁ ପାଇଥିବା ରିପୋର୍ଟ କାର୍ଡ ଦେଖାଉଛନ୍ତି ସୁରେଶ ।

### ଏକ୍ସ-ରେ ପାଇଁ ୪ ଦିନ ଆସିଲେଣି ରୋଗୀ

# ବଡ଼ବଜାରରେ ପ୍ରଶାସନର ଚଢ଼ାଉ



ଏକ ଦୋକାନରେ ଯାଞ୍ଚ ଚାଲିଛି ।

**ବ୍ରହ୍ମପୁର ଅଫିସ୍,୧୪।୧୧**

ବ୍ରହ୍ମପୁର ଉପଖଣ୍ଡ ପ୍ରଶାସନ ଏବଂ ମାପ ଓ ଓଜନ ବିଭାଗ ତରଫରୁ ହୋଲ୍‌ସେଲ୍ ପରିବା ଦୋକାନ ଏବଂ ବଡ଼ ବଜାରର ଅଞ୍ଚଳର ଅନ୍ୟ କେତକ ପରିବା ଦୋକାନ, ତେଜରାତି, ଆଚାର ଏବଂ ଜେନେରାଲ୍ ଷ୍ଟୋର୍‌ରେ ଓଜନ ଯନ୍ତ୍ର ଏବଂ ପ୍ୟାକେଟ୍‌ଗୁଡ଼ିକ ଯାଞ୍ଚ କରାଯାଇଥିଲା । ୪ ପରିବା ବ୍ୟବସାୟୀ, ଦୁଇ ଜଣ କିରାନା ବ୍ୟବସାୟୀ ଏବଂ ଦୁଇ ଆଚାର ବ୍ୟବସାୟୀ ନବିକରଣ ହୋଇନଥିବା ଓଜନ ଯନ୍ତ୍ର ବ୍ୟବହାର କରୁଥିବା ଧରାପଡ଼ିଥିଲା । ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ୪୧ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି । ଚଢ଼ାଉରେ ସହକାରୀ ଜିଲାପାଳ ବିନୋଦ ବେହେରା, ସହକାରୀ ନିୟନ୍ତ୍ରକ ବିନୟ କୁମାର ଦାଶ, ବରିଷ୍ଠ ନିରୀକ୍ଷକ ସତ୍ୟଜିତ ବିଶ୍ୱାଳ, ଶିଶିର ସାହୁ ଏବଂ ବଡ଼ବଜାର ଥାନା ପୋଲିସ ସାମିଲ୍ ଥିଲା ।

# 'ଅନ୍ତରା' ଟିକା ପ୍ରଦାନ କାର୍ଯ୍ୟକ୍ରମ



ଜଣେ ମହିଳାଙ୍କୁ ଟିକା ଦିଆଯାଉଛି।

**ବ୍ରହ୍ମପୁର ଅଫିସ୍,୧୪।୧୦**

ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ (ଏନଏଚଏମ) ଓ ପପୁଲେସନ ସର୍ଭିସେସ ଇଣ୍ଟରନ୍ୟାଶନାଲ (ପିଏସଆଇ) ଆନୁକୂଲ୍ୟରେ ବ୍ରହ୍ମପୁର ସହରରେ ଥିବା ୭ଟି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର(ୟୁପିଏଚସି)ରେ ପରିବାର ନିୟୋଜନ 'ଅନ୍ତରା' ଟିକା ପ୍ରଦାନ କାର୍ଯ୍ୟକ୍ରମ ବୁଧବାରଠାରୁ ଆରମ୍ଭ ହୋଇଯାଇଛି । ଗଞ୍ଜାମ ଜିଲା ମୁଖ୍ୟଚିକିତ୍ସା ଅଧିକାରୀ ଡା. ସଦାନନ୍ଦ ମିଶ୍ର ଆସ୍କାରୋଡସ୍ଥିତ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପରିବାର ନିୟୋଜନ ନିମନ୍ତେ ଏହା ସବୁଠୁ ସୁରକ୍ଷିତ ଓ ଫଳପ୍ରଦ, ପାର୍ଶ୍ୱପ୍ରତିକ୍ରିୟା ଅତିନିମ୍ନ ବୋଲି ସିଡିଏମଓ କହିଥିଲେ। ଏହି ଟିକା ଯେ କୌଣସି ବୟସର ବିବାହିତା ମହିଳା ୩ ମାସରେ ଥରେ ନେଇପାରିବେ । ପୂର୍ବରୁ ଏହି ଟିକା ସମସ୍ତ ସରକାରୀ ଡାକ୍ତରଖାନାରେ ଉପଲବ୍ଧ ହୋଇଥିବା ବେଳେ ସହରରେ ରହୁଥିବା ବସ୍ତିବାସିନ୍ଦାଙ୍କ ସୁବିଧା ଦୃଷ୍ଟିରୁ ସମସ୍ତ ୟୁପିଏଚସିରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିବା ସେ ସୂଚାଇଥିଲେ । ପ୍ରଥମ ଦିବସରେ ଆସ୍କାରୋଡ ୟୁପିଏଚସିରେ ୫୫ ମହିଳାଙ୍କୁ ଏହି ଟିକା ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ଏଡିୟୁପିଏଚଓ ଡା. ଲଲାଟେନ୍ଦୁ ଦାଶ, ସିଟି ହେଲଥ ଅଫିସର ଡା. ପ୍ରକାଶ ଚନ୍ଦ୍ର ମହାପାତ୍ର, ଜିଲା ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ ପ୍ରବର୍ତ୍ତକ (ଡିଏମଆରସିଏଚ) ଶକ୍ତି କୁମାର ଦିଗାଲ, ୟୁପିଏଚସିର ମେଡିକାଲ ଅଫିସର କମଳାଲକ୍ଷ୍ମୀ ସାମନ୍ତରା, ଏନଏଚଏମର ଜିଲା ପ୍ରୋଗ୍ରାମ ଅଫିସର ଶ୍ୟାମସୁନ୍ଦର ତ୍ରିପାଠୀ, ପିଏଚଏମ ମଳୟ କୁମାର ବଶ୍ୱାଳ, ଏନୟୁଏଚଏମର ସିଟି ପ୍ରୋଗ୍ରାମ ମ୍ୟାନେଜର ସୁଧାଂଶୁ ଶେଖର ସାମନ୍ତ, ଆସିଷ୍ଟାଣ୍ଡ ପ୍ରୋଗ୍ରାମ ମ୍ୟାନେଜର ଲମ୍ବୋଦର ଦିଗାଲ, ଡେଭଲପମେଣ୍ଟ ପାଟନର ଡା. ପି.ଜି ଦାଶ ଓ ରୁଦ୍ରପ୍ରସାଦ ପ୍ରଧାନ, ସ୍ଥାନୀୟ ଅଞ୍ଚଳର ପୂର୍ବତନ କର୍ପୋରେଟର ଅଶୋକ ଶୁକ୍ଳା ପ୍ରମୁଖ ଉପସ୍ଥିତ ଥିଲେ । ଏଏନଏମ, ଆଶା ଓ ପିଏସଆଇର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ । ଆଗାମୀ ଦିନରେ ଏପରି କାର୍ଯ୍ୟକ୍ରମ ସମସ୍ତ ୟୁପିଏଚସିରେ ସପ୍ତାହରେ ଥରେ କରାଯିବ ବୋଲି ସୂଚନା ମିଳିଛି ।

# ଭାରୋତ୍ତୋଳକ ଦଳ ମନୋନୀତ



ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହ ମନୋନୀତ ଖେଳାଳିମାନେ ।

**ବ୍ରହ୍ମପୁର ଅଫିସ,୧୪।୧୧**

ଆସନ୍ତା ୧୭ରୁ ୨୦ତାରିଖ ପର୍ଯ୍ୟନ୍ତ କେରଳରେ ସର୍ବ ଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ପୁରୁଷ ଭାରୋତ୍ତୋଳନ ପ୍ରତିଯୋଗିତା ହେବ। ଏହି ପ୍ରତିଯୋଗିତାରେ ଭାଗ ନେବା ପାଇଁ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଦଳ ମନୋନୀତ ହୋଇଯାଇଛି । ଦଳରେ ଗୋପାଳପୁର କଲେଜର ଚନ୍ଦନ କୁମାର ସାହୁ, ଖଲ୍ଲିକୋଟ ସ୍ୱୟଂ ଶାସିତ ମହାବିଦ୍ୟାଳୟର ରାମଚନ୍ଦ୍ର ହେମ୍ବ୍ରମ୍, ଅନିକେତ ବେହେରା, ଜ୍ୟୋତିରଞ୍ଜନ ସାହୁ ଏବଂ କେ.ସାଇ କୁମାର ଓ ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟର ଟି.ପ୍ରଭାକର ପ୍ରମୁଖ ରହିଛନ୍ତି । ସେହିପରି ଆନ୍ଧ୍ରପ୍ରଦେଶର ଆଚାର୍ଯ୍ୟ ନାଗାର୍ଜୁନ ବିଶ୍ୱବିଦ୍ୟାଳୟରେ ଆସନ୍ତା ୨୭ରୁ ୨୯ତାରିଖ ପର୍ଯ୍ୟନ୍ତ ମହିଳା ଭାରୋତ୍ତୋଳନ ପ୍ରତିଯୋଗିତା ହେବ । ଏଥିରେ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର ୩ଜଣ ଛାତ୍ରୀ ଭାଗନେବେ । ସେମାନେ ହେଲେ ୟୁ. ଐଶ୍ୱର୍ଯ୍ୟା, ଭାଗ୍ୟଶ୍ରୀ ପଣ୍ଡା ଏବଂ ସ୍ୱର୍ଣ୍ଣଲତା ପାତ୍ର। ମ୍ୟାନେଜର ଭାବେ ପ୍ରଫେସର ଡ. ସୁନିଲ କୁମାର ବେହେରା ଏବଂ କୋଚ୍ ଭାବେ ସୀତା ଜେନା ଦଳ ସହ ଯାତ୍ରା କରିବେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅମରେନ୍ଦ୍ର ନାରାୟଣ ମିଶ୍ର, କ୍ରୀଡ଼ା ପରିଷଦର ସଂପାଦକ ଡ. ମନୋଜ କୁମାର ପଣ୍ଡା, ସହସଂପାଦକ ମହେନ୍ଦ୍ର କୁମାର ବେହେରା ଶୁଭେଚ୍ଛା ପ୍ରଦାନ କରିଥିଲେ ।

# କଂଗ୍ରେସ ପକ୍ଷରୁ ଜବାହରଲାଲ୍ ନେହେରୁ ଜୟନ୍ତୀ

**ବ୍ରହ୍ମପୁର ଅଫିସ୍,୧୪।୧୧**

ଗଞ୍ଜାମ ଜିଲା କଂଗ୍ରେସ କାର୍ଯ୍ୟାଳୟ ତଥା ବାପୁଜି ଆଶ୍ରମ ଠାରେ ବୁଧବାର ସକାଳେ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହାରଲାଲ୍ ନେହେରୁଙ୍କ ଜୟନ୍ତୀ ପାଳନ କରାଯାଇଛି । ଜିଲା କଂଗ୍ରେସ କମିଟି ସଭାପତି ତ୍ରିନାଥ ବେହେରା, କାର୍ଯ୍ୟକାରୀ ସଭାପତି ପୀତବାସ ପଣ୍ଡା ଏବଂ ଦୀପକ ପଟ୍ଟନାୟକ, ମହାନଗର ସଭାପତି ପ୍ରମୋଦ ଜେନା, ମହିଳା କଂଗ୍ରେସ ସଭାନେତ୍ରୀ ସ୍ୱରୂପା ତ୍ରିପାଠୀ, ସୁଜ୍ଞାନୀ ପଟ୍ଟନାୟକ, ବୃନ୍ଦାବନ ଖଟେଇ, ସୁନାରାମ ସାବତ, ମନୋଜ ଜେନା, ତ୍ରିଲୋଚନ ରେଡ୍ଡୀ, ଶମ୍ଭୁ ପାଣିଗ୍ରାହୀ, ନିରଞ୍ଜନ ପାଣିଗ୍ରାହୀ, ସୁରେଶ ବେହେରା, ରାଜେନ୍ଦ୍ର ବାବୁ, ସାଇରାମ ପାତ୍ର, ନାରାୟଣ ନାୟକ ପ୍ରମୁଖ ଯୋଗଦେଇଥିଲେ ।

# ୧୬ରୁ ମହାନଗର ପୁସ୍ତକମେଳା

**ବ୍ରହ୍ମପୁର ଅଫିସ୍,୧୪।୧୦**

ଗଞ୍ଜାମ ଜିଲା ପୁସ୍ତକମେଳା କମିଟି ପକ୍ଷରୁ ମହାନଗର ପୁସ୍ତକ ମେଳା ଆସନ୍ତା ୧୬ ତାରିଖରୁ ଆରମ୍ଭ ହେବ । ବ୍ରହ୍ମପୁର ଏସଏସଭିଟି ସିନେମା ହଲ ନିକଟ ପଡିଆରେ ଏହି ମେଳା ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ । ବୁଧବାର ଗୋଇଲୁଣ୍ଡିସ୍ଥିତ ଗୋକୋର୍ଣ୍ଣେଶ୍ୱର ପାଠାଗାର ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ କମିଟି ସଭାପତି ସୁଶାନ୍ତ ଦାଶ ଏହି ସୂଚନା ଦେଇଛନ୍ତି । ଓଡିଆ ସାହିତ୍ୟକୁ ପୁନର୍ଜୀବିତ କରିବା ଓ ଏହାର ପ୍ରଚାରପ୍ରସାର ଉଦ୍ଦେଶ୍ୟରେ ହେଉଥିବା ଏହି ମେଳାରେ ଚଳିତବର୍ଷ ୮୦ ଷ୍ଟଲ ଖୋଲାଯିବ । ପୁରୀ ଜଗନ୍ନାଥ ସଂସ୍କୃତି ଉପରେ ପ୍ରଚାର ପ୍ରସାର କରୁଥିବା ଆମ ପ୍ରଣାମ ଷ୍ଟଲ ମଧ ରହିବ। ଏଥିସହ କେନ୍ଦ୍ର ସାହିତ୍ୟ ଏକାଡେମୀ, ନ୍ୟାଶନାଲ ବୁକ ଟ୍ରଷ୍ଟ ଅଫ ଇଣ୍ଡିଆ, ଓଡିଶା ସାହିତ୍ୟ ଏକାଡେମୀ, ଏନ.ବି.ଟି, ବିଦ୍ୟାପୁରୀ, ଅଗ୍ରଦୂତ, ମୁମ୍ବାଇର ନବନୀତ ଭଳି ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ପ୍ରକାଶକ, ପ୍ରକାଶନୀ ସଂସ୍ଥାର ଷ୍ଟଲ ରହିବ। ପ୍ରତ୍ୟେକ ସନ୍ଧ୍ୟାରେ ସାହିତ୍ୟ ସମ୍ପର୍କିତ ଆଲୋଚନା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଉକ୍ତ ୧୦ ଦିନ ମଧ୍ୟରେ ଅତିବଡି ଜଗନ୍ନାଥ ଦାଶ ପୁରସ୍କାରପ୍ରାପ୍ତ ସୁଦର୍ଶନ ଆଚାର୍ଯ୍ୟଙ୍କ ଦ୍ୱାରା ଲେଖକ ସାକ୍ଷାତକାର କାର୍ଯ୍ୟକ୍ରମ ଓ ଓଡିଶା ଭାଷା ଆନ୍ଦୋଳନର ଆବାହକ ପବିତ୍ର ମହାରଥାଙ୍କ ଦ୍ୱାରା ଓଡିଆ ଭାଷା ଆନ୍ଦୋଳନ ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହେବ ବୋଲି ସଭାପତି ଦାଶ ସୂଚନା ଦେଇଛନ୍ତି । ବିଭିନ୍ନ ଦିବସର କାର୍ଯ୍ୟକ୍ରମରେ ବିଶିଷ୍ଟ କବି ହୁଷେନ ରବି ଗାନ୍ଧୀ, କବି ସଦାନନ୍ଦ ତ୍ରିପାଠୀଙ୍କ ସମେତ ବହୁ ପ୍ରତିଷ୍ଠିତ କବି, ଲେଖକ, ସାହିତ୍ୟିକ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଖବରଦାତା ସମ୍ମିଳନୀରେ ସଭାପତିଙ୍କ ସମେତ ଉପସଭାପତି ନିହାର ରଞ୍ଜନ ଦାଶ, ସଂଗଠନ ସମ୍ପାଦକ ବାଲ୍ମିକୀ ମହାପାତ୍ର, ଦିପ୍ତୀମିତା ମହାପାତ୍ର, କପିଳ ଚନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।




ପୁସ୍ତକମେଳା କାର୍ଯ୍ୟସୂଚୀ ଉନ୍ମୋଚନ କରାଯାଉଛି।

■ ବ୍ରହ୍ମପୁରରେ ବିଶ୍ୱ ମଧୁମେହ ଦିବସ ପାଳିତ

# ମଧୁମେହ ମୁକାବିଲାରେ ପରିବାରର ଭୂମିକା ଗୁରୁତ୍ୱପୂର୍ଣ୍ଣ

**ବ୍ରହ୍ମପୁର ଅଫିସ,୧୪।୧୧**

ବ୍ରହ୍ମପୁର ସହରରେ ବୁଧବାର ବିଭିନ୍ନ ଅନୁଷ୍ଠାନ ତରଫରୁ ବିଶ୍ୱ ମଧୁମେହ ଦିବସ ପାଳନ କରାଯାଇଛି । ଚଳିତ ବର୍ଷର ସ୍ଲୋଗାନ୍ ଥିଲା 'ମଧୁମେହ ଓ ପରିବାର'। ତେଣୁ ଆୟୋଜିତ କାର୍ଯ୍ୟକ୍ରମଗୁଡ଼ିକରେ ମଧୁମେହ ରୋଗୀଙ୍କ ଜୀବନରେ ପରିବାର ଲୋକଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରାଯାଇଥିଲା । ମଧୁମେହ ଆକ୍ରାନ୍ତରୁ ରୋଗୀଙ୍କୁ ବଞ୍ଚାଇବାକୁ ହେଲେ ପରିବାରର ସମସ୍ତ ସଦସ୍ୟ ସହଯୋଗ କରିବା ଆବଶ୍ୟକ ବୋଲି ପରାମର୍ଶ ଦିଆଯାଇଥିଲା ।




ଶୋଭାଯାତ୍ରା ବ୍ରହ୍ମପୁର ସହର ପରିକ୍ରମା କରୁଛି ।

### ଡାଇବେଟିସ୍ ଆଣ୍ଡ ଏଣ୍ଡୋକେୟାର୍ କ୍ଲିନିକ

ବୁଧବାର ସକାଳେ ଡାଇବେଟିସ୍ ଆଣ୍ଡ ଏଣ୍ଡୋକେୟାର୍ କ୍ଲିନିକ୍ ଏବଂ ରୋଲାଣ୍ଡ ଫାର୍ମାସୀ କଲେଜ ତରଫରୁ ବିଶ୍ୱ ମଧୁମେହ ଦିବସ ଏବଂ ଜାତୀୟ ଫାର୍ମାସୀ ଦିବସ ପାଳନ କରାଯାଇଛି। ଡା. ସୁନିଲ କୁମାର କୋଟାଙ୍କ ତତ୍ତ୍ୱାବଧାନରେ ଏକ ସଚେତନତା ଶୋଭାଯାତ୍ରା ବଡ ମେଡିକାଲ ଫାଟକ ନିକଟରୁ ବାହାରିଥିଲା। ମୁଖ୍ୟଅତିଥି ଭାବେ ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର, ବିଡ଼ିଏ ଅଧକ୍ଷ ସୁବାସ ମହାରଣା, ଉପଜିଲାପାଳ ଦିଗନ୍ତ ରାଉତରାୟ ଭାଗନେଇଥିଲେ । ଅତିଥିମାନେ ପତାକା ଦେଖାଇ ଶୋଭାଯାତ୍ରାକୁ ଆରମ୍ଭ କରିଥିଲେ। ସୁସ୍ଥ ଜୀବନ ପାଇଁ ନିୟମିତ ବ୍ୟାୟାମ୍ ଏବଂ ସଠିକ୍ ଜୀବନ ଶୈଳୀ ଉପରେ ବିଧାୟକ ଡା. ଚ୍ୟାଉପଟ୍ଟନାୟକ ଗୁରୁତ୍ୱ ଦେଇଥିଲେ । ସେହିଭଳି ନିୟନ୍ତ୍ରିତ ଖାଦ୍ୟପେୟ ପ୍ରତି ଧ୍ୟାନ ଦେବାକୁ ଜିଲାପାଳ କୁଲାଙ୍ଗେ ମତ ରଖିଥିଲେ । ରୋଲାଣ୍ଡ ଫାର୍ମାସୀ ମହାବିଦ୍ୟାଳୟର ଅଧକ୍ଷ ଡା. ବି. ରବି କୁମାର, ଡା. ନିରଞ୍ଜନ ପାତ୍ର, ଡା. ବିମଳେନ୍ଦୁ ଚୌଧୁରୀ, ଡା. ଜ୍ୟୋତି ପଟ୍ଟନାୟକ, ଡା. ପଦ୍ମନାଭ ରାଓଙ୍କ ସମେତ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ଫାର୍ମାସୀ ଛାତ୍ରୀଛାତ୍ରମାନେ ଏଥିରେ ଭାଗ ନେଇଥିଲେ।

### ରୁବି ଚକ୍ଷୁ ଚିକିତ୍ସାଳୟ

ରୁବି ଚକ୍ଷୁ ଚିକିତ୍ସାଳୟ ଏବଂ ଲାସିକ୍ ସେଣ୍ଟର ତରଫରୁ ପ୍ରଫେସର ବି.ନାଗେଶ୍ୱର ରାଓ ସୁବୁଦ୍ଧିଙ୍କ ତତ୍ତ୍ୱାବଧାନରେ ମଧୁମେହ ଦିବସ ଅବସରରେ ପଦଯାତ୍ରା ହୋଇଥିଲା । ମଧୁମେହ ରୋଗର ଭୟାବହତା ଏବଂ ଚକ୍ଷୁ ଉପରେ ଏହାର ପ୍ରଭାବ ସଂପର୍କରେ ଲୋକଙ୍କୁ ସଚେତନ କରାଯାଇଥିଲା । ବ୍ରହ୍ମପୁର ଡିଏଫ୍‌ଓ ଆଶିଷ କୁମାର ବେହେରା, ସଦର ଥାନା ଆଇଆଇସି ଶିବ ଶଙ୍କର ମହାପାତ୍ର, ଜିଲା ଇକୋ କ୍ଲବ ସଂଯୋଜକ ଶଙ୍କର ନାରାୟଣ ବେଜ୍, ଆଞ୍ଚଳିକ ବିକାଶ ପରିଷଦର ସଭାପତି ସାଗର କୁମାର ପାତ୍ର ଏବଂ ବ୍ରହ୍ମପୁର ସବୁଜ ବାହିନୀର ସଭାପତି ଶିବରାମ ପାଣିଗ୍ରାହୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ପରିଚାଳନା ନିର୍ଦ୍ଦେଶକ ଡା. ପ୍ରବୀଣ ସୁବୁଦ୍ଧି ପରିଚାଳନା କରିଥିଲେ ।

### ଜିଲା ସ୍ୱାସ୍ଥ୍ୟ ପ୍ରଶାସନ

ଗଞ୍ଜାମ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ଆଇଇସି ହଲ୍‌ରେ ବିଶ୍ୱ ମଧୁମେହ ଦିବସ ପାଳିତ ହୋଇଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସଦାନନ୍ଦ ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ । ଜିଲା ଅଣସଂକ୍ରାମକ ରୋଗ ପ୍ରକୋଷ୍ଠ ମାଧ୍ୟମରେ ଜିଲାରେ ୩୦ବର୍ଷରୁ ଅଧିକ ବୟସ୍କମାନଙ୍କ ରକ୍ତ ସର୍କରା ପରୀକ୍ଷା କରାଯାଇ ମଧୁମେହ କିଭଳି ଚିହ୍ନଟ କରାଯାଉଛି, ସେ ସଂପର୍କରେ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ହିମାଂଶୁବାଳା ପଟ୍ଟନାୟକ ଅବଗତ କରିଥିଲେ । ଜିଲା ଭେଷଜ ଅଧିକାରୀ ଡା. ବି. କୁର୍ମାୟା, ଜିଲା ପରିବାର କଲ୍ୟାଣ ଅଧିକାରୀ ଡା. ସରୋଜିନୀ ଦେବୀ, ଜିଲା ମ୍ୟାଲେରିଆ ଅଧିକାରୀ ଡା. ଆର୍. ଜଗଦୀଶ ପଟ୍ଟନାୟକ, ଅଣସଂକ୍ରାମକ ରୋଗ ପ୍ରକୋଷ୍ଠର ବହୁଜନବ୍ୟାଧି ନିୟନ୍ତ୍ରକ ଡା. ଅଶୋକ ମିଶ୍ର, ଜିଲା କାର୍ଯ୍ୟକ୍ରମ ପରିଚାଳକ ଶ୍ୟାମ ସୁନ୍ଦର ତ୍ରିପାଠୀ ଅତିଥି ଭାବେ ଯୋଗଦେଇଥିଲେ । ସଭାରେ ବହୁ ନର୍ସିଂ ଛାତ୍ରୀଛାତ୍ର ଭାଗନେଇଥିଲେ ।

## ସଂକ୍ଷେପରେ

### ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟରେ ପାଠଚକ୍ର

ବ୍ରହ୍ମପୁର ଅଫିସ,୧୪।୧୧: ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟ ଇଂଲିଶ ବିଭାଗ ଆନୁକୂଲ୍ୟରେ ଦୁଇଟି ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ବିଜେବି ମହାବିଦ୍ୟାଳୟର ପ୍ରାକ୍ତନ ପ୍ରାଧ୍ୟାପକ ଡ. ଶୈଳେନ୍ଦ୍ର ନାରାୟଣ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ 'ଆମେରିକୀୟ ଇଂରାଜୀ ସାହିତ୍ୟର ଅତୀତ ଏବଂ ବର୍ତ୍ତମାନ' ଉପରେ ଆଲୋକପାତ କରିଥିଲେ । ମାତ୍ର ୩ଶହ ବର୍ଷ ଭିତରେ କିପରି ଆମେରିକୀୟ ଇଂଲିଶ ସାହିତ୍ୟ ବିଶ୍ୱର ଅନ୍ୟ ଭାଷାର ସାହିତ୍ୟକୁ ପ୍ରଭାବିତ କରିଛି, ସମ୍ପର୍କରେ କହିଥିଲେ। ଖଲିକୋଟ ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ପ୍ରାଧ୍ୟାପକ ନାରାୟଣ ସାହୁ ଇଂଲିଶ ଭାଷା ସଂପ୍ରତି ବିଶ୍ୱ ବଜାରରେ ଆବଶ୍ୟକୀୟ ଉପାଦାନ ହୋଇପଡ଼ିଛି ବୋଲି କହିଥିଲେ। ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷା ଡ. ଦେବଦତ୍ତା ମିଶ୍ର ପରିଚାଳନା କରିଥିବା ବେଳେ ଡ. ଆନନ୍ଦ ସେଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅଧ୍ୟାପିକା କେ.ମମତା ପାତ୍ର ଧନ୍ୟବାଦ ଦେଇଥିଲେ । ଆଶୁତୋଷ ମଲ୍ଲିକ ପାଠଚକ୍ର ଆୟୋଜନରେ ସକ୍ରୀୟ ସହଯୋଗ କରିଥିଲେ । ପୂର୍ବତନ ଅଧ୍ୟକ୍ଷ ସୂର୍ଯ୍ୟନାରାୟଣ ସାହୁଙ୍କ ସମେତ ଅଧ୍ୟାପିକା ଏବଂ ଅଧ୍ୟାପକମାନେ ଯୋଗଦେଇଥିଲେ। ପାଠଚକ୍ର ଅବସରରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ମଧ୍ୟ ହୋଇଥିଲା । ଏହା ପୂର୍ବରୁ ଗତ ୧୨ତାରିଖରେ ମଧ୍ୟ ବିଭାଗ ତରଫରୁ ଏକ ପାଠଚକ୍ର ଆୟୋଜିତ ହୋଇଯାଇଛି ।

### ଏକଲବ୍ୟ କଳାନିକେତନର ବାର୍ଷିକୋତ୍ସବ

ବ୍ରହ୍ମପୁର ଅଫିସ,୧୪।୧୧: ସାଂସ୍କୃତିକ ଅନୁଷ୍ଠାନ ଏକଲବ୍ୟ କଳା ନିକେତନର ୫ମ ବାର୍ଷିକ ଉତ୍ସବ ସମାରୋହ ହିଲପାଟଣାସ୍ଥିତ ଶହୀଦ ଲକ୍ଷ୍ମଣନାୟକ କମ୍ୟୁନିଟି ହଲଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ନିର୍ଦ୍ଦେଶିକା ଦୀପ୍ତି ପଟ୍ଟନାୟକଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏମକେସିଜି ଭେଷଜ ମହାବିଦ୍ୟାଳୟର ଡିନ ତଥା ଅଧକ୍ଷ ପ୍ରଫେସର ଡା. ରାଧାମାଧବ ତ୍ରିପାଠୀ, ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷା ସରିତାଞ୍ଜଳୀ ବହିଦାର, କ୍ଷୁଦ୍ର ଜଳସେଚନ ବିଭାଗ ଭୁବନେଶ୍ୱରର ନିର୍ବାହୀଯନ୍ତ୍ରୀ ଯାମିନିକାନ୍ତ ଦାଶ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ । ଅନୁଷ୍ଠାନର ପ୍ରତିଷ୍ଠାତା ସ୍ୱର୍ଗତ କୁସୁମ ଦାଶଙ୍କ ସ୍ମୃତିଚାରଣ କରିଥିଲେ ସମ୍ମାନୀତ ଅତିଥି ପ୍ରଫେସର ଡା ତ୍ରିପାଠୀ। ରାଜ୍ୟ ସିପିଏମ ସମ୍ପାଦକ ଅଳି କିଶୋର ପଟ୍ଟନାୟକ, ସାହିତ୍ୟିକା ବିଦ୍ୟୁତ ପ୍ରଭା ରଥ, ପ୍ରଫେସର ବିଜୟ ବହିଦାର,କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ଅମୀୟ ବାଳା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଅନୁଷ୍ଠାନର କୁନି ଶିଶୁ କଳାକାରଙ୍କ ଦ୍ୱାରା ସଙ୍ଗୀତ, ନୃତ୍ୟ ପରିବେଶିତ ହୋଇଥିଲା । ଏଥିରେ ନୃତ୍ୟଗୁରୁ ପ୍ରିୟଦର୍ଶନୀ ବେହେରା, ଆଧୁନିକ ନୃତ୍ୟଗୁରୁ ପ୍ରେମ ଓ କିରଣ ବେହେରା, ବାଦ୍ୟଯନ୍ତ୍ର ଶିଳ୍ପୀ ସନ୍ତୋଷ ବେହେରା, ସଙ୍ଗୀତ ଶିକ୍ଷକ ନାରାୟଣ ନାହାକ, ଭିକାରୀ ବେହେରା ପ୍ରମୁଖ ସହଯୋଗ କରିଥିଲେ । ବଙ୍ଗଳାଦେଶର ଜାତୀୟ କବି ନଜରୁଲ ଇସଲାମଙ୍କ ରଚିତ ଓଡିଆ ଅନୁବାଦୀତ ଗୀତକୁ କଣ୍ଠଶିଳ୍ପୀ ଅଶ୍ୱିନୀ ମହାପାତ୍ର ପରିବେଶଣ କରିଥିଲେ। ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଦ୍ୱାରା ଚିତ୍ରିତ ଏକ ଆର୍ଟଗ୍ୟାଲେରୀକୁ ଅତିଥି ଉଦଘାଟନ କରିଥିଲେ।

### ମନେପଡ଼ିଲେ ନେହେରୁ

ବ୍ରହ୍ମପୁର ଅଫିସ,୧୪।୧୧: ଶହୀଦ ଲକ୍ଷ୍ମଣ ନାୟକ ସ୍ମୃତି ପୌର ସରକାରୀ ଉଚ୍ଚ ବିଦ୍ୟାଳୟରେ ବୁଧବାର ଶିଶୁ ଦିବସ ପାଳିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ମଲ୍ଲିକାର୍ଜୁନ ବେବର୍ତ୍ତା ଏଥିରେ ଅଧକ୍ଷତା କରିଥିଲେ। ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ବିଡ଼ିଏ ଅଧକ୍ଷ ସୁବାସ ମହାରଣା ଏବଂ ସାମାଜିକ କର୍ମୀ ରମେଶ ଚନ୍ଦ୍ର ସାହୁ ଯୋଗଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ପ୍ରଥମେ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହାରଲାଲ୍ ନେହେରୁଙ୍କ ଦେଶ ପ୍ରତି ତ୍ୟାଗ ଏବଂ ଶିଶୁ ବତ୍ସଳତାକୁ ସ୍ମରଣ କରିଥିଲେ। କ୍ରୀଡ଼ା ଶିକ୍ଷକ କେଦାରନାଥ ଚୌଧୁରୀ ପରିଚାଳନା କରିଥିଲେ । ପ୍ରମୋଦ କୁମାର ପଣ୍ଡା, ରାଧାନାଥ ପାଢ଼ୀ, ସୂର୍ଯ୍ୟନାରାୟଣ ଶତପଥୀ, ମାଳବିକା ପାଢ଼ୀ, ଇନ୍ଦ୍ରମଣୀ ଦେବୀ, ସବିତା ଚୌଧୁରୀ, ମମତା ପାତ୍ର, ଅଞ୍ଜନା ପ୍ରଧାନ, ରିତାରାଣୀ ଦାସ, ଲାବଣ୍ୟ ସାବତ, ଦିଲୀପ ଦାସ, ଝୁନୁ ବେଜ୍ ଏବଂ ଏମ୍. ସୀମାଞ୍ଚଳ ପ୍ରମୁଖ ଉପସ୍ଥିତ ଥିଲେ ।

## ■ ଚାଚା ନେହେରୁ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

# ପାଳନ ହେଲାନି ଶିଶୁଦିବସ

ବ୍ରହ୍ମପୁର ଅଫିସ,୧୪।୧୧

ରେଶମ ନଗରୀ ବ୍ରହ୍ମପୁରର ଫାୟାର ଷ୍ଟେଶନ ରୋଡରେ ରହିଛି ୧୧୨ ବର୍ଷର ଚାଚା ନେହେରୁ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ । ବ୍ରିଟିଶ ଶାସନରେ ବ୍ରହ୍ମପୁର ମାଡ୍ରାସ ପ୍ରେସିଡେନ୍ସି ଅଧିନ ଥିଲା । ୧୮୬୭ରେ ବ୍ରହ୍ମପୁର ପୌର ପରିଷଦ ଗଠନ କରାଯାଇଥିଲା । ଶିକ୍ଷା ଓ ସ୍ୱାସ୍ଥ୍ୟ ଭଳି ମୌଳିକ ସୁବିଧା ସହରବାସୀଙ୍କୁ ଯୋଗାଇବା ନିମନ୍ତେ ପରିଷଦ ଗୁରୁତ୍ୱ ଦେଇଥିଲା । ପର୍ଯ୍ୟାୟକ୍ରମେ ୯ ହାଇସ୍କୁଲ ଏବଂ ୪୨ ପ୍ରାଥମିକ ବିଦ୍ୟାଳୟ ପୌରସଂସ୍ଥା ପକ୍ଷରୁ ପ୍ରତିଷ୍ଠା କରାଯାଇଥିଲା । ଏହାସହ କେତୋଟି ହସ୍ପିଟାଲ ମଧ ଖୋଲା ଯାଇଥିଲା । ହସ୍ପିଟାଲଗୁଡ଼ିକ ବନ୍ଦ ହୋଇଯାଇଛି ଏବଂ ହାଇସ୍କୁଲ ଓ ପ୍ରାଥମିକ ଶିକ୍ଷାନୁଷ୍ଠାନ ଗୁଡ଼ିକ ସରକାରୀକରଣ ହୋଇଯାଇଛି ।

ପୌରସଂସ୍ଥା ପକ୍ଷରୁ ୧୯୦୬ ମସିହାରେ ପ୍ରତିଷ୍ଠା କରାଯାଇଥିଲା ଚାଚା ନେହେରୁ ପ୍ରାଥମିକ ବିଦ୍ୟାଳୟ। ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ ଶିଶୁ ବତ୍ସଳ ହୋଇଥିବାରୁ ତାଙ୍କ ନାମରେ ଏହି ଶିକ୍ଷାନୁଷ୍ଠାନ ନାମିତ ହୋଇଥିଲା। ସବୁବର୍ଷ ନଭେମ୍ବର ୧୪ରେ ନେହେରୁଙ୍କ ଜନ୍ମ ଦିବସରେ ବିଦ୍ୟାଳୟର ବାର୍ଷିକୋତ୍ସବ ପାଳନ କରାଯାଉଥିଲା । ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଥିଲା । ୨୦୧୭ ମସିହା ପର୍ଯ୍ୟନ୍ତ ଉତ୍ସବ ହେଉଥିଲା । ଚଳିତ ବର୍ଷ ଶିଶୁ ଦିବସ ପାଳନ କରାନଯାଇ ଫାଟକରେ ତାଲା ପଡ଼ିଥିବା ଦେଖିବାକୁ ମିଳିଥିଲା । ଏହା ଛାତ୍ରୀଛାତ୍ର ଓ ଅଭିଭାବକ ମହଲରେ ନୈରାଶ୍ୟ ସୃଷ୍ଟି କରିଛି ।

ସୂଚନାଯୋଗ୍ୟ ବିଦ୍ୟାଳୟରେ ପ୍ରଥମେ ପ୍ରାଥମିକ ଶିକ୍ଷାଦାନ, ପରେ ଉଚ୍ଚ ପ୍ରାଥମିକ ୫ମ ଶ୍ରେଣୀ ଏବଂ ପରବର୍ତ୍ତି ପର୍ଯ୍ୟାୟରେ ମଧ ଇଂରାଜୀ ଶିକ୍ଷାନୁଷ୍ଠାନରେ ପରିଣତ ହୋଇ ୭ମ ଶ୍ରେଣୀ ଖୋଲା ଯାଇଥିଲା । ଗତ କିଛିବର୍ଷ ହେବ ୮ମ ଶ୍ରେଣୀ ଖୋଲାଯାଇଛି । ୧୯୮୯ ସେପ୍ଟେମ୍ବର ୫ ଗୁରୁ ଦିବସରେ ଏହି ଶିକ୍ଷାନୁଷ୍ଠାନ ସରକାରୀକରଣ ହୋଇଛି । ଜିଲା ସର୍ବଶିକ୍ଷା ଅଭିଯାନ ପକ୍ଷରୁ ବିଭିନ୍ନ ଶ୍ରେଣୀଗୃହ ନିର୍ମାଣ କରାଯାଇ ଶିକ୍ଷାନୁଷ୍ଠାନର ଚେହେରା ବଦଳି ଯାଇଛି । ସରକାର କମ୍ପ୍ୟୁଟର ଯୋଗାଇଥିଲେ ମଧ ସେଥିପାଇଁ ଶିକ୍ଷକ ବା ତାଲିମଦାତା ନଥିବାରୁ ତାହା ଅଚଳ ଅବସ୍ଥାରେ ରହିଛି । ମିଳିଥିବା ତଥ୍ୟ ପ୍ରକାରେ ଏହି ବିଦ୍ୟାଳୟର ସୁଖ୍ୟାତି ଥିଲା । ଉନ୍ନତମାନର ପାଠପଢ଼ା ଯୋଗୁଁ ଆରମ୍ଭରୁ ଦୀର୍ଘବର୍ଷ ପର୍ଯ୍ୟନ୍ତ ୧୨ ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଶିକ୍ଷାଲାଭ କରୁଥିଲେ ।

ଏବେ ସହରରେ ମାଳମାଳ ଇଂଲିଶ ମିଡିୟମ ଓ ଘରୋଇ ଶିକ୍ଷାନୁଷ୍ଠାନ ଖୋଲାଯାଇଛି। ତେଣୁ ଚାଚା ନେହେରୁ ସମେତ ସରକାରୀ ବିଦ୍ୟାଳୟ ମାନଙ୍କରେ ବିଦ୍ୟାର୍ଥୀଙ୍କ ସଂଖ୍ୟା ଯଥେଷ୍ଟ କମିଯାଇଛି । ଚାଚା ନେହେରୁ ପ୍ରକଳ୍ପ ବିଦ୍ୟାଳୟରେ ପ୍ରାୟ ଦୁଇ ଶହ ଛାତ୍ରୀଙ୍କ ସମେତ ଅଢ଼େଇ ଶହ ବିଦ୍ୟାର୍ଥୀ ପାଠ ପଢୁଛନ୍ତି । ସେମାନଙ୍କ ମଧରେ ଅଧିକାଂଶ ସଂଖ୍ୟାଲଘୁ ମୁସଲିମ ସମ୍ପ୍ରଦାୟର ବୋଲି ସୂଚନା ମିଳିଛି । ୯ ଶିକ୍ଷୟତ୍ରୀ ଓ ଜଣେ ଶିକ୍ଷକ ଅଛନ୍ତି । ଏହି ଶିକ୍ଷାନୁଷ୍ଠାନରେ ପ୍ରାଥମିକ ଶିକ୍ଷାଲାଭ କରିଥିବା କେତେକ ପୁରାତନ ଛାତ୍ର ରାଜନୀତି ଠାରୁ ଆରମ୍ଭ କରି ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇଛନ୍ତି । ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ସ୍ୱର୍ଗତ ଦୀନବନ୍ଧୁ ଜେନା ଓ ସ୍ୱର୍ଗତ ବିନୋଦ ବିହାରୀ ବିଶୋୟୀ ରାଷ୍ଟ୍ରପତିଙ୍କ ଠାରୁ ଜାତୀୟ ପୁରସ୍କାର ପାଇଥିଲେ ।

**୧୧୨ ବର୍ଷର ପୁରାତନ ଶିକ୍ଷାନୁଷ୍ଠାନ**




**ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା**

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍ଫି ଉଠାଇ bmpselfie@gmail.com ରେ ଆମର ସେଲ୍ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ସେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



**ସେଲ୍ଫି କର୍ଣ୍ଣର**



→ @ କାହ୍ନା



→ @ ଗିରିଜା

ସେଲ୍ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | bmpselfie@gmail.com (ନିର୍ବାଚିତ ସେଲ୍ଫି ପ୍ରକାଶ ପାଇବ)

## ■ ବୁଗୁଡ଼ା ଥାନାରେ ଓକିଲଙ୍କୁ ମାଡ଼ ଘଟଣା

# ଦକ୍ଷିଣାଞ୍ଚଳ ଡିଆଇଜିଙ୍କୁ ଭେଟିଲା ଭାଜପା

ବ୍ରହ୍ମପୁର ଅଫିସ,୧୪।୧୧

ବୁଗୁଡା ଅଞ୍ଚଳର ଆଇନଜୀବୀ ତଥା ଭାଜପା ନଗର ମଣ୍ଡଳ ସଭାପତି ହରପ୍ରସାଦ ଦାଶଙ୍କୁ ମଙ୍ଗଳବାର ବୁଗୁଡ଼ା ଥାନାରେ ଆଇଆଇସି ରାମଚନ୍ଦ୍ର ବିଶ୍ୱାଳ ଆକ୍ରମଣ କରିବା ଘଟଣାକୁ ଭାଜପା ପକ୍ଷରୁ ନିନ୍ଦା କରାଯାଇଛି। ଆଇଆଇସି ବିଶ୍ୱାଳଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି ନେଇ ଗଞ୍ଜାମ ଜିଲା ଭାଜପା ପକ୍ଷରୁ ବୁଧବାର ଦକ୍ଷିଣାଞ୍ଚଳ ଡିଆଇଜି ଆଶିଷ ସିଂହଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ୨୪ ଘଣ୍ଟା ମଧ୍ୟରେ ଆଇଆଇସିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି । ସ୍ମାରକପତ୍ର ପ୍ରଦାନ ସମୟରେ ଜିଲା ଭାଜପା ସଭାପତି କାହ୍ନୁ ଚରଣ ପତି, ବିଭୂତି ଜେନା, ପ୍ରଭାତ ଷଡଙ୍ଗୀ, ପ୍ରବୀର ପାତ୍ର, ଧରଣୀ ବେହେରା, ପ୍ରତାପ ଚନ୍ଦ୍ର ନାୟକ, ଗୋକୁଳାନନ୍ଦ ମଲ୍ଲିକ, ମହେଶ ମହାନ୍ତି, ଜୟନ୍ତୀ ପଡିଆରୀ, ହରିକୃଷ୍ଣ ସାହୁ ପ୍ରମୁଖଙ୍କ ସମେତ ବହୁ ଭାଜପା କର୍ମୀ ଉପସ୍ଥିତ ଥିଲେ।



ଡିଆଇଜି ଆଶିଷ ସିଂହଙ୍କ ସହିତ ଜିଲା ଭାଜପା କର୍ମକର୍ତ୍ତା ଆଲୋଚନା କରୁଛନ୍ତି ।

### ବିଜିପୁର କୋଠିଶାଳ ଯାତ୍ରା ଉଦ୍‌ଯାପିତ

ବ୍ରହ୍ମପୁର ଅଫିସ,୧୪।୧୧: ବିଜିପୁର ଠାରେ କୋଠିଶାଳ ଯାତ୍ରା ବୁଧବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି । ପୂର୍ବତନ କର୍ପୋରେଟର୍ ସଂଘମିତ୍ରା ଦଳେଇ ଏବଂ ଭୀମସେନ ଦଳେଇ ଅତିଥି ଭାବେ ଯୋଗଦେଇଥିଲେ । ଏକ ମାସ ହେଲା ଏହି ଯାତ୍ରା ଚାଲିଥିଲା । ସାହିର ଅମର ଦାସ, କମଳ ଦାସ, ଶରତ ନାୟକ, ସଂଗ୍ରାମ ଦାସ, ତୁଫାନ୍ ଦାସ, କାଳିଆ ଦାସ, ହିମାଂଶୁ ଦାସ, ସମୀର ନାୟକ, ନିର ଦାସ, ଅଭି ଦାସ, କମଳା ଦାସ, ଗଙ୍ଗା ଦାସ ଏବଂ ସନ୍ଦେଶ ଦାସ ପ୍ରମୁଖ ଯାତ୍ରା ପରିଚାଳନା କରିଥିଲେ ।

# ଗଞ୍ଜାମ ଓକିଲ ସଂଘର ଜରୁରୀ ବୈଠକ

ବ୍ରହ୍ମପୁର ଅଫିସ,୧୪।୧୧

ଗଞ୍ଜାମ ଜିଲା ଓକିଲ ସଂଘ କାର୍ଯ୍ୟାଳୟର ଏକ ଜରୁରୀ ବୈଠକ ବୁଧବାର ପୂର୍ବାହ୍ନରେ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଆଇନଜୀବୀ ବସନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବହୁ ଆଇନଜୀବୀ ଉପସ୍ଥିତ ଥିଲେ। ବୁଗୁଡା ଅଞ୍ଚଳରେ ଆଇନଜୀବୀ ହରପ୍ରସାଦ ଦାସଙ୍କୁ ବୁଗୁଡା ଥାନାରେ ପୋଲିସର ଆକ୍ରମଣ ଘଟଣାକୁ ଦୃଢ଼ ନିନ୍ଦା କରାଯାଇଥିଲା। ଏନେଇ ସମ୍ପୃକ୍ତ ପୋଲିସ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଆକ୍ରମଣକାରୀଙ୍କ ବିରୋଧରେ ୩୦୭ ଧାରା ଲଗାଇବାକୁ ସଂଘ ଦାବି କରିଥିଲା। ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆନ୍ଦୋଳନ ତିବ୍ରତର ହେବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ବୈଠକରେ ଆଇନଜୀବୀ ପ୍ରଦୀପ ପଣ୍ଡା, ମନୋଜ ପଟ୍ଟନାୟକ, ଶିଶିର ପାଢୀ, ମନୋଜ ପଟ୍ଟନାୟକ, ଶତ୍ରୁଘ୍ନ ପାତ୍ର, ପ୍ରଦୀପ ବେହେରା, ନିରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ଓକିଲ ସଂଘର ଏକ ପ୍ରତିନିଧି ଦଳ ବୁଗୁଡା ଯାଇ ଆହତ ଓକିଲଙ୍କୁ ଭେଟିବା ସହ ଘଟଣାକ୍ରମ ପଚାରି ବୁଝିଛନ୍ତି।

# ଗୁରୁକୁଳ ଇଣ୍ଟରନ୍ୟାଶନାଲ ସ୍କୁଲରେ ଶିଶୁଦିବସ

ବ୍ରହ୍ମପୁର ଅଫିସ,୧୪।୧୧

ବ୍ରହ୍ମପୁର ଗୁଡସସେଡ ରୋଡସ୍ଥିତ ଗୁରୁକୁଳ ଇଣ୍ଟର ନ୍ୟାଶନାଲ ପବ୍ଲିକ ସ୍କୁଲରେ ଶିଶୁ ଦିବସ ପାଳିତ ହୋଇଯାଇଛି । ଏଥିରେ ଡ. ନାରାୟଣ ମିଶ୍ର ଓ ଆଶା ମିଶ୍ର ଅତିଥି ଭାବେ ଯୋଗଦେଇଥିଲେ । ଅନୁଷ୍ଠାନର ଅଧକ୍ଷ ପ୍ରଶାନ୍ତ ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ପାଦିକା ଅନୀତା ପାଢୀ, ସ୍କୁଲର ଅଧକ୍ଷ ପ୍ରଶାନ୍ତ କୁମାର ମହାପାତ୍ର ମଞ୍ଚାସୀନ ଥିଲେ । ଶିକ୍ଷୟତ୍ରୀ ଏମ.ଏସ ପଣ୍ଡା, ପଦ୍ମିନୀ ପଟ୍ଟନାୟକ ଓ ଶିକ୍ଷକ କେ. ଚିରଞ୍ଜିବି ଆଚାରୀ ମଞ୍ଚାସୀନ ଥିଲେ । ଏମ. ସିଏଚ ମିଶ୍ର ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ଶିଶୁମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା । ଅନୁଷ୍ଠାନର ଅଧକ୍ଷ ଦିବସର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିବା ବେଳେ ଚାଚା ନେହେରୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ଆହ୍ୱାନ ଦେଇଥିଲେ । ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ଏମ୍‌ଏଭିରେ କଳା, ବିଜ୍ଞାନ, ହସ୍ତଶିଳ୍ପ ପ୍ରଦର୍ଶନ: ୪୦ ପ୍ରକଳ୍ପ ପ୍ରଦର୍ଶିତ

ବ୍ରହ୍ମପୁର ଅଫିସ,୧୪।୧୧

ବ୍ରହ୍ମପୁର ହିଲ୍‌ପାଟଣାସ୍ଥିତ ଏମ୍.ଏ.ଭି ସ୍କୁଲ ପରିସରରେ ବୁଧବାର କଳା, ବିଜ୍ଞାନ ଏବଂ ହସ୍ତଶିଳ୍ପ ପ୍ରଦର୍ଶନ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗର ଯୁଗ୍ମ ସଚିବ ସୁବ୍ରତ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସ୍କୁଲର ସମ୍ପାଦକ କୁମୁଦ ଚନ୍ଦ୍ର ପାଢ଼ୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଅଧକ୍ଷ ରାମଚନ୍ଦ୍ର ପାତ୍ର, ଉପାଧକ୍ଷ ଭାନୁମତି ପଟ୍ଟନାୟକ, ପରିଚାଳନା କମିଟିର ସଭ୍ୟ ଲୋକନାଥ ବ୍ରହ୍ମା, ରତିକ୍ ଜେନା ଉପସ୍ଥିତ ଥିଲେ। ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ପ୍ରାୟ ୪୦ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଡ. ରଶ୍ମିତା ପାଢ଼ୀ ଏବଂ ଡ. ସମ୍ବିତ ରଞ୍ଜନ ମିଶ୍ର ବିଚାରକ ଭାବେ ଉପସ୍ଥିତ ଥିଲେ। ବରିଷ୍ଠ ଶିକ୍ଷକ ସୁରେଶ ଚନ୍ଦ୍ର ପାଢ଼ୀ, ଦିବ୍ୟସିଂହ ପଟ୍ଟନାୟକ, ତପନ କୁମାର ପାତ୍ର, ବିଜ୍ଞାନ ଶିକ୍ଷକ ନୀଳମାଧବ ରଥ, ଜିତେନ୍ଦ୍ର କୁମାର ଦାଶ, ବନ୍ଦନା ମିଶ୍ର, କଲ୍ୟାଣୀ ମହାପାତ୍ର, ଜୁବୁଲି ରଶ୍ମି ସାହୁଙ୍କ ସମେତ ଅନ୍ୟ ଶିକ୍ଷୟିତ୍ରୀ, ଶିକ୍ଷକମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।



ଛାତ୍ରୀଛାତ୍ରମାନେ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି ।

## ■ ଜୋନ୍ ସ୍ତରୀୟ ବ୍ୟାଣ୍ଡ ପ୍ରତିଯୋଗିତା

# ୫ରୁ ୪ ଜିଲା ଭାଗନେଲେନି

ବ୍ରହ୍ମପୁର ଅଫିସ,୧୪।୧୧

ଜୋନ୍ ସ୍ତରୀୟ ବିଦ୍ୟାଳୟ ବ୍ୟାଣ୍ଡ ପ୍ରତିଯୋଗିତା ବୁଧବାର ସ୍ଥାନୀୟ ଶହୀଦ ଲକ୍ଷ୍ମଣ ନାୟକ ସ୍ମୃତି ପୌର ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଛି। ଏହି ପ୍ରତିଯୋଗିତାରେ ୫ଟି ଜିଲା ଯଥା ଗଞ୍ଜାମ, ଗଜପତି, କନ୍ଧମାଳ, ବୌଦ୍ଧ ଏବଂ ନୟାଗଡ଼ ଜିଲାର ବିଦ୍ୟାଳୟଗୁଡ଼ିକ ଭାଗ ନେବାର ଥିଲା । ହେଲେ ଏହି ୫ ଜିଲାରୁ ମାତ୍ର ଗଞ୍ଜାମ ଜିଲାର ଦୁଇଟି ବିଦ୍ୟାଳୟ ଯଥା ବ୍ରହ୍ମପୁର ଭିଭି ଗିରି ବାଳିକା ଉଚ୍ଚ ବିଦ୍ୟାଳୟ ଏବଂ ନୀଳକଣ୍ଠନଗର ସରକାରୀ ଶିଶୁ ବିଦ୍ୟା ମନ୍ଦିରର ବ୍ୟାଣ୍ଡ ଭାଗ ନେଇଥିଲା । ଅନ୍ୟ ୪ ଜିଲାର କୌଣସି ବିଦ୍ୟାଳୟ ଏହି ପ୍ରତିଯୋଗିତାରେ ଭାଗ ନେଇ ନ ଥିଲେ। ତେଣୁ ବ୍ରହ୍ମପୁରର ଉପରୋକ୍ତ ୨ ବିଦ୍ୟାଳୟର ବ୍ୟାଣ୍ଡ ରାଜ୍ୟସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ ହୋଇଛି ।

ମିଳିଥିବା ସୂଚନା ଅନୁଯାୟୀ, ଆସନ୍ତା ୧୬ ତାରିଖରେ ଭୁବନେଶ୍ୱରର ୟୁନିଟ୍-୧ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟରେ ରାଜ୍ୟସ୍ତରୀୟ ସୁରଭି ମହୋତ୍ସବରେ ବିଦ୍ୟାଳୟ ବ୍ୟାଣ୍ଡ ପ୍ରତିଯୋଗିତା ଅନୁଷ୍ଠିତ ହେବ। ବିଭିନ୍ନ ଜିଲାର ବହୁ ବିଦ୍ୟାଳୟ ପ୍ରତିଯୋଗିତାରେ ଭାଗନେଲେ ପରିଚାଳନାରେ ସମସ୍ୟା ହେବା ଆଶଙ୍କା ଥିଲା । ତେଣୁ ପ୍ରଥମେ ଜିଲା ସ୍ତରୀୟ ଏବଂ ପରେ ଜୋନ୍ ସ୍ତରୀୟ ପ୍ରତିଯୋଗିତା ହୋଇଥିଲା। ଶ୍ରେଷ୍ଠ ଦଳକୁ ଜୋନ୍ ତରଫରୁ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାକୁ ପଠାଇବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଏ ନେଇ ଓଡ଼ିଶା ମାଧ୍ୟମିକ ଶିକ୍ଷା ମିଶନ ତରଫରୁ ୩ ତାରିଖରେ ସମସ୍ତ ଜିଲା ଶିକ୍ଷା ଅଧିକାରୀଙ୍କୁ ଚିଠି କରାଯାଇଥିଲା। ଏଥିସହ ଜିଲା ସ୍ତରୀୟ ପ୍ରତିଯୋଗିତା ପାଇଁ ୮ହଜାର ଟଙ୍କା ଏବଂ ଜୋନ୍ ସ୍ତରୀୟ ପ୍ରତିଯୋଗିତା ପାଇଁ ୨୦ହଜାର ଟଙ୍କା ପ୍ରଦାନ କରାଯିବ ବୋଲି କୁହାଯାଇଥିଲା। ହେଲେ ଗଞ୍ଜାମ ଜିଲାରେ ଜିଲା ସ୍ତରୀୟ ପ୍ରତିଯୋଗିତା ଆୟୋଜନ କରାଯାଇନାହିଁ । ବ୍ରହ୍ମପୁରର ଦୁଇଟି ବିଦ୍ୟାଳୟ ଯଥା ଭିଭି.ଗିରି ବାଳିକା ଉଚ୍ଚ ବିଦ୍ୟାଳୟ ଏବଂ ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରକୁ ଜିଲା ତରଫରୁ ଚୟନ କରାଯାଇଛି । ଜିଲାର ଅନ୍ୟ କୌଣସି ବିଦ୍ୟାଳୟ ଏଥିରେ ଭାଗ ନେଇନାହାନ୍ତି । ଅନ୍ୟପଟେ କନ୍ଧମାଳ, ଗଜପତି, ବୌଦ୍ଧ ଏବଂ ନୟାଗଡ଼ ଜିଲାର କୌଣସି ବିଦ୍ୟାଳୟ ଜୋନ୍ ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇନାହାନ୍ତି। କ୍ରୀଡ଼ା ଶିକ୍ଷକ କେଦାରନାଥ ଚୌଧୁରୀ ଏବଂ କେଦାର ସାହୁ ବିଚାରକ ଦାୟିତ୍ୱରେ ରହିଥିଲେ। ଏନେଇ ଆୟୋଜକଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ କେହି ସ୍ପଷ୍ଟ ସୂଚନା ଦେଇ ନ ଥିଲେ ।




ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବ୍ୟାଣ୍ଡ ପ୍ରଦର୍ଶନ ଚାଲିଛି।

# ବାଇପାସ୍‌କୁ ସ୍ୱାଗତ, ସହର ନୂତନ ରାସ୍ତାକୁ ବିରୋଧ

ଫୁଲବାଣୀ ଅଫିସ, ୧୪।୧୧

ଫୁଲବାଣୀ ସହର ଦେଇ ଯାଇଥିବା ୧୫୭ ନଂ ଜାତୀୟ ରାଜପଥ ପୁନଃ ସମ୍ପ୍ରସାରଣକୁ ବିରୋଧ ଜାରି ରହିଛି। କନ୍ଧମାଳ ଜାଗରଣ ମଞ୍ଚ ବୁଧବାର ଏ ବିଷୟରେ ଜାତୀୟ ରାଜପଥ ବିଭାଗ ଯନ୍ତ୍ରୀଙ୍କୁ ଭେଟି ଦାବି ଉପସ୍ଥାପନ କରିଛି। ମଞ୍ଚ ଜାତୀୟ ରାଜପଥ ୧୫୭(ଏ)ରେ ବାଇପାସ୍ ନିର୍ମାଣକୁ ସ୍ୱାଗତ କରିଥିବା ବେଳେ ସହର ଭିତରେ ରାସ୍ତା ସମ୍ପ୍ରସାରଣକୁ ବିରୋଧ କରିଛି। ବାଇପାସ୍ ରାସ୍ତା ନିର୍ମାଣ ନ ସରିବା ଯାଏ ସହର ରାସ୍ତା ପ୍ରଶସ୍ତୀକରଣକୁ ବିରୋଧ କରାଯିବ ବୋଲି ମଞ୍ଚ କର୍ମକର୍ତ୍ତା କହିଛନ୍ତି।

ଫୁଲବାଣୀ ସହର ଦେଇ ବିଜୟୱାଡା-ରାଞ୍ଚି କରିଡର ୧୫୭ ନଂ ଜାତୀୟ ରାଜପଥ ଯାଇଛି। ସହର ଦେଇ ଯାଇଥିବା ପାଖାପାଖି ୧୦ କିମି ରାସ୍ତାର ପୁନଃ ସମ୍ପ୍ରସାରଣ କାର୍ଯ୍ୟ ହେବ। କେତେକ ସ୍ଥାନରେ କାର୍ଯ୍ୟ ମଧ୍ୟ ଆରମ୍ଭ ହେଲାଣି। ଏହା ହେଲେ ବହୁ ଅସୁବିଧା ହେବ। କାରଣ ସ୍ଥାନୀୟ ତିଳକପଡାଠାରୁ ଆଇଟିଆଇ ପର୍ଯ୍ୟନ୍ତ ଏହି ରାସ୍ତା ଉପରେ ୨୦ଟି ଶିକ୍ଷାନୁଷ୍ଠାନ ରହିଛି। ହଜାର ହଜାର ଛାତ୍ରୀଛାତ୍ର, ସାଧାରଣ ଲୋକେ, ସରକାରୀ କର୍ମଚାରୀମାନେ ଉକ୍ତ ରାସ୍ତା ଉପରେ ନିର୍ଭର କରନ୍ତି। ଜାତୀୟ ରାଜପଥର ସମ୍ପ୍ରସାରଣ ହେଲେ ଭାରୀ ଯାନ ଗୁଡିକର ସଂଖ୍ୟା ବୃଦ୍ଧି ପାଇବ। ଯାହା ଫଳରେ ଦୁର୍ଘଟଣା ଘଟିବ। ମାଦିକୁନ୍ଦା ଛକ ପାଖରୁ ପେଞ୍ଜିସାହି ଛକ ପର୍ଯ୍ୟନ୍ତ ରାସ୍ତା ଗଡାଣିଆ। ପେଞ୍ଜିସାହି ଛକରେ ଏକ ବଡ ବୁଲାଣୀ ରହିଛି। ଦୈନନ୍ଦିନ ଗାଡି ଚଳାଚଳ ବେଳେ ସମସ୍ୟା ସୃଷ୍ଟି ହେଉଛି। ରାସ୍ତା ପ୍ରଶସ୍ତ ହେଲେ ଉକ୍ତ ସ୍ଥାନ ଆହୁରି ବିପଦସଂକୁଳ ହୋଇ ଉଠିବ। ତେଣୁ ଆଗେ ବାଇପାସ୍ ରାସ୍ତା ନିର୍ମାଣ ଶେଷ ହେବା ପରେ ସହରରେ ଯାହା ହେବ ବୋଲି ମଞ୍ଚର କର୍ମକର୍ତ୍ତା ପରେଶ ମହାପାତ୍ର, ତପନ କୁମାର ପାତ୍ର, ଠାକୁର ନାୟକ, ସୁବାସ ଚନ୍ଦ୍ର ପ୍ରଧାନ, କେ.ଶଙ୍କର ପାତ୍ର, ଦୟାନିଧି ରାୟ, ଭଗବାନ ବେହେରା, ଭଗବାନ ପ୍ରଧାନ ପ୍ରମୁଖ ପ୍ରକାଶ କରିଛନ୍ତି। ଏ ନେଇ ଜାତୀୟ ରାଜପଥ ସହକାରୀ ଯନ୍ତ୍ରୀ ମନୋରଞ୍ଜନ ଦାସ କହିଛନ୍ତି, ୧୫୭ ଜାତୀୟ ରାଜପଥ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସେଥିରେ କିଛି ପରିବର୍ତ୍ତନ କରାଯାଇ ପାରିବ ନାହିଁ। କିନ୍ତୁ ନୂତନ ଯୋଜନା ଅନୁସାରେ ମାଧପୁର ଛକରୁ ଫୁଲବାଣୀ ପର୍ଯ୍ୟନ୍ତ ୧୫୭(ଏ) ଜାତୀୟ ରାଜପଥ ନିର୍ମାଣ ହେବ। ସେଥିରେ ବାଇପାସ୍ ସଂଯୋଗ କରାଯିବ। ଯାହା କେନ୍ଦ୍ରୀୟ ବିଦ୍ୟାଳୟ ଛକ ଦେଇ ରୁଜାଂଗି ପେଟ୍ରୋଲ ପମ୍ପ ନିକଟରେ ବାହାରିବ।


ଜାତୀୟ ରାଜପଥ ଯନ୍ତ୍ରୀଙ୍କୁ ମଞ୍ଚ କର୍ମକର୍ତ୍ତା ଭେଟୁଛନ୍ତି।

## ସଂକ୍ଷେପରେ

### ପୂର୍ବତନ ସୈନିକ କଲ୍ୟାଣ ସମିତିର ସମ୍ମିଳନୀ



**ଜି.ଉଦୟଗିରି,୧୪।୧୧(ଡି.ଏନ.ଏ.):** ଜି.ଉଦୟଗିରି ଠାରେ ମଙ୍ଗଳବାର ପୂର୍ବତନ ସୈନିକ କଲ୍ୟାଣ ସମିତିର ଶୋଭାଯାତ୍ରା ସହ ସମ୍ମିଳନୀ ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଭବାନିପାଟଣା ଜିଲା ସୈନିକ ବୋର୍ଡର ସମ୍ପାଦକ କର୍ଣ୍ଣେଲ ବିଶ୍ୱଜିତ ଦାଶ ଯୋଗଦେଇ ପୂର୍ବତନ କଲ୍ୟାଣ ସମିତିର ସଦସ୍ୟମାନଙ୍କ ବିଭିନ୍ନ କଲ୍ୟାଣମୂଳକ ଯୋଜନା ଉପରେ ଆଲୋଚନା କରିଥିଲେ। ଜି.ଉଦୟଗିରି ପୂର୍ବତନ କଲ୍ୟାଣ ସମିତି ସଭାପତି ଜେନା ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ଭିମସେନ ପ୍ରଧାନ ବିବରଣୀ ପାଠ କରିଥିଲେ। ଫୁଲବାଣୀଠାରେ ଅତିରିକ୍ତ ଜିଲା ସୈନିକ ବୋର୍ଡ କାର୍ଯ୍ୟାଳୟ ସ୍ଥାପନ, ଇସିଏଚଏସ ସମ୍ପର୍କିତ କାଗଜପତ୍ର ପ୍ରସ୍ତୁତି ଓ ସ୍ୱାସ୍ଥ୍ୟ ନିରୀକ୍ଷଣ, ମାସିକ ଭ୍ରାମ୍ୟମାଣ କ୍ୟାଣ୍ଟିନ ସାମଗ୍ରୀର ଯୋଗାଣ ବ୍ୟବସ୍ଥା କନ୍ଧମାଳ ଜିଲା ଫୁଲବାଣୀ ଠାରେ ସ୍ଥାପନ ନେଇ ଦାବିପତ୍ର ଜିଲା ସୈନିକ ବୋର୍ଡ ସମ୍ପାଦକଙ୍କୁ ପ୍ରଦାନ କରାଯାଇଥିଲା। ପଦାସାହି ଠାରେ ଥିବା ସହିଦ ବବୃବାହାନ ପ୍ରଧାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ମୁଖ୍ୟଅତିଥିଙ୍କ ସହିତ ପୂର୍ବତନ ସୈନିକମାନେ ଶୋଭାଯାତ୍ରାରେ କଲ୍ୟାଣ ସମିତି କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସିଥିଲେ। ସେଠାରେ ଅନୁଷ୍ଠିତ ସଭାରେ ଶହୀଦ ଶ୍ରୀମନ୍ତ ପ୍ରଧାନ, କାମଦେବ ପ୍ରଧାନ, ବବୃବାହାନ ପ୍ରଧାନ, କୁନାଳ ପ୍ରଧାନଙ୍କ ପରିବାର ସଦସ୍ୟଙ୍କୁ ମୁଖ୍ୟଅତିଥି ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପୂର୍ବତନ ସୈନିକ ରଞ୍ଜନ କୁମାର ନାୟକ, ବିନୟ କୁମାର ନାୟକ, ପ୍ରତାପ ଚନ୍ଦ୍ର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୋଷାଧକ୍ଷ ହେମନ୍ତ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### କିରାମାହା ସେବାଶ୍ରମର ବାର୍ଷିକୋତ୍ସବ

**ଦାରିଙ୍ଗବାଡ଼ି/ବ୍ରାହ୍ମଣୀଗାଁ, ୧୪।୧୧ (ଡି.ଏନ.ଏ.):** ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁ ଥାନା କିରାମାହା ସେବାଶ୍ରମର ବାର୍ଷିକୋତ୍ସବ ଓ ଶିଶୁ ଦିବସ ବୁଧବାର ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜଗବନ୍ଧୁ ବଡମାଝି ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ମୋଟ ୨୪୦ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ କୁଇଜ, ଚିତ୍ରାଙ୍କନ, ବକ୍ତୃତା, ଖେଳକୁଦ ଆଦି ପ୍ରତିଯୋଗିତା କରାଯାଇଥିଲା। ପରେ ସେମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଉପସ୍ଥିତ ଅତିଥି ଏବଂ ଶିକ୍ଷୟିତ୍ରୀ, ଶିକ୍ଷକମାନେ ଶିଶୁ ଦିବସ ପାଳନ ସମ୍ପର୍କରେ ନିଜ ମତ ରଖିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ମଧ୍ୟରେ ବରୁଣ କୁମାର ପ୍ରଧାନ, ସାନିରା ପ୍ରଧାନ, ସାଗରିକା ଜେନା, ଲିପୁ ପ୍ରସାଦ ହୋତା, ମ୍ୟାଟ୍ରନ ବୈଦେହୀ ପ୍ରଧାନଙ୍କ ସମେତ ଅଭିଭାବକ ଗ୍ରାମବାସୀ ଯୋଗଦେଇଥିଲେ।



## ଆଧ୍ୟାତ୍ମିକ, ଶିକ୍ଷାବିତ୍ ସମ୍ମିଳନୀ ଉଦ୍‌ଯାପିତ


ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି।

ବାଲିଗୁଡ଼ା,୧୪।୧୧(ଡି.ଏନ୍.ଏ.)

ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ, ବାଲିଗୁଡ଼ା ଶାଖା ତରଫରୁ ମା'ପାଟଖଣ୍ଡା ଦୁର୍ଗା ମଣ୍ଡପ ପରିସରରେ ଆଧ୍ୟାତ୍ମିକ ଓ ଶିକ୍ଷାବିତ୍ ମାନଙ୍କୁ ନେଇ ଏକ ଚାଲିଥିବା ମହାସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ପ୍ରଜାପିତା ବ୍ରହ୍ମାକୁମାରୀ ପୁରୀ ସବ୍ ଜୋନ୍‌ର ନିର୍ଦ୍ଦେଶିକା ରାଜଯୋଗିନୀ ବ୍ରହ୍ମାକୁମାରୀ ନିରୁପମା ମୁଖ୍ୟବକ୍ତାଭାବେ ଯୋଗଦେଇ 'ବୈଶୟିକ ଜ୍ଞାନାଲୋକ ଦ୍ୱାରା ସୁବର୍ଣ୍ଣ ଯୁଗର ସ୍ଥାପନା' ଶୀର୍ଷକ ଏକ ଆଧ୍ୟାତ୍ମିକ ଉପରେ ଆଲୋକପାତ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଏନ୍‌ଏସି ଅଧ୍ୟକ୍ଷା ମମତା ବେହେରା, କନ୍ଧମାଳ ଜିଲା ଗାୟତ୍ରୀ ପରିବାର ଜିଲା ସଂଯୋଜକ ଅନନ୍ତ ଚରଣ ପୃଷ୍ଟି, ବ୍ରହ୍ମପୁର ଗାୟତ୍ରୀ ମଣ୍ଡଳର ସଂଯୋଜିକା ପ୍ରମିଳା ପୃଷ୍ଟି, ବ୍ରହ୍ମାକୁମାରୀ ବିଶ୍ୱବିଦ୍ୟାଳୟ ପୁରୀ ସବ୍‌ଜୋନର ସହ ନିର୍ଦ୍ଦେଶିକା ରାଜଯୋଗିନୀ ବ୍ରହ୍ମାକୁମାରୀ ପ୍ରତିମା ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ବରିଷ୍ଠ ରାଜଯୋଗୀ ଡ. ସତ୍ୟାନନ୍ଦ ମଞ୍ଚ ପରିଚାଳନା କରିଥିଲେ। ଦ୍ୱିତୀୟ ଦିନ ଶିକ୍ଷାବିତ୍ ସମ୍ମିଳନୀରେ 'ମୂଲ୍ୟ ନିଷ୍ଠ ସମାଜ ଗଠନରେ ଶିକ୍ଷକମାନଙ୍କର ଭୂମିକା' ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିରେ ବ୍ରହ୍ମାକୁମାରୀ ନିରୁପମା ମୁଖ୍ୟ ବକ୍ତାଭାବେ ଯୋଗଦେଇ ଶିକ୍ଷାବିତ୍ ଓ ଶିକ୍ଷକ ସମାଜ ଗଠନରେ ମୁଖ୍ୟସ୍ରୋତ, ଏଣୁ ଏମାନେ ହିଁ ସମାଜକୁ ନୂତନ ଦିଶା ଦେଖାଇବାରେ ସହାୟକ ହୋଇଥାନ୍ତି। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଉପଖଣ୍ଡ ଡିଏଫଓ ବିଶ୍ୱନାଥ ନିଲ୍ଲଡଉର, ଆଦିବାସୀ ମହାବିଦ୍ୟାଳୟର ଅଧକ୍ଷ ଶରତ ବେହେରା, ସାରଙ୍ଗଡ଼ ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ଅଶୋକ କୁମାର ପାଣି, ତୁମୁଡିବନ୍ଧ ବ୍ଲକ୍ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବିନାରାୟଣ ମିଶ୍ର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ତାରାମଣି ପ୍ରଧାନ କୁଇଭାଷାରେ ମୂଲ୍ୟ ଶିକ୍ଷାର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ବ୍ରହ୍ମାକୁମାର. ସତ୍ୟାନନ୍ଦ ମଞ୍ଚ ପରିଚାଳନା କରିଥିବା ବେଳେ ବ୍ରହ୍ମାକୁମାର ରବିନାରାୟଣ ଧନ୍ୟବାଦ ଅର୍ପଣ କରିଥିଲେ।

## ଭତ୍ତା ବୃଦ୍ଧି ଦାବିରେ ହିତାଧିକାରୀଙ୍କ ବିକ୍ଷୋଭ


ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ରାସ୍ତା ଉପରେ ହିତାଧିକାରୀ।

ଫୁଲବାଣୀ ଅଫିସ, ୧୪।୧୧

ବାର୍ଦ୍ଧକ୍ୟ, ବିଧବା, ଭିନ୍ନକ୍ଷମଙ୍କୁ ମିଳୁଥିବା ଭତ୍ତା ବୃଦ୍ଧି ଦାବିରେ ବୁଧବାର ଫୁଲବାଣୀରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲା ବାର୍ଦ୍ଧକ୍ୟ, ବିଧବା, ଭିନ୍ନକ୍ଷମ ସଂଘ ପକ୍ଷରୁ ପ୍ରଥମେ ଏକ ରାଲି ମାଦିକୁନ୍ଦା ଛକରୁ ବାହାରି ସହର ପରିକ୍ରମା କରିଥିଲା। ଏଥିରେ ବହୁ ସଂଖ୍ୟାରେ ହିତାଧିକାରୀ ସାମିଲ ହୋଇଥିଲେ। ରାଲି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିବା ପରେ ସେଠାରେ ଏକ ପ୍ରତିବାଦ ସଭା କରାଯାଇଥିଲା। ଏହାପରେ ଦାବି ସମ୍ବଳିତ ପତ୍ର ଜିଲା ପ୍ରଶାସନ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା।

ବର୍ତ୍ତମାନର ଦରଦାମ ତୁଳନାରେ ଭତ୍ତା ୩୦୦ ଟଙ୍କାର ମୂଲ୍ୟ କିଛି ନାହିଁ। ଏମ୍‌ପି, ବିଧାୟକଙ୍କ ଭତ୍ତା ବଢ଼ି ଚାଲିଥିବା ବେଳେ ସରକାର ସାଧାରଣ ଜନତାଙ୍କୁ ଭୂଲି ଯାଉଛନ୍ତି। ନିର୍ବାଚନ ସମୟ ଆସିଲେ ଚପଲ, କମ୍ବଳ ବାବଦକୁ ୧୦୦ ଟଙ୍କା ଲୋକଙ୍କୁ ଭୂଟେଇ ଦିଆଯାଉଛି। ଆନ୍ଧ୍ରପ୍ରଦେଶ ଓ ଉତ୍ତର ପ୍ରଦେଶରେ ସରକାର ବାର୍ଦ୍ଧକ୍ୟ ଭତ୍ତା ବାବଦକୁ ୧୦୦୦ ଟଙ୍କା, ୮୦ ବର୍ଷର ହିତାଧିକାରୀଙ୍କୁ ୧୫୦୦ ଟଙ୍କା ଦେଉଛନ୍ତି। ତେଣୁ ରାଜ୍ୟ ସରକାର ଏ ଦିଗରେ ବିଚାର କରି ତୁରନ୍ତ ପଦକ୍ଷେପ ନେବାକୁ ସଂଘ ସଭାପତି ଗୀତାଞ୍ଜଳୀ କହଁର ପ୍ରକାଶ କରିଛନ୍ତି। ବାର୍ଦ୍ଧକ୍ୟ ଭତ୍ତା ଓ ବିଧବା ଭତ୍ତା ୩୦୦ରୁ ୧୦୦୦ ଟଙ୍କା ବୃଦ୍ଧି, ୮୦ ବର୍ଷର ହିତାଧିକାରୀଙ୍କୁ ୧୫୦୦ ଟଙ୍କା, ୫୦ ବର୍ଷରେ ବାର୍ଦ୍ଧକ୍ୟ ଭତ୍ତା ଲାଗୁ କରିବାକୁ ସଂଘ ଦାବି କରିଛି। ସଂଘ ଉପ ସଭାପତି ଶଙ୍କର ଦିଗାଲ, ସମ୍ପାଦକ ବାସନ୍ତୀ ସାହୁ, ସହ ସମ୍ପାଦକ ମହେନ୍ଦ୍ର କହଁର, ଜଳନ୍ଧର କହଁର, ଜୟଦେବ ଦିଗାଲ, କେଶବ କହଁର, ପ୍ରଭାକର କହଁରଙ୍କ ସମେତ ବହୁ ସଂଖ୍ୟାରେ ବୃଦ୍ଧା ବୃଦ୍ଧ ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ଅଜଣା ବୃଦ୍ଧାଙ୍କ ମୃତଦେହ ଉଦ୍ଧାର

ଶଙ୍କରାଖୋଲା,୧୪।୧୧(ଡି.ଏନ୍.ଏ.)

ଟିକାବାଲି ଥାନା ଶଙ୍କରାଖୋଲ ନିକଟ ବାଲାଙ୍ଗଯୋଡ଼ି ପୋଲ ନିକଟସ୍ଥ ଏକ ନାଳରୁ ବୁଧବାର ସନ୍ଧ୍ୟାରେ ପୋଲିସ ଜଣେ ଅଜଣା ବୃଦ୍ଧା (୭୦)ର ମୃତଦେହ ଉଦ୍ଧାର କରିଛି। ଏ ନେଇ ଟିକାବାଲି ଥାନାରେ ନଂ.୭/୧୮ରେ ଅପମୃତ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ଫୁଲବାଣୀ ମେଡିକାଲକୁ ପଠାଇଥିବା ଥାନାଅଧିକାରୀ ଆଦିତ୍ୟ କୁମାର ସେଠୀ କହିଛନ୍ତି। କିଛି ଦିନ ପୂର୍ବେ ବାଲାଙ୍ଗ ଯୋଡ଼ି ପୋଲ ନିକଟ ରାସ୍ତାରୁ ପ୍ରାୟ ୩୦ ଫୁଟ ତଳେ ଏକ ନାଳକୁ କୌଣସି କାରଣରୁ ବୃଦ୍ଧାଙ୍କର ଗୋଡ଼ ଖସିପଡ଼ିବାରୁ ମୃତ୍ୟୁ ବରଣ କରିଥିଲେ। ବୁଧବାର ମଧ୍ୟାହ୍ନରେ କିଛି ଲୋକମାନେ ଦେଖି ସରପଞ୍ଚ ଚିତ୍ର କହଁରଙ୍କୁ କହିଥିଲେ। ପରେ କହଁର ଥାନାକୁ ଜଣାଇଥିଲେ।

## ଶିକ୍ଷାକେନ୍ଦ୍ରରେ ଶିଶୁ ଦିବସ

ଜି.ଉଦୟଗିରି,୧୪।୧୧ (ଡି.ଏନ.ଏ.)

ଜି.ଉଦୟଗିରିସ୍ଥିତ ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ବୁଧବାର ଶିଶୁ ଦିବସ ପାଳିତ ହୋଇଯାଇଛି। ଶିକ୍ଷାକେନ୍ଦ୍ରର ସମ୍ପାଦକ ଅରୁଣ କୁମାର ଷଡ଼ଙ୍ଗୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଛାତ୍ରୀଛାତ୍ର ଓ ଆଚାର୍ଯ୍ୟା ଆଚାର୍ଯ୍ୟମାନେ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଜୀବନୀ ଉପରେ କହିଥିଲେ। ଆଚାର୍ଯ୍ୟ ସ୍ମୃତି ରଞ୍ଜନ ବେହେରା ସ୍ୱାଗତ ଭାଷଣ ଦେଇଥିବା ବେଳେ ଆଚାର୍ଯ୍ୟା ନମିତା ସ୍ୱାଇଁ, ସରିତା ସାହୁ, ସୁକନ୍ୟା ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଶିଶୁ କଳାକାରଙ୍କ ନୃତ୍ୟଗୀତରେ ଝୁମିଲେ ଦର୍ଶକ

### ବ୍ଲକସ୍ତରୀୟ 'ସର୍‌ଗିଫୁଲ'

ଖଜୁରିପଡା,୧୪।୧୧(ଡି.ଏନ୍.ଏ.)

ଖଜୁରିପଡା ବ୍ଲକ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ପକ୍ଷରୁ ବ୍ଲକସ୍ତରୀୟ ସର୍‌ଗିଫୁଲ ଉତ୍ସବ-୨୦୧୮ ଅନୁଷ୍ଠିତ ହୋଇଯାଇଛି। ଜିଲା ମଙ୍ଗଳ ଅଧିକାରିଣୀ ଚାରୁଲତା ମଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ବ୍ଲକର ୨୦ଟି ବିଦ୍ୟାଳୟ, ଆଶ୍ରମ, ସେବାଶ୍ରମ ଓ ହାଇସ୍କୁଲର ଛାତ୍ରୀଛାତ୍ରମାନେ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଶିଶୁକଳାକାରଙ୍କ ନୃତ୍ୟଗୀତରେ ପରିବେଶ ଉତ୍ସବମୁଖର ହୋଇଥିଲା। ବହୁ ଦୂରଦୂରାନ୍ତରୁ ଅଭିଭାବକମାନେ କାର୍ଯ୍ୟକ୍ରମ ଦେଖିବାକୁ ଆସିଥିଲେ। ଦିନ ୧୦ଟାରୁ ରାତି ପ୍ରାୟ ୧୦ଟା ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଚାଲିଥିଲା। ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭା ଓ କଳାର ପରିପ୍ରକାଶ ପାଇଁ ରାଜ୍ୟ ସରକାରଙ୍କର ଏହି କାର୍ଯ୍ୟକ୍ରମକୁ ଅତିଥିମାନେ ବେଶ୍ ପ୍ରଶଂସା କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ମଙ୍ଗଳ ସମ୍ପ୍ରସାରଣ ଅଧିକାରିଣୀ ନାୟକ ମାନପତ୍ର ଓ ପୁରସ୍କାର ବିତରଣ କରିଥିଲେ। କୃତୀ ପ୍ରତିଯୋଗୀମାନେ ଜିଲ୍ଲାସ୍ତରୀୟ ସର୍‌ଗିଫୁଲ କାର୍ଯ୍ୟକ୍ରମରେ ଭାଗ ନେବେ। ଶୁକଦେବ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସରକାରୀ ବାଳିକା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦେବପ୍ରସାଦ ପଣ୍ଡା, ଗିରିଧାରି ବଗର୍ତ୍ତୀ ସହଯୋଗ କରିଥିଲେ।


ଅତିଥିମାନଙ୍କ ସହ ଶିଶୁ କଳାକାର।

## ଗୋପାଳ କୁଳ ସମାଜର ବାର୍ଷିକୋତ୍ସବ

**ବାଲିଗୁଡ଼ା, ୧୪।୧୧ (ଡି.ଏନ୍.ଏ.):** ଆଞ୍ଚଳିକ ଗୋପାଳ କୁଳ ସମାଜ, ମହାଶିଙ୍ଗିଗଡ଼ ବାଲିଗୁଡ଼ା ଶାଖାର ବାର୍ଷିକ ଉତ୍ସବ ସମାଜର ସଭାପତି ଅଶୋକ ବର୍ଗିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବାଲିଗୁଡ଼ା ଶାଖା ଅଧୀନରେ ଥିବା ସମସ୍ତ ଗୋପାଳ କୁଳ ସମାଜର କାର୍ଯ୍ୟକର୍ତ୍ତା, ଯୁବଗୋଷ୍ଠୀ, ସଭ୍ୟସଭ୍ୟା ଉପସ୍ଥିତ ଥିଲେ। ସଭାପତି ବର୍ଗି ଧର୍ମନୀତି, ରାଜନୀତି, କୁଳନୀତି ସମ୍ପର୍କରେ ଆଲୋଚନା କରିଥିଲେ। ଗୋବିନ୍ଦ ବାଘ, କର୍ଣ୍ଣେଶ୍ୱର ବାଘ, ନନ୍ଦ କୁମାର ବାଘ, ସମୀକ୍ଷକ ପତରସିଂ ଜାଲ ପ୍ରମୁଖ ଯୋଗଦେଇ ଗୋପାଳ କୁଳ ସମାଜର ଆଗାମୀ କାର୍ଯ୍ୟପନ୍ଥା ସହ ଅନ୍ୟାନ୍ୟ ବିଷୟରେ ମତାମତ ଦେଇଥିଲେ।

## ପ୍ରଜାପିତା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଜ୍ଞାନାଲୋକ ପ୍ରାପ୍ତ କାର୍ଯ୍ୟକ୍ରମ

ଦାରିଙ୍ଗବାଡ଼ି,୧୪।୧୧(ଡି.ଏନ.ଏ.)

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ସାରିଙ୍ଗିଇର୍ପିରେ ଥିବା ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ଦାରିଙ୍ଗବାଡ଼ି ଶାଖା ତରଫରୁ ସୋମବାର ସାରିଙ୍ଗିଇର୍ପିରେ ସତ୍‌ସଙ୍ଗ ଓ ସୁବର୍ଣ୍ଣଯୁଗର ଆଗମନ ପାଇଁ ଜ୍ଞାନାଲୋକ ପ୍ରାପ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ଦିନତମାମ୍ ହୋଇଥିବା ବେଳେ ସନ୍ଧ୍ୟାରେ ପ୍ରବଚନ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସକାଳ ୭ଟାରେ ସମସ୍ତ ଶ୍ରଦ୍ଧାଳୁ ସତ୍‌ସଙ୍ଗ କେନ୍ଦ୍ରରେ ପହଞ୍ଚି ସାମୁହିକ ପ୍ରାର୍ଥନା ବ୍ରହ୍ମାକୁମାରୀ ରୁକ୍ମଣୀ ଭଉଣୀଙ୍କ ତତ୍ତ୍ୱାବଧାନରେ ହୋଇଥିଲା। ପରମାତ୍ମାଙ୍କ ଶକ୍ତି ଦ୍ୱାରା ସତ୍ୟଯୁଗର ସ୍ଥାପନା ସମ୍ଭବ ଏଥିପାଇଁ ସାମୁହିକ ପ୍ରାର୍ଥନା ସମେତ ଭଜନ,କୀର୍ତ୍ତନ ଏବଂ ଜ୍ଞାନଯଜ୍ଞର ଆୟୋଜନ କରାଯାଇଥିଲା। ଏଥିରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ପୁରୀ ଶାଖା ମୁଖ୍ୟ ପରିଚାଳିକା ଡ.ନିରୁପମା ଭଉଣୀ ଯୋଗଦେଇ ପ୍ରବଚନ ପ୍ରଦାନ କରିଥିଲେ। ସେହିପରି ସତ୍ୟଯୁଗର ଆଗମନ ପାଇଁ ସତ୍ୟପଥରେ ଚାଲିବା ଶାନ୍ତି ପ୍ରତିଷ୍ଠା କରିବା ସହ ଭାଇଚାରା ସ୍ଥାପନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ସେହିପରି ସୁବର୍ଣ୍ଣଯୁଗର ଆଗମନ ହୋଇଛି। ଏଥି ପାଇଁ ମଣିଷକୁ ପରିବର୍ତ୍ତନ ତଥା ମଦମୁକ୍ତ ଅଞ୍ଚଳ ଗଠନ ସହ କନ୍ୟାରତ୍ନ ବଞ୍ଚାଅ ଅଭିଯାନ ଉକ୍ତ ଅଞ୍ଚଳରେ ଚାଲିଛି ଏବଂ ଆହୁରି ଏହାକୁ ବ୍ୟାପକ କରିବାକୁ ବିଶ୍ୱ ବିଦ୍ୟାଳୟ ପୁରୀ ଶାଖା ମୁଖ୍ୟ ପରିଚାଳିକା ଡ. ନିରୁପମା କହିଥିଲେ। ଏକ ସୁସ୍ଥ ସମାଜ ଗଠନ ପାଇଁ ସତ୍‌ସଙ୍ଗର ଆବଶ୍ୟକତା ଜରୁରୀ। ଏ ସମ୍ପର୍କରେ ମୁଖ୍ୟ ଅତିଥି ଉପସ୍ଥିତ ଶ୍ରଦ୍ଧାଳୁମାନଙ୍କୁ ଅବଗତ କରାଇଥିଲେ। ସେହିପରି ଏହି କାର୍ଯ୍ୟକ୍ରମ ସନ୍ଧ୍ୟାରେ ପୂର୍ତ୍ତ ବିଭାଗ ପଥପାର୍ଶ୍ୱ ସେବାକେନ୍ଦ୍ରରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ରହ୍ମାକୁମାର ସତ୍ୟାନନ୍ଦଙ୍କ କାର୍ଯ୍ୟକ୍ରମ ପରିଚାଳନାରେ ମୁଖ୍ୟ ଅତିଥି ଭାବେ ବିଶ୍ୱ ବିଦ୍ୟାଳୟର ପୁରୀ ଶାଖାର ମୁଖ୍ୟ ପରିଚାଳିକା ଡ. ନିରୁପମାଙ୍କ ସମେତ ହିମଗିରି କଳା ପରିଷଦର ସଭାପତି ପତିତପାବନ ରାଉତ, ବରିଷ୍ଠ ଓକିଲ ଉମେଶ କର, ପୂର୍ତ୍ତବିଭାଗ ସହକାରୀ ଯନ୍ତ୍ରୀ ବ୍ରଜ କିଶୋର ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ନୃତ୍ୟ ଗୁରୁ ପ୍ରିୟଙ୍କା ସାହୁଙ୍କ ଦ୍ୱାରା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀ ବୈଜୟନ୍ତୀମାଳା ଶିଅଳ ଏବଂ ଛାତ୍ରୀ ଆଫ୍ରିନ ସାହୁଙ୍କ ଦ୍ୱାରା ମଙ୍ଗଳାଚରଣ ଏବଂ ବିଭିନ୍ନ ନୃତ୍ୟ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମକୁ ବିଶ୍ୱ ବିଦ୍ୟାଳୟର ଦାରିଙ୍ଗବାଡ଼ି ଶାଖା ବ୍ରହ୍ମାକୁମାର ଭାସ୍କର, କିଶୋର, ବ୍ରହ୍ମା କୁମାରୀ ପ୍ରତିମା, ଅଳକା, ରଶ୍ମିତା ପ୍ରମୁଖ ପରିଚାଳନା କରିଥିଲେ। ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇଥିଲେ।


ଜଣେ ଛାତ୍ରୀ ନୃତ୍ୟ ପରିବେଷଣ କରୁଛନ୍ତି।

## ଚନ୍ଦ୍ରଗିରି ମାର୍କେଟ କମ୍ପ୍ଲେକ୍ସକୁ ନେଇ ବଢୁଛି ବିବାଦ

ଚନ୍ଦ୍ରଗିରି,୧୪।୧୧(ଡି.ଏନ୍.ଏ.)

ଚନ୍ଦ୍ରଗିରି ପଞ୍ଚାୟତରେ ଥିବା ମାର୍କେଟ କମ୍ପ୍ଲେକ୍ସକୁ ନେଇ ବିବାଦ ତେଜିବାରେ ଲାଗିଛି। ଦୋକାନ ଗୃହ ବଣ୍ଟନରେ ବ୍ୟାପକ ଅନିୟମିତତା ହୋଇଥିବାବେଳେ ଏବେ ଦୋକାନ ପାଇଥିବା କେତେକ ଅସାଧୁ ବ୍ୟକ୍ତି ପଛପଟେ ଶୌଚାଳୟ ଓ ଘର ନିର୍ମାଣ କରିଲେଣି। ଏନେଇ ଦିନକୁ ଦିନ ଅସନ୍ତୋଷ ବଢିବା ସହ ଘଟଣା ଥାନାରେ ପହଞ୍ଚିଛି। ପ୍ରକାଶ ଯେ, ପଞ୍ଚାୟତରେ ସରକାରଙ୍କ ଦ୍ୱାରା ନିର୍ମାଣ କରାଯାଇଥିବା ମାର୍କେଟ କମ୍ପ୍ଲେକ୍ସରେ ୨୫ଟି ଘର ରହିଛି। ନିୟମ ଅନୁଯାୟୀ ଜଣେ ଲୋକଙ୍କୁ ଗୋଟିଏ ଘର ଦେବାକଥା। ମାତ୍ର କିଛି ପ୍ରଭାବଶାଳୀ ଲୋକେ ୨ଟି ଲେଖାଏ ଦୋକାନ ଘର ହାତେଇଥିବାବେଳେ ଅନ୍ୟ କେତେକ ଘର ହାତେଇ ଭଡାରେ ଲଗାଇଛନ୍ତି। ଏପଟେ ବ୍ୟବସାୟ ପାଇଁ ଆବେଦନ କରିଥିବା ଲୋକେ ଘର ପାଉନାହାନ୍ତି। ଅନ୍ୟପଟେ ନିୟମ ଉଲ୍ଲଘଂନ କରି ଏଠାରେ ଗ୍ୟାସ ବେପାର କରାଯାଉଥିବାବେଳେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନାହିଁ। କୌଣସି ଅଘଟଣ ଘଟିଲେ ବଡ ଧରଣର କ୍ଷୟକ୍ଷତିକୁ ଏଡାଇ ଦିଆଯାଇନପାରେ। ଏ ନେଇ ଚନ୍ଦ୍ରଗିରି ସରପଞ୍ଚ ନର୍ମଦା ଦଳାଇ କୁହନ୍ତି, ବ୍ୟବସାୟୀମାନେ ମାର୍କେଟ କମ୍ପ୍ଲେକ୍ସ ଦୋକାନ ଘର ମନଇଚ୍ଛା ଭାଙ୍ଗି ପଛକୁ ଘର ବଢାଉଛନ୍ତି। ଏଥିପାଇଁ ପୂର୍ବତନ ସରପଞ୍ଚ ଦାୟୀ ହେବେ ମୁଁ ନୁହେଁ। ମୋ ସମୟରେ ଯେତିକି ଦୋକାନ ଘର ଦିଆଯାଉଛି ମୁଁ ଏଭଳି ବେନିୟମ କାମ କରିବାକୁ ତାଗିଦ୍ କରିଛି। ତଥାପି ଯାହା ସମସ୍ୟା ରହିଛି ମୁଁ ଉପରିସ୍ଥ ଅଧିକାରୀଙ୍କୁ ଜଣାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବି।

ମୋହନା ବିଡିଓ ବଂଶୀଧର ଖୋସଲାଙ୍କ ସହ ଯୋଗାଯୋଗ ବେଳେ, ଯଦି ଏଭଳି ସମସ୍ୟା ରହିଛି, ମନଇଚ୍ଛା ଦୋକାନୀମାନେ ଘର କରିଛନ୍ତି, ତେବେ ମୋହନା ତହସିଲଦାରଙ୍କୁ ଜଣାଇ ଜବରଦଖଲ ଉଚ୍ଛେଦ କରାଯିବ।


ଦୋକାନ ଘର ପଛପଟେ ନିର୍ମିତ ବାସଗୃହ।

- ଦୋକାନ ଘର ପଛପଟେ ଘର, ଶୌଚାଳୟ ନିର୍ମାଣ
- ତଦନ୍ତ ପରେ ଜବରଦଖଲ ଉଚ୍ଛେଦ ହେବ- ବିଡିଓ

# ବିଶ୍ୱକପ୍ ଓଲି, ହକି ଟୁର୍ନାମେଣ୍ଟ ରଥର ଶୁଭାରମ୍ଭ

**ଛତ୍ରପୁର,୧୪।୧୧(ଡି.ଏନ.ଏ)**

ବିଶ୍ୱକପ ହକି ଟୁର୍ନାମେଣ୍ଟ ପରିପ୍ରେକ୍ଷୀରେ ଗୁରୁବାର ମାସକଟ ଓଲିକୁ ଛତ୍ରପୁରରେ ସ୍ୱାଗତ ଓ ଛତ୍ରପୁର ଷ୍ଟାଡିୟମରେ ହେବାକୁ ଥିବା ଫ୍ଲଡ୍ ଲାଇଟ୍ ହକି ଟୁର୍ନାମେଣ୍ଟ ପରିପ୍ରେକ୍ଷୀରେ ଏକ ରଥକୁ ବୁଧବାର ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଗୁରୁବାର ଅପରାହ୍ନରେ ଓଲି ଛତ୍ରପୁରରେ ପହଞ୍ଚିବ। ଏଥିସହ ଫ୍ଲଡ୍ ଲାଇଟରେ ହକି ଟୁର୍ନାମେଣ୍ଟ ହେବ । ଏହାର ପ୍ରସାର ଓ ପ୍ରଚାର ପାଇଁ ଜିଲା ପ୍ରଶାସନ ଓ ଗଞ୍ଜାମ ଜିଲା ହକି ଆସୋସିଏସନ ପକ୍ଷରୁ ଏକ ରଥ ବୁଧବାର ସ୍ଥାନୀୟ ଡିଆଡିଏ କାର୍ଯ୍ୟାଳୟରୁ ବାହାରିଥିଲା। ଏହି ରଥ ଛତ୍ରପୁର ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନ ପରିକ୍ରମା କରିବ । କାର୍ଯ୍ୟକ୍ରମରେ ଡିଆରଡିଏ ପିଡି ସିଦ୍ଧାର୍ଥ ଶଙ୍କର ସ୍ୱାଇଁ , ଜିଲା କ୍ରୀଡା ଅଧିକାରୀ ପ୍ରଶାନ୍ତ କୁମାର ସାହୁ, ଗଂଜାମ ଜିଲା ହକି ଆସୋସିଏସନ ସଂଘର ଉପସଭାପତି ଅଜୟ ମହାପାତ୍ର ଓ ଟି ଚନ୍ଦ୍ରଶେଖର ରାଓ, ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ବେହେରା, କୋଷାଧ୍ୟକ୍ଷ ଅହୀଭୂଷଣ ସାହୁ, ଯୁଗ୍ମ ସମ୍ପାଦକ ତୁଷାର କାନ୍ତ ପାଣ୍ଡି, ରବିନ୍ଦ୍ର ସେନାପତି ,ଏ ରାବଣା ରାଓ, ଭି.ଭେଙ୍କଟ ରାଓ ଦୋରା ପ୍ରମୁଖ ଉପସ୍ଥିତ ଥିଲେ।

■ ତିତ୍ଲି କ୍ଷତିଗ୍ରସ୍ତ ବ୍ୟବସାୟୀଙ୍କୁ ମିଳିଲାନି ସହାୟତା

# ଜିଲାପାଳଙ୍କୁ ଭେଟିବ ବଣିକ ସଂଘ

**ଚିକିଟି,୧୪।୧୧(ଡି.ଏନ.ଏ.)**

ତିତ୍ଲି ବାତ୍ୟାରେ ଚିକିଟି ବ୍ଲକ୍ ଚାନ୍ଦପୁର ବଜାରର ବ୍ୟବସାୟୀମାନେ ବ୍ୟାପକ କ୍ଷତି ସହିଥିଲେ। ସେ ସମୟରେ ୧୫ରୁ ଊର୍ଦ୍ଧ୍ୱ ବ୍ୟବସାୟୀଙ୍କୁ ସହାୟତା ଦିଆଯିବ ବୋଲି ପ୍ରଶାସନ ପ୍ରତିଶ୍ରୁତି ଦେଇଥିଲା। ତିତ୍ଲିକୁ ମାସେ ପୂରିଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ଏଯାଏ କ୍ଷୟକ୍ଷତି ଆକଳନ କରାଯାଇ ନ ଥିବା ବ୍ୟବସାୟୀଙ୍କ ପକ୍ଷରୁ ଅଭିଯୋଗ ହେଉଛି। କ୍ଷତିଗ୍ରସ୍ତ ବ୍ୟବସାୟୀଙ୍କ ପକ୍ଷରୁ ରବିବାର ଅନୁଷ୍ଠିତ ଏକ ବୈଠକରେ ଏ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ସପ୍ତାହକ ମଧ୍ୟରେ ପ୍ରଶାସନ ପକ୍ଷରୁ ସହାୟତା ଦିଆ ନ ଗଲେ ଏକ ପ୍ରତିନିଧିମଣ୍ଡଳୀ ଜିଲାପାଳଙ୍କୁ ଭେଟି ସମ୍ପୂର୍ଣ୍ଣ ବିବରଣୀ ସହ ସ୍ମାରକପତ୍ର ପ୍ରଦାନ କରିବ ବୋଲି ବଣିକ ସଂଘ ସଭାପତି ରମେଶ ଚନ୍ଦ୍ର ସାହୁ ସୂଚନା ଦେଇଛନ୍ତି।

ଗତ ମାସ ୧୧ ତାରିଖରେ ହୋଇଥିବା ତିତ୍ଲି ପ୍ରଭାବରେ ଚାନ୍ଦପୁର ବଜାରରେ ଥିବା ୧୫ରୁ ଊର୍ଦ୍ଧ୍ୱ ଦୋକାନରେ ବନ୍ୟାଜଳ ପଶି ବିଭିନ୍ନ ସାମଗ୍ରୀ ନଷ୍ଟ ହୋଇଥିଲା। କ୍ଷତିପୂରଣ ଦାବିରେ ଚାନ୍ଦପୁର ଅଞ୍ଚଳର ୫୦୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ରାସ୍ତା ଅବରୋଧ କରିଥିଲେ। ଡ. ଶକ୍ତିପ୍ରସାଦ ଶ୍ରୀଚନ୍ଦନ, ସୁଜିତ କୁମାର ନାୟକ, ଦଣ୍ଡପାଣି ଦୋରା ପ୍ରମୁଖ ସେଠାରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଏକ ସପ୍ତାହ ମଧ୍ୟରେ କ୍ଷୟକ୍ଷତିର ଆକଳନ କରି ସରକାରଙ୍କ ତରଫରୁ ସହାୟତା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା। ହେଲେ ଏ ପର୍ଯ୍ୟନ୍ତ ମିଳିନି। ଏ ସମ୍ପର୍କରେ ଚିକିଟି ବିଡିଓ ଫାଲ୍ଗୁନୀ ମାଝି କହିଛନ୍ତି, ବ୍ଲକ୍ ପ୍ରଶାସନ ତରଫରୁ ଏକ ଟିମ୍ ଗଠନ ହୋଇଛି। ଏହି ଟିମ୍ ଉକ୍ତ ପଞ୍ଚାୟତକୁ ଯାଇ କ୍ଷୟକ୍ଷତି ଆକଳନ କରିବେ। ପ୍ରଶାସନ ନିକଟକୁ ରିପୋର୍ଟ ପଠାଇବୁ। ଅର୍ଥ ଆସିଲେ କ୍ଷତିପୂରଣ ଦିଆଯିବ ବୋଲି ବିଡିଓ କହିଛନ୍ତି।

# ଜିଲ୍ଲା ଭୂ-ଅର୍ଜନ ତଥା କ୍ଷମତାପନ୍ନ ପ୍ରାଧିକାରୀ

(ଜାତୀୟ ରାଜପଥ ନମ୍ବର - ୫୯)ଙ୍କ କାର୍ଯ୍ୟାଳୟ, ଗଞ୍ଜାମ, ଛତ୍ରପୁର

## ସର୍ବସାଧାରଣ ନୋଟିସ

ଜାତୀୟ ରାଜପଥ ଆଇନ ୧୯୫୬ **(Act 48 of 56)** ର ଧାରା **3 (G)** ଉପଧାରା **(3)** ମୁତାବକ

**P.R. ସଂଖ୍ୟା: 1681/ଛତ୍ରପୁର** ତା: **12.11.2018**

ଯେହେତୁ ଜାତୀୟ ରାଜପଥ ଆଇନ ୧୯୫୬ ଅନୁଯାୟୀ କେନ୍ଦ୍ର ସରକାରଙ୍କ ଅଧିସୂଚନା ସଂଖ୍ୟା S.O. ୫୪୩୫ (E) ତା୨୫।୧୦।୨୦୧୮ରିଖ ଓ ଭାରତ ସରକାରଙ୍କ ରାଜପତ୍ର ସଂଖ୍ୟା ୪୨୩୦ ତା୨୬।୧୦।୨୦୧୮ରିଖ ପ୍ରୋକ୍ତ ଆଇନର ଧାରା (3) 'A'ରେ ଉଲ୍ଲିଖିତ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ବର୍ତ୍ତମାନ ଅବସ୍ଥିତ ଥିବା ଜାତୀୟ ରାଜପଥ ସଂଖ୍ୟା - ୨୧୭ (ନୂତନ ଜାତୀୟ ରାଜପଥ - ୫୧୬) ଓ ସମସ୍ତରରେ ଥିବା ରାସ୍ତା ଓ ରେଳପଥ ପରସ୍ପରକୁ ଅତିକ୍ରମ କରିଥିବା ମୌଜା ଛତ୍ରପୁର, କଣମଣା, ଟିକିରିଆ ବ୍ରହ୍ମପୁର ସ୍ଥାନରେ ପ୍ରସ୍ତାବିତ ୪-ଲାଇନ ବିଶିଷ୍ଟ ଉପରପୋଲ ନିର୍ମାଣ ନିମନ୍ତେ ଧାରା 3 (D) ର ଉପଧାରା ୧ ମୁତାବକ ନିମ୍ନ ତଫସିଲଭୁକ୍ତ ପ୍ଲଟ ଅଧିସୂଚୀମାନ ଅଧିଗ୍ରହଣ କରିବାକୁ ସ୍ଥିରୀକୃତ କରି ଅଧିସୂଚନା ଜାରି ହୋଇଅଛି।

ଯେହେତୁ ପ୍ରୋକ୍ତ ଆଇନର ଧାରା 3(G) ର ଉପଧାରା ୧ ଅନୁସାରେ ଅଧିଗ୍ରହଣ ନିମିତ୍ତ ସ୍ଥିରୀକୃତ ହୋଇଥିବା ତଫସିଲଭୁକ୍ତ ପ୍ଲଟ ଅନୁସୂଚୀ ଜମି ଏବଂ ଜମିରେ ଥିବା ଗୃହ, କୂପ, ବୃକ୍ଷ ଇତ୍ୟାଦିର ମୂଲ୍ୟ ନିର୍ଦ୍ଧାରଣ କ୍ଷମତାପନ୍ନ ପ୍ରାଧିକାରୀଙ୍କ ଦ୍ୱାରା କରାଯିବା ଆବଶ୍ୟକ।

ଅତଏବ ତଫସିଲଭୁକ୍ତ ଅନୁସୂଚୀ ଜମିର ଭୂମି ମାଲିକ ତଥା ଜମିରେ ସ୍ୱାର୍ଥ ସଂଶ୍ଳିଷ୍ଟ ଅନ୍ୟାନ୍ୟ ବ୍ୟକ୍ତିମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ସେମାନେ ନିମ୍ନ ସ୍ୱାକ୍ଷରକାରୀଙ୍କ ଇଜିଲାସରେ ଧାର୍ଯ୍ୟ ତାରିଖ ଓ ସମୟରେ ଆନୁଷଙ୍ଗିକ ସମସ୍ତ କାଗଜାତ ସହ ନିଜେ କିମ୍ବା ନିଜର ବିଧିପୂର୍ବକ କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ଦ୍ୱାରା ଉପସ୍ଥିତ ରହି ଦାବି ଉପସ୍ଥାପିତ କରିପାରିବେ ନଚେତ୍ ନିୟମାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଯେହେତୁ ଭାରତ ସରକାରଙ୍କ ଉପରୋକ୍ତ ଅଧିସୂଚନା ସଂଖ୍ୟା ଅନୁସାରେ ନିମ୍ନ ତଫସିଲଭୁକ୍ତ ଜମି ଜାତୀୟ ରାଜପଥ ଆଇନ ୧୯୫୬ ଧାରା 3(D) ଅନୁଯାୟୀ କେନ୍ଦ୍ର ସରକାରଙ୍କଠାରେ ନ୍ୟସ୍ତ ହୋଇଅଛି। ତେଣୁ ପ୍ରୋକ୍ତ ଆଇନ୍‌ର ଧାରା 3(E) ଅନୁଯାୟୀ ଜଣାଇ ଦିଆଯାଉଅଛି ଏହି ନୋଟିସ୍ ପ୍ରାପ୍ତିର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜମିର ସ୍ୱତ୍ୱାଧିକାରୀ/ଜମି ମାଲିକ/ସ୍ୱାର୍ଥ ଥିବା ବ୍ୟକ୍ତି କାଗଜାତ ଦାଖଲ ପୂର୍ବକ କ୍ଷତିପୂରଣ ଗ୍ରହଣ କରିବା ନିମନ୍ତେ ପ୍ରୋକ୍ତ ସମ୍ପତ୍ତିରୁ ଅନ୍ତର ହେବେ ନଚେତ୍ ଆଇନାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଆମ୍ଭର ଦସ୍ତଖତ ଓ ସହି ମୋହର ଦ୍ୱାରା ପ୍ରମାଣିତ।

ସ୍ୱା./- କ୍ଷମତାପନ୍ନ ପ୍ରାଧିକାରୀ ତଥା ଭୂ-ଅର୍ଜନ ଅଧିକାରୀ
ଛତ୍ରପୁର, ଗଞ୍ଜାମ

# MINISTRY OF ROAD TRANSPORT AND HIGHWAYS

## NOTIFICATION

**New Delhi, the 25th October, 2018**

S.O. 5435(E) - Whereas by the notification of the Government of India in the Ministry of Road Transport and Highways, S.O. Number 1277(E) dated 09.03.2018, published in the Gazette of India, Extraordinary, Part II, Section 3, Sub-section (ii) issued under sub-section (1) of Section 3A of the National Highway Act, 1956 (48 of 1956) (hereinafter referred to as the said Act), the Central Government declared its intention to acquire the land specified in the Schedule annexed to the said notification for construction of 4-lane ROB & its approaches in place of existing level crossing at Km 3.7 of NH-217 (New NH-516) Maintenance, management and operation of NH-217 on the stretch of land from Km 2.407 to Km 4.590 in the district of GANJAM in the State of Odisha.

And whereas the substance of the said notification has been published in "THE DHARITRI" dated 15.04.2018 and "THE ANUPAMBHARAT" dated 14.04.2018; under sub-section (3) of Section 3A of the said Act;

And whereas objections have been received and the same have been considered and disallowed by the competent authority.

And whereas, in pursuance of sub-section (1) of Section 3D of the said Act, the competent authority has submitted its report to the Central Government.

Now, therefore, upon receipt of the said report of the competent authority and in exercise of the powers conferred by the sub-section (1) of section 3D of the said Act, the Central Government hereby declares that the land specified in the said Schedule should be acquired for the aforesaid purpose;

And further, in pursuance of sub-section (2) of section 3D of the said Act, the Central Government hereby declares that on publication of this notification in the Official Gazette, the land specified in the said schedule shall vest absolutely in the Central Government, free from all encumbrances.

**SCHEDULE**

Brief description of the land to be acquired, with or without structure, falling within the stretch of land from Km 2/407 to Km 4/590 on the National Highway No. 217 (New NH No. - 516) for construction of 4 Lane ROB & its approaches in place of existing level crossing in the Sate of Odisha

| State: ODISHA | | | | | District: GANJAM |
|---|---|---|---|---|---|
| Sr. No. | Survey Number | Type of Land | Nature of Land | Area in Hectare | Name of the Land Owner/Interested Person Part Survey No. |
| 1 | 2 | 3 | 4 | 5 | 6 |
| **Taluk: CHHATRAPUR** | | | | | |
| **Village: Chhatrapur** | | | | | |
| 1 | 1372 | Government | Patita | 0.014 | AJA |
| 2 | 1376 | Private | B. D. 1 | 0.1861 | Enduru Lachamaya Ettari Krushna, S/o. E Enkata Swamy |
| 3 | 1378 | Government | ADI | 0.0161 | A A A |
| 4 | 1371 | Private | B. D. 1 | 0.1818 | Sri Jagannath Maharaprabhu Bije, Gedala |
| 5 | 552 | Private | B. D. 1 | 0.1491 | Mangulu Sahu, S/o. Damodar Sahu |
| 6 | 553 | Private | B. D. 1 | 0.1878 | Markanda Sahu, S/o. Mangulu |
| 7 | 554 | Private | B. D. 1 | 0.0557 | Markanda Sahu, S/o. Mangulu |
| 8 | 558 | Private | Gharbari | 0.0562 | Pratima Prusti, S/o. Arjuna and 2 others |
| 9 | 559 | Private | B. D. 1 | 0.0601 | Anni Sahu, W/o. Parmananda Sahu |
| 10 | 563 | Government | Donda | 0.0598 | Sarba Sadarana |
| 11 | 564 | Private | B. D. 1 | 0.0122 | Sita Sahu, W/o. Arjuna |
| 12 | 565 | Private | B. D. 1 | 0.1089 | Mangulu Sahu, S/o. Damodar Sahu |
| 13 | 566 | Private | B. D. 1 | 0.1334 | Arakhita Sahu, S/o. Arjuna Sahu |
| 14 | 594 | Private | B. D. 1 | 0.0341 | Arakhita Sahu, S/o. Arjuna Sahu |
| 15 | 596 | Private | B. D. 1 | 0.0778 | Sabitri Behera, W/o. Khetrabasi |
| 16 | 599 | Private | B. D. 1 | 0.1311 | Archana Subudhi, W/o. Botu Prasanta Kumar Subudhi |
| 17 | 600 | Private | Gharbari | 0.0401 | Santosh Kumar Sahu, W/o. Arjun Sahu |
| 18 | 604 | Private | B. D. 1 | 0.0212 | Narahari Sahu 2 others |
| 19 | 605 | Private | B. D. 1 | 0.0801 | Kabila Damayanti, W/o. K. Tambrimalu |
| 20 | 607 | Private | B. D. 1 | 0.0763 | Sindhukama Sahu, W/o. Raghunath Sahu |
| 21 | 608 | Private | Gharbari | 0.0358 | Pramila Behera, W/o. Kesaba Behera |
| 22 | 609 | Private | B. D. 1 | 0.1661 | Lakshmi Sahu, W/o. Markanda Ladu, Kishore Sahu, Prakash Chandra Sahu, S/o. Markanda Ladu Kishore Sahu |
| 23 | 612 | Government | Canal | 0.0223 | Rakhita Anabadi |
| 24 | 974 | Private | Dry | 0.0041 | Kabila Enduswamy, S/o. K. Ranganayakulu |
| 25 | 975 | Private | Gharbari | 0.0121 | K. Krishnamma, W/o. K. Narayana Swamy |
| 26 | 980 | Government | Patito | 0.004 | A J A |
| 27 | 983 | Government | Patito | 0.0402 | A J A |
| 28 | 985 | Government | Canal | 0.018 | Rakhita Anabadi |
| 29 | 986 | Private | B. D. 1 | 0.0282 | Mangulu Sahu, S/o. Damodar Sahu |
| 30 | 987 | Government | Gramya Jangal | 0.0601 | Rakhita Anabadi |
| 31 | 988 | Private | B. D. 1 | 0.1327 | Chintamani Sahu, Bhagabi Jagannath, S/o. Chakrapani |
| 32 | 992 | Private | B. D. 1 | 0.0481 | Sindhu Kama Sahu, S/o. Kamaraju Sahu |
| 33 | 993 | Private | B. D. 1 | 0.1858 | Sima Sahu, S/o. Kama Sahu |
| 34 | 995 | Private | B. D. 1 | 0.0322 | Bhadrachalam Papaya Swamy, B Kurmanayakulu Swamy, Father - Daudesira |
| 35 | 996 | Private | B. D. 1 | 0.0259 | Bhadrachalam Rammurthy, S/o. B Papaya |
| 36 | 997 | Private | B. D. 1 | 0.032 | Kupilli Bhobani Reddy, S/o. K Bharat Reddy Purna Chabapi |
| 37 | 998 | Private | B. D. 1 | 0.028 | Kupilli Bhobani Reddy, S/o. K Bharat Reddy Purna Chabapi |
| 38 | 1002 | Private | Bila - 1 | 0.032 | Bhadrachalam Gopalu, S/o. B. Namalu |
| 39 | 1003 | Government | Canal | 0.0238 | Rakhita Anabadi |
| 40 | 1004 | Private | B. D. 1 | 0.0201 | Kabila Dandasiamma, S/o. Bhadrachalam Surendraya |
| 41 | 1009 | Private | B. D. 1 | 0.0061 | Bhadrachalam Chinababu, B. Sesaya, S/o. B. Anautalu |
| 42 | 1010 | Private | B. D. 1 | 0.004 | Bhadrachalam Gopal, S/o. B. Namalu |
| 43 | 1013 | Government | Nayana Jhori | 0.1467 | Public Works Department |
| 44 | 1075 | Government | Aadi | 0.02 | Sarba Sadharana |
| 45 | 594/1180 | Government | Rasta | 0.0101 | P.W.D. |
| 46 | 595/1181 | Private | B. D. 1 | 0.016 | Arakhita Sahu, S/o. Arjuna Sahu |
| 47 | 596/1182 | Private | B. D. 1 | 0.0081 | Sabitri Behera, Husband- Khetrabasi |
| 48 | 599/1137 | Private | B. D. 1 | 0.076 | Sodi Sanyasi, S/o. S Chandraya |
| 49 | 609/1115 | Private | Bila - 1 | 0.0318 | Lakshmi Sahu, Markanda Sahu, Ladu Kishore, Prakash Chandra Sahu, S/o. Markanda |
| 50 | 606 | Government | Canal | 0.0081 | Rakhita Anabadi |
| **Village: Tikiriabarhampur** | | | | | |
| 51 | 412 | Government | Donda | 0.018 | Sarba Sadharana |
| 52 | 413 | Private | Bhagayat - 3 | 0.0611 | Lakshmi Behera, W/o. Trinath Behera, TBMP |
| 53 | 414 | Private | Bhagayat - 3 | 0.0848 | Lakshna Chandra Kar, S/o. Madhusudan Kar & Others |
| 54 | 415 | Private | Bhagayat - 3 | 0.069 | Gollapudi Baikuntha Rao, S/o. G. Ramaya & Others |
| 55 | 416 | Private | Bhagayat - 3 | 0.1011 | Rabada Lachhaya & 2 others |
| 56 | 417 | Private | Bhagayat - 3 | 0.0628 | Rabada Lachhaya & 2 others |
| 57 | 418 | Private | Bhagayat - 3 | 0.089 | Garimda Rammurthy, S/o. G. Gopala & others |
| 58 | 422 | Private | Bhagayat - 3 | 0.0281 | K Benugopal Rao, S/o. K Adinarayana |
| 59 | 423 | Private | Bhagayat - 3 | 0.109 | K Benugopal Rao, S/o. K Adinarayana, Gangadhar Maharana, S/o. Mochiram |
| 60 | 426 | Private | Bhagayat - 3 | 0.1942 | Agricultural Department |
| 61 | 468 | Private | Bhagayat - 3 | 0.0668 | Sugu Ammana, W/o. S Erraya |
| 62 | 469 | Private | Bhagayat - 3 | 0.0547 | Lakshna Chandra Kar, S/o. Madhusudan Kar & others |
| 63 | 470 | Private | B. D. 1 | 0.065 | Champa Sethi, W/o. Chakra Sethi |
| 64 | 474 | Private | R F D O - 1 | 0.01 | Lakshna Chandra Kar, S/o. Madhusudan Kar |
| 65 | 533 | Government | Nala | 0.026 | Rakhita Anabadi |
| 66 | 626 | Private | B. D. 1 | 0.0401 | Kalayanipu Ranjan Kumar Subudhi, K Bhimaraju Subudhi & others |
| 67 | 627 | Government | Nala | 0.022 | Rakhita Anabadi |
| 68 | 630 | Private | B. D. 1 | 0.1248 | Batala Narayadu, S/o. B Kamaya & 2 others |
| 69 | 631 | Private | B. D. 1 | 0.1171 | Suka Sataya, S/o. Suka Nangadu, S Arjyapalli |
| 70 | 634 | Private | B. D. 1 | 0.1578 | Jayaram Behera, S/o. Bhagaban |
| 71 | 644 | Private | B. D. 1 | 0.129 | Batala Narayadu, S/o. B Kamaya & 2 others |
| 72 | 645 | Private | B. D. 1 | 0.146 | Lopamudra Das, Husband - Jamin Kanta Das |
| 73 | 646 | Private | B. D. 1 | 0.0518009 | Santosh Kumar Sahu, S/o. Jaya Krushna Sahu |
| 74 | 649 | Government | Nayanajuleri | 0.004 | Public Works Department |
| 75 | 650 | Private | B. D. 1 | 0.1267 | Batala Narayudu, S/o. B Kamaya & others |
| 76 | 651 | Government | Gochar | 0.0201 | Rakhita Anabadi |
| 77 | 666 | Private | B. D. 1 | 0.0359 | Sebati Kar, Husband- Lakshna Chandra Kar |
| 78 | 667 | Private | B. D. 1 | 0.053 | Baspalli Gauramma, Husband- B Karlaya |
| 79 | 668 | Private | B. D. 1 | 0.0301 | Lopamudra Das, Husband- Yaminikanta Das |
| 80 | 680 | Private | Railway | 0.002 | I R E Private Limited |
| 81 | 681 | Private | Railway | 0.0041 | I R E Private Limited |
| 82 | 683 | Private | B. D. 1 | 0.0319 | Srinivas Sahu, S/o. Judhisti & 2 others |
| 83 | 685 | Private | Railway | 0.0041 | I R E Private Limited |
| 84 | 686 | Private | Railway | 0.012 | I R E Private Limited |
| 85 | 687 | Private | Dry - 1 | 0.01 | Bumudu Kalamma, Husband- B Kamaya |
| 86 | 688 | Government | Nayanajuleri | 0.0868 | P W D |
| 87 | 691 | Private | Gharbari | 0.048 | Jaya Krushna Sahu, S/o. Arjuna |
| 88 | 692 | Private | B. D. 1 | 0.0141 | Jaya Krushna Sahu, S/o. Arjuna |
| 89 | 698/1174 | Private | Railway | 0.02 | I R E Private Limited |
| 90 | 698/1180 | Private | R F D O - 1 | 0.071 | Rajani Sahu, Husband- Narasingha |
| 91 | 706 | Private | Bhagayat - 2 | 0.0241 | Narasingha Gouda, S/o. Raghunath |
| 92 | 707 | Private | Bhagayat - 3 | 0.01 | Batu Pareya, S/o. B Kamaya & others |
| 93 | 711 | Private | Gharbari | 0.008 | Dharani Behera, Husband- Trinath |
| 94 | 715 | Private | Bhagayat - 3 | 0.17 | Rabada Lachhaya & 2 others |
| 95 | 716 | Private | Bhagayat - 3 | 0.1051 | Rabada Jayamma, Husband- R Khandesu, Tilottama Sahu, Husband- Turnath |
| 96 | 717 | Private | Dry - 1 | 0.528 | Sabada Lachamaya, S/o. S Potaya & 2 others |
| 97 | 718 | Private | Dry - 2 | 0.0402 | Bdupu Erraya, B Kamoji, S/o. B Ramaya |
| 98 | 719 | Government | Dond | 0.028 | Sarba Sadharana |
| 99 | 745 | Private | Dry - 1 | 0.1049 | Sabad Lachhamaya, S/o. S Pataya & 2 others |
| 100 | 746 | Private | Dry - 1 | 0.059 | Sabad Lachhamaya, S/o. S Potaya & 2 others |
| 101 | 747 | Private | Dry - 1 | 0.0569 | Budupu Erraya, B Kamaya, S/o. B Rajaya |
| 102 | 748 | Private | Dry - 1 | 0.0178 | Sola Sethi, Father- Brunda Sethi & Dita Sethi, Husband- Dasa Sethi |
| 103 | 751 | Private | Dry - 1 | 0.05 | Sodi Chinmaya, S/o. S Somaya |
| 104 | 752 | Private | Dry - 1 | 0.0301 | Sodi Tataya, S/o. S Guraya |
| 105 | 753 | Private | Dry - 1 | 0.061 | Mamata Sahu, Husband- Suresh Chandra Sahu |
| 106 | 418/1186 | Private | Bhagayat - 3 | 0.036 | Puti Earrama, Husband- P Kamaya & others |
| 107 | 418/862 | Private | Bhagayat - 3 | 0.0967 | K Banambar Behera, S/o. K Labanya Behera, Mini Behera, S/o. Kela |
| 108 | 511/855 | Private | Dry - 1 | 0.0318 | Sadi Ramaya, S/o. S Samantu & others |
| 109 | 634/960 | Private | B. D. 1 | 0.0651 | Rajendra Behera & others |
| 110 | 634/962 | Private | B. D. 1 | 0.057 | Rabada Buchhaya, S/o. R Tarinaya |
| 111 | 667/1181 | Private | B. D. 1 | 0.02 | Banamali Behera, S/o. Sitaram Behera |
| 112 | 692/857 | Private | B. D. 1 | 0.0201 | Tamaruparsaya, S/o. T Mangula |
| | | | TOTAL | **6.5069009** | |

ଧରିତ୍ରୀ
DHARITRI
ବ୍ରହ୍ମପୁର, ଗୁରୁବାର, ୧୫ ନଭେମ୍ବର, ୨୦୧୮



# କୃଷିରେ ବିପ୍ଳବ ଆଣିବ ‘ମଉଡ଼ମଣି’

କଟକ ଅଫିସ, ୧୪।୧୧



- ଏକର ପିଛା ୪୦ କୁଇଣ୍ଟାଲ ଅମଳ
- କ୍ଷତି କରିପାରିବନି ପୋକ, ପବନ, ବର୍ଷା

କୃଷି ଓ କୃଷକଙ୍କ ପାଇଁ ଶୁଭ ଖବର ଆଣିଛି ମଉଡ଼ମଣି ଧାନ। ବିଭିନ୍ନ କିସମରେ ଉପଲବ୍ଧ ଏହି ଧାନ ରୋଗପୋକ ସହନଶୀଳ। ଅନ୍ୟ ଧାନ ଏକର ପିଛା ୨୦ କୁଇଣ୍ଟାଲ ଅମଳ ହେଉଥିବାବେଳେ ମଉଡ଼ମଣି ଦୁଇଗୁଣା ଉତ୍ପାଦନ ଦେଇ ଚାଷୀ ମୁହଁରେ ହସ ଫୁଟାଇଛି ବୋଲି କହିଛନ୍ତି ଏହାର ଉଦ୍ଭାବକ ତଥା କଟକସ୍ଥିତ ଜାତୀୟ ଧାନ ଗବେଷଣା ଅନୁଷ୍ଠାନ (ଏନ୍ଆର୍ଆର୍ଆଇ)ର ପ୍ରଧାନ ବୈଜ୍ଞାନିକ ଡ. ଶରତ କୁମାର ପ୍ରଧାନ।

୨୦୧୫ରେ ଡ. ପ୍ରଧାନ ମଉଡ଼ମଣି କିସମ ଧାନ ଉଦ୍ଭାବନ କରିଥିଲେ। ଏ ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି, ଏହି ଧାନ ଏବେ ଏକର ପିଛା ୪୦ କୁଇଣ୍ଟାଲ ଉତ୍ପାଦନ ହେଉଛି। ମଧ୍ୟମ ଜଳସେଚିତ ଜମିରେ ଏହା ୧୩୫ ଦିନ ମଧ୍ୟରେ ଅମଳ ହୋଇଥାଏ। ସାଧାରଣତଃ ଧାନ ଗଛ କେଣ୍ଡାରେ ୧୫୦ରୁ ୨୦୦ ଧାନ ଫଳ ବାନ୍ଧୁଥିବାବେଳେ ମଉଡମଣି ଧାନ କେଣ୍ଡାରେ ୩୦୦ରୁ ୪୦୦ ଧାନ ଫଳୁଛି। ଏପରିକି ଏହି ଧାନରେ ରୋଗ ପୋକ ସହନ ଶକ୍ତି ଯଥେଷ୍ଟ ଅଧିକ। ଚକଡା, କାଣ୍ଡବିନ୍ଧା, ପତ୍ରପୋଡ଼ା ଆଦି ପୋକ ଏହି ଧାନର କ୍ଷତି କରିପାରେ ନାହିଁ। ସେହିପରି ଏହି ଧାନର କେଣ୍ଡା ଅତ୍ୟନ୍ତ ଶକ୍ତ ହୋଇଥିବାରୁ ତାହାକୁ ପବନ, ବର୍ଷା ମଧ୍ୟ କ୍ଷତି କରିପାରି ନ ଥାଏ। ବରଗଡ଼, ସୁବର୍ଣ୍ଣପୁର ଜିଲାର ଡୁଙ୍ଗୁରିପାଲି ଓ କଟକ ଜିଲାର ନିଆଳି ଅଞ୍ଚଳରେ ଏହି ଧାନ ବେଶ୍ ଗ୍ରହଣୀୟ ହୋଇପାରିଥିବା ଏନ୍ଆର୍ଆର୍ଆଇ ପକ୍ଷରୁ ସର୍ଭେ ବେଳେ ଜଣାପଡିଛି। ମୁଖ୍ୟତଃ ଏହି କିସମର ଧାନ ଉଦ୍ଭାବନ ପାଇଁ ଏନ୍ଆର୍ଆର୍ଆଇ ଉଦ୍ୟମ ଅବ୍ୟାହତ ରଖିଛି। ୨୦୫୦ ବେଳକୁ ଦେଶର ଜନସଂଖ୍ୟା ୧୬୦ରୁ ୧୭୦ କୋଟି ହେବ ବୋଲି ଆକଳନ କରାଯାଇଛି। ଏହି ଜନସଂଖ୍ୟା ପାଇଁ ବାର୍ଷିକ ୧୮୦ ମିଲିୟନ ଟନ୍ ଧାନର ଆବଶ୍ୟକତା ଦେଖାଦେବ। ଦେଶର ସମୁଦାୟ ୪୩ ମିଲିୟନ ହେକ୍ଟର ଜମିରେ ଧାନ ଚାଷ କରାଯାଉଛି। ଲୋକସଂଖ୍ୟା ବଢ଼ିଲେ ସେତେବେଳକୁ ଚାଷଜମି ସଂକୁଚିତ ହେବ। ଏଭଳି ସ୍ଥିତିରେ ମଉଡମଣି ଧାନ ଯଥା ୫୦୮, ୫୦୫, ୫୦୭, ପ୍ରଧାନ ଆଦି କିସମ କୃଷି କ୍ଷେତ୍ରରେ ବିପ୍ଳବ ଆଣିବ ବୋଲି କୃଷି ବିଜ୍ଞାନୀ ଡ. ପ୍ରଧାନ ମତ ଦେଇଛନ୍ତି।

### ଧାନ ପାଇଁ ଭାରତ ଉପରେ ନିର୍ଭର କରୁଛି ଚାଇନା

ବ୍ରିଟେନ୍‌ର ବିଶିଷ୍ଟ ଅର୍ଥନୀତିଜ୍ଞ ଥୋମାସ୍ ରବର୍ଟ ମାଲ୍‌ଥସ୍ କହିଥିଲେ ଯେ, ଭାରତର ଜନସଂଖ୍ୟା ଯେଉଁ ହାରରେ ବଢୁଛି ତାହା ବଳବତ୍ତର ରହିଲେ ସେଠାକାର ଲୋକେ ଭବିଷ୍ୟତରେ ଖାଇବାକୁ ନ ପାଇ ପ୍ରାଣ ହରାଇବେ। କାରଣ ଦେଶ ସ୍ୱାଧୀନ ହେବା ସମୟରେ ଭାରତର ଜନସଂଖ୍ୟା ଥିଲା ପାଖାପାଖି ୩୦ କୋଟି। ସେହି ସମୟରେ ଦେଶରେ ୨୫ ମିଲିୟନ ଟନ୍ ଧାନ ଉତ୍ପାଦନ ହେଉଥିଲା। ଫଳରେ ଦେଶରେ ଖାଦ୍ୟାଭାବ ଦେଖାଦେବାରୁ ଆମେରିକା ଦାନ ଆକାରରେ ଗହମ ଭାରତକୁ ଦେଉଥିଲା। ସେ ସମୟର ପରିସ୍ଥିତିକୁ ଦେଖି ମାଲଥସ୍ ଭାରତର ଖାଦ୍ୟ ସଙ୍କଟ ନେଇ ଏପରି ପୂର୍ବାନୁମାନ କରିଥିଲେ। କିନ୍ତୁ ଏହାକୁ ଭାରତୀୟ କୃଷି ବିଜ୍ଞାନୀମାନେ ଭୁଲ୍ ପ୍ରମାଣିତ କରିଛନ୍ତି। ବର୍ତ୍ତମାନ ଭାରତ ଧାନ ଉତ୍ପାଦନରେ ଏକ ବଳକା ରାଷ୍ଟ୍ରରେ ପରିଣତ ହୋଇଛି। ଦେଶରେ ୧୧୩ ମିଲିୟନ ଟନ୍ ଧାନ ଉତ୍ପାଦନ ହେଉଥିବାବେଳେ ସେଥିରୁ ୧୫% ବିଦେଶକୁ ରପ୍ତାନି କରାଯାଉଛି। ୨୦୧୭ରୁ ଚାଇନା ଭାରତରୁ ଧାନ ନେଉଛି। ଚାଇନା ଆବଶ୍ୟକ କରୁଥିବା ସମୁଦାୟ ଧାନର ୫ ପ୍ରତିଶତ ଭାରତ ଉପରେ ନିର୍ଭର କରୁଥିବା କହିଛନ୍ତି ଏନ୍ଆର୍ଆର୍ଆଇର ପ୍ରଧାନ ବୈଜ୍ଞାନିକ ଡ. ଶରତ କୁମାର ପ୍ରଧାନ।

## ଚୁକ୍ତିଭିତ୍ତିକ ହାଇସ୍କୁଲ ଶିକ୍ଷକଙ୍କ ଦରମା ବୃଦ୍ଧି

ଭୁବନେଶ୍ୱର, ୧୪।୧୧(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚୁକ୍ତିଭିତ୍ତିକ ହାଇସ୍କୁଲ ଶିକ୍ଷକଙ୍କ ବାର୍ଷିକ ଦରମା ୧୦% ବୃଦ୍ଧି କରିଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ ପାତ୍ର କହିଛନ୍ତି, ପୂର୍ବରୁ ଚୁକ୍ତିଭିତ୍ତିକ ଭାବେ ସରକାରୀ ହାଇସ୍କୁଲରେ ଥିବା ଟିଜିଟି ଶିକ୍ଷକଙ୍କ କ୍ଷେତ୍ରରେ ଏହା କାର୍ଯ୍ୟକାରୀ ହେଉଥିଲା। ହେଲେ ଏବେ ନନ୍ ଟିଜିଟି ଏବଂ ଚୁକ୍ତିଭିତ୍ତିକ ଶିକ୍ଷକଙ୍କ ବାର୍ଷିକ ଦରମା ୧୦% ବୃଦ୍ଧି ପାଇଛି। ଓଡ଼ିଶା ସରକାରୀ ସ୍କୁଲ ଚୁକ୍ତିଭିତ୍ତିକ ଶିକ୍ଷକ ସଂଘର ସାଧାରଣ ସମ୍ପାଦକ ସୁଧୀର ନାୟକ କୁହନ୍ତି, ବିଭାଗ ସହିତ ସଂଘ ବୁଧବାର ସଚିବାଳୟରେ ଆଲୋଚନା କରିଥିଲା। ମନ୍ତ୍ରୀ ପାତ୍ରଙ୍କ ଅଧ୍ୟକ୍ଷତାରେ ଏହି ଆଲୋଚନା କରାଯାଇଥିଲା। ଚୁକ୍ତିଭିତ୍ତିକ ଶିକ୍ଷକଙ୍କ ବାର୍ଷିକ ୧୦% ଦରମା ବୃଦ୍ଧି କରାଯାଇଛି ବୋଲି ମନ୍ତ୍ରୀ ଘୋଷଣା କରିଛନ୍ତି। ୨୦୧୬ ଜାନୁଆରୀ ୧ରୁ ଏହାକୁ ପିଛିଲା ଭାବେ ଲାଗୁ କରାଯାଇଥିବା ନାୟକ କହିଛନ୍ତି। ଆଲୋଚନାରେ ମନ୍ତ୍ରୀ ପାତ୍ର, ନିରଞ୍ଜନ ସାହୁ, ବିଭାଗୀୟ ସଚିବଙ୍କ ସହିତ ସଂଘର ସଭାପତି ନିରଞ୍ଜନ ବେହେରା, କାର୍ଯ୍ୟକାରୀ ସଭାପତି ପଞ୍ଚାନନ ଜେନା ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ପାଇଁ ୨ଲକ୍ଷ ଟଙ୍କା ମଞ୍ଜୁର

ଭୁବନେଶ୍ୱର, ୧୪।୧୧(ବ୍ୟୁରୋ): ଯୁକ୍ତ୨ ପ୍ରଥମବର୍ଷ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଦେବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ୩୦ ନୋଡାଲ କଲେଜକୁ ପରାମର୍ଶ ଦେଇଛି। ପ୍ରଶିକ୍ଷଣ ପାଇଁ ପ୍ରତି ଜିଲାର ଗୋଟିଏ କଲେଜକୁ ବିଭାଗ ନୋଡାଲ ସେଣ୍ଟର କରିଛି। ୨୦୧୯ ଜାନୁୟାରୀ ଶେଷ ସୁଦ୍ଧା ପ୍ରଶିକ୍ଷଣ ସାରିବାକୁ ବିଭାଗ ନୋଡାଲ ସେଣ୍ଟରଗୁଡ଼ିକୁ କହିଛି। ଏ ନେଇ ବିଭାଗ ପ୍ରଶିକ୍ଷଣ ବାବଦ ଖର୍ଚ୍ଚ ନିମନ୍ତେ ୨ଲକ୍ଷ ଟଙ୍କା ମଞ୍ଜୁର କରିଛି। ଅନୁଗୋଳ ଜିଲା ନୋଡାଲ ସେଣ୍ଟରକୁ ୬ ହଜାର ଟଙ୍କା ଦିଆଯାଇଥିବାବେଳେ ବାଲେଶ୍ୱର ନୋଡାଲ ସେଣ୍ଟରକୁ ୧୨୭୦୦, ବରଗଡ ନୋଡାଲ ସେଣ୍ଟରକୁ ୭୦୦୦, ବଲାଙ୍ଗୀର ଜିଲା ନୋଡାଲ ସେଣ୍ଟରକୁ ୧୨୭୦୦, ମୟୂରଭଞ୍ଜ ଜିଲା ନୋଡାଲ ସେଣ୍ଟରକୁ ୧୫୦୦୦ ଟଙ୍କା ସମେତ ଅନ୍ୟ ଜିଲାରେ ଥିବା ନୋଡାଲ ସେଣ୍ଟରଗୁଡିକୁ ଟଙ୍କା ପ୍ରଦାନ କରାଯାଇଛି।

### କୀଟନାଶକ ପିଇ ଚାଷୀଙ୍କ ଆତ୍ମହତ୍ୟା

ଗୋଷାଣି (ଡି.ଏନ.ଏ)/ବ୍ରହ୍ମପୁର ଅଫିସ୍୧୪।୧୧: ତିତ୍‌ଲି ବାତ୍ୟାରେ ଧାନ ଫସଲ କ୍ଷତି ହେବା ଓ ଋଣ ଟଙ୍କା ଶୁଝିବା ଚିନ୍ତାରେ ମାନସିକ ଭାରସାମ୍ୟ ହରାଇ ଜଣେ ଭାଗଚାଷୀ କୀଟନାଶକ ପିଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଗଜପତି ଜିଲା ଗୁରାଣ୍ଡି ଥାନା ଅନ୍ତର୍ଗତ ମାଛମରା ପଞ୍ଚାୟତର ତୋଟାଗୁମୁଡ଼ା ଗ୍ରାମର କେ. ଶ୍ରୀନୁ ରାଓ (୪୫)। ମଙ୍ଗଳବାର ରାତିରେ ବ୍ରହ୍ମପୁର ବଡ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ପୋଲିସ ବୁଧବାର ମୃତଦେହକୁ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ବୈଦ୍ୟନାଥପୁର ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୫୮୫/୧୮) ରୁଜୁ କରାଯାଇଛି। ଅନ୍ୟପଟେ କ୍ଷତିପୂରଣ ଦାବିରେ ମୃତକଙ୍କ ପରିବାରବର୍ଗ ଓ ଗ୍ରାମବାସୀ ତୋଟାଗୁମୁଡ଼ା ମୁଖ୍ୟରାସ୍ତା ଅବରୋଧ କରିଥିଲେ। ଅନ୍ତ୍ୟେଷ୍ଟିକ୍ରିୟା ପାଇଁ ପ୍ରଶାସନ ପକ୍ଷରୁ ୨୦ହଜାର ଟଙ୍କା ପ୍ରଦାନ କରାଯାଇଥିବାବେଳେ ଶ୍ରୀନୁଙ୍କ ପରିବାରକୁ ସରକାରୀ ଯୋଜନାରେ ସାମିଲ କରାଯିବା ସହ ଝିଅର ପାଠପଢା ଦାୟିତ୍ୱ ନେବାକୁ ପ୍ରତିଶ୍ରୁତି ଦିଆଯାଇଛି।

### ଲ୍ୟାଣ୍ଡମାଇନ ବିସ୍ଫୋରଣ ୫ ଯବାନ ଆହତ

ମାଲକାନଗିରି,୧୪।୧୧(ଡି.ଏନ.ଏ): ଛତିଶଗଡ଼ର ବିଜାପୁର ଜିଲାରେ ବୁଧବାର ମାଓବାଦୀଙ୍କ ଲ୍ୟାଣ୍ଡମାଇନ ବିସ୍ଫୋରଣରେ ୫ ଯବାନଙ୍କ ସମେତ ୬ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ବିଏସ୍ଏଫ୍‌ର ଏଏସ୍ଆଇ ନରେଶ ସିଂ, ଭଗବାନ ସିଂ, ନିରନ ସିଂ, ଆଲୋକ ସିଂ, ଡିଆରଜି ଯବାନ ଗଣପତି ବସନ ଓ ସମ୍ପୃକ୍ତ ଟ୍ରକ ଡ୍ରାଇଭର। ବିଜାପୁରଠାରୁ ୬ କିଲୋମିଟର ଦୂର ଭୋପାଲପଟନମ ଜାତୀୟ ରାଜପଥ ନିକଟସ୍ଥ କୋଡ଼େପାଲ ନିକଟରେ ଏକ ଟ୍ରକ ବିଏସଏଫ ଯବାନଙ୍କୁ ନେଇ ଯାଉଥିବାବେଳେ ମାଓବାଦୀଙ୍କ ଦ୍ୱାରା ଲ୍ୟାଣ୍ଡମାଇନ ବିସ୍ଫୋରଣ କରାଯାଇଥିଲା।

# ଏସି ବଢ଼ାଇବ ୦.୫ ଡିଗ୍ରୀ ତାପମାତ୍ରା

ନୂଆଦିଲ୍ଲୀ,୧୪।୧୧



- ମେକ୍ସିକୋ ଓ ଭାରତ ପ୍ରମୁଖ ଆଗରେ
- ଭାରତରେ ଏସି ବିକ୍ରି ବାର୍ଷିକ ୧୫% ବଢ଼ିବ

ପ୍ରଚଣ୍ଡ ଗରମରୁ ରକ୍ଷା ପାଇବା ଲାଗି ଆମେ ଘରେ ଏୟାର କଣ୍ଡିଶନର ବା ଏସି ବ୍ୟବହାର କରୁଛୁ। ଏହାର କୁଫଳ ସ୍ୱରୂପ ପୃଥିବୀର ତାପମାତ୍ର ବୃଦ୍ଧି ପାଇବାରେ ଲାଗିଛି। ଏକ ଅଧ୍ୟୟନରୁ ଜଣାପଡିଛି ଯେ, ରୁମ୍ ଏସି ବ୍ୟବହାର ଯୋଗୁ ୨୦୫୦ ସୁଦ୍ଧା ବିଶ୍ୱର ତାପମାତ୍ରା ୦.୫ ଡିଗ୍ରୀ ସେଲ୍‌ସିୟସ ବୃଦ୍ଧି ପାଇବ। ସର୍ବାଧିକ ଜନବହୁଳ ଦୁଇଟି ରାଷ୍ଟ୍ର ଚାଇନା ଓ ଭାରତରୁ ଅଧିକ କାର୍ବନ ଡାଇଅକ୍ସାଇଡ(ଅଙ୍ଗାରକାମ୍ଳ) ନିର୍ଗମନ ହେବ। ତେବେ ଏହି କ୍ଷେତ୍ରରେ ମେକ୍ସିକୋ ସେମାନଙ୍କୁ ଟପିଯିବ। ଯେଉଁ ହାରରେ ଭାରତରେ ଏସି ବିକ୍ରି ଚାଲିଛି ସେଥିରେ ଚାଇନା ଅପେକ୍ଷା ଆମ ଦେଶ ଅଙ୍ଗାରକାମ୍ଳ ଗ୍ୟାସ୍ ନିର୍ଗମନ ଦୃଷ୍ଟିରୁ ପୃଥିବୀ ପାଇଁ ଅନ୍ୟତମ ବଡ଼ ଖଳନାୟକ ହେବ।

‘ଗ୍ଲୋବାଲ କୁଲିଂ ଚ୍ୟାଲେଞ୍ଜ’ ଶୀର୍ଷକରେ ହୋଇଥିବା ଏକ ଅଧ୍ୟୟନକୁ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ହର୍ଷବର୍ଦ୍ଧନ ଏହା ପ୍ରକାଶ କରିଛନ୍ତି। ଏଥିରେ ଦର୍ଶାଯାଇଛି ଯେ, ୨୦୫୦ ସୁଦ୍ଧା ପ୍ରତ୍ୟକ୍ଷ ଅବା ପରୋକ୍ଷ ଭାବେ ଭାରତ, ମେକ୍ସିକୋ, ବ୍ରାଜିଲ ଓ ଇଣ୍ଡୋନେସିଆ ଭଳି ବିକାଶଶୀଳ ଦେଶଗୁଡିକ ଅଧିକ ମାତ୍ରାରେ ଅଙ୍ଗାରକାମ୍ଳ ଗ୍ୟାସ ଛାଡିବେ। ଏହି ସମୟରେ ଚାଇନାରେ ଶକ୍ତି ଚାହିଦା ଦ୍ୱିଗୁଣିତ ହେବ। ତେବେ ଏହି ଦେଶରୁ ଅଙ୍ଗାରକାମ୍ଳ ଗ୍ୟାସ୍ ନିର୍ଗମନ ପରିମାଣ ଭାରତ, ଇଣ୍ଡୋନେସିଆଠାରୁ କମ୍ ହେବ। କାରଣ ଆଗାମୀ ଦିନରେ ଇନଭର୍ଟର ଏସିର ଚାହିଦା ବ୍ୟାପକ ଭାବେ ବଢ଼ିବ। ଏବେ ଦେଶରେ ଘରୋଇ ଏସି ଚାହିଦା ୭% ହାରରେ ବଢୁଛି। ଭବିଷ୍ୟତରେ ଏଥିରେ ବାର୍ଷିକ ୧୦ରୁ ୧୫% ବୃଦ୍ଧି ଘଟିବ। ରିପୋର୍ଟ ଉପରେ ପ୍ରତିକ୍ରିୟା ପ୍ରକାଶ କରି କେନ୍ଦ୍ରମନ୍ତ୍ରୀ ହର୍ଷବର୍ଦ୍ଧନ କହିଛନ୍ତି ଯେ, ଯଦିଓ ଦେଶରେ ଏବେ ଏସିର ପ୍ରବେଶ କମ୍ ରହିଛି, କିନ୍ତୁ ଆଗାମୀ ଦିନରେ ଏହାର ଚାହିଦା ଯଥେଷ୍ଟ ବଢ଼ିବ। ସାମାଜିକ ବ୍ୟବସ୍ଥାରେ ପରିବର୍ତ୍ତନ ତଥା ଟେକ୍ନୋଲୋଜିର ଉନ୍ନତି ଯୋଗୁ ରୁମ୍ ଏସି ଚାହିଦା ବୃଦ୍ଧି ପାଇବ ବୋଲି ସେ କହିଛନ୍ତି। ବିଶ୍ୱର ତାପମାତ୍ରାରେ ସନ୍ତୁଳନ ଲାଗି ଭାରତ ତା’ର ପ୍ରତିଶ୍ରୁତିକୁ ପାଳନ କରିବ ବୋଲି ସେ ପ୍ରକାଶ କରିଛନ୍ତି। ଅଧ୍ୟୟନରେ କୁହାଯାଇଛି ଯେ, ଏକବିଂଶ ଶତାବ୍ଦୀର ମଧ୍ୟଭାଗରେ ଅଙ୍ଗାରକାମ୍ଳ ଗ୍ୟାସ୍ ଉତ୍ସର୍ଜନ ପରିମାଣ କ୍ରମାଗତ ବୃଦ୍ଧି ପାଇବା କାରଣରୁ ବିଶ୍ୱର ତାପମାତ୍ରା ବଢ଼ି ବଢ଼ି ଚାଲିବ ଏବଂ ୨୦୫୦ ସୁଦ୍ଧା ୨୦୧୬ ସ୍ତରଠାରୁ ୧୫% ଅଧିକ ହେବ। ଆଶ୍ଚର୍ଯ୍ୟର କଥା ଯେ, ୨୦୫୦ ସୁଦ୍ଧା ଭାରତର ଅଙ୍ଗାରକାମ୍ଳ ଗ୍ୟାସ୍ ନିର୍ଗମନ ପରିମାଣ ଚାଇନାଠାରୁ ବହୁ ଗୁଣ ଅଧିକ ହେବ। କିନ୍ତୁ ଏହା ମେକ୍ସିକୋଠାରୁ ପଛରେ ରହିବ। ମୋଟ୍ ଅଙ୍ଗାରକାମ୍ଳ ଗ୍ୟାସ୍ ଉତ୍ସର୍ଜନ ପରିମାଣକୁ ହିସାବକୁ ନେଲେ ବର୍ତ୍ତମାନ ଭାରତରେ ୫% ଓ ଚାଇନାରେ ୮% ଗ୍ୟାସ୍ ନିର୍ଗମନ ହେଉଛି। ତେବେ ୨୦୫୦ ସୁଦ୍ଧା ଏଥିରେ ପରିବର୍ତ୍ତନ ଆସିବ ଏବଂ ଭାରତରେ ୨୩% ଓ ଚାଇନାରେ ୧୩% ଅଙ୍ଗାରକାମ୍ଳ ଗ୍ୟାସ୍ ଉତ୍ସର୍ଜନ ହେବ। ୨୬% ସହ ମେକ୍ସିକୋ ଏ କ୍ଷେତ୍ରରେ ଶୀର୍ଷ ଦେଶ ହେବ।

# ଜୟନ୍ତୀଙ୍କ କଥାରେ ହସିଲେ ମୁଖ୍ୟମନ୍ତ୍ରୀ




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ କରମର୍ଦ୍ଦନ କରୁଛନ୍ତି ଜୟନ୍ତୀ ଏକ୍କା।

ଭୁବନେଶ୍ୱର,୧୪।୧୧(ବ୍ୟୁରୋ)

ସୁନ୍ଦରଗଡ ଜିଲାର ଆଦିବାସୀ ଭିନ୍ନକ୍ଷମ ମହିଳା ଜୟନ୍ତୀ ଏକ୍କା। ସେ ହେଉଛନ୍ତି କଲ୍ୟାଣୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି। ରାଜ୍ୟ ସରକାରଙ୍କ ଦ୍ୱାରା ଆୟୋଜିତ ‘ମେକ୍ ଇନ୍ ଓଡିଶା କନ୍‌କ୍ଲେଭ’ର ମହିଳା ଉଦ୍ୟୋଗୀ କାର୍ଯ୍ୟକ୍ରମରେ ଯୋଗଦେଇ ସେ ଏଭଳି ଢଙ୍ଗରେ ନିଜର ବକ୍ତବ୍ୟ ରଖିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନ ହସି ରହି ପାରିଲେ ନାହିଁ। କେବଳ ମୁଖ୍ୟମନ୍ତ୍ରୀ ନୁହନ୍ତି ସେହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବଡ ବଡ ନିବେଶକ, ଅତିଥି, ପ୍ରଶାସନିକ ଅଧିକାରୀ, ଏସଏଚଜି ସଦସ୍ୟମାନେ ମଧ୍ୟ ହସିବା ସହିତ ଛିଡା ହୋଇ ତାଙ୍କୁ ସମ୍ମାନ ଜଣାଇଥିଲେ। ଏ ସମ୍ପର୍କରେ ମହିଳା ଓ ଶିଶୁ ବିକାଶ ବିଭାଗ ସଚିବ ଅନୁ ଗର୍ଗ ପରେ କନ୍‌କ୍ଲେଭ ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମଧ୍ୟ ଏହି ବିଷୟକୁ ଦୋହରାଇଥିଲେ।

ମହିଳା ଉଦ୍ୟୋଗୀ କାର୍ଯ୍ୟକ୍ରମରେ ଜୟନ୍ତୀଙ୍କୁ କହିବାକୁ ସୁଯୋଗ ଦିଆଯାଇଥିଲା। ସେ କହିଥିଲେ, ଆମ ଆକାଉଣ୍ଟରେ ୬/୭ ଲକ୍ଷ ଟଙ୍କା ଜମା ହୋଇଗଲା। ଆମ ଜୀବନରେ ଏତେ ଟଙ୍କା କେବେ ଦେଖି ନ ଥିଲୁ। ଚାଷୀମାନଙ୍କର ଟଙ୍କା ଆଣିବାକୁ ଯେତେବେଳେ ବ୍ୟାଙ୍କକୁ ଗଲୁ ସେତେବେଳେ ଆମକୁ ବସ୍ତାରେ ଟଙ୍କା ଧରାଇ ଦେଲେ। ସେ ଟଙ୍କାକୁ ଆମେ କେମିତି ରଖିବୁ। ଆମର ତ ମାଟି ଘର। ଜୀବନକୁ ଡର ଥିଲା। ରାତିରେ ଯଦି କିଏ ଟଙ୍କା ନେଇଯିବ ତେବେ ଆମେ କେମିତି ଚାଷୀଙ୍କୁ ତାଙ୍କ ଟଙ୍କା ଦେବୁ। କିନ୍ତୁ ମୋ ମୁଣ୍ଡରେ ଗୋଟିଏ ବୁଦ୍ଧି ଜୁଟିଲା। ଆମ ଘର ପାଖରେ ଗୋଟିଏ ଆମ୍ବ ଗଛ ଥିଲା। ସେଇ ଗଛରେ ଟଙ୍କାକୁ ଟାଙ୍ଗି ଦେଲୁ ଆଉ ଆରାମରେ ଶୋଇଲୁ। ଆମ ଟଙ୍କା ସୁରକ୍ଷିତ ରହିଲା। ଜୟନ୍ତୀଙ୍କ ଠାରୁ ଏକଥା ଶୁଣି କାର୍ଯ୍ୟକ୍ରମରେ ଉପସ୍ଥିତ ଶିଳ୍ପପତି, ଅତିଥି, ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ଏସଏଚଜି ସଦସ୍ୟମାନେ ହସି ଉଠିଥିଲେ। ମୁଖ୍ୟମନ୍ତ୍ରୀ ମଧ୍ୟ ନିଜର ହସକୁ ଚାପି ପାରି ନ ଥିଲେ। ସେଠାରେ ଏକ ହାସ୍ୟରୋଳ ପରିବେଶ ସୃଷ୍ଟି ହୋଇଥିଲା। ସେ ମିଶନ ଶକ୍ତିରେ ଯୋଗ ଦେବା ପରେ ନିଜର ଅଭିଜ୍ଞତା ସମ୍ପର୍କରେ ବଖାଣିଥିଲେ। ଜୟନ୍ତୀ ମିଶନ ଶକ୍ତିର ରାଜ୍ୟ ସଭାପତି ଅଛନ୍ତି।

## ବର୍ଷକରେ ୭ ବଙ୍ଗଳା ଫିଲ୍ମ କରିବେ ଅକ୍ଷୟ ପରିଜା




ଭୁବନେଶ୍ୱର, ୧୪।୧୧(ବ୍ୟୁରୋ): ଓଡ଼ିଶାର ଜଣାଶୁଣା ଫିଲ୍ମ ନିର୍ମାତା ଅକ୍ଷୟ ପରିଜା ଆସନ୍ତା ଏକ ବର୍ଷ ମଧ୍ୟରେ ୭ଟି ବଙ୍ଗଳା ଫିଲ୍ମ ନିର୍ମାଣ କରିବାକୁ ଯାଉଛନ୍ତି। ବଙ୍ଗଳା ଫିଲ୍ମ ଜଗତର ଜଣାଶୁଣା ନିର୍ମାତା ‘ଉଇନ୍‌ଡୋଜ୍’ ସହ ମିଶି ଏହି ଫିଲ୍ମ କରିବେ। ଏଥିରେ ରହିଛି ଅକ୍ଷୟ ପରିଜା ପ୍ରଡକସନ୍ସର ବଙ୍ଗଳା ବ୍ଲକବଷ୍ଟର ‘ବେଲା ଶେଷ’ର ସିକ୍ୱେଲ୍ ‘ବେଲା ସୁରୁ’। ବୁଧବାର ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍‌ର ‘ମିଡିଆ ଆଣ୍ଡ୍ ଏଣ୍ଟରଟେନମେଣ୍ଟ’ ଶୀର୍ଷକ ଆଲୋଚନାଚକ୍ରରେ ଅକ୍ଷୟ ଅଂଶଗ୍ରହଣ କରି ତାଙ୍କର ଏହି ଭବିଷ୍ୟତ ଯୋଜନା ସମ୍ପର୍କରେ ସୂଚନା ଦେଇଛନ୍ତି। ଏହା ପୂର୍ବରୁ ସେ ‘ଜିଅନ୍ତା ଭୂତ’, ‘ଥୁକୁଲ’, ‘କେହି ନୁହେଁ କାହାର’ ଭଳି ଓଡ଼ିଆ ଫିଲ୍ମ ସହ ‘କଡଓ୍ୱି ହାଓ୍ୱା’ ଏବଂ ‘ହାଲ୍‌କା’ ଭଳି ଫିଲ୍ମ ଉପହାର ଦେଇ ପରିଚିତି ହାସଲ କରିଛନ୍ତି। ତେବେ ଓଡ଼ିଆ ଚଳଚ୍ଚିତ୍ର ଏବଂ ବଲିଉଡ୍ ପରେ ବର୍ତ୍ତମାନ ସେ ଟଲିଉଡ ଫିଲ୍ମ ପ୍ରତି ମନ ବଳାଇଛନ୍ତି। ଏ ପ୍ରସଙ୍ଗରେ ଅକ୍ଷୟ କହିଛନ୍ତି, କଳାତ୍ମକ ଫିଲ୍ମ ଏବଂ ସତ୍ୟ ଘଟଣା ଉପରେ ଆଧାରିତ ଥିବା କାହାଣୀ କରିବାର ଇଚ୍ଛା ମୋର ପୂର୍ବରୁ ରହି ଆସିଛି। ଭବିଷ୍ୟତରେ ମୁଁ କିଛି ଏମିତି ଫିଲ୍ମ ତିଆରି କରିବାକୁ ଚାହୁଁଛି, ଯାହା ପାଇଁ ୧୦ବର୍ଷ ପରେ ମୁଁ ନିଜକୁ ନେଇ ଗର୍ବ ଅନୁଭବ କରିବି। ମୁଁ କେବେ ହେଲେ ଟଙ୍କା ପାଇଁ ଫିଲ୍ମ କରି ନାହିଁ କି ଆଗକୁ ମଧ୍ୟ କରିବିନି। ‘ଉଇନ୍‌ଡୋଜ୍’ ଭଳି କମ୍ପାନୀ ସହ କାମ କରିବାର ସୁଯୋଗ ମିଳିଥିବାରୁ ସେ ନନ୍ଦିତା ରଏ ଓ ଶିବପ୍ରସାଦ ମୁଖାର୍ଜୀଙ୍କୁ ଧନ୍ୟବାଦ୍ ଜଣାଇଛନ୍ତି।

## ସାହିତ୍ୟିକା ପ୍ରଭାତ ନଳିନୀଙ୍କ ପରଲୋକ



ଭୁବନେଶ୍ୱର, ୧୪।୧୧(ବ୍ୟୁରୋ): ସାହିତ୍ୟିକା ପ୍ରଫେସର ପ୍ରଭାତ ନଳିନୀ ଦାସଙ୍କ ପରଲୋକ ଘଟିଛି। ବୁଧବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ଭୁବନେଶ୍ୱର ଶହୀଦନଗରସ୍ଥିତ ତାଙ୍କ ବାସଭବନରେ ସେ ପରଲୋକ ଗମନ କରିଛନ୍ତି। ତାଙ୍କୁ ୯୧ବର୍ଷ ହୋଇଥିଲା। ପ୍ରଭାତ ନଳିନୀ ଉତ୍କଳ ବିଶ୍ୱବିଦ୍ୟାଳୟ ଇଂଲିଶ ବିଭାଗ ମୁଖ୍ୟ ଥିବାବେଳେ ୧୯୭୦ରେ ଏମ୍ଏରେ ପ୍ରଥମ ଥର ପାଇଁ ଅନୁବାଦକୁ ଏକ ବିଷୟ ଭାବେ ପ୍ରଚଳନ ଆରମ୍ଭ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟରେ ସେ ପ୍ରାୟ ୧୯ବର୍ଷ ଅଧ୍ୟାପନା କରିଥିଲେ। ସେ ସିଲଂସ୍ଥିତ ନର୍ଥ ଇଷ୍ଟର୍ନ ହିଲ ୟୁନିଭର୍ସିଟିରେ ଉପକୁଳାଧିପତି, ଆଇଆଇଟି କାନପୁରରେ ହ୍ୟୁମାନିଟିଜ୍ ଡିଭିଜନ୍‌ର ପ୍ରଥମ ନିର୍ଦ୍ଦେଶକ ତଥା ଡିନ୍ ଥିଲେ। ନୂଆଦିଲ୍ଲୀସ୍ଥିତ ମହିଳା ଶ୍ରୀରାମ କଲେଜର ଇଂଲିଶ ବିଭାଗ ମୁଖ୍ୟ ଭାବେ ଅଧ୍ୟାପନା କରିଥିଲେ। ନିକଟରେ ସୀତାକାନ୍ତ ମହାପାତ୍ରଙ୍କ ‘ସମୁଦ୍ର’ ଗଳ୍ପ ପୁସ୍ତକରୁ ୨୦ଟି ଗଳ୍ପକୁ ନେଇ ‘ଟିଲ ମାଇଁ ଟାଇମ୍ କମ୍’ ଇଂଲିଶ ପୁସ୍ତକ ଅନୁବାଦ କରିଥିଲେ। ସେ ମନୋରଞ୍ଜନ ଦାସ ଓ ଗୋପୀନାଥ ମହାନ୍ତିଙ୍କ ଅନେକ ପୁସ୍ତକକୁ ଇଂଲିଶରେ ଅନୁବାଦ କରିଛନ୍ତି। ତାଙ୍କ ସ୍ୱାମୀ ବିଧୁଭୂଷଣ ଦାସ ଜଣେ ଶିକ୍ଷାବିତ୍ ଓ ସାହିତ୍ୟିକ। ପ୍ରଭାତ ନଳିନୀଙ୍କ ଦେହାନ୍ତରେ ଶିକ୍ଷା ଏବଂ ସାହିତ୍ୟ ଜଗତରେ ଶୋକର ଛାୟା ଖେଳିଯାଇଛି।



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଷ୍କ ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–**ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ଗୁରୁବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୨ ଡିଗ୍ରୀ ଏବଂ ସର୍ବନିମ୍ନ ୧୮ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି।

ବୁଧବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୧.୦ | ୧୭.୫ |
| ଚାନ୍ଦବାଲି | ୩୦.୩ | ୧୯.୦ |
| କଟକ | ୩୦.୨ | ୧୭.୫ |
| ପାରାଦ୍ୱୀପ | ୩୦.୦ | ୨୦.୪ |
| ଭୁବନେଶ୍ୱର | ୩୧.୪ | ୧୮.୩ |
| ଗୋପାଳପୁର | ୩୧.୬ | ୨୦.୨ |
| ପୁରୀ | ୩୦.୮ | ୨୦.୮ |
| ଅନୁଗୋଳ | ୩୧.୧ | ୧୪.୬ |
| ବାରିପଦା | ୨୯.୫ | ୧୭.୨ |
| ଝାରସୁଗୁଡ଼ା | ୩୩.୦ | ୧୫.୧ |
| କେନ୍ଦୁଝର | ୩୦.୦ | ୧୪.୯ |
| ସମ୍ବଲପୁର | ୩୨.୯ | ୧୬.୩ |
| ସୁନ୍ଦରଗଡ଼ | --- | ୧୬.୦ |
| ହୀରାକୁଦ | ୩୨.୧ | ୧୬.୨ |
| ତାଳଚେର | ୩୪.୨ | ୧୭.୫ |
| ଭବାନୀପାଟଣା | ୩୧.୨ | ୧୫.୦ |
| ବଲାଙ୍ଗୀର | ୩୨.୨ | ୧୬.୦ |
| କୋରାପୁଟ | ୩୧.୦ | ୧୧.୬ |
| ଫୁଲବାଣୀ | ୨୯.୮ | ୧୧.୦ |
| ଟିଟିଲାଗଡ଼ | --- | ୧୪.୫ |
| ମାଲକାନଗିରି | ୩୪.୫ | --- |
| ସୋନପୁର | ୩୨.୬ | ୧୭.୨ |
| ଦାରିଙ୍ଗିବାଡ଼ି | ୨୮.୫ | ୧୧.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

## ରାଜ୍ୟର ପ୍ରଥମ ଗ୍ରାମାଞ୍ଚଳ ଡାଏଲିସିସ୍ କେନ୍ଦ୍ର ଲୋକାର୍ପିତ

# ୮ ହଜାର କିଡ୍‌ନୀ ରୋଗୀଙ୍କ ପାଇଁ ଆଶା ସଞ୍ଚାର

ନରସିଂହପୁର,୧୪।୧୧ (ସ୍ୱ.ପ୍ର./ଡି.ଏନ୍.ଏ.)



ଲୋକାର୍ପଣ ଉତ୍ସବରେ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ଓ ଅନ୍ୟ ମଞ୍ଚାସୀନ ଅତିଥିବୃନ୍ଦ।

- ୨ ଜିଲାର ଲୋକେ ଉପକୃତ ହେବେ
- କେନ୍ଦ୍ରରେ ଲାଗିଛି ୩ ଡାଏଲିସିସ୍ ମେଶିନ
- ଦିନକୁ ଚିକିତ୍ସିତ ହେବେ ୯ ରୋଗୀ

ରାଜ୍ୟର ପ୍ରଥମ ଗ୍ରାମାଞ୍ଚଳ ଡାଏଲିସିସ୍ କେନ୍ଦ୍ରର ଲୋକାର୍ପଣ ଉତ୍ସବ ବୁଧବାର କଟକ ଜିଲା ନରସିଂହପୁର ଆଞ୍ଚଳିକ ଡାକ୍ତରଖାନା ପରିସରରେ ଅନୁଷ୍ଠିତ ହୋଇଛି। ଏହି କେନ୍ଦ୍ରରେ ୩ ଡାଏଲିସିସ୍ ମେଶିନ ଲଗାଯାଇଛି। ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ଏଥିରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଲୋକାର୍ପଣ କରିଥିଲେ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଖୋଲାଯାଇଥିବା ଏହି ଡାଏଲିସିସ୍ କେନ୍ଦ୍ର କେୟାର ପ୍ରାଇଭେଟ ଲିମିଟେଡ୍ ଦ୍ୱାରା ପରିଚାଳିତ ହେବ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚିହ୍ନଟ କିଡ୍‌ନୀ ରୋଗୀଙ୍କୁ ଏଠାରେ ମାଗଣାରେ ଚିକିତ୍ସା ସେବା ଯୋଗାଇ ଦିଆଯିବ। ଏହି ଅବସରରେ ମନ୍ତ୍ରୀ ଜେନା କହିଥିଲେ ଯେ, ଏହି କେନ୍ଦ୍ରରେ ଏକାସାଙ୍ଗରେ ୩ ଏବଂ ଗୋଟିଏ ଦିନରେ ୯ ଜଣ କିଡ୍‌ନୀ ଆକ୍ରାନ୍ତ ରୋଗୀଙ୍କ ରକ୍ତ ଡାଇଲିସିସ୍ କରାଯାଇ ସେମାନଙ୍କ ଜୀବନ ରକ୍ଷା କରାଯାଇପାରିବ। ଆଗକୁ ଏହାକୁ ସମ୍ପ୍ରସାରଣ କରାଯାଇ ୧୦ ଡାଏଲିସିସ୍ ମେଶିନ ଲଗାଯିବା ଲାଗି ବ୍ୟବସ୍ଥା କରାଯିବ। ଡାଏଲିସିସ୍ କେନ୍ଦ୍ର ଖୋଲାଯିବା ଫଳରେ ନରସିଂହପୁର ଓ ବଡମ୍ବା ବ୍ଲକରେ କିଡ୍‌ନୀ ଆକ୍ରାନ୍ତ ରୋଗୀଙ୍କୁ ଚିକିତ୍ସା ସେବା ମିଳିପାରିବ। ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳର ୮ ହଜାର କିଡ୍‌ନୀ ରୋଗୀଙ୍କ ମଧ୍ୟରେ ବଞ୍ଚିବାର ଆଶା ସଞ୍ଚାର ହୋଇଛି। ଏହି କେନ୍ଦ୍ର ଦ୍ୱାରା ନୟାଗଡ ଜିଲାର କଣ୍ଟିଲୋ, ଗଣିଆ, ଖଣ୍ଡପଡା ଏବଂ କଳାପଥର, ଧଳାପଥର, ଚକ୍ରପ୍ରସାଦ ଅଞ୍ଚଳର କିଡ୍‌ନୀ ଆକ୍ରାନ୍ତ ରୋଗୀମାନେ ଉପକୃତ ହୋଇପାରିବେ। ଲୋକାର୍ପଣ ପରେ ନରସିଂହପୁର ଅଞ୍ଚଳର ୨ କିଡ୍‌ନୀ ରୋଗୀଙ୍କ ରକ୍ତ ଡାଏଲିସିସ୍ କରାଯାଇଥିଲା। ନରସିଂହପୁର ଆଞ୍ଚଳିକ ଡାକ୍ତରଖାନା ସମ୍ପ୍ରସାରଣ ଲାଗି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୨ କୋଟି ୧୬ ଲକ୍ଷ, ଜିଲ୍ଲା ଡାକ୍ତରଖାନାର ବିକାଶ ଲାଗି ୧ କୋଟି ୪୫ ଲକ୍ଷ, କାନପୁର ଉନ୍ନୀତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମ୍ପ୍ରସାରଣ ଲାଗି ୮୯ ଲକ୍ଷ ଟଙ୍କା ବ୍ୟୟ ମଞ୍ଜୁର କରାଯାଇ ନୂତନ ଗୃହ ନିର୍ମାଣ ନିମନ୍ତେ ଶିଳାନ୍ୟାସ କରାଯାଇଥିଲା। ଏଥିରେ ବିଶିଷ୍ଟ ଅତିଥି ଭାବେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଯୋଗଦେଇଥିଲେ। ଉତ୍ସବରେ ବିଧାୟକ ଦେବୀ ପ୍ରସାଦ ମିଶ୍ର ସଭାପତିତ୍ୱ କରିଥିଲେ।

# ରାୟଗଡ଼ା ଫୁଡ୍ ପାର୍କରେ ଯୋଡ଼ିହେବ ଦୁଇ ନୂତନ ପ୍ଲାଣ୍ଟ

ଭୁବନେଶ୍ୱର,୧୪।୧୧(ବ୍ୟୁରୋ)

ରାୟଗଡ଼ାରେ ଥିବା ମିଟ୍‌ସ ମେଗା ଫୁଡ୍ ପାର୍କରେ ଯୋଡ଼ିହେବ ଦୁଇଟି ନୂଆ ପ୍ଲାଣ୍ଟ। ପ୍ରାୟ ୨୫କୋଟିର ପୁଞ୍ଜିନିବେଶରେ ଏକ 'ରେଡି ଟୁ କନ୍‌ଜ୍ୟୁମ୍' ଜୁସ୍ ପ୍ଲାଣ୍ଟ ଏବଂ ଏକ କର୍ନ ବା ମକା ପ୍ରୋସେସିଂ ପ୍ଲାଣ୍ଟ ପ୍ରତିଷ୍ଠା କରାଯିବ। ଏ ନେଇ 'ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍'ର ବୁଧବାର ଚତୁର୍ଥ ଦିବସରେ ଏକ ଏମ୍ଓୟୁ ସ୍ୱାକ୍ଷର ହୋଇଯାଇଛି। ପ୍ରାୟ ୧୫କୋଟି ଟଙ୍କା ବିନିଯୋଗରେ ସ୍ୱଲୋକମ୍ ବାୟୋଭେଞ୍ଚର୍ସ ପ୍ରାଇଭେଟ୍ ଲିମିଟେଡ୍ ନିଜର ପ୍ଲାଣ୍ଟ ପ୍ରତିଷ୍ଠା କରିବ। ସେହିଭଳି କେଷ୍ଟଲୀ ଫୁଡ୍‌ସ ପ୍ରାଇଭେଟ୍ ଲିମିଟେଡ୍ ଓଡ଼ିଶାର ଏହି ମଲ୍ଟି ପ୍ରଡକ୍ଟ ଫୁଡ୍ ପାର୍କରେ ୧୦କୋଟି ନିବେଶ କରିବ। ଏ ନେଇ ଉଭୟ ସଂସ୍ଥାର ମୁଖ୍ୟ ଏମ୍ଏସ୍ଏମ୍ଇ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଓ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏଲ୍.ଏନ୍. ଗୁପ୍ତାଙ୍କ ଉପସ୍ଥିତିରେ ମିଟ୍‌ସ ମେଗା ଫୁଡ୍ ପାର୍କ ଲିମିଟେଡ୍ ସହ ଏମ୍ଓୟୁ ସ୍ୱାକ୍ଷର କରିଛନ୍ତି। ଅନ୍ୟପକ୍ଷରେ ଉଭୟ ପ୍ଲାଣ୍ଟ କାର୍ଯ୍ୟକ୍ଷମ ହେବା ଦ୍ୱାରା ଏଥିରେ ରାୟଗଡ଼ା ଜିଲାର ପ୍ରାୟ ୨୦୦ରୁ ଅଧିକ ଲୋକଙ୍କୁ ନିଯୁକ୍ତି ମିଳିପାରିବ।

# ଉଚ୍ଚଶିକ୍ଷା ବିଭାଗରେ ଆସିବ ସଂସ୍କାର

■ ଓଡ଼ିଶା ବିଶ୍ୱବିଦ୍ୟାଳୟ ଅନୁସନ୍ଧାନ ଏବଂ ଅଭିନବୀକରଣ ପ୍ରୋତ୍ସାହନ ଯୋଜନାର ଶୁଭାରମ୍ଭ

ଭୁବନେଶ୍ୱର,୧୪।୧୧(ବ୍ୟୁରୋ)

ଉଚ୍ଚଶିକ୍ଷାରେ ଏଣିକି ଗବେଷଣାକୁ ଅଧିକ ଗୁରୁତ୍ୱ ଦିଆଯିବ। ଯୁବ ଅଧ୍ୟାପକମାନଙ୍କୁ ଗବେଷଣା ପାଇଁ ଉତ୍ସାହିତ କରାଯିବ। ସ୍ୱତନ୍ତ୍ର ଶିକ୍ଷାବୃତ୍ତି ସହ ସେଣ୍ଟର ଅଫ୍ ଏକ୍ସେଲେନ୍ସ ପ୍ରତିଷ୍ଠା କରାଯିବ। ଏହାସହ ସରକାରୀ ଓ ବେସରକାରୀ ବିଶ୍ୱବିଦ୍ୟାଳୟ ମଧ୍ୟରେ ସହଭାଗିତା ରକ୍ଷା କରାଯାଇ ଉଚ୍ଚଶିକ୍ଷାର ମାନକୁ ବୃଦ୍ଧି କରାଯିବ। ଏ ନେଇ 'ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍'ରେ ଘୋଷଣା କରିଛନ୍ତି ରାଜ୍ୟ ସରକାର। ନିବେଶକ ସମ୍ମିଳନୀରେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ପ୍ରଥମଥର ପାଇଁ ଭାଗନେଇ ଉଚ୍ଚଶିକ୍ଷା ସହ କିଭଳି ଶିଳ୍ପକୁ ଯୋଡ଼ାଯାଇପାରିବ ଏବଂ ଅଧିକରୁ ଅଧିକ ଛାତ୍ରୀଛାତ୍ରଙ୍କ ନିଯୁକ୍ତି ସୁଯୋଗ ସୃଷ୍ଟି କରିହେବ, ତାହା ଉପରେ ଗୁରୁତ୍ୱ ଦେଇଛି।

'ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍'ର ଚତୁର୍ଥ ଦିବସରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ 'ଓଡ଼ିଶା ବିଶ୍ୱବିଦ୍ୟାଳୟ ଅନୁସନ୍ଧାନ ଏବଂ ଅଭିନବୀକରଣ ପ୍ରୋତ୍ସାହନ ଯୋଜନା'(ଓୟୁଆର୍ଆଇଆଇପି)ର ଶୁଭାରମ୍ଭ କରାଯାଇଛି। ଉଚ୍ଚଶିକ୍ଷା ତଥା ଶିଳ୍ପମନ୍ତ୍ରୀ ଅନନ୍ତ ଦାସ ଏହାର ଶୁଭାରମ୍ଭ କରିବା ସହ ଉଚ୍ଚଶିକ୍ଷାରେ ଗବେଷଣାକୁ ଉତ୍ସାହିତ କରିବା ପାଇଁ ଏହି ଯୋଜନା କାର୍ଯ୍ୟ କରିବ ବୋଲି କହିଛନ୍ତି। ଯୋଜନା ଅନୁଯାୟୀ, ସ୍ନାତକୋତ୍ତର ଏବଂ ୟୁଜିସି ନେଟ୍ ଦ୍ୱାରା ଅନୁମୋଦିତ ୩୫ଟି ବିଷୟରେ ଓଡ଼ିଶା ସରକାର ଜୁନିୟର ରିସର୍ଚ୍ଚ ଫେଲୋଶିପ୍ ପ୍ରଦାନ କରିବେ। ଯେଉଁମାନେ ନେଟ୍ କ୍ଲିୟର୍ କରିଥିବେ, କିନ୍ତୁ ସେଣ୍ଟ୍ରାଲ ଜେଆର୍ଏଫ୍(ଜୁନିୟର ରିସର୍ଚ୍ଚ ଫେଲୋଶିପ୍) ପାଇ ନ ଥିବେ, ସେମାନେ ଏହି ଫେଲୋଶିପ୍ ପାଇବାକୁ ଯୋଗ୍ୟ ବିବେଚିତ ହେବେ। ଏ ନେଇ ମନ୍ତ୍ରୀ ଦାସ କହିଛନ୍ତି, ଗବେଷଣା କ୍ଷେତ୍ରରେ ଓଡ଼ିଶାରେ ଏକ ପ୍ରମୁଖ ସମସ୍ୟା ରହିଥିଲା। ଯେଉଁ ଛାତ୍ରୀଛାତ୍ର ସେଣ୍ଟ୍ରାଲ ଫଣ୍ଡିଂ ପାଉଥିଲେ ସେମାନେ ଗବେଷଣା ପାଇଁ ରାଜ୍ୟ ବାହାରକୁ ଚାଲିଯାଉଥିଲେ। ଏଥିଯୋଗୁ ଓଡ଼ିଶାରେ ଫୁଲ୍‌ଟାଇମ୍ ରିସର୍ଚ୍ଚର ରହୁ ନ ଥିଲେ। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶାରେ ଗବେଷଣାକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ଫେଲୋଶିପ୍ ପ୍ରଦାନ କରାଯିବ। ପ୍ରତି ବିଷୟରେ ୫ଜଣ ଲେଖାଏଙ୍କୁ ୩୫ଟି ବିଷୟରେ ଫେଲୋଶିପ୍ ପ୍ରଦାନ କରାଯିବ। ଯେଉଁଥିରୁ ୨ଟି ଫେଲୋଶିପ୍ କେବଳ ମହିଳାଙ୍କ ପାଇଁ ସଂରକ୍ଷିତ ରହିବ। ଏହିକ୍ରମରେ ବର୍ଷକୁ ୧୭୫ଟି ଜୁନିୟର ରିସର୍ଚ୍ଚ ଫେଲୋଶିପ୍ ପ୍ରଦାନ କରାଯିବ। ଫେଲୋଶିପ୍‌ର ଅବଧି ୪ବର୍ଷ ରହିବ ଏବଂ ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦର ପ୍ରାକ୍ ଅନୁମୋଦନ କ୍ରମେ ଏହାକୁ ୧ବର୍ଷ ବଢ଼ାଯାଇପାରିବ। ଫେଲୋଶିପ୍ ବାବଦକୁ ଗବେଷକଙ୍କୁ ମାସକୁ ୧୫ ହଜାର ଟଙ୍କା ପ୍ରଦାନ କରାଯିବ। ଲାବୋରେଟୋରି ୱର୍କ ବା ପ୍ରୟୋଗଶାଳାଭିତ୍ତିକ ବିଷୟ ହୋଇଥିଲେ ୨୫ ହଜାର ଟଙ୍କା ପ୍ରଦାନ କରାଯିବ। ଏହାବ୍ୟତୀତ ଉଚ୍ଚଶିକ୍ଷାର ଜଗତୀକରଣ କରିବାକୁ ଗୁରୁତ୍ୱ ଦିଆଯିବ। ଉଭୟ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ କିଭଳି ଉଚ୍ଚଶିକ୍ଷାର ମାନକୁ ବୃଦ୍ଧି କରିପାରିବେ, ତାହା ଉପରେ ଫୋକସ୍ ରହିବ। ଶିକ୍ଷାର ଅନ୍ତର୍ଜାତୀୟକରଣ, ପ୍ରଶାସନିକ ସୁଧାର, ଡିଜିଟାଇଜେଶନ, ଶିଳ୍ପ ସହଭାଗିତା ବୃଦ୍ଧି ଓ ଗବେଷଣାକୁ ଅଧିକ ଗୁରୁତ୍ୱ ଦିଆଯିବ। ଉଚ୍ଚଶିକ୍ଷା ଯେପରି ସମସ୍ତଙ୍କ ନିକଟରେ ପହଞ୍ଚିପାରିବ, ସେଥିପାଇଁ ପ୍ରୟାସ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

## REGIONAL PLANT RESOURCE CENTRE

Ekamra Kanan, Nayapalli, Bhubaneswar - 751015, Odisha
FOREST & ENVIRONMENT DEPARTMENT, GOVERNMENT OF ODISHA
Tel no. 0674-2557925, 2552002, Email : rprcbbsr@gmail.com, website : www.rprcbbsr.com

No. 2423 / RPRC **TENDER CALL NOTICE** Dated : 14.11.2018

Sealed tenders/offers are invited from Tent Houses / Decorators / Firms for erection of stalls of different sizes, lighting arrangement, supply of sound system, power supply back up through generator in the stalls and show site and also from reputed Outdoor food suppliers / Caterers / Service providers for supply of food items for **"Annual Flower Show-2019"** scheduled to be held on 12th and 13th **January 2019** in the premises of Botanic Garden, Regional Plant Resource Center, Bhubaneswar.

| Name of Work | EMD | Cost of tender paper | Last date of receipt of tender paper | Date of opening of tender paper |
|---|---|---|---|---|
| 1. Erection of stalls of different sizes, lighting arrangement and power supply back up through generator in the stalls at show site for the **Annual Flower Show - 2019.** | Rs. 10000/- | Rs. 472/- | 30.11.2018 (upto 4.00 PM) | 01.12.2018 (at 4.00 PM) |
| 2. Supply of breakfast and lunch for the volunteers, judges and invitees for 12th and 13th January, 2019 for the **Annual Flower Show - 2019.** | Rs. 5000/- | Rs. 472/- | 30.11.2018 (upto 4.00 PM) | 01.12.2018 (at 4.00 PM) |

Further details be obtained from RPRC website : www.rprcbbsr.com or from RPRC Office Notice Board. Sd/- (Administrative Officer)

## Odisha Livestock Resources Development Society,

OBPI Campus, Siripur, Bhubaneswar-751003
Tel No.: 0674-2397985, email: olrdsahd@gmail.com, Website: www.olrds.com

**NATIONAL COMPETITIVE BIDDING**

**"Invitation for Bids for supply of Laboratory Equipments for strengthening of Frozen Semen Bank, Cuttack, Odisha implemented by Odisha Livestock Resources Development Society (OLRDS), Bhubaneswar"**

No.CAD-1017:- The Government of Odisha has received a credit from the International Development Association (IDA) towards the cost of National Dairy Plan-I (National Dairy Support Project) & intends to apply part of the proceeds of this credit to payments for the goods under the National Competitive Bidding for which this IFB is issued.

The Odisha Livestock Resources Development Society (OLRDS), OBPI Campus, Siripur, Bhubaneswar and End Implementing Agency of the project invites eligible suppliers to submit their bids for supply of Laboratory Equipments for strengthening of Frozen Semen Bank, Cuttack, Odisha as specified in the bid document. Bidding documents are available from the Office of the Joint Director, Forzen Semen Bank, Cuttack, At-Khapuria, PO: Madhupatana, Dist: Cuttack, State: Odisha, India or may be downloaded from www.olrds.com/ www.orissaahvs.com/ www.khordha.nic.in. Eligible bidders may submit their bids on or before 15.00 hrs on 15.12.2018. For any details contact at the above address or communicate in the mail ndpolrds@gmail.com.

06061/11/0011/1819 Sd./- Chief Executive Officer, OLRDS

## NATIONAL INSTITUTE OF FASHION TECHNOLOGY, BBSR
(Ministry of Textile, Govt. of India)

**E-TENDER NOTICE**

Sealed E-Tenders are invited by NIFT Bhubaneswar for procurement of RFID Drop Box, last date for receipt of E-tender is **07.12.2018**.

- Director

## नालको NALCO
National Aluminium Company Limited
(A Government of India Enterprise)
Nalco Bhawan, Nayapalli, Bhubaneswar-751013, Odisha, India
CIN : L27203OR1981GOI000920
A NAVRATNA COMPANY

**NOTICE INVITING TENDER**

Digitally signed online bids for **Two Part, Open Tender** through Central Public Procurement e-procure Portal are invited on for the following Works.

**1.Ref. No. NBC/MM/LP/SYS/MS SQL SERVER LICENSE/2018,Dtd:01.11.2018**
**Name of the work :** Suppliers for MS SQL SERVER LICENSE. **DGM (Materials)**

**2.RFP No. TNCC-047/2018 :** Selection of a professional body for preparation of Sustainable Development Report 2017-18.
**DGM (Elect.) T&C**

Details of the tender along with tender document is available at **www.nalcoindia.com** and **www.eprocure.gov.in.** Bidders are advised to visit above websites for any modification / addition / bid due date extension.

## ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

No.III-49

### ଅଧିସୂଚନା

No. RDM-LAA-BLS-0035-2018/26024 R&DM Dated : 16.07.2018

ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର କୁରୁଣ୍ଡି ଡିଷ୍ଟ୍ରିବ୍ୟୁଟାରୀ କେନାଲ ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା- ରଘୁନାଥପୁର, ଥାନା-ଖଇରା ସଂ ୨୫୬, ତହସିଲ- ଖଇରା, ଜିଲ୍ଲା- ବାଲେଶ୍ୱରରେ ନିମ୍ନ ତଫସିଲ ମତେ ପ୍ରାୟ ଏ. ୨.୮୦ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR & R Act. 2013)ର ୧୧(୧) ଧାରା ରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର କୁରୁଣ୍ଡି ଡିଷ୍ଟ୍ରିବ୍ୟୁଟାରୀ କେନାଲ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ନିର୍ବାହୀ ଯନ୍ତ୍ରୀ, ବିଦ୍ୟାଧରପୁର କେନାଲ ଡିଭିଜନ, ବିଦ୍ୟାଧରପୁର।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ : ସାର୍ବଜନୀନ ଉଦ୍ଦେଶ୍ୟରେ କୁରୁଣ୍ଡି ଡିଷ୍ଟ୍ରିବ୍ୟୁଟାରୀ କେନାଲ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ– ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ:– ଉପଜିଲ୍ଲାପାଳ, ବାଲେଶ୍ୱର।
୬. ଜମିର ବିବରଣୀ :–

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତ୍‌ର ନାମ |
|---|---|---|---|---|---|---|---|---|
| ବାଲେଶ୍ୱର | ଖଇରା | ରଘୁନାଥପୁର | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୧୦.୧୮ | ଏ.୨.୮୦ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ, ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ, ସାଳପଡା, କେନ୍ଦୁଝରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ବାଲେଶ୍ୱର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– (ଅଭୟ କୁମାର ନାୟକ)
ଯୁଗ୍ମ ଶାସନ ସଚିବ

### LAND SCHEDULE

Land Acquisition for excavation of Gandibeda Distributary of Anandapur Barrage Project of Vill - Raghunathpur, Tahasil- Khaira, P.S.- Khaira, No. 256, Dist : Balsore, L.A. Case No. -10/18

| କ୍ରମିକ ନଂ | ଖାତା ନଂ | ଜମି ମାଲିକଙ୍କ ନାମ ଜାତି, ବାସସ୍ଥାନ | ଚକ ନଂ | ପ୍ଲଟ ନଂ | କିସମ | ମୋଟ ରକବା | ଅଧିଗ୍ରହଣ ରକବା |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| ୧ | 1 | ଅଗଣି ବେହେରା, ସ୍ୱା– ବାଞ୍ଛାନିଧି ବେହେରା, ଜା– କାପୁଡିଆ, ବା– ରାଇକୁଳା। | 54 | 74 | | 0.32 | 0.28 |
| ୨ | 2 | ଅଚ୍ୟୁତାନନ୍ଦ ମହାପାତ୍ର, ପି– ଉଦୟନାଥ ମହାପାତ୍ର, ଜା– ଜ୍ୟୋତିଷ, ବା– ରାଇକୁଳା। | 31 | 34 | | 0.53 | 0.37 |
| ୩ | 8 | ଅନନ୍ତ ପୃଷ୍ଟି, ଗୌରାଙ୍ଗ ପୃଷ୍ଟି, କ୍ଷେତ୍ରମୋହନ ପୃଷ୍ଟି, ପି– ବାଞ୍ଛାନିଧି ପୃଷ୍ଟି, ମହେଶ୍ୱର ପୃଷ୍ଟି, ପି– ଉପେନ୍ଦ୍ର ପୃଷ୍ଟି, ଜା– କାପୁଡିଆ, ବା– ରାଇକୁଳା। | 53 | 76 | | 0.27 | 0.18 |
| | | | 57 | 80 | | 0.35 | 0.06 |
| ୪ | 15 | ଆଦିକନ୍ଦ ପାତ୍ର, ପି– ରତ୍ନାକର ପାତ୍ର, ଜା– କାପୁଡିଆ, ବା– ନିଜଗାଁ | 56 | 79 | | 0.30 | 0.03 |
| ୫ | 17 | କମଳା ଦାସ, ପି– ମଦନ ଦାସ, ଜା– ଖଣ୍ଡାୟତ, ବା– ନିଜଗାଁ | 41 | 57 | | 0.42 | 0.06 |
| ୬ | 36 | ଜୟନ୍ତ କୁମାର ମାଝୀ, ବସନ୍ତ କୁମାର ମାଝୀ, ଅକ୍ଷୟ କୁମାର ମାଝୀ, ପି– ଅନିରୁଦ୍ଧ ମାଝୀ, ଜା–କୈବର୍ତ୍ତ, ବା– ରାଇକୁଳା | | 73 | ଶାରଦ ଅଣ ଜଳସେଚିତ–୨ | 0.14 | 0.14 |
| ୭ | 46 | ନରେନ୍ଦ୍ର ପ୍ରସାଦ ପଣ୍ଡା, ପି– କାହ୍ନୁ ଚରଣ ପଣ୍ଡା, ଜା– ବ୍ରାହ୍ମଣ, ବା– ନିଜଗାଁ | 29 | 32 | | 0.15 | 0.07 |
| ୮ | 51 | ନୃସିଂହ ଚରଣ ବେହେରା, ପର୍ଶୁରାମ ବେହେରା, ପି– ବାଞ୍ଛାନିଧି ବେହେରା, ଅଗଣି ବେହେରା, ସ୍ୱା– ବାଞ୍ଛାନିଧି ବେହେରା, ଜା– କାପୁଡିଆ, ବା– ରାଇକୁଳା | 47 | 63 | | 0.38 | 0.02 |
| | | | | 102 | ଶାରଦ ଅଣ ଜଳସେଚିତ –୨ | 0.47 | 0.01 |
| ୯ | 57 | ବନମାଳି ବାରିକ, ଶଙ୍କର ବାରିକ, ଶୁକଦେବ ବାରିକ, ପି– କୃଷ୍ଣ ବାରିକ, ଜା– ଗୋପାଳ, ବା– ରାଇକୁଳା | 51 | 70 | | 0.37 | 0.01 |
| ୧୦ | 58 | ବନମାଳୀ ବାରିକ, ଶଙ୍କର ବାରିକ, ଶୁକଦେବ ବାରିକ, ରେବତୀ ବାରିକ, ପି– କୃଷ୍ଣ ବାରିକ,ହାରାମଣି ବାରିକ, ସ୍ୱା– କୃଷ୍ଣ ବାରିକ, ଜା– ଗୋପାଳ, ବା– ରାଇକୁଳା | 26 | 29 | | 0.20 | 0.05 |
| ୧୧ | 60 | ବାବୁରାମ ମାଝୀ, ପି– ନବିନ ମାଝୀ, ଜା– କୈବର୍ତ୍ତ, ବା– ରାଇକୁଳା | 27 | 30 | | 0.24 | 0.05 |
| ୧୨ | 62 | ଦିବ୍ୟରଞ୍ଜନ ପୃଷ୍ଟି, ପି– ଗଣେଶ ପୃଷ୍ଟି, ଜା– କାପୁଡିଆ | 75 | 103 | | 0.750 | 0.130 |
| ୧୩ | 64 | ଭାଗୀରଥି ମାଝୀ, ନିଧି ମାଝୀ, ଅକ୍ଷୟ ମାଝୀ, ପ୍ରଫୁଲ ମାଝୀ, ପି– ଭାଲୁ ମାଝୀ, ମୃଷି ମାଝୀ, ସ୍ୱା– ଭାଲୁ ମାଝୀ, ଜା– କୈବର୍ତ୍ତ, ବା– ରାଇକୁଳା। | 28 | 31 | | 1.13 | 0.04 |
| ୧୪ | 65 | ଭାସ୍କର ଚନ୍ଦ୍ର ପାତ୍ର, ପି– ଦେବେନ୍ଦ୍ର ପାତ୍ର, ଜା– କାପୁଡିଆ, ବା– ନିଜଗାଁ | 42 | 58 | | 0.76 | 0.22 |
| ୧୫ | 66 | ଭାସ୍କର ଚନ୍ଦ୍ର ପାତ୍ର, ପି– ଦେବେନ୍ଦ୍ର ପାତ୍ର, ଜା– କାପୁଡିଆ, ବା– ନିଜଗାଁ, ଆଶାମଣୀ ପାଢୀ, ସ୍ୱା– ଚିନ୍ତାମଣୀ ପାଢୀ, ଜା– ବ୍ରାହ୍ମଣ, ବା– କୁରୁଂଟା, କନକଲତା ପାଣିଗ୍ରାହୀ, ଜା– ବ୍ରାହ୍ମଣ, ବା– ପଣ୍ଟୁ, ଥା– ସିମୁଳିଆ। | 8 | 11 | | 0.14 | 0.01 |
| ୧୬ | 73 | ମନୋରଞ୍ଜନ ପାତ୍ର, ଆଶାମଣି ପାତ୍ର, କମଳିନି ପାତ୍ର, ପି– କାଶିନାଥ ପାତ୍ର, ଜା– କାପୁଡିଆ, ବା– ନିଜଗାଁ | 46 | 62 | | 0.51 | 0.31 |
| ୧୭ | 74 | ଶ୍ରୀ ଜଗନ୍ନାଥ ମହାପ୍ରଭୁ, ବିଜେ– ରାଇକୁଳା ମାର୍ଫତ ଗ୍ରାମବାସୀ ପକ୍ଷେ ମହେଶ୍ୱର ମହରଣା, ପ୍ରଫୁଲ୍ଲ ମହାରଣା, ରମେଶ ମହାରଣା, ଉମାକାନ୍ତ ମହାରଣା, ରବୀନ୍ଦ୍ର ମହାରଣା, ପି– ରତ୍ନାକର ମହାରଣା, ଜା– ବଢେଇ, ବା– ରାଇକୁଳା। | 6 | 9 | | 0.43 | 0.12 |
| ୧୮ | 79 | ରଘୁନାଥ ପଣ୍ଡା, ଆଶାମଣି ପାଢୀ, କନକଲତା ପାଣିଗ୍ରାହୀ, ପି– ଜଗତ ନାରାୟଣ ପଣ୍ଡା, ଜା– ବ୍ରାହ୍ମଣ, ବା– ନିଜଗାଁ | 30 | 33 | | 0.05 | 0.01 |
| ୧୯ | 80 | ଶ୍ରୀ ଜଗନ୍ନାଥ ମହାପ୍ରଭୁ ବିଜେ ରାଇକୁଳା ମାର୍ଫତ ଗ୍ରାମବାସୀ ପକ୍ଷେ ରଘୁନାଥ ମହାରଣା, ପି– ଗୋବିନ୍ଦ ମହାରଣା, ଜା– ବଢେଇ, ବା– ରାଇକୁଳା। | 7 | 10 | | 0.28 | 0.21 |
| ୨୦ | 81 | ରତ୍ନାକର ପାତ୍ର, ନିତ୍ୟାନନ୍ଦ ପାତ୍ର, କ୍ଷେତ୍ର ମୋହନ ପାତ୍ର, କମଳାକାନ୍ତ ପାତ୍ର, ଗୌରୀ ପାତ୍ର, ଖୁଲଣା ପାତ୍ର, ସତ୍ୟଭାମା ପାତ୍ର, ଅମ୍ବିକା ପାତ୍ର, ଉର୍ମିଳା ପାତ୍ର, ପି– କପିଳ ପାତ୍ର, କୁନ ପାତ୍ର, ସ୍ୱା– କପିଳ ପାତ୍ର, ଜା– କାପୁଡିଆ, ବା– ରାଇକୁଳା | 55 | 78 | | 1.77 | 0.30 |
| ୨୧ | 84 | ରେବତୀ ବେହେରା, ସ୍ୱା– ନୃସିଂହ ଚରଣ ବେହେରା, ଜା– କାପୁଡିଆ, ବା– ରାଇକୁଳା | 54 | 77 | | 0.22 | 0.12 |
| | | | | | | ମୋଟ ପ୍ରାଇଭେଟ୍ ରକବା ଏ | 2.80 |

24001/14/0377/1819

## CSIR-INSTITUTE OF MINERALS AND MATERIALS TECHNOLOGY
(Council of Scientific & Industrial Research)
BHUBANESWAR-751013

**TENDER NOTIFICATION NO. 01/MP/2018**

Tenders in two bids (Technical Bids & Price Bids) through e-tender (Tender ID: 2018_CSIR_17851) are invited by the Director, CSIR-IMMT, Bhubaneswar for the work "JOB CONTRACT FOR PROVIDING DIFFERENT CATEGORY OF WORKERS AGAINST VARIOUS PROJECTS AT CSIR-INSTITUTE OF MINERALS AND MATERIALS TECHNOLOGY, BHUBANESWAR-751013. For details please log on to e-procurement website www.etenders.gov.in and CSIR-IMMT website www.immt.res.in

Sd./-
CONTROLLER OF ADMINISTRATION

## THE ODISHA STATE COOPERATIVE BANK LTD.
Pandit Jawaharlal Nehru Marg, Bhubaneswar-751001

**Ref. No. OSCB/HRDD/5744/2018-19** **Date: 08.11.2018**

No.23-LL:- **QUOTATION CALL NOTICE**

**Name of the Work:** Supply and installation of 3 KVA online UPS with batteries to be installed at Sailashree Vihar Branch of OSCB.
**Last Date and Time of Submission:** 23.11.2018 upto 2.00 P.M.
Tho quotation details can be downloaded from the official website www.odishascb.com from 08.11.2018 to 23.11.2018.

**Sd./- Managing Director**
**Bhubaneswar** **Odisha State Cooperative Bank Ltd.**
**39012/11/0006/1819**

## CUTTACK MUNICIPAL CORPORATION

**"e" PROCUREMENT NOTICE**

**Tender ID: 2018_ORULB_47072**
**Tender Call Notice No. 5222 (PW) Date 14.11.2018**

Name & No. of Works : Electrical Works
No. of Works : 1 No.
Bid Value : Rs. 5.02 Lakh
Period of Completion : One Calendar Month
Date and Time schedule:

| Start | End | Opening |
|---|---|---|
| 11.00 AM on dt. 15.11.2018 | 5.00 P.M. on dt. 27.11.2018 | 11.00 AM on dt. 30.11.2018 |

Tender Details: can be seen from the procurement portal: www.tendersorissa.gov.in.

Sd./-
Executive Engineer-I

## OFFICE OF THE MUNICIPAL COUNCIL, BHADRAK
Bhadrak-756100 (Odisha), Tel. No.: 06784-251519(O), Fax No.: 06784-251221, E-mail: eobdkmunicipality@gmail.com

No.: Date.:

**QUOTATION CALL NOTICE**

Sealed quotation is hereby invited from the intending firms for supply of Tractor for lifting of garbages from Municipality area. They will quoted their rate per trip / per day including fuel & wages Driver, 2 Nos. Labours. They will submit Tractor Registration No, Pan Card, Addhar No, Account No with Quotation. The Quotation received from dt. 15.11.2018 to dt. 20.11.2018 till 2 PM & it will be opened on dt. 20.11.2018 at 4 PM in presence of of quotationer or their representative. The undersigned can cancel all the Quotation without reason thereof. The quotation filled by the quotationer without required documents will be cancelled.

**Sd./- Executive Officer,**
**Bhadrak Municipality**

## ODISHA HYDRO POWER CORPORATION LTD
CIN: U40101OR1995SGC003963
(GOVERNMENT OF ODISHA UNDERTAKING)
OFFICE OF THE GENERAL MANAGER (EL.)
CHIPLIMA HYDRO ELECTRIC PROJECT, CHIPLIMA
At/P.O – CHIPLIMA– 768026, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661,
Email-hpschiplima@yahoo.in, Fax No. (0663) 2460505

No.CAD-1019

04006/11/0055/1819

No.-CHEP/HRD/PF/ 4932 Date: 14.11.2018

**NOTICE**

This is to notify that Late Sabitri Devi, Ex-Dhai of CHEP, Chiplima who was appointed as Dhai w.e.f. 08.09.1973 has taken voluntary retirement and relieved from her services w.e.f. 30.11.2003. Some of the retiral dues are lying pending as Late Sabitri Devi, Ex-Dhai has expired on 21.10.2006.

The Legal Heir/ Successor if any may apply to the Unit Head, CHEP, Chiplima, for claiming the dues of Late Sabitri Devi within 15 days from the date of publication of this notice.

Sd/- Unit Head, CHEP, Chiplima

## Zilla Swasthya Samiti, Bargarh
Dept. of Health & Family Welfare,
Govt. of Odisha
District Head Quarter Hospital,
Bargarh-768028, Phone/Fax: 06646-231763

**Advt. No. 10/18** **Date: 13.11.2018**

**TENDER CALL NOTICE FOR HIRING OF VEHICLES AND PRINTING & SUPPLY OF IEC MATERIALS**

Sealed tenders are invited from registered travel agencies/firms/individuals for hiring of commercial light diesel vehicles on a monthly basis and for printing & supply of IEC materials. Details regarding eligibility criteria items, terms & conditions and the formats for submission of tender (Technical & Price bid) are mentioned in the tender document which may be downloaded from the website www.bargarh.nic.in. Interested party may submit their tenders in a sealed envelope with superscribing on the top of the sealed envelope as "Tender for Hiring of Vehicles on Monthly Basis" in case of hired vehicle and "Tender for printing & supply of IEC materials" in case of printing materials. The tenders should reach the office of the undersigned by Dt. 03.12.2018 (till 4 PM). The Tenders will be opened at 11.30 AM on Dt. 04.12.2018 at DTU NHM Bargarh. The undersigned reserves the right to reject any or all the tenders without assigning any reason thereof.

Sd./-
CDM&PHO, Bargarh

## GOVERNMENT OF ODISHA, "e"-PROCUREMENT NOTICE WORKS DEPARTMENT

No.820-B:- **E-mail: ceroads.bbsr@gmail.com**
**Bid Identification No. CE-DPI & R-51/ 2018-19**

| | | |
|---|---|---|
| 1. | The Chief Engineer (DPI & Roads), Odisha on behalf of Governor of Odisha invites percentage rate bids in double cover system in ONLINE MODE from eligible contractors for Road/ Bridge works as mentioned below: | |
| 2. | Nature of work | Road works |
| 3. | No. of work | 03 Nos. |
| 4. | Tender Paper cost | Rs. 10,000.00/ each |
| 5. | Class of Contractor | Super Class |
| 6. | Available of bid document in the website | From 10.00 AM of November 20, 2018 to 05.00 PM of December 10, 2018. |
| 7. | Date of opening of Bid | 11.30 AM on December 11, 2018. |
| 8. | The Bidders have to participate in ONLINE bidding only. Further details can be seen from the website: https://tenderodisha.gov.in. Any addendum / corrigendum/ cancellation of tender can also be seen in the said website. | |

34117/11/0140/1819 **Sd./- OSD-cum-Chief Engineer (DPI & Roads), Odisha**



## ୱେବ୍ ସିରିଜରେ କରୀନା

କଥାରେ ଅଛି, ଏମନ ଖୋଜୁଥାଏ ଯାହା କାଳେ ପ୍ରାପତ ହୁଏ ତାହା। ଦେଖୁନାହାନ୍ତି, ଯେଉଁ ଆଶା ପୂରଣ ନେଇ କରୀନା ଚାହିଁ ବସିଥିଲେ ତାହା କିପରି ପୂରଣ ହୋଇଛି। ସେ ୱେବ ସିରିଜ୍‌ରେ ଆକ୍ଟିଂ କରିବାକୁ ଚାହୁଁଥିଲେ। ଖୁବ୍ ଶୀଘ୍ର ସେ ଡିଜିଟାଲ ଦୁନିଆରେ ପାଦ ଦେବେ। ଏହି ସିରିଜର କାହାଣୀ ଶୁଣିବା ପରେ ତାକୁ ବେଶ୍ ପସନ୍ଦ କରିଛନ୍ତି ସେ। କେବଳ ସେତିକି ନୁହେଁ ପତିଦେବ ସୈଫ ଅଲ୍ଲୀ ଖାଁଙ୍କର ମଧ୍ୟ ଏ ନେଇ ସମ୍ମତି ରହିଛି। ତେବେ ଏ ନେଇ କେବେ ପ୍ରଯୋଜନା ସଂସ୍ଥା ପକ୍ଷରୁ ବିଧିବଦ୍ଧ ଭାବରେ ଘୋଷଣା କରାଯାଉଛି ତାହା ଜାଣିବାକୁ ବାକି ରହିଲା।

ଅପେରା ହାଲଚାଲ

## ଜମୁଛି ସୁବାସ-ମାମା ଯୋଡି

ସୁବାସ ବେହେରା–ଜଲିଉଡ୍‌ରେ ସେ କେତେ ପରିଚିତ ତାହା କହିବା ବାହୁଲ୍ୟ। ଚଳିତ ଯାତ୍ରା ସିଜନରେ ସେ ସତ୍ୟ ଜେନାଙ୍କ ଅପେରା ରଙ୍ଗମହଲରେ ନିଜ ଅଭିନୟ କ୍ୟାରିୟର ଜାରି ରଖିଛନ୍ତି। ଏଥର ପରିବେଷିତ ହେଉଥିବା ନାଟକଗୁଡିକରେ ସେ କେବଳ ପ୍ରଶଂସା ସାଉଁଟୁ ନାହାନ୍ତି ତାଙ୍କ ସହ ନାୟିକା ଭାବରେ ଅବତୀର୍ଣ୍ଣ ହେଉଥିବା ମାମାଙ୍କ ଆକ୍ଟିଂ କୌଣସି ଗୁଣରେ କମ୍ ନୁହେଁ। ମୋଟ ଉପରେ ଏଥର ସୁବାସ–ମାମା ଯୋଡି ବେଶ୍ ଜମିଛି ବୋଲି କହିଲେ କିଛି ଭୁଲ ହେବ ନାହିଁ। ରଙ୍ଗମହଲର ଏବର୍ଷର ଚର୍ଚ୍ଚିତ ନାଟକ ମଧ୍ୟରେ ରହିଛି–ତାପସ ସ୍ୱାଇଁଙ୍କ ନିର୍ଦ୍ଦେଶିତ 'ଅଧେ ତୋର ଅଧେ ମୋର', ବିନୋଦ ରାଉତଙ୍କ 'ବାହା ହେଇଚ ନା ବାଡୁଅ ଅଛ' ଏବଂ ସୁବାସ ବେହେରାଙ୍କ ରଚିତ ଏବଂ ନିର୍ଦ୍ଦେଶିତ 'ସବୁ ମାୟାରେ ବାୟା'। ଏହାବ୍ୟତୀତ କିଶୋର ଖଣ୍ଡୁଆଳଙ୍କ 'କେମିତି ରାତି ସେ କେମିତି ସାଥୀ' ଏବଂ ଗତ ବର୍ଷର ରିପିଟ୍ ନାଟକ 'ମିଛୁଆ ରାଧୁଆ ଗପ ସରିଲା' ଦର୍ଶକଙ୍କୁ ପ୍ରଭାବିତ କରିବାରେ ସକ୍ଷମ ହୋଇଛି। ଏସବୁ ନାଟକରେ ଅନ୍ୟ କଳାକାରଙ୍କ ନିଖୁଣ ଅଭିନୟ ବ୍ୟତୀତ ସୁବାସ–ମାମାଙ୍କ ଭାବପ୍ରବଣ ଆକ୍ଟିଂ ଯାତ୍ରାପ୍ରେମୀଙ୍କୁ ଫୁଲ ଏଣ୍ଟରଟେନମେଣ୍ଟ ଦେଉଛି।



ସୁବାସ – ମାମା

## ଆରିଏନ୍ ଯାହା ଚାହୁଁଥିଲେ

ନବାଗତ ଆରିଏନ୍‌ଙ୍କୁ ଏକାଥରେ ଦୁଇଟି ଲକ୍ଷ୍ୟ ହାସଲ କରିବାକୁ ପଡିବ। ତେଣୁ ମାପିଚୁପି ପାଦ ପକାଉଛନ୍ତି। ଟିକେ ଯଦି ଓଲମ ବିଲମ ହୋଇଯାଏ ତା'ହେଲେ ସବୁ ପରିଶ୍ରମ ବୃଥା। ତାଙ୍କୁ ଏଭଳି ଏକ ଭୂମିକା ମିଳିଛି ରିଲିଜ ଅପେକ୍ଷାରେ ଥିବା ଓଡ଼ିଆ ସିନେମା 'ଯୋଉଠି ଥିଲେ ବି ତୁ ମୋର'ରେ। 'ଏହି ଫିଲ୍ମରେ ମୋତେ ଏକ ଗୁରୁତ୍ୱପୂର୍ଣ୍ଣ ରୋଲ୍ ମିଳିଛି। ଏଥିରେ ମୁଁ ଜଣେ ବିଜନେସମ୍ୟାନ ଭୂମିକାରେ ଅଭିନୟ କରୁଛି। କାହାଣୀ ଅନୁସାରେ ମୋ ମନକୁ ଜଣେ ସୁନ୍ଦରୀ ଚୋରି କରି ନେଇଛି। ପ୍ରେମ ସାଗରରେ ଉବୁଟୁବୁ ହେଉଛି ସିନା ହେଲେ ପ୍ରେମ ଆଉ ବିଜନେସ–ଏ ଦୁଇଟି ଜିନିଷକୁ ବେଶ୍ ସମାନ୍ତରାଳ ଭାବରେ ଚଲାଇବାକୁ ପଡୁଛି। ଏଥିରେ ମୁଁ କେତେ ସକ୍‌ସେସ ହେଉଛି ତାହା ଆପଣମାନେ ଫିଲ୍ମଟି ଦେଖିଲେ ହିଁ ଜାଣିପାରିବେ ବୋଲି କହନ୍ତି ଆରିଏନ୍।' ଏକ ତ୍ରିକୋଣୀୟ ପ୍ରେମ କାହାଣୀକୁ ଆଧାର କରି ଏହି ଫିଲ୍ମଟି ନିର୍ମିତ ହୋଇଛି। ଚିତ୍ରଟିର ନିର୍ଦ୍ଦେଶନା ଦେଇଛନ୍ତି ଶ୍ରୀକାନ୍ତ ଗୌତମ। ଆରିଏନ୍‌ଙ୍କ ବ୍ୟତୀତ ସମ୍ପିତ, ରିୟା, ବବି ମିଶ୍ର, ପୁପିନ୍ଦର, ଐଶ୍ୱର୍ଯ୍ୟା ବେହେରା ପ୍ରମୁଖ କଳାକାର ଏଥିରେ ଅଭିନୟ କରିଛନ୍ତି।



ଆରିଏନ – ରିୟା

## ଜ୍ୟୋତିଙ୍କ ପ୍ରେମ କାହାଣୀ

ଜ୍ୟୋତି ନାୟକ ଏବେ ପ୍ରେମରେ ପଡିଯାଇଛନ୍ତି। କାହା ସହ ଜାଣନ୍ତି ? ସୁନା ଚଢ଼େଇ ସହ। ଏହି ପ୍ରେମକୁ ସଫଳ କରିବାକୁ ସେ ସବୁ ପ୍ରକାର ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ତୟାର। କିନ୍ତୁ ଅସଲ କଥା ହେଲା ଏହି ପ୍ରେମର ସଂଯୋଗ ତାଙ୍କର ଅଭିନୟ ଜୀବନ ସହ ରହିଛି। ଆଉ ଚଳଚ୍ଚିତ୍ରଟି ହେଲା 'ତୁ ମୋ ସୁନା ଚଢ଼େଇ'। ଏଥିରେ ବଙ୍ଗୀୟ ଅଭିନେତ୍ରୀ ଏଲସା ଘୋଷ ତାଙ୍କର ନାୟିକା ସାଜିଛନ୍ତି। ଜ୍ୟୋତି–ଏଲସାଙ୍କ ବ୍ୟତୀତ ଏହି ଫିଲ୍ମର ଅନ୍ୟତମ ଆକର୍ଷଣ ହେଉଛନ୍ତି ରାଇମୋହନ (ଅଘୋରି) ଏବଂ ଅପେରା ଜଗତର ନାମୀ ଖଳନାୟକ ଦଇତାରି ପଣ୍ଡା। 'ସମାଜର ସବୁ ବର୍ଗର ଲୋକଙ୍କୁ ଦୃଷ୍ଟିରେ ରଖି ଫିଲ୍ମଟି ନିର୍ମାଣ କରାଯାଇଛି। ଅନ୍ୟପକ୍ଷରେ ବୈଦ୍ୟନାଥ ଦାଶଙ୍କ ସ୍ୱର ସଂଯୋଜିତ ଗୀତଗୁଡିକ ଦର୍ଶକଙ୍କ ମନକୁ ନିଶ୍ଚୟ ଛୁଇଁବ ବୋଲି କହନ୍ତି ଏହାର ନିର୍ଦ୍ଦେଶକ ଏସ. ଦିଲୀପ ପଣ୍ଡା। ନିତିନ ପଣ୍ଡା–ଭୂପେଶ ପଣ୍ଡାଙ୍କ ପ୍ରଯୋଜିତ ଏହି ଫିଲ୍ମରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ବୈଦନାଥ ଦାଶ।



'ତୁ ମୋ ସୁନା ଚଢ଼େଇ' ଚଳଚ୍ଚିତ୍ରରେ ଜ୍ୟୋତି – ଏଲ୍‌ସା

## ଏ ଦିଲ୍ ତତେ ଦେଲି

'ଏ ଦିଲ୍ ତତେ ଦେଲି' ଟାଇଟଲରୁ ଜଣାପଡୁଛି ଯେ ଏହାର କାହାଣୀ ପ୍ରେମ ଉପରେ ଆଧାରିତ। ଜଣେ ଜଣକୁ ଦିଲ୍ ଦେବା ବଡ କଥା ନୁହେଁ, ହେଲେ ସେହି ପ୍ରେମର ମୁଣ୍ଡି ମାରିପାରିଲେ ହେଲା। ତା' ଭିତରେ ଦେଖାଦେଉଥିବା ଘାତ ପ୍ରତିଘାତକୁ ସାମନା କରିବାର ସାହସ ଏବଂ ଶକ୍ତି ମଧ୍ୟ ଥିବା ଦରକାର। ସେପରି ଏକ ଭିନ୍ନ ଧରଣର କାହାଣୀକୁ ନେଇ ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା 'ଏ ଦିଲ୍ ତତେ ଦେଲି'। ଷ୍ଟେପ୍ ବାଏ ଷ୍ଟେପ୍ ବ୍ୟାନରରେ ଏବଂ ଅଖିଳେଶ ବର୍ମାଙ୍କ ପ୍ରଯୋଜନାରେ ଏହାର କାହାଣୀ, ଚିତ୍ରନାଟ୍ୟ, ସଂଳାପ ରଚନା ସହ ନିର୍ଦ୍ଦେଶନା ଦେଇଛନ୍ତି ନିଲୁ ବକ୍ସ। ଚଳଚ୍ଚିତ୍ରର ମୁଖ୍ୟ ଭୂମିକାରେ ଅଛନ୍ତି ବିଭାସ ଏବଂ ବମ୍ବେରେ ରହୁଥିବା ଓଡ଼ିଆ ଝିଅ ରିୟାନା ଶୁକ୍ଲା। ଏଥିରେ ମନୀଷା ମିଶ୍ର ଏବଂ ନିଲୁଙ୍କୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ। ମାନସ ସାହୁଙ୍କ ରଚିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ମହମ୍ମଦ ମୁସୀର।

ବିଭାସ – ରିୟାନା



## ପାଠ ପଢ଼ିବେ ସୋନମ

ସୋନମ କପୁର କଲେଜ ଯିବେ। ସେଠାରେ ପାଠ ପଢ଼ିବେ। ତେଣୁ ନିଜର ଷ୍ଟୁଡେଣ୍ଟ କ୍ୟାରିୟରକୁ ନେଇ ସେ ଉତ୍ସାହିତ ହୋଇପଡିଛନ୍ତି। ଅନେକ ହୁଏତ ଚିନ୍ତା କରିପାରନ୍ତି ଯେ ଘର ସଂସାର କରିବା ପରେ ସୋନମ କାହିଁକି ପାଠପଢ଼ା ଆଡକୁ ମନ ବଳାଇଲେ ? କଥାଟି ସତ, ହେଲେ ତାହା ଘଟିବାକୁ ଯାଉଛି ସୋନମଙ୍କ ରିଲ୍ ଲାଇଫରେ। ନିକଟରେ ସେ ଏକ ଅନଟାଇଟଲଡ ଫିଲ୍ମ ସାଇନ୍ କରିଛନ୍ତି, ଯେଉଁଥିରେ ସେ ଜଣେ କଲେଜ ଛାତ୍ରୀ ଭୂମିକାରେ ଅଭିନୟ କରିବେ। ଦେଖାଯାଉ, ଏଭଳି ଭୂମିକାରେ ଦର୍ଶକଙ୍କ ତାଙ୍କୁ କିପରି ଗ୍ରହଣ କରୁଛନ୍ତି।



ନୂଆ ସିନେମା

## ଅଜବ ସଞ୍ଜୁର ଗଜବ ଲଭ୍

ସଞ୍ଜୁ ଚରିତ୍ର ସହ ଓଡ଼ିଆ ସିନେ ଦର୍ଶକ ପ୍ରାୟ ପରିଚିତ। କାରଣ ଏହି ଭୂମିକାରେ ଅଧିକାଂଶ ଥର ବାବୁସାନ ଅବତୀର୍ଣ୍ଣ ହୋଇସାରିଛନ୍ତି। ପୁଣି ଅଶୋକ ପତିଙ୍କ ନିର୍ଦ୍ଦେଶିତ ଫିଲ୍ମରେ ତାଙ୍କୁ ମିଳିଛି ଏଭଳି ଭୂମିକା। ଏଥର ସଞ୍ଜୁର ଲଭ୍‌କୁ ନେଇ ପରୀକ୍ଷା ନିରୀକ୍ଷା କରୁଛନ୍ତି ଅଶୋକ। କାରଣ ସେପରି ଏକ ରୋମାଣ୍ଟିକ, କମେଡି ଏବଂ ଆକ୍ସନ କାହାଣୀକୁ ନେଇ ଶୁଟିଂ ଚାଲିଥିବା ନୂଆ ଓଡ଼ିଆ ସିନେମାର ନିର୍ଦ୍ଦେଶନା ଦେଉଛନ୍ତି ସେ ଆଉ ତାହାର ଟାଇଟଲ ଭୂମିକାରେ ଅଭିନୟ କରୁଛନ୍ତି ବାବୁସାନ୍। ଚଳଚ୍ଚିତ୍ରଟିର ଶୀର୍ଷକ ରହିଛି 'ଅଜବ ସଞ୍ଜୁର ଗଜବ ଲଭ୍'। ସାଇ ଶ୍ରଦ୍ଧା ଟେଲି ପ୍ରଡକ୍ସନ ବ୍ୟାନରରେ ଚିତ୍ରଟିର ପ୍ରଯୋଜନା କରୁଛନ୍ତି ନିହାର ସାମଲ–ବିନି ସାମଲ। ଚଳିତ ମାସ ୨୩ରେ ରିଲିଜ ହେବାକୁ ଯାଉଥିବା 'ସାଥୀ ତୁ ଫେରିଆ' ପରେ ଏହା ହେଉଛି ଦୁହିଁଙ୍କ ଦ୍ୱାରା ପ୍ରଯୋଜିତ ଦ୍ୱିତୀୟ ସିନେମା। ସଂଳାପ ରଚନା କରିଛନ୍ତି ରଣଜିତ ପଟ୍ଟନାୟକ। ଗୀତଗୁଡିକୁ ସ୍ୱର ଦେଇଛନ୍ତି ପ୍ରେମ ଆନନ୍ଦ। ଖାସ୍ କଥା ହେଲା 'ଲୋଫର', 'ଚକୋଲେଟ୍' ଏବଂ 'ଥୁକୁଲ୍' ପରେ ତୃତୀୟ ଥର ପାଇଁ ବାବୁସାନ୍‌ଙ୍କ ନାୟିକା ସାଜୁଛନ୍ତି ଅର୍ଚ୍ଚିତା। ଏହି ଯୋଡି ବ୍ୟତୀତ ମିହିର ଦାସ, ଅପରାଜିତା, ବବି ମିଶ୍ର ପ୍ରମୁଖ କଳାକାରଙ୍କୁ ଏହି ଫିଲ୍ମରେ ଦେଖିବାକୁ ମିଳିବ।




( ବାମରୁ ) ଅର୍ଚ୍ଚିତା, ବିନି ସାମଲ,ବାବୁସାନ,ଅଶୋକ ପତି

“ ସମବାୟ ଆନ୍ଦୋଳନକୁ ପ୍ରୋତ୍ସାହନ ଦେବା ଲାଗି କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ। ମହିଳା ଓ ଦିବ୍ୟାଙ୍ଗଙ୍କୁ ଅଧିକ ସହାୟତା ଦେବାକୁ ସମବାୟଗୁଡ଼ିକୁ ପାଣ୍ଠି ଯୋଗାଣ ବୃଦ୍ଧି କରାଯାଇଛି।
– ରାଧାମୋହନ ସିଂ, କେନ୍ଦ୍ର କୃଷିମନ୍ତ୍ରୀ



“ ଏୟାର ଇଣ୍ଡିଆର ୨୯ ହଜାର କୋଟି ଟଙ୍କାର ଋଣକୁ ଏକ ସ୍ପେଶିଆଲ ପରପସ ଭେହିକିଲ୍‌କୁ ସ୍ଥାନାନ୍ତର କରାଯିବ। ଏହାଦ୍ୱାରା ବିମାନ କମ୍ପାନୀ ଉପରେ ଥିବା ୫୫ ହଜାର କୋଟି ଟଙ୍କାର ଋଣ ବୋଝ କମିବ।
– ପ୍ରଦୀପ ସିଂ ଖାରୋଲା, ସିଏମ୍‌ଡି, ଏୟାର ଇଣ୍ଡିଆ



## ସଂକ୍ଷେପରେ

### ଜାରି ହେବ ୭୫ଟଙ୍କିଆ ମୁଦ୍ରା

**ନୂଆଦିଲ୍ଲୀ,୧୪-୧୧:** ଆଜାଦ୍ ହିନ୍ଦ ଫୌଜର ସୁପ୍ରିମ କମାଣ୍ଡର ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଦ୍ୱାରା ଆଣ୍ଡାମାନର ପୋର୍ଟ ବ୍ଲେୟାରଠାରେ ପ୍ରଥମ ଥର ଜାତୀୟ ପତାକା ଉତ୍ତୋଳନ କରାଯିବାର ୭୫ ବର୍ଷ ପୂର୍ତ୍ତି ପାଳନ ଅବସରରେ ୭୫ ଟଙ୍କିଆ ସ୍ମାରକୀ ମୁଦ୍ରା ପ୍ରଚଳନ କରାଯିବ। ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଏ ସମ୍ପର୍କରେ ଏକ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଏଥିରେ କୁହାଯାଇଛି ଯେ, ୩୫ ଗ୍ରାମ୍‌ର ଏହି ମୁଦ୍ରାରେ ୫୦ ପ୍ରତିଶତ ରୁପା,୪୦ ପ୍ରତିଶତ ତମ୍ବା ଏବଂ ୫-୫ ପ୍ରତିଶତ ଲେଖାଏ ଜିଙ୍କ ଓ ନିକେଲ ରହିବ। ସେଲ୍ୟୁଲାର ଜେଲ୍‌ର ପଛ କାନ୍ଥରେ ଜାତୀୟ ପତାକାକୁ ସଲାମୀ ଦେଉଥିବା ନେତାଜୀଙ୍କ ଫଟୋକୁ ଏହି ମୁଦ୍ରାରେ ସ୍ଥାନ ଦିଆଯିବ। ତାଙ୍କ ଫଟୋ ତଳେ ୭୫ ଅଙ୍କ ଲେଖାଯିବ। ଏଥିସହିତ ଏହି ମୁଦ୍ରାରେ ଦେବନାଗରୀ ଓ ଇଂଲିଶରେ ‘ପ୍ରଥମ ପତାକା ଉତ୍ତୋଳନ ଦିବସ’ ଉଲ୍ଲେଖ କରାଯିବ। ସୂଚନାଥାଉ କି, ନେତାଜୀ ସୁଭାଷ ବୋଷ ପୋର୍ଟ ବ୍ଲେୟାରରେ ୧୯୪୩ ଡିସେମ୍ବର ୩୦ରେ ପ୍ରଥମଥର ଜାତୀୟ ପତାକା ଉତ୍ତୋଳନ କରିଥିଲେ।

### ମାସକରେ ୨୨ ଡଲାର କମିଲା ଅଶୋଧିତ ତେଲ

**ନୂଆଦିଲ୍ଲୀ,୧୪-୧୧:** ବୁଧବାର ଅନ୍ତଃରାଷ୍ଟ୍ରୀୟ ବଜାରରେ ଅଶୋଧିତ ତେଲ ଦର ୭% ହ୍ରାସ ପାଇ ୬୫.୦୯ ଡଲାର ପ୍ରତି ବ୍ୟାରେଲ ହୋଇଛି। ଗତ ମାସର ପ୍ରଥମ ସପ୍ତାହ ଠାରୁ ଚଳିତ ମାସର ଦ୍ୱିତୀୟ ସପ୍ତାହ ସୁଦ୍ଧା ତେଲ ଦର ୨୨ ଡଲାର ପ୍ରତି ବ୍ୟାରେଲ ହ୍ରାସ ପାଇଛି। ଏହାର ପ୍ରଭାବ ଟଙ୍କାର ମୂଲ୍ୟ ଉପରେ ପଡ଼ିଛି। ଟଙ୍କା ୩୫ ପଇସା ବୃଦ୍ଧି ପାଇଛି। ନଭେମ୍ବର ୫ରେ ଇରାନ ବିରୋଧରେ ଆମେରିକାର କଟକଣାକୁ ନେଇ ଆଶଙ୍କା ମଧ୍ୟରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର କ୍ରମାଗତ ବଢ଼ି ଚାଲିଥିଲା। ତେବେ ଏହି ଆଶଙ୍କା ଅମୂଳକ ପ୍ରମାଣିତ ହୋଇଛି। କାରଣ ଭାରତ ସମେତ ୮ଟି ଦେଶ ପାଇଁ ଆମେରିକା କଟକଣା କୋହଳ କରିବା ପରେ ତେଲ ଦର ହ୍ରାସ ପାଇଚାଲିଛି। ଯାହା ବୁଧବାର ୬୫ ଡଲାରରେ ପହଞ୍ଚିଛି। ଅକ୍ଟୋବର ପ୍ରଥମ ସପ୍ତାହରେ ତେଲ ଦର ସର୍ବୋଚ୍ଚ ସ୍ତର ୮୭ ଡଲାର ପ୍ରତି ବ୍ୟାରେଲରେ ପହଞ୍ଚିଯାଇଥିଲା।

# ସରକାରୀ ଅଡିଟ୍‌ର ସମ୍ମୁଖୀନ ହେବେ ଟେଲିକମ୍ କମ୍ପାନୀ

ନୂଆଦିଲ୍ଲୀ,୧୪-୧୧

- ୨୦୧୯ ଜାନୁୟାରୀରେ ନିଯୁକ୍ତ ହେବେ ୬ ଅଡିଟର
- ତଥ୍ୟ ଲୁଚାଇଛନ୍ତି ୬ ଟେଲିକମ କମ୍ପାନୀ
- ୭୬୦୦ କୋଟି କମ୍ ରାଜସ୍ୱ ପାଇଛନ୍ତି ସରକାର



ପ୍ରତିଯୋଗିତା ଏବଂ ଅନ୍ୟାନ୍ୟ କାରଣରୁ ଟେଲିକମ୍ ଉଦ୍ୟୋଗ ଏବେ ତିଷ୍ଠି ରହିବା ଲାଗି ପ୍ରୟାସ କରୁଥିବା ବେଳେ ରାଜସ୍ୱ ଆୟ ତଥ୍ୟ ଲୁଚାଇବା ଅଭିଯୋଗରେ ଏବେ ସରକାରୀ ଛାଟର ସମ୍ମୁଖୀନ ହୋଇଛନ୍ତି। ରାଜସ୍ୱ ଆୟ କମ୍ ଦର୍ଶାଇବା ଅଭିଯୋଗ ଆଣି ଏବେ କେନ୍ଦ୍ର ସରକାର ଦେଶର ପ୍ରମୁଖ ଟେଲିକମ୍ କମ୍ପାନୀଙ୍କ ପୁନରାୟ ଅଡିଟ୍ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

କେନ୍ଦ୍ର ସରକାରଙ୍କ ସନ୍ଦେହ ଯେ, ସମସ୍ତେ ନ ହେଲେ ମଧ୍ୟ କେତେକ ଟେଲିକମ୍ ଅପରେଟର ନିଜର ଆୟକୁ କମ୍ ଦର୍ଶାଇଛନ୍ତି। ଏହାଦ୍ୱାରା କେନ୍ଦ୍ର ସରକାରଙ୍କୁ କମ୍ ରାଜସ୍ୱ ମିଳିଛି। ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି ଯେ, ଭାରତୀ ଏୟାରଟେଲ୍, ଭୋଡାଫୋନ ଏବଂ ଆଇଡିଆ ସେଲ୍ୟୁଲାର(ଏବେ ସେମାନେ ଏକାଠି ହୋଇଛନ୍ତି), ବନ୍ଦ ହୋଇଯାଇଥିବା ଟାଟା ଟେଲି ଏବଂ ନୂଆ ପ୍ରବେଶ କରିଥିବ ରିଲାଏନ୍ସ ଜିଓ ଉପରେ ସରକାରଙ୍କ ନଜର ରହିଛି। ଗତ ବର୍ଷ ଜୁଲାଇରେ ସିଏଜିଙ୍କ ରିପୋର୍ଟ ସଂସଦରେ ଉପସ୍ଥାପନ କରାଯାଇଥିଲା। ଏଥିରେ ଦର୍ଶାଯାଇଥିଲା ଯେ, ୬ଟି ଟେଲିକମ କମ୍ପାନୀ ଭାରତୀ ଏୟାରଟେଲ, ଭୋଡାଫୋନ, ଆଇଡିଆ, ଆର୍‌କମ୍,ସିଷ୍ଟେମା ଶ୍ୟାମ୍ ଟେଲିସର୍ଭିସ ଏବଂ ଏୟାରସେଲ୍ ଗତ ୫ ବର୍ଷ ଭିତରେ ନିଜର ମୋଟ୍ ରାଜସ୍ୱ ଆୟ ୬୧ ହଜାର କୋଟି ଟଙ୍କା କମ୍ ଦର୍ଶାଇଛନ୍ତି। ଫଳରେ ସରକାର ରାଜସ୍ୱ ବାବଦରେ ୭୬୦୦ କୋଟି ଟଙ୍କା କମ୍ ପାଇଛନ୍ତି। ଏହାଛଡା ଏହି ୬ ଟେଲିକମ କମ୍ପାନୀଙ୍କ ଠାରୁ ସ୍ୱଳ୍ପକାଳୀନ ଦେୟ ବାବଦରେ ଆହୁରି ୪୫୩୨ କୋଟି ଟଙ୍କା ସରକାର ପାଇବେ। ଏହି ରିପୋର୍ଟକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଆସନ୍ତା ବର୍ଷ ଜାନୁୟାରୀ ପ୍ରଥମ ସପ୍ତାହ ସୁଦ୍ଧା ୬ ଜଣ ଅଡିଟରଙ୍କୁ ନିଯୁକ୍ତ କରିବେ। ଏହି ପ୍ରକ୍ରିୟା ଆସନ୍ତା ୯ ମାସ ଭିତରେ ସମ୍ପନ୍ନ ହେବ। ଅଡିଟ ଆରମ୍ଭ ପାଇଁ ଟେଲିକମ ମନ୍ତ୍ରଣାଳୟ ପକ୍ଷରୁ ପଦକ୍ଷେପ ନିଆଯିବ ଭିତରେ ଉକ୍ତ ୬ଟି ଟେଲିକମ କମ୍ପାନୀଙ୍କୁ ନୋଟିସ ଜାରି କରାଯିବ। ଦେଶର ଟେଲିକମ ନୀତି ଅନୁଯାୟୀ ମୋବାଇଲ ଅପରେଟରମାନେ ସେମାନଙ୍କ ମୋଟ୍ ରାଜସ୍ୱ ଆୟର ୮% ବାର୍ଷିକ ଲାଇସେନ୍ସ ଫି ବାବଦରେ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରିଥାନ୍ତି। ସେମାନେ ସ୍ପେକ୍ଟ୍ରମ ବ୍ୟବହାର କରିବା ବାବଦରେ ସରକାରଙ୍କୁ ଏକ ଚାର୍ଜ ଦେଇଥାନ୍ତି।

# ବ୍ୟାଙ୍କ, ଏମ୍‌ଏସ୍‌ଏମ୍‌ଇଙ୍କୁ ଆଶ୍ୱସ୍ତି ଦେଇପାରେ ଆର୍‌ବିଆଇ

ମୁମ୍ବାଇ,୧୪-୧୧



ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ପ୍ରମ୍ପଟ୍ କରେକ୍ଟିଭ ଆକ୍ସନ ବା ତ୍ୱରିତ୍ ସୁଧାର ପଦକ୍ଷେପ(ପିସିଏ) ଫ୍ରେମୱାର୍କ ଏବଂ ଏମ୍‌ଏସ୍‌ଏମ୍‌ଇ ସେକ୍ଟରକୁ ଋଣ ଦେବା ନିୟମ କୋହଳ କରିବାକୁ ବିଚାର କରୁଛି। ଏହାକୁ ନେଇ କେନ୍ଦ୍ର ସରକାରଙ୍କ ସହ ମୁହାଁମୁହିଁ ହୋଇଥିବା କେନ୍ଦ୍ରୀୟ ବ୍ୟାଙ୍କ ଏବେ ସାଲିସ୍ କରିବା ମୁଡ୍‌ରେ ରହିଛି। ଆସନ୍ତା ୧୯ରେ ହେବାକୁ ଥିବା ରିଜର୍ଭ ବ୍ୟାଙ୍କର ବୋର୍ଡ ବୈଠକ ପୂର୍ବରୁ ଉକ୍ତ ପଦକ୍ଷେପ ନିଆଯାଇପାରେ ବୋଲି ସୂଚନା ମିଳିଛି। ମିଳିଥିବା ସୂଚନାରୁ ଜଣାପଡ଼ିଛି ଯେ, ପିସିଏକୁ ନେଇ ସରକାରଙ୍କ ସହ ସହମତି ପ୍ରକାଶ ନ ପାଇଲେ ପରବର୍ତ୍ତୀ ବୋର୍ଡ ବୈଠକ ପୂର୍ବରୁ ଏହା ସମ୍ଭବ ହୋଇପାରେ। ଆର୍‌ବିଆଇ ନିଜର ପୂର୍ବ ନିର୍ଦ୍ଦେଶକୁ କୋହଳ କଲେ କେତେକ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଚଳିତ ଆର୍ଥିକ ବର୍ଷ ଶେଷ ହେବା ପୂର୍ବରୁ ପିସିଏରୁ ବାହାରି ଆସିବେ। ମୋଟ୍ ୨୧ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମଧ୍ୟରୁ ୧୧ଟିକୁ ଏବେ ପିସିଏରେ ସାମିଲ କରାଯାଇଛି। ସେଗୁଡ଼ିକ ହେଲ ଆଲ୍ଲାହାବାଦ ବ୍ୟାଙ୍କ, ୟୁନାଇଟେଡ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, କର୍ପୋରେଶନ ବ୍ୟାଙ୍କ, ଆଇଡିବିଆଇ ବ୍ୟାଙ୍କ, ୟୁକୋ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ଇଣ୍ଡିଆ, ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଇଣ୍ଡିଆନ ଓଭରସିଜ ବ୍ୟାଙ୍କ, ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସ, ଦେନା ବ୍ୟାଙ୍କ ଏବଂ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ପ୍ରମୁଖ। କେନ୍ଦ୍ରୀୟ ବ୍ୟାଙ୍କ ଦ୍ୱାରା ପ୍ରଣୀତ ତିନୋଟି ମାନଦଣ୍ଡ ମଧ୍ୟରୁ ଯେକୌଣସି ଗୋଟିଏ ପୂରଣ କରିବାରେ ବିଫଳ ହେଲେ ସମ୍ପୃକ୍ତ ବ୍ୟାଙ୍କକୁ ପିସିଏରେ ସାମିଲ କରାଯାଏ।

# ରେମଣ୍ଡ ଆପାରେଲରୁ ଗୌତମ ସିଂଘାଣିଆଙ୍କ ଇସ୍ତଫା

ନୂଆଦିଲ୍ଲୀ,୧୪-୧୧



ରେମଣ୍ଡ ଆପାରେଲର ଅଧ୍ୟକ୍ଷ ପଦରୁ ଗୌତମ ସିଂଘାଣିଆ ଇସ୍ତଫା ଦେଇଛନ୍ତି। କମ୍ପାନୀ ପକ୍ଷରୁ ବୁଧବାର ଏ ସମ୍ପର୍କରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜକୁ ଜଣାଇ ଦିଆଯାଇଛି। ତାଙ୍କ ସ୍ଥାନରେ ବୋର୍ଡ ନିର୍ଦ୍ଦେଶକ ନିର୍ବିକ ସିଂହଙ୍କୁ ରେମଣ୍ଡ ଆପାରେଲର ଅଣ କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଛି। ସେହିଭଳି ଅଂଶୁ ସରିନ ଏବଂ ଗୌତମ ତ୍ରିବେଦୀଙ୍କୁ ବୋର୍ଡ ନିର୍ଦ୍ଦେଶକ କରାଯାଇଛି।

ମାର୍କେଟିଂ ଏବଂ କମ୍ୟୁନିକେଶନ୍ସ ଉଦ୍ୟୋଗର ଶୀର୍ଷ ଅଧିକାରୀ ଭାବେ ଜଣାଶୁଣା ନିର୍ବିକ ବର୍ତ୍ତମାନ ଗ୍ରେ ଗ୍ରୁପ୍ ଏସିଆ ପାସିଫିକ୍‌ର ମଧ୍ୟପ୍ରାଚ୍ୟ,ଆମେରିକା ଓ ଏସିଆ ପାସିଫିକ୍‌ର ଅଧ୍ୟକ୍ଷ ତଥା ସିଇଓ ଭାବେ କାର୍ଯ୍ୟ କରୁଛନ୍ତି। ଉକ୍ତ ନିଯୁକ୍ତି ସମ୍ପର୍କରେ ନିଜ ପ୍ରତିକ୍ରିୟାରେ ସିଂଘାଣିଆ କହିଛନ୍ତି ଯେ, ସେ ସର୍ବଦା ପରିଚାଳନା ମାନଦଣ୍ଡ ଉପରେ ଗୁରୁତ୍ୱ ଦେଇ ଆସିଛନ୍ତି। ସର୍ବଦା କାରବାରରେ ପେସାଦାରି ମନୋଭାବକୁ ପ୍ରୋତ୍ସାହିତ କରିଛନ୍ତି। ନିର୍ବିକଙ୍କୁ ରେମଣ୍ଡ ଆପାରେଲର ଅଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଥିବାରୁ ସେ ଆନନ୍ଦିତ। ଉଲ୍ଲେଖଥାଉ କି, ପାରିବାରିକ ବ୍ୟବସାୟ ଜେକେ ହାଉସକୁ ନେଇ ଗୌତମ ସିଂଘାଣିଆଙ୍କ ସହିତ ତାଙ୍କ ପିତା ବିଜୟପତ ସିଂଘାଣିଆଙ୍କ ଆଇନଗତ ଲଢ଼େଇ ଚାଲିଛି।

# ବିମୁଦ୍ରୀକରଣ ପରେ ଦାଖଲ ହୋଇନି ରିଟର୍ନ
# ୮୦ ହଜାର ଟିକସଦାତାଙ୍କୁ ଧରିବ ଆଇଟି

ନୂଆଦିଲ୍ଲୀ,୧୪-୧୧




ବିମୁଦ୍ରୀକରଣ ପରେ ଗତ ୩ ବର୍ଷ ହେବ ଆଦୌ ରିଟର୍ନ ଦାଖଲ କରି ନ ଥିବା ଟିକସଦାତାଙ୍କୁ ଧରିବା ଲାଗି ଆୟକର ବିଭାଗ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ପ୍ରାୟ ୮୦ ହଜାର ଟିକସଦାତା ସେମାନଙ୍କ ରିଟର୍ନ ଦାଖଲ କରିନାହାନ୍ତି ବୋଲି ସେଣ୍ଟ୍ରାଲ ବୋର୍ଡ ଡାଇରେକ୍ଟ ଟ୍ୟାକ୍ସେସ (ସିବିଡିଟି) ଅଧ୍ୟକ୍ଷ ସୁଶୀଲ ଚନ୍ଦ୍ରା ପ୍ରକାଶ କରିଛନ୍ତି।

ଏଠାରେ ପ୍ରଗତି ମଇଦାନରେ ଆରମ୍ଭ ହୋଇଥିବା ଇଣ୍ଡିଆ ଇଣ୍ଟରନ୍ୟାଶନାଲ ବାଣିଜ୍ୟ ମେଳାରେ ଆୟକର ବିଭାଗର ଷ୍ଟଲ୍‌କୁ ଉଦଘାଟନ କରିବା ଅବସରରେ ସିବିଡିଟି ଅଧ୍ୟକ୍ଷ ଚନ୍ଦ୍ରା କହିଛନ୍ତି ଯେ, ବିମୁଦ୍ରୀକରଣ ପରେ ୩.୦୫ ଲକ୍ଷ ଟିକସଦାତା ସେମାନଙ୍କର ରିଟର୍ନ ଦାଖଲ କରି ନ ଥିଲେ। ଆୟକର ବିଭାଗ(ଆଇଟି)ର ନୋଟିସ ପରେ ସେମାନଙ୍କ ମଧ୍ୟରୁ ପ୍ରାୟ ୨.୨୫ ଲକ୍ଷ ରିଟର୍ନ ଦାଖଲ କରିସାରିଛନ୍ତି। ଅବଶିଷ୍ଟ ୮୦ ହଜାର ଦାଖଲ କରିନାହାନ୍ତି। ସେମାନଙ୍କୁ ଏକାଧିକ ଥର ନୋଟିସ ପଠାଯାଇଛି। ରିଟର୍ନ ଦାଖଲ ନ କରିବାର କାରଣ ସେମାନେ ଜଣାଇନାହାନ୍ତି ବୋଲି ଚନ୍ଦ୍ରା କହିଛନ୍ତି।


# ନିୟନ୍ତ୍ରିତ ବଜାର କମିଟି, ବଲାଙ୍ଗିର
## ଜିଲ୍ଲା - ବଲାଙ୍ଗିର(ଓଡ଼ିଶା)



ଏତଦ୍ ଦ୍ୱାରା ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ବଲାଙ୍ଗିର ଉପଖଣ୍ଡର ସମସ୍ତ ଚାଷୀ ଭାଇ ଓ ଭଉଣୀ ମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ଓଡ଼ିଶା ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗଙ୍କ ନିର୍ଦ୍ଦେଶ କ୍ରମେ ଆସନ୍ତା ଖରିଫ୍ ଋତୁ (୨୦୧୮-୧୯) ବର୍ଷ ପାଇଁ ସରକାର ନିମ୍ନ ମତେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ନିର୍ଦ୍ଧାରଣ କରିଛନ୍ତି । ତେଣୁ ଚାଷୀ ଭାଇ ଓ ଭଉଣୀ ମାନେ ତାଙ୍କର ଉତ୍ପାଦିତ ବଳକା ଧାନ ସବୁକୁ ପ୍ରାଥମିକ କୃଷି ସମବାୟ ସମିତି ମାନଙ୍କରେ ନିର୍ଦ୍ଧାରିତ ଦିବସରେ ବିକ୍ରୀ କରିବା ପାଇଁ ଅନୁରୋଧ ।

ଚଳିତ ବର୍ଷ ଚାଷୀଙ୍କର ଆଦାୟ ଧାନରୁ ଘରର ଖର୍ଚ୍ଚ ବାବଦକୁ କଟାଯାଉଥିବା ମୁଣ୍ଡପିଛା ୩ କ୍ୱିଣ୍ଟାଲ ଧାନକୁ କାଟିବା ସକାଶେ ଚଳିତ ବର୍ଷ ବାଦ ଦିଆ ଯାଇଛି ।

**“ଚାଷୀ ଭାଇମାନଙ୍କୁ ଅନୁରୋଧ ଧାନ ସବୁକୁ ଠିକ୍ ଭାବରେ ଖରାରେ ଶୁଖାଇ ବାଲି, ମାଟି, କୁଟା, ଅଗାଡ଼ି ଇତ୍ୟାଦିକୁ ଭଲ ଭାବରେ ସଫାକରି ବିକ୍ରୟ କେନ୍ଦ୍ରକୁ ଆଣିବା ହେବେ । ଯେପରି ଧାନ ବ୍ୟବସାୟଯୋଗୀ, ଖାଦ୍ୟ ଉପଯୋଗୀ ଏବଂ ପୋକରା, ଦୁର୍ଗନ୍ଧ ଓ ବିଷ ମୁକ୍ତ ହୋଇଥିବ ।”**

ବଲାଙ୍ଗିର ଉପଖଣ୍ଡର ପ୍ରାଥମିକ କୃଷି ସମବାୟ ସମିତି ମାନଙ୍କ ଜରିଆରେ **ତା. ୧୪.୧୧.୨୦୧୮ ରିଖ** ରୁ ଧାନ କ୍ରୟ କରିବା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ନିଷ୍ପତ୍ତିନିଆଯାଇଛି । ତେଣୁ ପ୍ରତ୍ୟେକ ଚାଷୀ ନିଜ ନିଜର ଅଞ୍ଚଳରେ ଥିବା କ୍ରୟକେନ୍ଦ୍ର ମାନଙ୍କରେ ଜିଲ୍ଲା ପ୍ରଶାସନ ଦ୍ୱାରା ଧାର୍ଯ୍ୟ ଦିନ ମାନଙ୍କରେ **ସମୟ ସକାଳ ଘ. ୮.୦୦ ରୁ ଅପରାହ୍ନ ଘ. ୧.୦୦** ମଧ୍ୟରେ ବଳକା ଧାନ ଆଣିବା ହେବେ । ପ୍ରତ୍ୟେକ ଚାଷୀ ଏଥିପାଇଁ ସେମାନଙ୍କୁ ସଂପୃକ୍ତ ପ୍ରାଥମିକ କୃଷି ସମବାୟ ସମିତିରୁ ଅଗ୍ରୀମ ଟୋକନ ଆଣିବାକୁ ପଡ଼ିବ ।

ପ୍ରକାଶଥାଉକି ଚାଷୀ ଧାନ ବିକ୍ରୟ କଲା ସମୟରେ ସାଙ୍ଗରେ ଯେ କୌଣସି ପରିଚୟ ପତ୍ର ଯଥା ଆଧାର କାର୍ଡ଼, ଭୋଟର ପରିଚୟ ପତ୍ର, ବିଜୁ କୃଷକ କଲ୍ୟାଣ ଯୋଜନା କାର୍ଡ଼ ଇତ୍ୟାଦି ଆଣିବାକୁ ହେବ ।



**ଧାନର ଗୁଣାତ୍ମକ ମାନ**

| କ୍ର.ନଂ | ଧାନରେ ମିଶ୍ରିତ ନିକୃଷ୍ଟ ବାହ୍ୟ ପଦାର୍ଥ | ଏଫ୍.ଏ. କ୍ୟୁ ମାନର ଧାନ ପାଇଁ ସର୍ବୋଚ୍ଚ ସୀମା (%) |
|---|---|---|
| ୧. | ଅଜୈବୀକ ବାହ୍ୟ ପଦାର୍ଥ (ବାଲି, ମାଟି, ଗୋଡ଼ି, ପଥର ବା ଧୂଳି ଇତ୍ୟାଦି) | ୧.୦% |
| ୨. | ଜୈବୀକ ବାହ୍ୟ ପଦାର୍ଥ (କାଠି, କୁଟା, ଧୁଷ, ଅଗାଡ଼ି ବା ପୋଲା ଇତ୍ୟାଦି) | ୧.୦% |
| ୩. | ଖରାପ, ବେରଙ୍ଗୀ, ପାଣିଫୁଲା ଓ ପୋକା (ଖରାପ, ପାଣିଫୁଲା ଓ ପୋକା ମିଶି ୪% ରୁ ଅଧିକ ହୋଇନଥିବ) | ୫.୦% |
| ୪. | ଅପରିପକ୍ୱ (କଞ୍ଚା-ସବୁଜ) ବଙ୍କା ଓ ସଙ୍କୁଚିତ ଇତ୍ୟାଦି | ୩.୦% |
| ୫. | ସରୁଧାନରେ ମିଶ୍ରିତ ମୋଟା ଧାନ (କେବଳ ଗ୍ରେଡ଼ “ଏ” ଧାନ ନିମନ୍ତେ) | ୬.୦% |
| ୬. | ଆର୍ଦ୍ରତା ବା ଜଳୀୟ ଅଂଶ | ୧୭.୦% |

**ଏହି ବର୍ଗର ଧାନ ପାଇଁ ସରକାରୀ ଧାର୍ଯ୍ୟ ଦର ନିମ୍ନରେ ଦିଆଗଲା**

| କ୍ର.ସଂ | ଧାନର ମାନ | ସରକାରୀ ଧାର୍ଯ୍ୟ ଦର (କ୍ୱିଣ୍ଟାଲ ପିଛା) | ବସ୍ତାପିଛା ଦର (୭୫ କେ:ଜି:) |
|---|---|---|---|
| ୧. | ଗ୍ରେଡ଼- “ଏ” ଧାନ | ଟ. ୧୭୭୦.୦୦ | ଟ. ୧୩୨୭.୫୦ |
| ୨. | ସାଧାରଣ ଧାନ (ଏଫ୍.ଏ.କ୍ୟୁ) | ଟ. ୧୭୫୦.୦୦ | ଟ. ୧୩୧୨.୫୦ |

**ବିକ୍ରିଯୋଗ୍ୟ ବଳକା ଧାନ ଖରିଫ ଋତୁ (୨୦୧୮-୧୯) ପାଇଁ - ଜଳସେଚିତ ଏକର ପିଛା କ୍ୱିଣ୍ଟାଲ ୧୯.୦୦ ଅଣଜଳସେଚିତ ଏକର ପିଛା କ୍ୱିଣ୍ଟାଲ ୧୩.୦୦**

**ଧାନ ସଂଗ୍ରହ କରିବାର୍ ସ୍ଥାନ ଓ ଦିବସର୍ ବିବରଣୀ ନିମ୍ନରେ ପ୍ରଦତ୍ତ କରାଗଲା :-**

| ପ୍ରାଥମିକ କୃଷି ସମବାୟ ସମିତିର ନାମ | ଧାନ କ୍ରୟ କରିବାର ଦିବସ |
|---|---|
| ଆଗଲପୁର, ବଦୁଲା, ବୁରୋଭାଡି, ମୁରସୁଣ୍ଡି, ନଅଗାଁ (କ), ପଟୁଆପାଲି, ସାଲେଭଟା, ଭୁଣ୍ଡିମୁହାନ, ଚନ୍ଦନଭାଟି, ଚୂଡାପାଲି | ସୋମବାର, ମଙ୍ଗଳ,ଶୁକ୍ରବାର |
| ବଡଟିକା , ବକଟି, ବେନ୍ଦ୍ରା, ଭରସୁଜା, ଡୁଡୁକା, ରୋଡ୍,ଜି.ଏସ. ଡୁଙ୍ଗୁରୀପାଲି, କନ୍ଧାକୁରୀ, ଛତାମଖନା, ଦଶପୁର,ମହିମୁଣ୍ଡା, ମଲମୁଣ୍ଡା, ତଲଗଜ,ବିଡିଘାଟ,ଖୁଜେନପାଲି,ଶିବତଲା,ଦେଓଗାଁ,କୁତୁଲ୍ଲା,ରାମଚନ୍ଦ୍ରପୁର,ଉପରଝର,ଝାରସମରା,ନୂଆପଡା,ରୁଷୁଡା,ତୁଷୁରା । | ମଙ୍ଗଳବାର,ଗୁରୁବାର,ଶନିବାର |
| ବାଦିମୁଣ୍ଡା, ଲୋଇସିଂହା,ବଇରାସର,ଭାଲେର,ତୁଲଣ୍ଡି, ବନ୍ଧପଡା | ସୋମବାର,ମଙ୍ଗଳ, ବୁଧବାର |
| ବୁର୍ଡା, ଯୋଗୀସର୍ଡା, କୁଶଙ୍ଗ, ରେଙ୍ଗାଲି, ବୁବେଲ, ଛତାପିପଳ,ପିପିର୍ଡା, ସାଉନ୍ତପୁର, କୁଡାସିଙ୍ଗା,କୁଥୁର୍ଲା,ମନହିରା,ବଡବନ୍ଧ,ଗୌରଗୋଠ,ଜରାସିଂହା,ମହଲେଇ,ଘୁନା,ଗୁଡଭେଲା,ଜାମୁଟ, ତେତେଲଖୁଣ୍ଟି । | ସୋମବାର, ବୁଧ, ଶୁକ୍ରବାର |
| କୁଶମେଲ, ଜାମଗାଁ, ଧଣ୍ଡାମାଲ,ସାରସମାଲ, | ଗୁରୁବାର, ଶୁକ୍ରବାର, ଶନିବାର |
| ସରଗାଡ, ବିଲେଇସର୍ଡା,ସକମା | ମଙ୍ଗଳବାର,ଶୁକ୍ରବାର,ଶନିବାର |
| ପୁଇଁତଲା | ମଙ୍ଗଳବାର,ବୁଧ, ଗୁରୁବାର |
| ବାରପୁଡୁଗିଆ | ସୋମବାର,ମଙ୍ଗଳବାର |
| ଝାକରପାଲି | ବୁଧବାର,ଗୁରୁବାର |
| ସଦେଇପାଲି | ଶୁକ୍ରବାର, ଶନିବାର |
| ଅର୍ଜୁନପୁର | ମଙ୍ଗଳ,ଗୁରୁବାର,ଶୁକ୍ରବାର |

**“ଚାଷୀ ହସିଲେ ଦୁନିଆ ହସିବ”**

ସ୍ୱା- ସମ୍ପାଦକ
ନିୟନ୍ତ୍ରିତ ବଜାର କମିଟି, ବଲାଙ୍ଗିର

ସ୍ୱା- ଉପଜିଲ୍ଲାପାଳ ବଲାଙ୍ଗିର ତଥା ଅଧ୍ୟକ୍ଷ
ନିୟନ୍ତ୍ରିତ ବଜାର କମିଟି, ବଲାଙ୍ଗିର



“କୋହଲି ଓ ରୋହିତ୍ ଯେଉଁଭଳି ଭାରତୀୟ ଦଳ ପାଇଁ ଅପରିହାର୍ଯ୍ୟ, ଡେଭିଡ୍ ୱାର୍ନର ଓ ଷ୍ଟିଭେନ ସ୍ମିଥ୍ ଅଷ୍ଟ୍ରେଲିଆ ପାଇଁ ସେତିକି ଗୁରୁତ୍ୱପୂର୍ଣ୍ଣ ।
– ସୌରଭ ଗାଙ୍ଗୁଲି, ପ୍ରାକ୍ତନ ଭାରତୀୟ ଅଧିନାୟକ



“ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜରେ ଭାରତ ପାଇଁ ଭଲ ସୁଯୋଗ ରହିଛି। କିନ୍ତୁ ଏହି ଗସ୍ତ ଭାରତୀୟ ଦ୍ରୁତ ବୋଲରଙ୍କ ଲାଗି ବୃହତ ଚ୍ୟାଲେଞ୍ଜ ସଦୃଶ ହେବ।
– ଆଶିଷ ନେହେରା, ପ୍ରାକ୍ତନ ଭାରତୀୟ କ୍ରିକେଟର

## ସଂକ୍ଷେପରେ

### ଷ୍ଟାର୍କଙ୍କ ସହ ସମ୍ପର୍କ ଛିନ୍ନ କଲା କେକେଆର

ସିଡ୍‌ନୀ,୧୪।୧୧- ବିଶ୍ୱକପ୍ ପାଇଁ ପ୍ରସ୍ତୁତ ହେବା ଲାଗି ଅଷ୍ଟ୍ରେଲିଆନ ପେସର ମିଚେଲ ଷ୍ଟାର୍କ ଆଇପିଏଲ ଆଗାମୀ ସଂସ୍କରଣରେ ଖେଳି ନ ପାରନ୍ତି। ଏଣୁ ଆଇପିଏଲ ଫ୍ରାଞ୍ଚାଇଜ କୋଲକାତା ନାଇଟ୍ ରାଇଡର୍ସ (କେକେଆର) ମୋବାଇଲ ମେସେଜ ଜରିଆରେ ସମ୍ପର୍କ ଛିନ୍ନ କରିଛି। ବାମହାତୀ ଦ୍ରୁତ ବୋଲରଙ୍କୁ ଗତ ଖେଳାଳିଙ୍କ ନିଲାମ ପ୍ରକ୍ରିୟାରେ ୧.୪୭ ନିୟୁତ ଆମେରିକୀୟ ଡଲାରରେ କେକେଆର ଦଳ କିଣିଥିଲା। ମାତ୍ର ସେ ୧୧ତମ ସିଜନରେ ଖେଳି ନ ଥିଲେ। କେକେଆର ପକ୍ଷରୁ ଦିଆଯାଇଥିବା ଷ୍ଟାର୍କଙ୍କୁ ମେସେଜରେ ଆଗାମୀ ସିଜନ ଲାଗି ପ୍ରସ୍ତୁତି ଯୋଜନାରେ ତାଙ୍କୁ ସ୍ଥାନ ଦିଆଯାଇ ନାହିଁ। ‘‘ମୋତେ ଦୁଇ ଦିନ ପୂର୍ବେ କେକେଆର ମାଲିକଙ୍କ ନିକଟରୁ ଏକ ମେସେଜ ଆସିଥିଲା। ମୋ ଚୁକ୍ତିକୁ ବାତିଲ କରାଯାଇଛି’’ ବୋଲି ଷ୍ଟାର୍କ କହିଛନ୍ତି। ଆଗାମୀ ସିଜନରେ ସେ ଖେଳିବା ପାଇଁ ଘୋଷଣା ନ କଲେ ବିତ୍ତଶାଳୀ ନିଲାମ ପ୍ରକ୍ରିୟରୁ ବାଦ୍ ପଡ଼ିବା ନିଶ୍ଚିତ। ଏ ସମ୍ପର୍କରେ ଷ୍ଟାର୍କ କହିଛନ୍ତି, ମୁଁ ଆଗାମୀ ଆଇପିଏଲରେ ନ ଖେଳିଲେ ବିଶ୍ୱକପ୍ ଓ ଆଶେସ ସିରିଜ୍ ଲାଗି ପ୍ରସ୍ତୁତ ହେବାକୁ ଯଥେଷ୍ଟ ସମୟ ମିଳିବ। ଏବେ ମୁଁ ଦିନିକିଆ ଓ ଟେଷ୍ଟ ଫର୍ମାଟରେ ଅଷ୍ଟ୍ରେଲିଆରୁ ଅଧିକ ମ୍ୟାଚ୍ ଖେଳିବା ପାଇଁ ଚିନ୍ତା କରୁଛି।

### ହାଷ୍ଟିଙ୍ଗଙ୍କ ଅବସର

ସିଡ୍‌ନୀ,୧୪।୧୧- ଅଷ୍ଟ୍ରେଲିଆ ବୋଲର ଜନ ହାଷ୍ଟିଙ୍ଗ ସମସ୍ତ ପ୍ରକାର କ୍ରିକେଟରୁ ଅବସର ନେଇଛନ୍ତି। ଫୁସ୍‌ଫୁସ୍‌ଜନିତ ସମସ୍ୟା ଯୋଗୁ ଡାକ୍ତରଙ୍କ ପରାମର୍ଶ କ୍ରମେ ଏହି ନିଷ୍ପତ୍ତି ନେଇଛନ୍ତି। ବୋଲିଂ କରିବା ବେଳେ ତାଙ୍କ କାଶରେ ରକ୍ତ ପଡୁଥିଲା। ସେ ଅଷ୍ଟ୍ରେଲିଆ ଜାତୀୟ ଦଳ ପକ୍ଷରୁ ଗୋଟିଏ ଟେଷ୍ଟ, ୨୯ ଦିନିକିଆ ଓ ୯ ଟି୨୦ ମ୍ୟାଚ୍ ଖେଳିଥିଲେ। ଯଦି ସେ ବୋଲିଂ କରିବା ଜାରି ରଖନ୍ତି, ତେବେ ତାଙ୍କ ଜୀବନ ପ୍ରତି ବିପଦ ଥିଲା। ଗତ ୫ରୁ ୬ ମାସ ହେଲା ମୁଁ ଫୁସଫୁସ ଜନିତ ସମସ୍ୟା ଦେଇ ଗତି କରୁଛି। ମୁଁ ଏବେ ଠିକ୍ ଅଛି। ମାତ୍ର ବୋଲିଂ କରିବା ଦ୍ୱାରା ଫୁସଫୁସରେ ରକ୍ତ ଜମାଟ ହୋଇପାରେ ବୋଲି ଡାକ୍ତର କହିବା ପରେ ଅବସର ନେବାକୁ ନିଷ୍ପତ୍ତି ନେଇଛି। ଟି୨୦ ସ୍ପେଶାଲିଷ୍ଟ ହେବା ଲାଗି ଗତ ବର୍ଷ ଅକ୍ଟୋବରରେ ସେ ଦିନିକିଆ ଓ ଟେଷ୍ଟ କ୍ରିକେଟରୁ ସନ୍ନ୍ୟାସ ନେଇଥିଲେ। ଘରୋଇ କ୍ରିକେଟରେ ସେ ୭୫ ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳିଥିଲେ। ତାଙ୍କ ନେତୃତ୍ୱରେ ମେଲବୋର୍ନ ଷ୍ଟାରସ ଗତ ବିଗ୍ ବାଶ ସିଜନରେ ଖେଳିଥିଲା। ଆଗାମୀ ସିଜନରେ ସେ ସିଡ୍‌ନୀ ଫ୍ରାଞ୍ଚାଇଜ ପାଇଁ ଖେଳିଥାନ୍ତେ। ୧୧ ବର୍ଷ ଧରି ଅନ୍ତର୍ଜାତୀୟ କ୍ରିକେଟରେ ସକ୍ରିୟ ଥିବା ହାସଟିଂ ୪୨ ଦିନିକିଆ ଓ ୭ ଟି୨୦ ଉଇକେଟ ନେଇଛନ୍ତି।

### ଷ୍ଟାଡିୟମ୍‌ରେ ଆଥ୍‌ଲେଟ୍‌ଙ୍କ ଆତ୍ମହତ୍ୟା

ନୂଆଦିଲ୍ଲୀ,୧୪।୧୧- ଭାରତ ପକ୍ଷରୁ ଅନ୍ତର୍ଜାତୀୟ ସ୍ତରରେ ପ୍ରତିନିଧିତ୍ୱ କରିଥିବା ପାଲିନ୍ଦର ଚୌଧାରୀ ନାମକ ଜଣେ ଆଥ୍‌ଲେଟ ମଙ୍ଗଳବାର ସ୍ଥାନୀୟ ଜବାହରଲାଲ ନେହେରୁ ଷ୍ଟାଡିୟମରେ ଆତ୍ମହତ୍ୟା କରିଛନ୍ତି। ଏ ଘଟଣାରେ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ଆନ୍ତଃ ତଦନ୍ତ ନିର୍ଦ୍ଦେଶ ଦେଇଛି। ଆଥ୍‌ଲେଟିକ୍ ଏକାଡେମୀ ହଷ୍ଟେଲ କକ୍ଷରେ ଚୌଧାରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଥିଲା। ‘‘ଆମ ପରିସରରେ ଘଟିଥିବା ଘଟଣା ଲାଗି ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦେଇଛି। ଏହି ତଦନ୍ତ ପ୍ରକ୍ରିୟା ପାଇଁ ସମ୍ପାଦକ ସ୍ୱର୍ଣ୍ଣ ସିଂ ଛାବ୍ରାଙ୍କ ଅଧକ୍ଷତାରେ କମିଟି ଗଠିନ ହୋଇଛି। ଏହା ଚଳିତ ସପ୍ତାହରେ ଶେଷ ହେବ’’ ବୋଲି ସାଇ ନିର୍ଦ୍ଦେଶକ ନୀଲମ କପୁର କହିଛନ୍ତି। ଉଲ୍ଲେଖଥାଉ କି, ଉକ୍ତ ଆଥ୍‌ଲେଟ ନିଜ ବାପାଙ୍କ ସହ ଆର୍ଥିକ ସମସ୍ୟା ନେଇ ଯୁକ୍ତିତର୍କ ହେବା ପରେ ଚରମ ନିଷ୍ପତ୍ତି ନେଇଥିଲେ। ଏହା ସହିତ କପୁର ଆହୁରି କହିଛନ୍ତି, ଆମକୁ ମିଳିଥିବା ସୂଚନା ମୁତାବକ ଆର୍ଥିକ କାଣରୁ ଏହା ଘଟିଛି। ସକାଳେ ଫୋନ ଯୋଗେ ବାପାଙ୍କ ସହ ଯୁକ୍ତିତର୍କ ପରେ ଉକ୍ତ ଆଥ୍‌ଲେଟ ସନ୍ଧ୍ୟାରେ ଭଉଣୀଙ୍କୁ ଭେଟିଥିଲେ। ଏହାପରେ ଭଉଣୀଙ୍କ ସାମ୍ନାରେ ଆତ୍ମହତ୍ୟା କରିଥିଲେ। ତାଙ୍କ ଭଉଣୀ ଚିତ୍କାର ଶୁଣିବା ପରେ ଏକାଡେମୀର ଅନ୍ୟ ଆଥ୍‌ଲେଟ ଓ ଷ୍ଟାଫମାନେ ସେଠାରେ ପହଞ୍ଚି ପାଲିନ୍ଦରଙ୍କୁ ତଳକୁ ଆଣିଥିଲେ। ଏ ଘଟଣାରେ କ୍ରୀଡ଼ାମନ୍ତ୍ରୀ ରାଜ୍ୟବର୍ଦ୍ଧନ ସିଂ ରାଠୋର ଦୁଃଖ ପ୍ରକାଶ କରିଛନ୍ତି। ସ୍ପ୍ରିଣ୍ଟର ପାଲିନ୍ଦର ୨୦୧୭ରେ ଏସିଆନ ଯୁଥ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଗତ ଜୁଲାଇରେ ଶେଷ ହୋଇଥିବା ଯୁଥ ଅଲିମ୍ପିକ୍ସରେ ସେ ୧୦୦ ମି. ଓ ୨୦୦ ମି. ଦୌଡ଼ ଇଭେଣ୍ଟରେ ମଧ ଭାଗ ନେଇଥିଲେ।

■ ରଣଜୀ ଟ୍ରଫି ଦ୍ୱିତୀୟ ରାଉଣ୍ଡ: ଉତ୍ତରପ୍ରଦେଶ ନିୟନ୍ତ୍ରଣରେ ମ୍ୟାଚ୍

# ପରାଜୟ ଦ୍ୱାରରେ ଓଡ଼ିଶା

ଭୁବନେଶ୍ୱର, ୧୪।୧୧(ସ୍ପୋର୍ଟ୍ସ ବ୍ୟୁରୋ)

ଘରୋଇ ଓଡ଼ିଶା ବିପକ୍ଷରେ ସ୍ଥାନୀୟ କିଟ୍ କ୍ରିକେଟ୍ ଷ୍ଟାଡିୟମରେ ଚାଲିଥିବା ରଣ୍ଜୀ ଟ୍ରଫି ମ୍ୟାଚ୍ ଉତ୍ତରପ୍ରଦେଶ (ୟୁପି) ନିୟନ୍ତ୍ରଣରେ ରହିଛି। ପ୍ରଥମ ଇନିଂସ୍‌ରେ ୧୮୧ ରନ୍‌ରେ ପଛୁଆ ରହିଥିବା ବିପ୍ଲବ ସାମନ୍ତରାୟଙ୍କ ନେତୃତ୍ୱାଧୀନ ଓଡ଼ିଶା ୨ୟ ଇନିଂସ୍ ଆରମ୍ଭ କରି ବୁଧବାର ଷ୍ଟମ୍ପ ଅପସାରଣ ସୁଦ୍ଧା ୭ ଉଇକେଟ୍ ହରାଇ ୧୮୦ ରନ୍ ସଂଗ୍ରହ କରିଛି। ହାତରେ ଆଉ ମାତ୍ର ୩ଟି ଉଇକେଟ୍ ରହିଥିବାରୁ ଓଡ଼ିଶା ଏବେ ପରାଜୟ ଦ୍ୱାରଦେଶରେ ପହଞ୍ଚିଛି। ବୁଧବାର ମ୍ୟାଚ୍‌ର ଅନ୍ତିମ ଦିବସ ହୋଇଥିବାରୁ ଉତ୍ତରପ୍ରଦେଶ ଘରୋଇ ଓଡ଼ିଶାକୁ ଶ୍ରୀଘ୍ର ଅଲ୍‌ଆଉଟ୍ କରି ମ୍ୟାଚ୍ ଜିତିବା ଲକ୍ଷ୍ୟରେ ରହିଛି।

**ବସନ୍ତଙ୍କୁ ୬ ଉଇକେଟ ସଫଳତା**

ଓଡ଼ିଶାର ପ୍ରଥମ ଇନିଂସ୍ ସ୍କୋର ୨୫୬ ରନ୍ ଜବାବରେ ଭ୍ରମଣକାରୀ ୟୁପି ଦଳ ମଙ୍ଗଳବାର ୨ୟ ଦିବସ ଶେଷ ସୁଦ୍ଧା ୬ ଉଇକେଟ୍ ହରାଇ ୩୬୧ ରନ୍ କରିଥିଲା। ବୁଧବାର ସକାଳେ ୟୁପି ପୂର୍ବଦିନର ଅସମାପ୍ତ ପ୍ରଥମ ଇନିଂସ୍ ସ୍କୋରରେ ଆଉ ୭୬ ରନ୍ ଯୋଗ କରି ୪୩୭ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ପୂର୍ବଦିନ ୧୫୧ ରନ୍ କରି ଅପରାଜିତ ରହିଥିବା ଅଧିନାୟକ ଅକ୍ଷଦୀପ୍ ନାଥ ନିଜ ସ୍କୋରରେ ଆଉ ୮ ରନ ଯୋଗକରି ରାଜେଶ ମହାନ୍ତିଙ୍କ ବଲରେ ଉଇକେଟ୍ ପଛରେ ସୁଜିତ୍ ଲେଙ୍କାଙ୍କ ହାତରେ ଧରାପଡ଼ିଥିଲେ। ନିମ୍ନକ୍ରମରେ ଶିଭମ ମାଭି (୩୪) ଓ ୟଶ୍ ଦୟାଲ (୨୫*)ଙ୍କ ଉପଯୋଗୀ ବ୍ୟାଟିଂ ଯୋଗୁ ୟୁପି ୪୦୦ ରନ୍ ଅତିକ୍ରମ କରିବାରେ ସକ୍ଷମ ହୋଇଥିଲା। ଓଡ଼ିଶା ପକ୍ଷରୁ ଅଭିଜ୍ଞ ବସନ୍ତ ମହାନ୍ତି ୬ଟି ଉଇକେଟ୍ ଅକ୍ତିଆର କରି ଶ୍ରେଷ୍ଠ ବୋଲିଂ କରିଥିଲେ। ବସନ୍ତଙ୍କ ବୋଲିଂ ଫିଗର (୩୦.୪-୧୨-୬୨-୬) ବେଶ୍ ପ୍ରଭାବୀ ରହିଥିଲା। ୩୧ ବର୍ଷୀୟ ଏହି ଭେଟେରାନ ମିଡିୟମ ପେସ ବୋଲର ପ୍ରଥମଶ୍ରେଣୀ କ୍ୟାରିୟରରେ ୧୮ଥର ପାଇଁ ୫ ଉଇକେଟ୍‌ର ସଫଳତା ପାଇଛନ୍ତି। ରାଜେଶ ୨ଟି ଏବଂ ବିପ୍ଲବ ଓ ଦେବବ୍ରତ ପ୍ରଧାନଙ୍କୁ ଗୋଟିଏ ଲେଖାଏ ଉଇକେଟ୍ ମିଳିଥିଲା।



୬ ଉଇକେଟ୍ ହାସଲ କରିଥିବା ଓଡ଼ିଶାର ବସନ୍ତ ମହାନ୍ତି (ବାମ) ଓ ସାଥୀ ଖେଳାଳି।

**ପୁଣିଥରେ ଫେଲ୍ ମାରିଲା ଓଡ଼ିଶା ବ୍ୟାଟିଂ**

୧୮୧ ରନ୍ ପଛରେ ଥିବା ଓଡ଼ିଶା ପାଇଁ ମ୍ୟାଚ୍ ବଞ୍ଚାଇବାକୁ ହେଲେ ଦ୍ୱିତୀୟ ଇନିଂସ ବେଶ୍ ଗୁରୁତ୍ୱପୂର୍ଣ୍ଣ ଥିଲା। କିନ୍ତୁ ପ୍ରଥମ ଇନିଂସ ଭଳି ପୁଣିଥରେ ଓଡ଼ିଶାର ଦୁର୍ବଳ ବ୍ୟାଟିଂ ଦେଖିବାକୁ ମିଳିଥିଲା। ଓଡ଼ିଶାର ବ୍ୟାଟ୍ସମ୍ୟାନମାନେ ଘରୋଇ ପରିବେଶରୁ ଫାଇଦା ଉଠାଇବାରେ ବିଫଳ ହୋଇଥିଲେ। ଦ୍ୱିତୀୟ ଇନିଂସରେ ଓପ୍‌ନର ସନ୍ଦୀପ ପଟ୍ଟନାୟକ (୪୬ ରନ), ଅଭିଜ୍ଞ ଗୋବିନ୍ଦ ପୋଦ୍ଦାର (୨୭) ଓ ଶୁଭ୍ରାଂଶୁ ସେନାପତି (୪୨) ଭଲ ଆରମ୍ଭ କରିଥିଲେ ମଧ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ପ୍ରଥମ ଇନିଂସରେ ଅଳ୍ପକେ ଶତକରୁ ବଞ୍ଚିତ ହୋଇଥିବା ଶୁଭ୍ରାଂଶୁ କ୍ରିଜ୍‌ରେ ଜମି ଆସୁଥିବାବେଳେ ବାମହାତୀ ଦ୍ରୁତ ବୋଲର ୟଶ୍ ଦୟାଲଙ୍କ ବଲ୍‌କୁ ବୁଝି ନ ପାରି ଉଇକେଟ୍‌କିପର ଉପେନ୍ଦ୍ର ଯାଦବଙ୍କ ହାତରେ ଧରାପଡ଼ି ପାଭିଲିୟନ ଫେରିଥିଲେ। ସେହିଭଳି ଅନୁରାଗ ଷଡ଼ଙ୍ଗୀ (୯), ଅଧିନାୟକ ବିପ୍ଲବ (୮), ସୁଜିତ୍ ଲେଙ୍କା (୧୯)ଙ୍କ ବ୍ୟାଟ୍‌ରୁ ଦଳ ବଡ଼ ସ୍କୋର ଆଶା କରିଥିବାବେଳେ ସେମାନେ ମଧ ନିରାଶ କରିଥିଲେ। ଦିବସ ଶେଷବେଳକୁ ଓଡ଼ିଶା ୬୩.୪ ଓଭରରେ ୭ ଉଇକେଟ୍ ହରାଇ ୧୮୦ ରନ୍ କରିଛି। ଶାନ୍ତନୁ ମିଶ୍ର ୧୯ ରନ୍ କରି କ୍ରିଜ୍‌ରେ ଅପରାଜିତ ରହିଛନ୍ତି। ୟୁପି ପକ୍ଷରୁ ଦୁଇ ଦ୍ରୁତ ବୋଲର ଅଙ୍କିତ ରାଜପୁତ ଓ ଶିଭମ ମାଭି ପ୍ରଭାବୀ ବୋଲିଂ କରି ୩ଟି ଲେଖାଏ ଉଇକେଟ୍ ନେଇଛନ୍ତି। ବୁଧବାର ମ୍ୟାଚ୍‌ର ଅନ୍ତିମ ଦିବସ ହୋଇଥିବାରୁ ଫଳାଫଳ ବାହାରିବା ଏକପ୍ରକାର ନିଶ୍ଚିତ ହୋଇଛି।

**ସଂକ୍ଷିପ୍ତ ସ୍କୋର**

- ■ ଓଡ଼ିଶା ପ୍ରଥମ ଇନିଂସ୍- ୨୫୬/୧୦ (ଶୁଭ୍ରାଂଶୁ ସେନାପତି ୮୭, ସୁଜିତ ଲେଙ୍କା ୪୬, ଗୋବିନ୍ଦ ପୋଦ୍ଦାର ୩୯, ଅଙ୍କିତ ରାଜପୁତ ୩/୬୧)।
- ■ ୟୁପି ପ୍ରଥମ ଇନିଂସ୍- ୪୩୭/୧୦, ୧୩୦.୪ ଓଭର (ଅକ୍ଷଦୀପ୍ ୧୫୯, ମାଭି ୩୪, ରିଙ୍କୁ ୭୨, ରାଇନା ୧୦, ବସନ୍ତ ୬/୬୨)।
- ■ ଓଡ଼ିଶା ୨ୟ ଇନିଂସ୍- ୧୮୦/୭, ୬୩.୪ ଓଭର (ଶୁଭ୍ରାଂଶୁ ୪୨, ସନ୍ଦୀପ ୪୬, ବିପ୍ଲବ ୮, ଗୋବିନ୍ଦ ୨୭, ଶାନ୍ତନୁ ୧୯*, ଅଙ୍କିତ ୩/୪୮)।

### ଶ୍ରୀଲଙ୍କା ରାଜନୀତି: ରାଜପାକ୍‌ସେଙ୍କ ଦଳରେ ଯୋଗଦେଲେ ଦିଲସାନ

କଲମ୍ବୋ, ୧୪।୧୧ (ଏଏଫପି)

ଶ୍ରୀଲଙ୍କା ରାଜନୀତିରେ ବିବାଦୀୟ ସ୍ଥିତି ଚାଲୁରହିଥିବା ବେଳେ ଆଉ ଜଣେ ତାରକା କ୍ରିକେଟର ରାଜନୀତିରେ ଯୋଗ ଦେଇଛନ୍ତି। ଶ୍ରୀଲଙ୍କା ପୂର୍ବତନ ଅଧିନାୟକ ତିଲକରତ୍ନେ ଦିଲସାନ ଏବେ ପୂର୍ବତନ ରାଷ୍ଟ୍ରପତି ମହିନ୍ଦା ରାଜପାକସେଙ୍କ ଦଳରେ ଯୋଗ ଦେଇଛନ୍ତି। ରାଜପାକ୍‌ସେଙ୍କ ବିବାଦୀୟ ସରକାରକୁ ବରଖାସ୍ତ କରାଯିବା ପରେ ଦିଲସାନ ଏହି ନିଷ୍ପତ୍ତି ନେଇଛନ୍ତି।

୪୨ ବର୍ଷୀୟ ଦିଲସାନ ରାଜପାକସେଙ୍କ ଦ୍ୱାରା ଗଠିତ ନୂଆଦଳ ଶ୍ରୀଲଙ୍କା ପିପୁଲ୍ସ ଫ୍ରଣ୍ଟ (ଏସ୍‌ଏଲ୍‌ପିପି)ର ସଦସ୍ୟତା ଗ୍ରହଣ କରିଛନ୍ତି। ଅବଶ୍ୟ ଦିଲସାନ ଏ ସଂକ୍ରାନ୍ତରେ ଏପର୍ଯ୍ୟନ୍ତ କିଛି ମନ୍ତବ୍ୟ ଦେଇନାହାନ୍ତି। ତେବେ ଦିଲସାନ ଦଳର ସଦସ୍ୟତା ଗ୍ରହଣ କରିଛନ୍ତି ବୋଲି ପାର୍ଟି ତରଫରୁ ଏକ ଫଟୋ ପୋଷ୍ଟ କରାଯାଇଛି।

ଦିଲସାନ ଏପର୍ଯ୍ୟନ୍ତ ୮୭ଟି ଟେଷ୍ଟ ଖେଳି ୫, ୪୯୨ ରନ ସଂଗ୍ରହ କରିଛନ୍ତି ଓ ୧, ୭୧୧ ରନ ବ୍ୟୟ କରି ୩୯ଟି ଉଇକେଟ ଅକ୍ତିଆର କରିଛନ୍ତି। ଉଲ୍ଲେଖଥାଉ କି, ପୂର୍ବରୁ ଏକାଧିକ ଶ୍ରୀଲଙ୍କା କ୍ରିକେଟର ରାଜନୀତିରେ ଯୋଗଦେଇ ବେଶ୍ ଚର୍ଚ୍ଚିତ ହୋଇଛନ୍ତି। ଏମାନଙ୍କ ମଧରେ ସାମିଲ ରହିଛନ୍ତି ଶ୍ରୀଲଙ୍କା ବିଶ୍ୱକପ୍ ବିଜୟୀ ଅଧିନାୟକ ଅର୍ଜୁନ ରଣତୁଙ୍ଗା। ରଣତୁଙ୍ଗା ଶ୍ରୀଲଙ୍କା ସରକାରରେ ଜଣେ କ୍ୟାବିନେଟ ମନ୍ତ୍ରୀ ହିସାବରେ କାର୍ଯ୍ୟ କରିଛନ୍ତି।

# ଫାଇନାଲରେ ଇଷ୍ଟକୋଷ୍ଟ ରେଲୱେ ଖୋର୍ଦ୍ଧା

ଧର୍ମଶାଳା, ୧୪।୧୧(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ଜାରକାସ୍ଥିତ ମହୋତ୍ସବ ପଡିଆରେ ଅନୁଷ୍ଠିତ ନବମ ସର୍ବଭାରତୀୟ ଅଂଶୁମାନ୍ ମେମୋରିଆଲ୍ କ୍ରିକେଟ୍ ଟୁର୍ନାମେଣ୍ଟ ନବମ ଦିବସର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଶେଷ ହୋଇଛି। ବୁଧବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ କରିମ୍ ସ୍ପୋର୍ଟସ୍ ଏକାଡେମୀ ନାଗପୁରକୁ ୪ ଉଇକେଟରେ ପରାସ୍ତ କରି ଇଷ୍ଟକୋଷ୍ଟ ରେଲୱେ ଖୋର୍ଦ୍ଧା ଫାଇନାଲରେ ପ୍ରବେଶ କରିଛି। କରିମ ସ୍ପୋର୍ଟ୍ସ ଏକାଡେମୀ ନାଗପୁର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭରରୁ ୨୮.୨ ଓଭରରେ ସମସ୍ତ ଉଇକେଟ୍ ହରାଇ ୨୫୮ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅବୁଜହର ଖାନ୍ ୫୮ ବଲ୍‌ରୁ ୧୪୨ ରନ୍ ଓ କୁମାର ସାହାଜ ୩୭ ବଲ୍‌ରୁ ୪୨ ରନ୍ ସଂଗ୍ରହ କରିଥିଲେ। ବିପକ୍ଷ ଖୋର୍ଦ୍ଧା ଦଳର ସଞ୍ଜିତ ସାମଲ ୪ଟି ଓ ଏସ୍‌କେ ସଲମାନ ୩ଟି ଲେଖାଏ ଉଇକେଟ୍ ନେବାରେ ସକ୍ଷମ ହୋଇଥିଲେ। ଜବାବରେ ଇଷ୍ଟକୋଷ୍ଟ ରେଲୱେ ଖୋର୍ଦ୍ଧା ଦଳ ୨୮ ଓଭରରେ ୬ ଉଇକେଟ ହରାଇ ବିଜୟୀ ହୋଇଥିଲା। ଦଳପକ୍ଷରୁ ବିକ୍ରମ ସାମଲ ୩୭ ବଲ୍‌ରୁ ୬୯ ରନ୍ ଓ ପିଣ୍ଟୁ ଶର୍ମା ୩୪ ବଲ୍‌ରୁ ୫୨ ରନ୍ ସଂଗ୍ରହ କରିଥିଲେ। ବିପକ୍ଷ ନାଗପୁର ଟିମ୍‌ର ରନକ ଖାନ୍ ୩ଟି ଓ କାଜି ହସନ୍ ୧ଟି ଉଇକେଟ୍ ଅକ୍ତିଆର କରିଥିଲେ। ଖେଳକୁ ଖଗେଶ୍ୱର ମଲିକ ଓ ଲଲାଟ ନନ୍ଦ ପରିଚାଳନା କରିଥିଲେ। ଅବୁଜହର ଖାନ୍‌ଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ଅବସରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ରମେଶ ଚନ୍ଦ୍ର ସାହୁ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଗୁରୁବାର ଇଷ୍ଟକୋଷ୍ଟ ରେଲୱେ ଖୋର୍ଦ୍ଧା ଓ ରାଇଜିଂ ଷ୍ଟୁଡେଣ୍ଟ କଟକ ମଧରେ ଖେଳ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ହିମାଂଶୁ ସାହୁ ସୂଚନା ଦେଇଛନ୍ତି।



ଅବୁଜହର ଖାନ୍ ମ୍ୟାନ୍ ଅଫ ଦି ମ୍ୟାଚ୍ ଟ୍ରଫି ଗ୍ରହଣ କରୁଛନ୍ତି।

# ୱେଷ୍ଟଷ୍ଟାଣ୍ଡ ଟିକେଟ ମୂଲ୍ୟ ୫୦୦ ଟଙ୍କା

ଭୁବନେଶ୍ୱର, ୧୪।୧୧(କ୍ରୀଡ଼ା ପ୍ରତିନିଧି)

ହକି ବିଶ୍ୱକପ ପାଇଁ ଅନ୍‌ଲାଇନ୍‌ରେ ଏବେ ୱେଷ୍ଟଷ୍ଟାଣ୍ଡ ଟିକେଟ ଉପଲବ୍ଧ ହୋଇଛି। ଟିକେଟର ମୂଲ୍ୟ ୫୦୦ଟଙ୍କା ରଖାଯାଇଛି। ପୂର୍ବରୁ ଲିଗ୍ ମ୍ୟାଚ ପାଇଁ ନର୍ଥ ଓ ସାଉଥ୍ ଷ୍ଟାଣ୍ଡର ମୂଲ୍ୟ ୧୦୦ ଟଙ୍କା ଲେଖାଏ ଥିବାବେଳେ ଇଷ୍ଟ ଷ୍ଟାଣ୍ଡର ଟିକେଟ ମୂଲ୍ୟ ୨୦୦ଟଙ୍କା ଧାର୍ଯ୍ୟ କରାଯାଇଥିଲା। ମାତ୍ର ୱେଷ୍ଟଷ୍ଟାଣ୍ଡ ରିଜର୍ଭ ରଖାଯାଇଥିବାରୁ ଟିକେଟ ଉପଲବ୍ଧ ନ ଥିଲା। କ୍ୱାର୍ଟର ଫାଇନାଲ ପାଇଁ ନର୍ଥ ଓ ସାଉଥ୍ ଷ୍ଟାଣ୍ଡର ମୂଲ୍ୟ ୧୫୦ ଟଙ୍କା ଲେଖାଏ ଏବଂ ଇଷ୍ଟ ଷ୍ଟାଣ୍ଡର ଟିକେଟ ମୂଲ୍ୟ ୨୫୦ଟଙ୍କା ଧାର୍ଯ୍ୟ କରାଯାଇଥିବାବେଳେ ୱେଷ୍ଟଷ୍ଟାଣ୍ଡ ଟିକେଟ ମୂଲ୍ୟ ୫୦୦ଟଙ୍କା ଅପରିବର୍ତ୍ତିତ ରହିଛି। ତେବେ କ୍ରସ୍ ଓଭର ଏବଂ କ୍ୱାର୍ଟର ଫାଇନାଲ ପାଇଁ ନର୍ଥ, ସାଉଥ୍ ଏବଂ ଇଷ୍ଟ ଷ୍ଟାଣ୍ଡର ଟିକେଟ ଉପଲବ୍ଧ ନ ଥିବା ଦର୍ଶାଯାଇଛି। ସେହିପରି ଭାରତ ସାମିଲ ଥିବା ସମସ୍ତ ଲିଗ୍ ମ୍ୟାଚ ଏବଂ ସେମିଫାଇନାଲ ଓ ଫାଇନାଲର ଟିକେଟ ବିକ୍ରି ହୋଇ ଯାଇଥିବା ଜଣାଯାଇଛି। ଫଳରେ ଏହିସବୁ ମ୍ୟାଚ ଦେଖିବାକୁ ଆଶା ରଖିଥିବା ହକିପ୍ରେମୀଙ୍କୁ ନିରାଶ ହେବାକୁ ପଡ଼ିଛି। ଅନ୍ୟପକ୍ଷରେ ଉଦ୍‌ଘାଟନୀ ମ୍ୟାଚ ପାଇଁ ଏପର୍ଯ୍ୟନ୍ତ ଟିକେଟ ଉପଲବ୍ଧ ହୋଇ ନ ଥିବାରୁ ଦର୍ଶକ ମହଲରେ ଉତ୍ସାହ ବଢ଼ିବଢ଼ି ଚାଲିଛି।

# ଉପଅଧିନାୟକ ଚିଙ୍ଗ୍‌ଲେନ୍‌ସାନା

ସ୍କୁଲ୍‌ରେ ପଢୁଥିବା ବେଳେ ଚିଙ୍ଗ୍‌ଲେନ୍‌ସାନା କ୍ୟାରିୟର ଆରମ୍ଭ କରିଥିଲେ। ନୂଆଦିଲ୍ଲୀର ପିଏନ୍‌ବି ଏକାଡେମୀରେ ସାମିଲ ହେବା ପାଇଁ ତାଙ୍କୁ ଚୟନ କାରଯାଇଥିଲା। ଏକାଡେମୀରେ ପ୍ରଶିକ୍ଷଣ ଜାରି ରଖିଥିବା ବେଳେ ସେ ସିଙ୍ଗାପୁରରେ ଖେଳାଯାଇଥିବା କେତୋଟି ଜୁନିୟର ଆନ୍ତର୍ଜାତିକ ମ୍ୟାଚ୍ ଖେଳିବାର ସୁଯୋଗ ହାସଲ କରିଥିଲେ। ସିନିୟର ହକିରେ ୨୦୧୧ରେ ଚାଇନାରେ ଖେଳାଯାଇଥିବା ଚାମ୍ପିୟନ୍ସ ଟ୍ରଫିରେ ତାଙ୍କୁ ଷ୍ଟାଣ୍ଡବାଇ ଖେଳାଳି ଭାବେ ଦଳରେ ସାମିଲ କରାଯାଇଥିଲା। ଦୁଇ ଖେଳାଳିଙ୍କୁ ଡ୍ରପ୍ କରାଯିବା ଫଳରେ ସେ ଅନ୍ତିମ ଏକାଦଶରେ ସାମିଲ ହେବା ନିଶ୍ଚିତ ଥିଲା। ତେବେ ସେତେବେଳକୁ ତାଙ୍କ ପାସ୍‌ପୋର୍ଟ ପ୍ରସ୍ତୁତ ହୋଇପାରି ନ ଥିବାରୁ ସେ ଭାରତ ପାଇଁ ଡେବ୍ୟୁ କରିପାରି ନ ଥିଲେ। ତେବେ ୧୯୯୧ ଡିସେମ୍ବର ୨ ତାରିଖରେ ଜନ୍ମ ନେଇଥିବା ସେ ୨୦୧୧ରେ ଦକ୍ଷିଣ ଆଫ୍ରିକାରେ ଖେଳାଯାଇଥିବା ଚାମ୍ପିୟନ୍ସ ଚ୍ୟାଲେଞ୍ଜ୍ ଟୁର୍ନାମେଣ୍ଟରେ ପଦାର୍ପଣ କରିଥିଲେ। ଏହା ପରଠାରୁ ସେ କେବେ ପଛକୁ ଫେରି ଚାହିଁନାହାନ୍ତି ଓ ଭାରତୀୟ ଦଳର ନିୟମିତ ସଦସ୍ୟ ରହିଆସିଛନ୍ତି। ସେ ମଧ ଭାରତ ପାଇଁ ଉଲ୍ଲେଖନୀୟ ପ୍ରଦର୍ଶନ କରିଛନ୍ତି ଓ ଭାରତକୁ କେତୋଟି ଟୁର୍ନାମେଣ୍ଟରେ ବିଜୟୀ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ଜଣେ ହାଫ୍‌ବ୍ୟାକ୍ ଖେଳାଳି ଭାବେ ଦଳରେ ତାଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ୨୦୧୪ରେ ଗ୍ଲାସ୍‌ଗୋରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତ ରୌପ୍ୟ ପଦକ ହାସଲ କରିଥିଲା। ଏହି ଟୁର୍ନାମେଣ୍ଟରେ ସେ ଉଲ୍ଲେଖନୀୟ ପ୍ରଦର୍ଶନ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାପରେ ସେ ୨୦୧୪ ବିଶ୍ୱକପ୍ ମଧ ଖେଳିଥିଲେ। ଅବଶ୍ୟ ଏହି ମେଗା ଇଭେଣ୍ଟରେ ଭାରତ ଆଶାନୁରୂପ ପ୍ରଦର୍ଶନ କରି ନ ପାରି ନବମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା। ତେବେ ଏହି ବର୍ଷ ଇଞ୍ଚିଅନ୍‌ରେ ଖେଳାଯାଇଥିବା ଏସିଆନ୍ ଗେମ୍ସରେ ଭାରତ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା। ସେ ଚାମ୍ପିୟନ ଭାରତୀୟ ଦଳର ସଦସ୍ୟ ଥିଲେ ଓ ଟୁର୍ନାମେଣ୍ଟରେ ଦମ୍‌ଦାର ପ୍ରଦର୍ଶନ କରିଥିଲେ। ଏହାପରେ ଢାକାରେ ଅନୁଷ୍ଠିତ ୨୦୧୭ ଏସିଆ କପ୍‌ରେ ମଧ ଭାରତ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା। ଭାରତର ଏହି ସଫଳତାରେ ମଧ ଚିଙ୍ଗ୍‌ଲେନ୍‌ସାନା ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହା ପୂର୍ବରୁ ୨୦୧୩ରେ ଇପୋରେ ଖେଳାଯାଇଥିବା ଏସିଆ କପ୍‌ରେ ଭାରତ ରୌପ୍ୟ ପଦକ ହାସଲ କରିଥିଲା ଓ ସେ ମଧ ଏହି ଭାରତୀୟ ଦଳର ସଦସ୍ୟ ରହିଥିଲେ। ଚଳିତ ବର୍ଷ ବ୍ରେଡାରେ ଖେଳାଯାଇଥିବା ଚାମ୍ପିୟନ୍ସ ଟ୍ରଫିରେ ଭାରତକୁ ରନର୍ସଅପ୍ କରାଇବାରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। କ୍ୟାରିୟରର ୭ ବର୍ଷ ମଧରେ ସେ ଆଶାନୁରୂପ ସଫଳତା ହାସଲ କରିପାରିଛନ୍ତି। ମଣିପୁର ଭଳି ଉତ୍ତର ପୂର୍ବାଞ୍ଚଳ ରାଜ୍ୟରୁ ଆସି ଆନ୍ତର୍ଜାତିକ ହକିରେ ସଫଳ ହେବା ନିଶ୍ଚିତ ଭାବେ ଏକ ଗୌରବର ବିଷୟ।

ଭାରତ ପାଇଁ ସେ ଏପର୍ଯ୍ୟନ୍ତ ୮୪ଟି ମ୍ୟାଚ୍ ଖେଳି ୪ଟି ଗୋଲ ସ୍କୋର କରିଛନ୍ତି। କ୍ଲବ ହକିରେ ମଧ ସେ ବେଶ୍ ସଫଳତା ପାଇଛନ୍ତି। ୱେଷ୍ଟର୍ନ ରେଲ୍‌ୱେ ପାଇଁ ଖେଳିଆସୁଥିବା ଚିଙ୍ଗ୍‌ଲେନ୍‌ସାନା ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ର ପ୍ରାରମ୍ଭିକ ସଂସ୍କରଣରେ ମୁମ୍ବାଇ ମ୍ୟାଜିସିଆନ ପାଇଁ ଖେଳିବାକୁ ଚୁକ୍ତିବଦ୍ଧ ହୋଇଥିଲେ। ୨୦୧୩ ଓ ୧୪ରେ ମୁମ୍ବାଇ ପାଇଁ ଖେଳିବା ପରେ ସେ ୨୦୧୫ରେ ନୂଆ ଦଳ ଦବଙ୍ଗ ମୁମ୍ବାଇ ଲାଗି ଖେଳିଥିଲେ।

ସେ ଭାରତ ପାଇଁ ୧୫୦ଟି ମ୍ୟାଚ୍ ଖେଳି ଏକ ମାଇଲଖୁଣ୍ଟ ଅତିକ୍ରମ କରିଥିଲେ। ୨୦୧୭ରେ ଭାରତର ୟୁରୋପ ଗସ୍ତ ଅବସରରେ ବେଲ୍‌ଜିୟମ ବିପକ୍ଷ ମ୍ୟାଚ୍‌ରେ ସେ ଏହି ସଫଳତା ପାଇଥିଲେ। ଜଣେ ମିଡ୍‌ଫିଲ୍ଡର ଭାବେ ୨୬ ବର୍ଷୀୟ ଚିଙ୍ଗ୍‌ଲେନ୍‌ସାନା ବେଶ୍ ଦ୍ରୁତ ବୋଲି ନିଜକୁ ସାବ୍ୟସ୍ତ କରିପାରିଛନ୍ତି। ପ୍ରତିପକ୍ଷ ଦଳର ଏରିଆରେ ସେ ବେଶ୍ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରି ଭାରତ ପାଇଁ ଗୋଲ ସୁଯୋଗ ସୃଷ୍ଟି କରିଥାନ୍ତି। ଭାରତର ପେନାଲ୍ଟି କର୍ନର କନଭର୍ସନରେ ମଧ ତାଙ୍କର ଯଥେଷ୍ଟ ଭୂମିକା ରହିଥାଏ। ଯେତେବେଳେ ହରମନପ୍ରୀତ୍ ସିଂ କିମ୍ବା ରୁପିନ୍ଦରପାଲ ସିଂ ଡ୍ରାଗ୍ ଫ୍ଲିକ୍ କରନ୍ତି, ସେତେବେଳେ ଚିଙ୍ଗ୍‌ଲେନ୍‌ସାନା ବଲ୍‌କୁ ଅଟକାଇବା ବା ଷ୍ଟପର ଭୂମିକାରେ ଅବତୀର୍ଣ୍ଣ ହୋଇଥାନ୍ତି। ଭାରତୀୟ ମିଡ୍‌ଫିଲ୍ଡରେ ତାଙ୍କ ଭୂମିକା ସବୁବେଳେ ଗୁରୁତ୍ୱପୂର୍ଣ୍ଣ ରହିଆସିଛି। ଆଗାମୀ ବିଶ୍ୱକପ୍‌ରେ ଭାରତକୁ ସଫଳ କରାଇବାରେ ସବୁମତେ ଚେଷ୍ଟା କରିବେ ବୋଲି ସେ କହିଛନ୍ତି। ମିଡ୍‌ଫିଲ୍ଡରେ ଜଣେ ହାଫ୍‌ବ୍ୟାକ୍ ଭାବେ ଓ ଜଣେ ଉପଅଧିନାୟକ ହିସାବରେ ସେ କିପରି ଗୁରୁଦାୟିତ୍ୱ ତୁଲାଉଛନ୍ତି, ତାହା ଦେଖିବାକୁ ବାକି ରହିଲା।




**ଉତ୍ତର ପୂର୍ବାଞ୍ଚଳ ରାଜ୍ୟ ମଣିପୁରରେ ଜନ୍ମଗ୍ରହଣ କରିଥିଲେ ମଧ କାଙ୍ଗୁଜାମ ଚିଙ୍ଗ୍‌ଲେନ୍‌ସାନା ସିଂ ଖୁବ୍ କମ୍ ସମୟ ମଧରେ ନିଜ ପ୍ରତିଭା ଓ ଦକ୍ଷତା ବଳରେ ଭାରତୀୟ ହକି ଦଳର ଜଣେ ନିୟମିତ ସଦସ୍ୟ ହୋଇପାରିଛନ୍ତି। ଆଗାମୀ ବିଶ୍ୱକପ୍‌ରେ ତାଙ୍କୁ ଦଳର ଉପଅଧିନାୟକ ଦାୟିତ୍ୱ ତୁଲାଇବାର ସୁଯୋଗ ମିଳିଛି। ଘରୋଇ ଦର୍ଶକଙ୍କ ସମର୍ଥନରେ ଭାରତ ଭଲ ପ୍ରଦର୍ଶନ କରିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି।**



**ପୂରା ନାମ:** କାଙ୍ଗୁଜାମ ଚିଙ୍ଗ୍‌ଲେନ୍‌ସାନା ସିଂ
**ଜନ୍ମସ୍ଥାନ:** ମଣିପୁର
**ବୟସ:** ୨୬ ବର୍ଷ
**ଉଚ୍ଚତା:** ୫ ଫୁଟ୍ ୬ ଇଞ୍ଚ୍
**ପ୍ଲେଇଂ ପୋଜିଶନ:** ହାଫ୍ ବ୍ୟାକ୍
**ମ୍ୟାଚ୍ ସଂଖ୍ୟା:** ୮୪
**ଗୋଲ ସଂଖ୍ୟା:** ୪

**ମେଡାଲ ରେକର୍ଡ**
**ଏସିଆନ ଗେମ୍ସ:**
୨୦୧୪ ଇଞ୍ଚିଅନ୍- ସ୍ୱର୍ଣ୍ଣ
**ରାଜ୍ୟଗୋଷ୍ଠୀ କ୍ରୀଡ଼ା:**
୨୦୧୪ ଗ୍ଲାସ୍‌ଗୋ- ରୌପ୍ୟ
**ଏସିଆ କପ୍:**
୨୦୧୭ ଢାକା- ସ୍ୱର୍ଣ୍ଣ
୨୦୧୩ ଇପୋ- ରୌପ୍ୟ
**ଚାମ୍ପିୟନ୍ସ ଟ୍ରଫି:**
୨୦୧୮ ବ୍ରେଡା- ରୌପ୍ୟ



ଚଳିତ ବର୍ଷ ଏସିଆନ, କମନୱେଲ୍‌ଥ ଗେମ୍ସ ଓ ବିଶ୍ୱ ଚାମ୍ପିୟନଶିପ୍ ପରି ବଡ଼ ପ୍ରତିଯୋଗିତା ଥିବାରୁ ଆମ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ସିଜନ ଥିଲା। କିନ୍ତୁ ଦଳର ପ୍ରଦର୍ଶନରେ ମୁଁ ଖୁସି ଅଛି ।
– ପୁଲେଲା ଗୋପୀଚାନ୍ଦ, କିମ୍ବଦନ୍ତୀ ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି



ଏହା କଷ୍ଟସାଧ ହୋଇପାରେ, କିନ୍ତୁ ନିଶ୍ଚିତ ଦିନେ ନା ଦିନେ ମୁଁ ବିଶ୍ୱର ଏକ ନମ୍ବର ଖେଳାଳି ହେବି ।
– ପି.ଭି. ସିନ୍ଧୁ, ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି

## ସଂକ୍ଷେପରେ

### ମହିଳା ଟି୨୦ ବିଶ୍ୱକପ୍ ସେମିଫାଇନାଲ ଲକ୍ଷ୍ୟରେ ଭାରତ

ଗୁୟାନା, ୧୪।୧୧ (ପି.ଟି.)- ୱେଷ୍ଟଇଣ୍ଡିଜ୍‌ରେ ଚାଲିଥିବା ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ମହିଳା ଟି୨୦ ବିଶ୍ୱକପ୍‌ରେ ଏପର୍ଯ୍ୟନ୍ତ ଦମ୍‌ଦାର ପ୍ରଦର୍ଶନ କରିଥିବା ଭାରତ ଗୁରୁବାର ସ୍ଥାନୀୟ ପ୍ରୋଭିଡେନ୍ସ ଗ୍ରାଉଣ୍ଡରେ ଆୟର୍ଲାଣ୍ଡକୁ ଭେଟିବ। ଗ୍ରୁପ୍ ବି'ରେ ଭାରତ ତା'ର ପ୍ରଥମ ଦୁଇଟି ମ୍ୟାଚ୍‌ରେ ବିଜୟୀ ହାସଲ କରିଥିବା ବେଳେ ତୃତୀୟ ମ୍ୟାଚ୍‌ରେ ମଧ ଏହି ପ୍ରଦର୍ଶନ ଦୋହରାଇବା ଲକ୍ଷ୍ୟରେ ରହିଛି। ପ୍ରଥମ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଥିବା ଭାରତ ଦ୍ୱିତୀୟ ମ୍ୟାଚ୍‌ରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଦୁଇ ଦିନ ତଳେ ପରାସ୍ତ କରିଥିଲା। ନ୍ୟୁଜିଲାଣ୍ଡ ବିପକ୍ଷରେ ଅଧିନାୟିକା ହରମନପ୍ରୀତ କୌର ପ୍ରଥମ ଭାରତୀୟ ଭାବେ ଏହି ଗ୍ରାଉଣ୍ଡରେ ଟି୨୦ ଶତକ ହାସଲ କରି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଅପରପକ୍ଷରେ ଆୟର୍ଲାଣ୍ଡ ତା'ର ପ୍ରଥମ ଦୁଇଟି ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ଓ ପାକିସ୍ତାନଠାରୁ ପରାସ୍ତ ହୋଇଛି। ଆୟର୍ଲାଣ୍ଡ ବିପକ୍ଷରେ ଫେଭରାଇଟ୍ ବିବେଚିତ ହେଉଥିଲେ ମଧ ଭାରତ ଏହି ମ୍ୟାଚ୍‌କୁ ଆଦୌ ହାଲକା ଭାବେ ନେବ ନାହିଁ ବୋଲି ଅଧିନାୟିକା ହରମନପ୍ରୀତ କହିଛନ୍ତି। ଲଢୁଆ ଖେଳ ପାଇଁ ଆୟର୍ଲାଣ୍ଡ ବେଶ୍ ପରିଚିତ। ଏହି ମ୍ୟାଚ୍‌ରେ ବିଜୟୀ ହେଲେ ଭାରତର ସେମିଫାଇନାଲ ଆଶା ଆହୁରି ଦୃଢ ହେବ। ପ୍ରଥମ ମ୍ୟାଚରେ ହରମନପ୍ରୀତ କମାଲ କରିଥିବା ବେଳେ ଦ୍ୱିତୀୟ ମ୍ୟାଚ୍‌ରେ ଅଭିଜ୍ଞ ମିତାଲି ରାଜ୍ ଦମ୍‌ଦାର ପ୍ରଦର୍ଶନ କରି ଭାରତକୁ ପାକିସ୍ତାନ ବିପକ୍ଷରେ ୭ ଉଇକେଟରେ ବିଜୟୀ କରାଇଥିଲେ। ଜେମିମା ରୋଡ୍ରିଗୁଏଜ୍ ଟି୨୦ରେ ଅର୍ଦ୍ଧଶତକ ହାସଲ କରି ପୂରା ଢଙ୍ଗରେ କ୍ୟାରିୟର ଆରମ୍ଭ କରିଛନ୍ତି। ସେହି ଆୟର୍ଲାଣ୍ଡ ବିପକ୍ଷରେ ସ୍ମୃତି ମନ୍ଧାନା ଓ ବେଦା କ୍ରିଷ୍ଣମୂର୍ତ୍ତୀ ରନ ସଂଗ୍ରହ କରିବାକୁ ପ୍ରୟାସ କରିବେ। ବୋଲିଂରେ ଭାରତ ମଧ ଉଚ୍ଚକୋଟୀର ପ୍ରଦର୍ଶନ କରିଛି।

# ସର୍ବଭାରତୀୟ ପୋଲିସ ଜୁଡୋ କ୍ଲଷ୍ଟର ଆଜିଠାରୁ

- ଲୋଗୋ ଓ ମାସ୍କଟ ଉନ୍ମୋଚିତ
- ଯୋଗଦେବେ ୧୨ଶହ ପ୍ରତିଯୋଗୀ

କଟକ ଅଫିସ,୧୪।୧୧

ଓଡ଼ିଶା ସରକାର ଯେପରି ଖେଳକୁ ପ୍ରାଧାନ୍ୟ ଦେଇ ଜାତୀୟ ସ୍ତରରେ ଓଡ଼ିଶାର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ହକି ଦଳକୁ ପ୍ରାୟୋଜିତ କରିବା ସହ ଓଡ଼ିଶାରେ ହକି ବିଶ୍ୱକପ ଆୟୋଜନ କରିବାକୁ ଯାଉଛନ୍ତି। ସେଭଳି ଓଡ଼ିଶା ପୋଲିସ ଓଡ଼ିଶା ସରକାରଙ୍କ ସହ ତାଳ ଦେଇ ରାଜ୍ୟରେ ସର୍ବଭାରତୀୟ ପୋଲିସ ଜୁଡୋ କ୍ଲଷ୍ଟର ପ୍ରତିଯୋଗିତା ଆୟୋଜନ କରିବାରେ ସକ୍ଷମ ହୋଇଛି ବୋଲି ବୁଧବାର ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମା କହିଛନ୍ତି। ସ୍ଥାନୀୟ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ତୃତୀୟ ସର୍ବଭାରତୀୟ ପୋଲିସ ଜୁଡୋ କ୍ଲଷ୍ଟର-୨୦୧୮ର ଲୋଗୋ ଓ ମାସ୍କଟ ଉନ୍ମୋଚନ କରିବା ଅବସରରେ ଡିଜିପି ଏହା କହିଥିଲେ ।

ଗୁରୁବାରଠାରୁ ସ୍ଥାନୀୟ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମ ଓ ବାରବାଟୀ ଷ୍ଟାଡିୟମରେ ଏହି ପ୍ରତିଯୋଗିତା ହେବ। ରାଜ୍ୟ ସରକାରଙ୍କ ସ୍ୱୀକୃତିପ୍ରାପ୍ତ ମାସ୍କଟ ଓଲିକୁ ଏହି ପ୍ରତିଯୋଗିତାର ମାସ୍କଟଭାବେ ଗ୍ରହଣ କରାଯାଇଛି। ଗୁରୁବାର ସକାଳେ ରାଜ୍ୟ ପୋଲିସ ମୁଖ୍ୟ କାର୍ଯ୍ୟାଳୟରେ ପ୍ରତିଯୋଗିତା ଆରମ୍ଭ ହେବାକୁ ଥିବା ବେଳେ କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ରସାରଥି ବେହେରା, କେନ୍ଦ୍ରୀୟ ଗୋଇନ୍ଦା ବ୍ୟୁରୋର ସ୍ୱତନ୍ତ୍ର ନିର୍ଦ୍ଦେଶକ ଅରବିନ୍ଦ କୁମାର କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ପ୍ରତିଯୋଗିତା ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ଭାରତର ବିଭିନ୍ନ ସ୍ଥାନରୁ ମୋଟ ୩୩ ଦଳର ୧୨୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିବେ ବୋଲି ଓଡ଼ିଶା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ରୀୟ ପୋଲିସ ଦଳରୁ ମୋଟ ୩୦୦ ପ୍ରଶିକ୍ଷକ ଓ ଅଧିକାରୀ ଅଂଶଗ୍ରହଣ କରିବେ। ପ୍ରତିଯୋଗିତାରେ ମୁଖ୍ୟତଃ ଜିମ୍ନାଷ୍ଟିକ, ଜୁଡୋ, ଟାଏକୋଣ୍ଡୋ ଓ ଉଷୁ ବିଭାଗରେ ପ୍ରତିଯୋଗିତାମାନ ହେବ। ସର୍ବଭାରତୀୟ ପୋଲିସ କଣ୍ଟ୍ରୋଲ ବୋର୍ଡର ଦିଗ୍‌ଦର୍ଶନରେ ଏହି ପ୍ରତିଯୋଗିତା ଓଡ଼ିଶା ପୋଲିସ ଆୟୋଜନ କରୁଥିବା ବେଳେ ଏହାର ସଫଳ ପରିଚାଳନା ପାଇଁ ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବ ସେବା ବିଭାଗର ସହାୟତା ନିଆଯାଇଛି। ଏହି ପ୍ରତିଯୋଗିତା ପାଇଁ ଏକ କମିଟି ଗଠନ କରାଯାଇଛି। ଡିଜିପି ଏହି କମିଟିର ଅଧ୍ୟକ୍ଷ ରହିଥିବା ବେଳେ ଅତିରିକ୍ତ ଡିଜି ମନୋଜ ଛାବ୍ରା ଓ ବିନୟତୋଷ ମିଶ୍ରଙ୍କୁ ଯଥାକ୍ରମେ କମିଟିର ଉପାଧ୍ୟକ୍ଷ ଓ ସମ୍ପାଦକ ଭାବେ ନିଯୁକ୍ତ କରାଯାଇଛି। ସେହିପରି ଅଭ୍ୟର୍ଥନା, ରହିବା ବ୍ୟବସ୍ଥା, ଗମନା ଗମନ, ସ୍ମରଣିକା ପ୍ରକାଶନ, ପ୍ରଚାର ଓ ଗଣମାଧ୍ୟମ, ଚିକିତ୍ସା ଓ ଡୋପ ପରୀକ୍ଷା, ଟ୍ରାଫିକ ଓ ନିରାପତ୍ତା ଭଳି ବିଭିନ୍ନ ଉପ କମିଟି ଗଠନ କରାଯାଇ ବରିଷ୍ଠ ପୋଲିସ ଅଧିକାରୀମାନଙ୍କୁ ଗୋଟିଏ ଲେଖାଏ କମିଟିର ଦାୟିତ୍ୱ ଦିଆଯାଇଛି। ଖେଳାଳି, କୋଚ୍, ଅଧିକାରୀଙ୍କ ରହିବା ପାଇଁ ଉଭୟ ଭୁବନେଶ୍ୱର ଏବଂ କଟକରେ ବ୍ୟବସ୍ଥା କରାଯାଇଛି।



ଲୋଗୋ ଓ ମାସ୍କଟ ଉନ୍ମୋଚନ ଅବସରରେ ପୋଲିସ ଡିଜିପି ଡ. ରାଜେନ୍ଦ୍ର ପ୍ରସାଦ ଶର୍ମା ଓ ଅନ୍ୟ ଅତିଥିବୃନ୍ଦ।

# ୟୁ ଆଣ୍ଡ ମି, ଇଷ୍ଟକୋଷ୍ଟ ରେଲ୍‌ୱେ ଖୋର୍ଦ୍ଧା ବିଜୟୀ

ବାଲେଶ୍ୱର ଅଫିସ,୧୪।୧୧

ବାଲେଶ୍ୱର ପରମିଟ୍ ପଡ଼ିଆରେ କ୍ଲବ 'ୟୁ ଆଣ୍ଡ ମି' ପକ୍ଷରୁ ଆୟୋଜିତ ସର୍ବଭାରତୀୟ ଦିବାରାତ୍ର ଟି-୨୦ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଷଷ୍ଠ ଦିବସରେ ପ୍ରଥମ ମ୍ୟାଚ୍‌ଟି ଉତ୍ତର ଓଡ଼ିଶା ଚାମ୍ପିୟନଶିପର ଦ୍ୱିତୀୟ ସେମିଫାଇନାଲରେ ବାଲେଶ୍ୱର ମର୍ନିଂଷ୍ଟାର ଓ କ୍ଲବ ୟୁ ଆଣ୍ଡ ମି ଏବଂ ଦ୍ୱିତୀୟ ମ୍ୟାଚ୍‌ଟି ସର୍ବଭାରତୀୟ ଚାମ୍ପିୟନଶିପ୍‌ରେ କଟକ ରାଇଜିଂ ଷ୍ଟୁଡେ଼ଣ୍ଟ ଓ ଖୋର୍ଦ୍ଧା ଇଷ୍ଟକୋଷ୍ଟ ରେଲୱେ ମଧ୍ୟରେ ଅନୁଷ୍ଠିତ ହୋଇଥିଲା।

ଉତ୍ତର ଓଡ଼ିଶା ଚାମ୍ପିୟନଶିପ୍‌ର ଦ୍ୱିତୀୟ ସେମିଫାଇନାଲରେ କ୍ଲବ ୟୁ ଆଣ୍ଡ ମି ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୨୦ ଓଭର୍‌ରେ ୫ ଉଇକେଟ୍ ହରାଇ ୨୨୯ ରନ୍ କରିଥିଲା। ଦଳ ତରଫରୁ ସର୍ବେଶ୍ୱର ମହାନ୍ତି ୬୯, ରୋନାଲ ଦାସ ୪୪ ଓ ଏସ୍ ଆଚାର୍ଯ୍ୟ ଅପରାଜିତ ୪୦ ରନ୍ କରିଥିଲେ। ମର୍ନିଂଷ୍ଟାର ତରଫରୁ ଉମେଶ ବେହେରା ୩ଟି ଉଇକେଟ୍ ନେଇଥିଲେ। ଜବାବରେ ମର୍ନିଂଷ୍ଟାର ୨୦ ଓଭର୍ ଖେଳି ୯ଟି ଉଇକେଟ୍ ହରାଇ ୧୩୨ ରନ୍ କରି ୯୭ ରନ୍‌ରେ ପରାଜୟବରଣ କରିଥିଲା। ଦଳ ତରଫରୁ ୱାଲଟନ ତୋପ ୩୨ ରନ୍ କରିଥିଲେ। କ୍ଲବ ୟୁ ଆଣ୍ଡ ମି ପକ୍ଷରୁ ଜ୍ଞାନେନ୍ଦ୍ର ପରିଡ଼ା ୩ଟି ଉଇକେଟ୍ ନେଇଥିଲେ। ରୋନାଲ ଦାସ ଓ ସର୍ବେଶ୍ୱର ମହାନ୍ତିଙ୍କୁ ଯୁଗ୍ମ ମ୍ୟାନ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା।

ସେହିପରି ସର୍ବଭାରତୀୟ ଚାମ୍ପିୟନଶିପ୍‌ରେ କଟକ ରାଇଜିଂ ଷ୍ଟୁଡେ଼ଣ୍ଟ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ୨୦ ଓଭର୍‌ରେ ୮ ଉଇକେଟ୍ ବିନିମୟରେ ୧୩୮ ରନ୍ କରିଥିଲା। ଦଳ ତରଫରୁ ରୋଶନ ରାଓ ୪୩ ଓ ନିଶିକାନ୍ତ ପଟ୍ଟନାୟକ ୩୬ ରନ୍ କରିଥିବା ବେଳେ ଖୋର୍ଦ୍ଧା ଇଷ୍ଟକୋଷ୍ଟ ରେଲୱେ ପକ୍ଷରୁ ଅଙ୍କିତ ଯାଦବ ୫ଟି ଉଇକେଟ୍ ନେଇଥିଲେ। ଜବାବରେ ଇଷ୍ଟକୋଷ୍ଟ ରେଲୱେ ୧୬.୪ ଓଭରରେ ୩ ଉଇକେଟ୍ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଦଳ ତରଫରୁ ସମୀର ମହାନ୍ତି ୭୦ ଓ ଗିରିଜା ରାଉତ ଅପରାଜିତ ୨୯ ରନ୍ କରିଥିଲେ। ରାଇଜିଂ ଷ୍ଟୁଡେ଼ଣ୍ଟ ତରଫରୁ ଜାମେଲା ଭଞ୍ଜ ଓ ଆଶୁତୋଷ ଦାସ ଗୋଟିଏ ଲେଖାଏଁ ଉଇକେଟ୍ ନେଇଥିଲେ। ଅଙ୍କିତ ଯାଦବଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ନୀଳମାଧବ ବିଶ୍ୱାଳ, ଅମିତାଭ ମହାକୁଡ଼ ଓ ରାଜେଶ ମହାପାତ୍ର ମ୍ୟାଚ୍ ପରିଚାଳନା କରିଥିଲେ।



ମ୍ୟାଚ୍ ପୂର୍ବରୁ ପଡ଼ିଆରେ ଉଭୟ ଦଳର ଖେଳାଳି।

DSPL-253



MAKE IN ODISHA Conclave
BHUBANESWAR, 11-15 NOVEMBER, 2018

Last chance to witness
the largest ever industrial expo of the State
Make in Odisha Expo 2018

Entry to the expo is free for all through the Kalinga Gate, Janata Maidan
Visiting Hours: 1100 to 2030 hrs

Come and Experience

Odisha Theme Pavilion "Deomali"
Mesmerizing projections on the geodesic dome - a first in the country

Virtual Reality
Witness the future Smart City and the natural beauty of Odisha

Selfie with the Heroes
Experience augmented reality and click a photograph with the Heroes of Indian Hockey

Kinetic Installation
Marvel at the synchronised beauty of 108 spheres

Partner Country
Japan

Industry Partner
FICCI

DO NOT MISS:
An exhilarating performance by contemporary fusion music band
Indian Ocean today at the amphitheatre
Please be seated by 18:00 hours for the performance.

For more details, please visit:
https://mio.investodisha.gov.in/

14005/13/0057/1819

ଧରିତ୍ରୀ
DHARITRI



## ସଂକ୍ଷେପରେ

### ସାପ କାମୁଡ଼ାରେ ଚାଷୀ ମୃତ

ବୁଗୁଡ଼ା,୧୪।୧୧(ଡି.ଏନ.ଏ.)- ବୁଗୁଡ଼ା ଥାନା ଡାହାଣୀପଲ୍ଲୀ ଗ୍ରାମରେ ମଙ୍ଗଳବାର ରାତିରେ ସାପ କାମୁଡ଼ାରେ ଜଣେ ଚାଷୀଙ୍କ ମୃତ୍ୟୁ ହୋଇଛି। ମୃତ ଚାଷୀ ଜଣକ ହେଲେ ଡାହାଣିପଲ୍ଲୀ ଗ୍ରାମର ଶଙ୍କର ଜେନା (୪୮)। ଏନେଇ ବୁଗୁଡ଼ା ଥାନାରେ ନଂ.୧୭/୧୮ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଶଙ୍କର ମଙ୍ଗଳବାର ରାତି ପ୍ରାୟ ୮ଟାରେ ବିଲକୁ ବନ୍ୟଜନ୍ତୁ ଘଉଡାଇବାକୁ ଯାଇଥିବାବେଳେ ସାପ କାମୁଡିଥିଲା। ତାଙ୍କୁ ପୋଲସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବାବେଳେ ରାତି ପ୍ରାୟ ୧୧ଟାରେ ମୃତ୍ୟୁ ହୋଇଥିଲା। ଖବର ପାଇ ବୁଗୁଡା ପୋଲିସ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ବୁଧବାର ସକାଳେ ଭଞ୍ଜନଗର ପଠାଇଥିଲା।

### ଓକିଲଙ୍କ କାର୍ଯ୍ୟବନ୍ଦ ନିଷ୍ପତ୍ତି

ଆସିକା ,୧୪।୧୧(ଡି.ଏନ୍.ଏ.)- ଗଞ୍ଜାମ ଜିଲା ବୁଗୁଡା ଠାରେ ଆଇନଜୀବୀ ହରପ୍ରସାଦ ଦାସଙ୍କ ଉପରେ ପୋଲିସର ଆକ୍ରମଣ ଘଟଣା ନେଇ ଆସିକା ଓକିଲ ସଂଘ ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି। ବୁଧବାର ଅପରାହ୍ଣରେ ଓକିଲ ସଂଘ ସଭାଗୃହରେ ସଂଘର ସଭାପତି ସୁରେନ୍ଦ୍ରନାଥ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ଏହି ଘଟଣାର ପ୍ରତିବାଦରେ ଆସିକାର ଓକିଲମାନେ ଗୁରୁବାର ଦିନ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବା ଲାଗି ନିଷ୍ପତ୍ତି ନେଇଥିବା ଜଣାଯାଇଛି। ଗୃହୀତ ଅନ୍ୟାନ୍ୟ ପ୍ରସ୍ତାବ ମଧରେ ଘଟଣାର ବିଧିବଦ୍ଧ ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ଆହତ ଓକିଲଙ୍କୁ ସରକାରୀ ଖର୍ଚ୍ଚରେ ଚିକିତ୍ସା ଓ ଭବିଷ୍ୟତରେ ଏଭଳି ଘଟଣାର ଯେଭଳି ପୁନରାବୃତ୍ତି ନ ଘଟେ ସେଥି ଲାଗି ପ୍ରଶାସନ ସଚେତନ ହେବା ଲାଗି ବୈଠକରେ ପ୍ରସ୍ତାବ ଗ୍ରହଣ କରାଯାଇଥିବା ସଭାପତି ପଣ୍ଡା ସୂଚନା ଦେଇଛନ୍ତି। ଏହିଆଲୋଚନାରେ ବରିଷ୍ଠ ଆଇନଜୀବୀ ଭାସ୍କର ସ୍ୱାଇଁ, ଅଜିତ୍ ଚୌଧୁରୀ, ଦୁର୍ଗାଚରଣ ପଟ୍ଟନାୟକ, ନାରାୟଣ ହୋତା, ଛବିଳରାମ ମିଶ୍ର, ନାରାୟଣ ଜେନା, ଦ୍ୱାରିକାନାଥ ପରିଡା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

## ବେଆଇନ ପଥର, ବାଲି ଚାଲାଣ

# ୧୧ଟ୍ରାକ୍ଟର ଜବତ, ୨ ଲକ୍ଷ ଜରିମାନା ଆଦାୟ


ତହସିଲଦାରଙ୍କ ଉପସ୍ଥିତିରେ ଜରିମାନା ଆଦାୟ କରାଯାଉଛି।

ଶେରଗଡ଼,୧୪।୧୧(ଡି.ଏନ୍.ଏ.)

ଶେରଗଡ଼ ତହସିଲ ପକ୍ଷରୁ ଡେଙ୍ଗାପଦର ପଞ୍ଚାୟତ ପଥରପୁଞ୍ଜୀ ଗ୍ରାମ ପାହାଡ଼ରୁ ବେଆଇନ ପଥର ଓ ରଷିକୁଲ୍ୟା ନଦୀରୁ ବେଆଇନ ବାଲି ଚାଲାଣ କରୁଥିବା ୧୧ ଟ୍ରାକ୍ଟରକୁ ଜବତ କରାଯାଇଛି। ଟ୍ରାକ୍ଟର ମାଲିକଙ୍କଠାରୁ ୨ ଲକ୍ଷ ଟଙ୍କା ଜରିମାନା ଆଦାୟ ହୋଇଛି। ବୁଧବାର ସକାଳ ପଥରପୁଞ୍ଜୀ ଗ୍ରାମ ନିକଟ ପାହାଡରୁ ଓ ରଷିକୁଲ୍ୟା ନଦୀରେ ପଥର ବାଲି ଚୋରା ଚାଲାଣ ହେଉଥିବା ଖବର ପାଇ ଶେରଗଡ଼ ତହସିଲଦାର ଡ. ଦୟାସିନ୍ଧୁ ପରିଡ଼ା, ଅତିରିକ୍ତ ତହସିଲଦାର ଜ୍ୟୋତିର୍ମୟ ଦାସ, ଶେରଗଡ଼ ରାଜସ୍ୱ ନିରୀକ୍ଷକ ମନୋଜ କୁମାର ନାହାକ ଓ ନରେନ୍ଦ୍ରପୁର ସହକାରୀ ରାଜସ୍ୱ ନିରୀକ୍ଷକ ସୁଧାଂଶୁ କୁମାର ପାଣିଗ୍ରାହୀ ସଦଳବଳ ପହଞ୍ଚି ୧୧ଟି ଟ୍ରାକ୍ଟରକୁ ଜବତ କରି ଶେରଗଡ଼ ତହସିଲ କାର୍ଯ୍ୟାଳୟକୁ ଆଣିଥିଲେ। ସେମାନଙ୍କଠାରୁ ଜରିମାନ ଆଦାୟ ହେବା ପରେ ଛାଡ଼ିଦେଇଥିଲେ। ଗୋଟିଏ ଦିନରେ ଏତେ ଟ୍ରାକ୍ଟର ଜବତ ଏବଂ ଏତେଟଙ୍କା ରାଜସ୍ୱ ଆଦାୟ ପୂର୍ବରୁ ହୋଇନଥିବା ତହସିଲଦାର ପରିଡ଼ା କହିଛନ୍ତି।

# ବିଦ୍ୟାଳୟରୁ ମଧ୍ୟାହ୍ନଭୋଜନ ସାମଗ୍ରୀ ଚୋରି

ପୋଲସରା,୧୪।୧୧(ଡି.ଏନ.ଏ.)

ପୋଲସରା ବ୍ଲକ କଣଛାଇ ପଞ୍ଚାୟତସ୍ଥିତ କଣଛାଇ ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟ ପରିସରରୁ ସୋମବାର ରାତିରେ କୌଣସି ଦୁର୍ବୃତ୍ତ ବିଦ୍ୟାଳୟ ଗୃହ ଚାବି ଭାଙ୍ଗି ମଧ୍ୟାହ୍ନ ଭୋଜନ ସାମଗ୍ରୀ ଚୋରି କରିଛନ୍ତି। ଏନେଇ ପ୍ରଧାନ ଶିକ୍ଷକ ଭେଙ୍କଟ ରାୟ ଦୋରା ମଙ୍ଗଳବାର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏତଲା କ୍ରମେ ନଂ. ୨୧୫/୧୮ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ମଙ୍ଗଳବାର ପ୍ରଧାନ ଶିକ୍ଷକ ଦୋରା ବିଦ୍ୟାଳୟ କୋଠରୀ ଖୋଲାଥିବା ଦେଖି ହତବାକ୍ ହୋଇଯାଇଥିଲେ ଏବଂ ଦେଖିଲା ବେଳକୁ ଚାଉଳ ହଣ୍ଡା ସମେତ ରୋଷେଇ ସାମଗ୍ରୀ ଚୋରି ହୋଇଛି।

ସେହିପରି ହାତୀପାଦପଲ୍ଲୀସ୍ଥିତ ପ୍ରାଥମିକ ବିଦ୍ୟାଳୟରୁ ମଧ ଅନୁରୂପ ଢ଼ଙ୍ଗରେ ମଧ୍ୟାହ୍ନ ଭୋଜନ ଚାଉଳ ୧୨୩ କେଜି, ୧୦ ଲିଟର ପ୍ରେସର କୁକର, ୨ଟି ବଡ଼ ହଣ୍ଡା, ୨ଟି ପ୍ଲେଟ ଆଦି ଚୋରି ହୋଇଥିବା ନେଇ ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷକ ସନାତନ ନାୟକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ନଂ. ୨୧୪/୧୮ ମାମଲା ରୁଜୁ କରି ପୋଲିସ କିଛି ବ୍ୟକ୍ତିଙ୍କୁ ଥାନାକୁ ଆଣି ତଦନ୍ତ ଚଳାଇଛି।







2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ